# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜାନୁୟାରୀ ୧୩/୨୦୧୯ (୨୦ ପୃଷ୍ଠା+ ଛୁଟିଦିନ) Sambalpur, Sunday, January 13/ 2019 ★★

୧୫ଶ ଭାଗ ୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**୪.୫ କୋଟି ଆୟ କଲା 'ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର'** ୦୨

ବିରୋଧ ସତ୍ତ୍ୱେ ରିଲିଜ୍‌ର ପ୍ରଥମ ଦିନରେ 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର' ୪.୫ କୋଟି ଟଙ୍କା ଆୟ କରିପାରିଛି।

୧୩ **ଧୋନୀଙ୍କ ସଫଳତା**

ଉଇକେଟକିପର ମହେନ୍ଦ୍ର ସିଂ ଧୋନୀ ୫ମ ଭାରତୀୟ କ୍ରିକେଟର ଭାବେ ଅନ୍ତର୍ଜାତୀୟ ଦିନିକିଆରେ ୧୦,୦୦୦ ରନ ପୂରଣ କରିଛନ୍ତି।








# ବଢ଼ିଲା ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କ ପାରିଶ୍ରମିକ



**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- ଅବସର ବୟସ ୬୨
- ସମସ୍ତଙ୍କୁ ଅବସରକାଳୀନ ଆର୍ଥିକ ସହାୟତା
- ୧୫ ଦିନିଆ ଗ୍ରୀଷ୍ମ ଅବକାଶ ଛୁଟି

ଭୁବନେଶ୍ୱର,୧୨ା୧(ବ୍ୟୁରୋ)

ରାଜ୍ୟରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏକାଧିକ ନୂଆ ଘୋଷଣା କରିଛନ୍ତି। ଏଣିକି ଅଙ୍ଗନୱାଡ଼ି କର୍ମୀ ମାସିକ ୬୦୦୦ ବଦଳରେ ୭୫୦୦ ଟଙ୍କା ପାରିଶ୍ରମିକ ପାଇବେ। ମିନି ଅଙ୍ଗନୱାଡ଼ି କର୍ମୀମାନେ ମାସିକ ୪୧୨୫ ଟଙ୍କା ବଦଳରେ ୫୩୭୫ ଟଙ୍କା ପାଇବେ। ସହାୟିକାମାନେ ୩୦୦୦ ଟଙ୍କା ବଦଳରେ ମାସିକ ୩୭୫୦ ଟଙ୍କା ପାଇବେ। ସେହିପରି ଉପରୋକ୍ତ ସମସ୍ତଙ୍କ ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିଛନ୍ତି। ଅବସର ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଅଙ୍ଗନୱାଡ଼ି କର୍ମୀ ୨୦,୦୦୦, ମିନି ଅଙ୍ଗନୱାଡ଼ି କର୍ମୀ ୧୫,୦୦୦ ଏବଂ ସହାୟିକା ୧୦,୦୦୦ ଟଙ୍କା ସହାୟତା ରାଶି ପାଇବେ। ଗ୍ରୀଷ୍ମଦିନେ ଉପରୋକ୍ତ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କୁ ୧୫ ଦିନ ଛୁଟି ମଧ୍ୟ ପ୍ରଦାନ କରାଯିବ। ଅଙ୍ଗନୱାଡ଼ି ପାଇଁ ଉର୍ଦ୍ଦିଷ୍ଟ ଥିବା ସୁପରଭାଇଜର ପଦବୀର ୫୦ ପ୍ରତିଶତ ଅଙ୍ଗନୱାଡ଼ି କର୍ମୀଙ୍କ ମଧ୍ୟରୁ ପୂରଣ କରାଯିବ । ଏହି ଘୋଷଣା ଦ୍ୱାରା ପ୍ରାୟ ୧,୩୪,୭୫୮ କର୍ମୀ ଓ ସହାୟିକା ଉପକୃତ ହେବେ।

ଏହି ଘୋଷଣା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଙ୍ଗନୱାଡ଼ି କର୍ମୀ, ମିନି ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାମାନେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମର ମେରୁଦଣ୍ଡ ସଦୃଶ। ସେମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ସବୁବେଳେ ସମ୍ବେଦନଶୀଳ। ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କ କଲ୍ୟାଣ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଘୋଷଣା କରାଯାଇଥିବା ସମସ୍ତ ଯୋଜନା ୨୦୧୮ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁ ହେବ । ଏହାଦ୍ୱାରା ରାଜ୍ୟର ☞ପୃଷ୍ଠା–୪

# ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଚଢ଼ାଉ ଜାରି

**ଆୟକର ଫାଙ୍କିବା ଅଭିଯୋଗ**

- ମା' କୁଆଁରି ଟ୍ରାନ୍ସପୋର୍ଟ ଅଫିସର କାଗଜପତ୍ର ଯାଞ୍ଚ
- ନିରଞ୍ଜନ, ସୌମ୍ୟରଞ୍ଜନ ଓ ସନାତନଙ୍କୁ ନେଇ ରାଜନୈତିକ ଚର୍ଚ୍ଚା

ବଡ଼ବିଲ/ଯୋଡ଼ା, ୧୨ା୧(ସ୍ୱ.ପ୍ର./ଡି.ଏନ.ଏ.)

ଟିକସ ଫାକିବା ଅଭିଯୋଗରେ କେନ୍ଦୁଝର ଜିଲା ଯୋଡ଼ାର ଉଁଛବାଲି ମହାପର୍ବତସ୍ଥିତ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଶୁକ୍ରବାରଠାରୁ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ସ୍ଥାନୀୟ ଡି. ଆର୍. (ଦୀପ୍ତିରଞ୍ଜନ) ପଟ୍ଟନାୟକ ଖଣି କାର୍ଯ୍ୟାଳୟ ସମେତ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିର ପରିବହନ କରୁଥିବା ମା' କୁଆଁରି ଟ୍ରାନ୍ସପୋର୍ଟ ଅଫିସରେ ଶନିବାର କାଗଜପତ୍ର ଯାଞ୍ଚ କରାଯାଇଛି। ଇନ୍ଦ୍ରାଣୀ ପଟ୍ଟନାୟକଙ୍କ ବାସଭବନ ସହ ତାଙ୍କ ଖଣି ସମ୍ପର୍କିତ ବିଭିନ୍ନ ଟ୍ରେଡର୍ସଙ୍କ କାର୍ଯ୍ୟାଳୟରେ ଆୟକର ବିଭାଗ ଟିମ୍ ପହଞ୍ଚି ବିଭିନ୍ନ ନଥିପତ୍ର ଓ ଦସ୍ତାବିଜ୍ ଯାଞ୍ଚ କରିଛି। ବଡ଼ବିଲସ୍ଥିତ ମଙ୍ଗଲମ୍ ମେଟାଲ୍ସ ଆଣ୍ଡ ଓର୍ସ ଲିମିଟେଡ ଉପରେ ମଧ୍ୟ ଚଢ଼ାଉ ହୋଇଛି। ବଡ଼ବିଲ ପଞ୍ଚବଟୀ ରେସିଡେନ୍ସି ବ୍ଲକ-ବି ପ୍ରଥମ ମହଲାରେ ଥିବା ମଙ୍ଗଲମ୍ କମ୍ପାନୀ କାର୍ଯ୍ୟାଳୟରେ ପୋଲିସ ଉପସ୍ଥିତିରେ ଟିମର ଦୁଇଜଣ ଅଧିକାରୀ ବିଭିନ୍ନ ନଥିପତ୍ର ତନଖି କରିଥିଲେ। ☞ପୃଷ୍ଠା–୪

# '୧୨ ବର୍ଷର ହିସାବ ଦିଅ'



ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ଗ୍ରାମବାସୀ ତାଲା ପକାଇ ଦେଇଛନ୍ତି।

- ଜବାବ ମାଗିଲେ ଗ୍ରାମବାସୀ
- ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ତାଲା
- ଗ୍ରାମବାସୀଙ୍କୁ ଚମ୍ପୁଆ ବିଧାୟକଙ୍କ ବିରୋଧ ଅଭିଯୋଗ

ଯୋଡ଼ା, ୧୨ା୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଉଁଛବାଲିରେ ଥିବା ମା' କୁଆଁରି ଟ୍ରାନ୍ସପୋର୍ଟ କମ୍ପାନୀ କାର୍ଯ୍ୟାଳୟରେ ଶନିବାର ଶତାଧିକ ମହିଳାପୁରୁଷ ଏକାଠି ହୋଇ ତାଲା ପକାଇ ଦେଇଛନ୍ତି। ଗତ ଜାନୁୟାରୀ ୮ରେ ଉଁଛବାଲି ଗ୍ରାମବାସୀ ଲିଖିତ ଭାବେ ଉକ୍ତ ଟ୍ରାନ୍ସପୋର୍ଟ ଓ ଚତୁର୍ଭୁଜ ଡେଭେଲପମେଣ୍ଟ କମିଟିକୁ ୧୨ ବର୍ଷର ପରିବହନ ହିସାବ ମାଗିଥିଲେ। ମା' କୁଆଁରି ଟ୍ରାନ୍ସପୋର୍ଟ ଓ ଚତୁର୍ଭୁଜ ଡେଭେଲପମେଣ୍ଟ କମିଟିରେ ଉଁଛବାଲି ଗ୍ରାମବାସୀ ଅଂଶୀଦାର ଥିଲେ। ଚିଠି ଲେଖି ହିସାବ ମାଗିବା ସତ୍ତ୍ୱେ ମା' କୁଆଁରି ଟ୍ରାନ୍ସପୋର୍ଟ କର୍ତ୍ତୃପକ୍ଷ କର୍ଣ୍ଣପାତ କରି ନ ଥିଲେ। ଓଲଟା ଧମକ ଦେଇଥିବା ଉଁଛବାଲି ଗ୍ରାମର ଯୁବ ସଙ୍ଗଠକ ସଞ୍ଜୟ ବାରିକ ଅଭିଯୋଗ କରିଛନ୍ତି।

୮ ବର୍ଷ ତଳେ ସୁନା ଗହଣା ଓ ଜମି ବନ୍ଧକ ରଖି ଗ୍ରାମର ଆଦିବାସୀ ଉକ୍ତ ଡେଭେଲପମେଣ୍ଟ କମିଟିକୁ ଟଙ୍କା ଦେଇଥିଲେ। ଉଁଛବାଲି ଗ୍ରାମ ନିକଟରେ ଥିବା ଏକ ଖଣିରୁ ପରିବହନରେ ଅଂଶୀଦାର ରଖିବା ପାଇଁ ଚତୁର୍ଭୁଜ ଡେଭେଲପମେଣ୍ଟ କମିଟି ପକ୍ଷରୁ କୁହାଯାଇଥିଲା। ଦୁଇ ପଇସା ପାଇବା ଆଶାରେ ଆଦିବାସୀ ଟଙ୍କା ଦେଇଥିଲେ। ଅଦ୍ୟାବଧି ସେହି କମିଟି ନା ହିସାବର ଲେଖା ଦେଉଛି ନା ଦେଖା ଦେଉଛି। ଟ୍ରାନ୍ସପୋର୍ଟ କର୍ତ୍ତୃପକ୍ଷ ଏକଚାଟିଆ ଭାବେ ସମସ୍ତ ପରିବହନ କାର୍ଯ୍ୟ କରୁଥିବା ବେଳେ ଗ୍ରାମବାସୀଙ୍କୁ ଲାଭାଂଶରୁ କିଛି ମିଳୁନାହିଁ। ନିଯୁକ୍ତି ପାଇଁ ଦାବି ଓ ପରିବହନରେ ଅଂଶୀଦାରଙ୍କର ହିସାବ ମାଗି ଆସୁଥିଲେ ହେଁ ସ୍ଥାନୀୟ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଦ୍ୱାରା ବିରୋଧ କରାଯାଉଛି ବୋଲି ସଞ୍ଜୟ ଅଭିଯୋଗ କରିଛନ୍ତି। ପୂର୍ବରୁ ମା' କୁଆଁରି ଟ୍ରାନ୍ସପୋର୍ଟ ଚମ୍ପୁଆ ବିଧାୟକ ☞ପୃଷ୍ଠା–୪

## ୧୦% ସଂରକ୍ଷଣକୁ ରାଷ୍ଟ୍ରପତିଙ୍କ ମୋହର



ରାମନାଥ କୋବିନ୍ଦ

ନୂଆଦିଲ୍ଲୀ,୧୨ା୧

ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଲ୍‌କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଅନୁମୋଦନ କରିଛନ୍ତି। ଫଳରେ ଏହି ସମ୍ବିଧାନ ସଂଶୋଧନ ବିଲ୍ ଆଇନରେ ପରିଣତ ହୋଇଛି। ସରକାର ଆଣିଥିବା ବିଲ୍‌ର ସମୟକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିଲେ। ଏହା ସରକାରଙ୍କ ପ୍ରାକ୍ ନିର୍ବାଚନୀ ଚାଲ୍ ବୋଲି କଂଗ୍ରେସ ସମେତ ବିଭିନ୍ନ ଦଳ ପକ୍ଷରୁ ସମାଲୋଚନା କରାଯାଇଥିଲା। ତେବେ ନିର୍ବାଚନକୁ ଦୃଷ୍ଟିରେ ରଖି କୌଣସି ବଡ଼ ଦଳ ଉକ୍ତ ବିଲ୍‌କୁ ସିଧାସଳଖ ବିରୋଧ କରିପାରି ନ ଥିଲେ। ଉକ୍ତ ଆଇନ କାର୍ଯ୍ୟକାରୀ ହେଲେ ସାଧାରଣ ବର୍ଗରେ ଯାଉଥିବା ଉଚ୍ଚଜାତିର ଗରିବ ଏବଂ ଅନ୍ୟାନ୍ୟ ଧର୍ମର ଆର୍ଥିକ ଦୁର୍ବଳ ଶ୍ରେଣୀ ଉପକୃତ ହୋଇପାରିବେ। ଯେଉଁମାନଙ୍କର ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ହୋଇଥିବ ଏବଂ ୫ ଏକରରୁ କମ୍ ଚାଷଜମି ଥିବ ସେମାନେ ଏହି କୋଟା ସୁବିଧା ପାଇପାରିବେ। ଗତ ମଙ୍ଗଳବାର ସମ୍ବିଧାନ ସଂଶୋଧନ ବିଲ୍ ଲୋକସଭାରେ ଗୃହୀତ ହୋଇଥିବାବେଳେ ବୁଧବାର ରାଜ୍ୟ ସଭାର ଅନୁମୋଦନ ଲାଭ କରିଥିଲା।

# ୨୬ରୁ ଟଙ୍କା ପାଇବେ 'କାଳିଆ' ହିତାଧିକାରୀ

- କଲ୍ ସେଣ୍ଟର ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ
- ଚାଷୀଙ୍କ ସହ କଥାହେଲେ
- ଦିନରାତି ଖୋଲାରହିବ କାଳିଆ କଲ୍ ସେଣ୍ଟର

ଭୁବନେଶ୍ୱର,୧୨ା୧(ବ୍ୟୁରୋ)

କାଳିଆ(କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ୍ ଆଣ୍ଡ ଇନ୍‌କମ ଅଗମେଣ୍ଟେଶନ) ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀମାନଙ୍କୁ ଚଳିତ ମାସ ୨୬ ତାରିଖରୁ ଟଙ୍କା ପ୍ରଦାନ କରାଯିବ। ଶନିବାର ଏ ନେଇ ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର । ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ଚାଷୀ ଯେଉଁମାନେ ସମବାୟ ବିଭାଗ ସହ ନିୟମିତ ଜଡିତ ଅଛନ୍ତି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସହାୟତା ☞ପୃଷ୍ଠା–୪

## ୧୬ରୁ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୧୨ା୧(ବ୍ୟୁରୋ)

ରାଜ୍ୟରେ ହାଲୁକା ଶୀତ ଲାଗିରହିଛି। ଉପକୂଳରେ ତାପମାତ୍ରା ୧୦ରୁ ୧୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ୯ରୁ ୧୨ ଡିଗ୍ରୀ ମଧ୍ୟରେ ରହିଛି। ଆସନ୍ତା ୧୬ ତାରିଖରୁ ପାରଦ ପୁଣି ଉପରମୁହାଁ ହେବ। ରାତିର ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଉପରକୁ ଉଠିଯିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ରାଜ୍ୟରେ ହାଲୁକା ଶୀତ ଲାଗି ରହିବ।

# ଏସ୍‌ପି-ବିଏସ୍‌ପି ଚୁକ୍ତି ଚୂଡ଼ାନ୍ତ

ଲକ୍ଷ୍ନୌ,୧୨ା୧(ପି.ଟି.)

କୁହାଯାଏ ରାଜନୀତିରେ କେହି କାହାର ଚିରଶତ୍ରୁ କି ସବୁଦିନର ମିତ୍ର ନୁହନ୍ତି। ଉତ୍ତରପ୍ରଦେଶର ଦୁଇ ପ୍ରମୁଖ ଦଳ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଦୀର୍ଘ ୨୫ ବର୍ଷ ପରେ ପୁଣି ଏକାଠି ହେବା ଏହାର ପ୍ରମାଣ ଦିଏ। କେନ୍ଦ୍ରରେ ଭାଜପାକୁ କ୍ଷମତାଚ୍ୟୁତ କରିବାକୁ ହେଲେ ତାକୁ ୟୁପିରେ ହିଁ ରୋକିବାକୁ ପଡିବ। ☞ପୃଷ୍ଠା–୪

**ୟୁପିରେ ଆସନ ବୁଝାମଣା**

- ୮୦ ଆସନରୁ ୩୮ଟି ଲେଖାଏରେ ଲଢ଼ିବେ ଦୁଇ ଦଳ
- କଂଗ୍ରେସକୁ ରଖିଲେନି ମେଣ୍ଟରେ
- ଗାନ୍ଧୀ ପରିବାରକୁ ଛାଡ଼ିଦେଲେ ଅମେଠି ଓ ରାଏବରେଲି ଆସନ
- ୨ ଆସନରେ ଲଢ଼ିପାରନ୍ତି ଆରଏଲ୍‌ଡି ପ୍ରାର୍ଥୀ
- ଖବରଦାତା ସମ୍ମିଳନୀରେ ଘୋଷଣା କଲେ ଅଖିଳେଶ, ମାୟାବତୀ

# ପ୍ରତି ବ୍ଲକରେ ସ୍ଥାପନ ହୋଇନି ଶୀତଳଭଣ୍ଡାର

ଭୁବନେଶ୍ୱର,୧୨ା୧(ବ୍ୟୁରୋ)

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳ(ବିଜେଡି) ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ। ରାଜ୍ୟରେ ଲଗାତର ୪ ଥର କ୍ଷମତାରେ ରହିବା ପରେ ମଧ୍ୟ ଶୀତଳ ଭଣ୍ଡାର ପରି ଏକ ମୌଳିକ ଆବଶ୍ୟକତା ପୂର୍ଣ୍ଣ କରିପାରିନାହିଁ। ଏହି ଅଭିଯୋଗ କୌଣସି ବିରୋଧୀ ଦଳ ପକ୍ଷରୁ କରାଯାଇନାହିଁ। ବିଜେଡିର ଗତ ସାଧାରଣ ନିର୍ବାଚନର ଇସ୍ତାହାର ଏବଂ ରାଜ୍ୟ ସରକାରଙ୍କ ତଥ୍ୟ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନରୁ ଏହା ସ୍ପଷ୍ଟ ହୋଇଛି। କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ପ୍ରତି ବ୍ଲକରେ ସରକାରୀ-ଘରୋଇ ସହଭାଗିତା(ପିପିପି) ଦ୍ୱାରା ଶୀତଳ ଭଣ୍ଡାର ସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ରାଜ୍ୟରେ ୪୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଥିବା ଜଣାପଡିଛି। ବିଜେଡି ନିଜ ଇସ୍ତାହାରର ପ୍ରଥମ ପୃଷ୍ଠାରେ ଏହି ପ୍ରତିଶ୍ରୁତି ପାଳନ କରିବା ନେଇ ଉଲ୍ଲେଖ କରିଛି। ସେହିପରି କୋରାପୁଟ, ବଲାଙ୍ଗୀର ଏବଂ କଳାହାଣ୍ଡି(କେବିକେ) ଅଞ୍ଚଳରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମଧ୍ୟ ଇସ୍ତାହାରରେ ଉଲ୍ଲେଖ



୨ କୃଷି ଏବଂ କୃଷକ କଲ୍ୟାଣ:

ବିଗତ ୧୪ ବର୍ଷ ଧରି ରାଜ୍ୟରେ କୃଷି ଉତ୍ପାଦକତାରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିପାରିଥିବା ହେତୁ ରାଜ୍ୟକୁ କୃଷି କର୍ମଣ ପୁରସ୍କାର ପ୍ରାପ୍ତି, ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ, କୃଷି ଋଣ ସୁଧ ହାର ୨ ପ୍ରତିଶତକୁ ହ୍ରାସ, ଚାଷୀମାନଙ୍କୁ ୧ କ୍ୱିଣ୍ଟାଲ୍ ଧାନ ବିକ୍ରି ପିଛା ୧୦୦ ଟଙ୍କାର ସ୍ୱତନ୍ତ୍ର ଫାଇଲିନ୍ ପରବର୍ତ୍ତୀ ସହାୟତା ପ୍ରଦାନ ଭଳି ପଦକ୍ଷେପ ସମୂହ ବିଜେଡି ସରକାରଙ୍କର କୃଷି ଏବଂ କୃଷକ କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ନିଦର୍ଶନ। ଆସନ୍ତା ଏକ ବର୍ଷ ମଧ୍ୟରେ କୃଷି ଋଣ ସୁଧହାର ୧ ପ୍ରତିଶତକୁ ହ୍ରାସ କରିବା ପାଇଁ ବିଜେଡି ସରକାର ଉଦ୍ୟମ କରିବ। ଏଥି ସହିତ ଆସନ୍ତା ୫ ବର୍ଷ ମଧ୍ୟରେ ୧୦ ଲକ୍ଷ ହେକ୍ଟରରୁ ଅଧିକ ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି କରିବା ପାଇଁ ବିଜେଡି ଲକ୍ଷ୍ୟ ରଖିଛି।

ଧାନ ସଂଗ୍ରହଣରେ ଅଂଶ ଗ୍ରହଣ କରୁଥିବା ଜିଲ୍ଲାମାନଙ୍କରେ ପ୍ରତି ୫୦୦୦ ଜନସଂଖ୍ୟା ପାଇଁ ଏକ ମଣ୍ଡି ସ୍ଥାପନ କରାଯିବା ସହିତ ଧାନ ଶୁଖାଇବା ଏବଂ ଅମଳ ପାଇଁ କଂକ୍ରିଟ୍ ଅଗଣା ବ୍ୟବସ୍ଥା କରାଯିବ। ଉନ୍ନତ ମାନର ବିହନ, ସାର, ପୋକମରା ଔଷଧ, କୀଟନାଶକ ଏବଂ ଆବଶ୍ୟକ ହେଉଥିବା ବୈଷୟିକ ସଂପ୍ରସାରଣ ସହାୟତା ପଞ୍ଚାୟତ ସ୍ତରରେ ଯୋଗାଇ ଦିଆଯିବ। ଆସନ୍ତା ୫ ବର୍ଷ ମଧ୍ୟରେ ବିହନ ପ୍ରତିବଦଳ ହାର ୩୪ ପ୍ରତିଶତକୁ ବୃଦ୍ଧି କରାଯିବ।

ରାଜ୍ୟର ପ୍ରତ୍ୟେକ ବ୍ଲକରେ ରିହାତି ପ୍ରଦାନ ସହ ପି.ପି.ପି. ଭିତ୍ତିରେ ପରିଚାଳିତ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ବିଜେଡି ସରକାର ଉଦ୍ୟମ କରିବେ। କେବିକେରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ସବୁ ପଞ୍ଚାୟତରେ ଗୋଦାମ ଘର ନିର୍ମାଣ କରାଯିବ। ଅଚଳ ହୋଇ ପଡ଼ିଥିବା ଉଠାଜଳସେଚନ ପଏଣ୍ଟ ଗୁଡ଼ିକର

୨୦୧୪ ଇସ୍ତାହାରର ନକଲ ।



ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତର ।

କରାଯାଇଥିଲା। ହେଲେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଭଳି କୃଷି ବିଶ୍ୱବିଦ୍ୟାଳୟ ପ୍ରତିଶ୍ରୁତି ମଧ୍ୟ ପାଣିର ଗାର ପାଲଟିଛି। ଏହି ଦୁଇଟି ମୁଖ୍ୟ ପ୍ରତିଶ୍ରୁତିକୁ ବାଦ୍ ଦେଇ ପ୍ରତି ପଞ୍ଚାୟତରେ ଗୋଦାମ ଘର କରିବାକୁ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଥିଲା, ହେଲେ ତାହା ମଧ୍ୟ ସବୁ ସ୍ଥାନରେ ସମ୍ଭବ ହୋଇ ନ ଥିବା ଜଣାପଡିଛି।

ରାଜ୍ୟରେ ମୋଟ ୩୧୪ଟି ବ୍ଲକ ରହିଛି। ସମସ୍ତ ବ୍ଲକରେ ମୋଟ ୧୨୬ଟି ଶୀତଳ ଭଣ୍ଡାର ରହିଛି, ତନ୍ମଧ୍ୟରୁ ୮୦ଟି ଅଚଳ । ଏହି ଉତ୍ତର ଗତ ସେପ୍ଟେମ୍ବର ୧୧, ୨୦୧୮ରେ ତତ୍କାଳୀନ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ପ୍ରଦାନ କରିଛନ୍ତି। ତେଣୁ ରାଜ୍ୟରେ ମାତ୍ର ୪୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଥିବା ସ୍ପଷ୍ଟ ହୋଇଯାଇଛି।

- ନିର୍ବାଚନ ପ୍ରତିଶ୍ରୁତି ପାଳନ କରିନି ବିଜେଡି
- ୧୪ ଜିଲାରେ କାର୍ଯ୍ୟକ୍ଷମ ହେଉନି ଶୀତଳଭଣ୍ଡାର
- କେବିକେରେ କୃଷି ବିଶ୍ୱବିଦ୍ୟାଳୟ ନୋହିଲା
- ଆଳୁ ମିଶନ୍ ଫେଲ୍
- ୮ ଜିଲାରେ ମୋଟେ ନାହିଁ

ହେଲେ ନିକଟରେ କୃଷି ଭବନରେ ଜଣୈକ ବୈଷୟିକ ଅଧିକାରୀ ଏହି ସଂଖ୍ୟାକୁ ୪୭ ବୋଲି ଦର୍ଶାଇଛନ୍ତି। କୃଷିମନ୍ତ୍ରୀ ଏବଂ ଅଧିକାରୀଙ୍କ ମଧ୍ୟରେ ମାତ୍ର ଗୋଟିଏ ଶୀତଳ ଭଣ୍ଡାର ତଫାତ୍ ରହୁଛି। ରାଜ୍ୟର ୧୪ଟି ଜିଲାରେ ଆଦୌ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେଉନାହିଁ। ଏହି ଜିଲାଗୁଡିକ ହେଉଛି-ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି, ନୂଆପଡା,ସୋନପୁର, ଢେଙ୍କାନାଳ, ନୟାଗଡ, ଗଜପତି, ଜଗତସିଂହପୁର, କେନ୍ଦ୍ରାପଡା, ବରଗଡ, ଦେବଗଡ, ☞ପୃଷ୍ଠା–୪

**ଆଜିର ମନ୍ତବ୍ୟ**

"ଆଗାମୀ ସାଧାରଣ ନିର୍ବାଚନରେ ଏକଚ୍ଛତ୍ରବାଦ ଓ ଗଣତନ୍ତ୍ର ମଧ୍ୟରେ ଲଢ଼େଇ ହେବା।

– ମନୀଷ ତିୱାରୀ, କଂଗ୍ରେସ ନେତା

**କିଛି ତଥ୍ୟ**

ଜାନୁୟାରୀ ୪ ସୁଦ୍ଧା ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୨.୬୮ ବିଲିୟନ ବୃଦ୍ଧି ଘଟି ୩୯୬.୦୮୪ ବିଲିୟନ ଡଲାର ଛୁଇଁଛି। – ଆର୍‌ବିଆଇ


NECC NATIONAL EGG CO-ORDINATION COMMITTEE 12.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 67 | 115 | 125 |
| DKL | 69 | 118 | 128 |
| BDK | 70 | 119 | 129 |
| BLS | 72 | 122 | 132 |
| ANG | 69 | 118 | 128 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


**ଆଜିର ସମ୍ପାଦକୀୟ**

**ବିରୋଧୀ ମେଣ୍ଟର ପ୍ରଭାବ**



ଆଗାମୀ ଲୋକ ସଭା ନିର୍ବାଚନରେ ଏକଚ୍ଛତ୍ରବାଦ ଏବଂ ଗଣତନ୍ତ୍ର ମଧ୍ୟରେ ଲଢ଼େଇ ହେବ।
-ମନୀଷ୍ ତିୱାରୀ, କଂଗ୍ରେସ ନେତା



## ସଂକ୍ଷେପରେ

### ଆମେରିକା ରାଷ୍ଟ୍ରପତି ଦୌଡ଼ରେ ତୁଳସୀ ଗାବାର୍ଡ



**ୱାଶିଂଟନ,୧୨।୧(ପି.ଟି.):** ଆମେରିକା ଇତିହାସରେ ପ୍ରଥମଥର ଜଣେ ହିନ୍ଦୁ ଭାବେ ରାଷ୍ଟ୍ରପତି ଦାବିଦାର ତାଲିକାରେ ସାମିଲ୍ ହୋଇଛନ୍ତି ତୁଳସୀ ଗାବାର୍ଡ (୩୭)। ହାୱାଇରୁ ଡେମୋକ୍ରାଟିକ୍ ଦଳରୁ ଆମେରିକା କଂଗ୍ରେସକୁ ୪ ଥର ନିର୍ବାଚିତ ହୋଇଥିବା ଗାବାର୍ଡ ସିନେଟର ଏଲିଜାବେଥ୍ ୱାରେନ୍‌ଙ୍କ ପରେ ଦ୍ୱିତୀୟ ମହିଳା ଭାବେ ୨୦୨୦ରେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଚ୍ୟାଲେଞ୍ଜ୍ ଦେବେ। ଏହା ସେ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଗାବାର୍ଡଙ୍କ ସମେତ ୧୨ରୁ ଅଧିକ ଡେମୋକ୍ରାଟିକ୍ ନେତା ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବାକୁ ଥିବା ବେଳେ ଡେମୋକ୍ରାଟିକ୍ ଭାରତୀୟ ବଂଶୋଦ୍ଭବ ସିନେଟର (କାଲିଫର୍ନିଆ) କମଲା ହ୍ୟାରିସ୍ ଖୁବ୍‌ଶୀଘ୍ର ନିଜର ପ୍ରାର୍ଥିତ୍ୱ ଘୋଷଣା କରିବେ ବୋଲି ସୂଚନା ମିଳିଛି। ହିନ୍ଦୁଧର୍ମ ଗ୍ରହଣ କରିଥିବା ଆମେରିକାର ସାମୋଆଠାରେ ଜନ୍ମିତ ଗାବାର୍ଡ ଭାରତୀୟ-ଆମେରିକୀୟଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ଅଟନ୍ତି। ସେ ଯଦି ନିର୍ବାଚିତ ହୁଅନ୍ତି, ତାଙ୍କୁ ଆମେରିକାର ସବୁଠାରୁ ଯୁବ ଓ ପ୍ରଥମ ଅଣ-ଖ୍ରୀଷ୍ଟିଆନ ମହିଳା ରାଷ୍ଟ୍ରପତି କୁହାଯିବ।

### ଅବଦୁଲ୍ଲା ମାଲେସିଆର ନୂଆ ସୁଲତାନ



**କୁଆଲାଲମ୍ପୁର,୧୨।୧(ପି.ଟି.):** ମାଲେସିଆର ନୂଆ ସୁଲତାନ ଭାବେ ତେଙ୍ଗ୍‌କୁ ଅବଦୁଲ୍ଲା ସାହଙ୍କ ନାମ ଶନିବାର ସରକାରୀ ଭାବେ ଘୋଷଣା କରାଯାଇଛି। ରୁଷିଆର ପୂର୍ବତନ ବିୟୁଟି କୁଇନ୍‌ଙ୍କୁ ବିବାହ କରି ସୁଲତାନ ଅହମ୍ମଦ ସାହ ସମ୍ରାଟ ପଦବୀ ହରାଇବା ପରେ ତାଙ୍କ ପୁଅ ଅବ୍‌ଦୁଲ୍ଲା ସାହଙ୍କୁ ତାଙ୍କର ଉତ୍ତରାଧିକାରୀ କରାଯାଇଛି। ଏପରି ସ୍ଥଳେ ଜାନୁୟାରୀ ୨୪ରେ ଶାସକ ପରିଷଦଙ୍କ ଦ୍ୱାରା ସମ୍ରାଟ୍ ମନୋନୀତ ହେବାକୁ ଥିବାବେଳେ ଅବଦୁଲ୍ଲା ସାହ ଯେ ଏହି ପଦବୀରେ ଆସୀନ ହେବେ କୁହାଯାଉଛି।

ଗତ ନଭେମ୍ବରରେ ସୁଲତାନ ଅହମ୍ମଦ ରୁଷିଆର ପୂର୍ବତନ ବିୟୁଟି କୁଇନଙ୍କୁ ବିବାହ କରିଥିବା ରିପୋର୍ଟ ସାର୍ବଜନୀନ ହେବାପରେ ଚହଳ ସୃଷ୍ଟି ହୋଇଥିଲା। ରୟାଲ ପରିବାରର ପରମ୍ପରାକୁ ଭଙ୍ଗ କରିଥିବା ନେଇ ତାଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା। ପରିସ୍ଥିତି ଜଟିଳ ରୂପ ଧାରଣ କରିବା ପରେ ତାଙ୍କୁ ସମ୍ରାଟ ପଦବୀ ତ୍ୟାଗକରିବାକୁ ପଡ଼ିଥିଲା। ୧୯୫୭ ସ୍ୱାଧୀନତା ପରଠାରୁ ପ୍ରଥମଥର ଜଣେ ସମ୍ରାଟ ଭାବେ ସୁଲତାନ ଅହମ୍ମଦ ମାତ୍ର ୨ ବର୍ଷର କାର୍ଯ୍ୟକାଳ ପରେ ପଦବୀ ତ୍ୟାଗ କରିବାକୁ ବାଧ ହୋଇଥିଲେ।

## ■ ୨୫ ବର୍ଷ ପରେ ପରସ୍ପର ହାତ ଧରିଲେ ଏସ୍‌ପି-ବିଏସ୍‌ପି

# ବଢ଼ିଲା ଭାଜପା ଚିନ୍ତା

**ନୂଆଦିଲ୍ଲୀ,୧୨।୧(ପି.ଟି.)**

ଉତ୍ତରପ୍ରଦେଶର ଦୁଇ ପ୍ରମୁଖ ଦଳ ସମାଜବାଦୀ ପାର୍ଟି (ଏସ୍‌ପି) ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମେଣ୍ଟ ଘୋଷଣା କରିଥିବାରୁ ଏହା ଏବେ ଭାଜପା ପାଇଁ ଚିନ୍ତାର କାରଣ ହୋଇଛି। ୨୦୧୪ ନିର୍ବାଚନରେ ଭାଜପାକୁ ୭୧ ଆସନ ମିଳିଥିଲା। ସେତେବେଳେ ଏସ୍‌ପି ଏବଂ ବିଏସ୍‌ପି ଅଲଗା ଅଲଗା ଲଢ଼ିଥିଲେ। ଏବେ ଏହି ଦୁଇ ଦଳ ସହ ଆର୍‌ଏଲ୍‌ଡି ଏକାଠି ଲଢ଼ିଲେ ସେମାନେ ଭାଜପା ହାତରୁ ପାଖାପାଖି ୪୦ ଆସନ ଛଡାଇନେବା ଭଳି କ୍ଷମତା ରହିଛି। କାରଣ ଗତ ନିର୍ବାଚନରେ ଭାଜପାର ଭୋଟ ହାର ୪୨.୩ ପ୍ରତିଶତ ଥିଲାବେଳେ ଏସ୍‌ପି, ବିଏସ୍‌ପି ଏବଂ ଆର୍‌ଏଲ୍‌ଡିର ଭୋଟ ହାର ମିଶିଲେ ୪୧.୯୭ ପ୍ରତିଶତ ହେଉଛି। ଏହା ବ୍ୟତୀତ କଂଗ୍ରେସକୁ ଗତ ନିର୍ବାଚନରେ ୭.୫୩ ପ୍ରତିଶତ ଭୋଟ ମିଳିଥିଲା। ଉତ୍ତରପ୍ରଦେଶର ଦଳିତ ଏବଂ ସଂଖ୍ୟାଲଘୁ ଭୋଟରଙ୍କ ଉପରେ ମାୟାବତୀଙ୍କ ଦଳର ପ୍ରଭାବ ରହିଛି। ସେହିପରି ସମାଜବାଦୀ ପାର୍ଟି ହାତରେ ଯାଦବ ଭୋଟ ରହିଥିବାବେଳେ ପଶ୍ଚିମ ୟୁପିରେ ଅଜିତ ସିଂଙ୍କ ଦଳ ଆର୍‌ଏଲଡିର ଭଲ ପ୍ରଭାବ ରହିଛି। ତେଣୁ ଏହି ତିନି ଦଳ ଏକାଠି ଲଢ଼ିଲେ ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ ଦିଲ୍ଲୀରେ କ୍ଷମତା ଦଖଲକୁ ରୋକିବା ସମ୍ଭାବନା ଥିବା ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

କେନ୍ଦ୍ରରେ ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବା ଲାଗି ଉତ୍ତରପ୍ରଦେଶରେ ଏସ୍‌ପି ଏବଂ ବିଏସ୍‌ପି ଅତୀତର ତିକ୍ତ ଅନୁଭୂତିକୁ ଭୁଲି ୨୫ ବର୍ଷ ପରେ ଏକାଠି ହୋଇଛନ୍ତି। ସେମାନଙ୍କର ଏହି ମେଣ୍ଟକୁ ବିଭିନ୍ନ ଦଳ ସ୍ୱାଗତ କରିଥିବାବେଳେ



ଏସ୍‌ପି ଏବଂ ବିଏସ୍‌ପି ଦେଶ କିମ୍ବା ରାଜ୍ୟର ବିକାଶ ପାଇଁ ଏକାଠି ହୋଇ ନାହାନ୍ତି।
**-ରବିଶଙ୍କର ପ୍ରସାଦ, କେନ୍ଦ୍ରମନ୍ତ୍ରୀ**



ଭାଜପା ବିରୋଧୀ ମେଣ୍ଟ ଦୁର୍ନୀତି, ଅରାଜକତା ଏବଂ ରାଜନୈତିକ ଅସ୍ଥିରତା ଆଣିବ।
**-ଯୋଗୀ ଆଦିତ୍ୟନାଥ, ୟୁପି ମୁଖ୍ୟମନ୍ତ୍ରୀ**



ଏହି ମେଣ୍ଟ ଉତ୍ତର ଭାରତୀୟ ରାଜ୍ୟରୁ ଭାଜପାକୁ ମୂଳପୋଛ କରିବ ।
**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

ଭାଜପା ଏହାକୁ ସମାଲୋଚନା କରିଛି। ଏସ୍‌ପି ଏବଂ ବିଏସ୍‌ପି ଦେଶ କିମ୍ବା ରାଜ୍ୟର ବିକାଶ ପାଇଁ ଏକାଠି ହୋଇ ନାହାନ୍ତି ସେମାନେ ଆତ୍ମରକ୍ଷା ପାଇଁ ମେଣ୍ଟ କରିଛନ୍ତି ବୋଲି ଭାଜପା କହିଛି। ଏକାକୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଲଢ଼ିପାରିବେ ନାହିଁ ଏହା ସେମାନେ ଭଲ ଭାବେ ଜାଣନ୍ତି। ଏହା ସେମାନଙ୍କୁ ମେଣ୍ଟ କରିବା ଲାଗି ବାଧ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଭାଜପା ଜାତୀୟ ପରିଷଦ ବୈଠକ ଅବସରରେ କହିଛନ୍ତି। ଆଗାମୀ ନିର୍ବାଚନରେ ଏହି ମେଣ୍ଟ କୌଣସି ବଡ଼ ପ୍ରଭାବ ପକାଇବ ନାହିଁ ବୋଲି ସେ କହିଛନ୍ତି। ଏସ୍‌ପି-ବିଏସ୍‌ପି ମେଣ୍ଟକୁ ଭାଜପା ନେତା ତଥା ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଦୁର୍ନୀତି ଏବଂ ଗୁଣ୍ଡାବାଦର ମେଣ୍ଟ ବୋଲି କହିଛନ୍ତି। ଲୋକେ ମୋଦିଙ୍କ ପଛରେ ଅଛନ୍ତି ଏବଂ ଆଗାମୀ ନିର୍ବାଚନରେ ୨୦୧୪ ଅପେକ୍ଷା ଭଲ ଫଳାଫଳ ହେବ ବୋଲି ସେ ମତ ଦେଇଛନ୍ତି।

**ଆତ୍ମରକ୍ଷା ପାଇଁ ଏକାଠି**

ଅନ୍ୟପକ୍ଷରେ ମେଣ୍ଟକୁ ନେଇ କଂଗ୍ରେସ ନୀରବ ରହିଛି। ମେଣ୍ଟରୁ ବାଦ ପଡିବା ନେଇ କଂଗ୍ରେସ ନେତୃତ୍ୱ କିଛି କହିବାକୁ ମନା କରିଦେଇଛି। ତେବେ ଉତ୍ତରପ୍ରଦେଶରେ କଂଗ୍ରେସ ଏକାକୀ ନିର୍ବାଚନ ଲଢ଼ିବ ବୋଲି ଏକ ସୂତ୍ରରୁ ଜଣାପଡିଛି। ଏସ୍‌ପି-ବିଏସ୍‌ପି ମେଣ୍ଟ ସମ୍ପର୍କରେ ତରବରିଆ ଭାବେ କୌଣସି ପ୍ରତିକ୍ରିୟା ଦେବାକୁ ଏଆଇସିସି ସାଧାରଣ ସମ୍ପାଦକ ଗୁଲାମ ନବୀ ଆଜାଦ ମନାକରିଦେଇଛନ୍ତି। ଭାଜପା ଅର୍ଥରେ ଶିବପାଲ ଯାଦବ ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ଗଢ଼ାଯାଇଥିବା ଅଭିଯୋଗକୁ ଦଳ ପକ୍ଷରୁ ଖଣ୍ଡନ କରାଯାଇଛି। ମାୟାବତୀଙ୍କ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଦଳ ମୁଖପାତ୍ର ସି.ପି. ରାୟ କହିଛନ୍ତି। ପୂର୍ବରୁ ବିଏସ୍‌ପି ଦଳିତ, ପଛୁଆବର୍ଗ ଓ ମୁସଲମାନ ଭୋଟ ନେଇ ଭାଜପା ସହ ସରକାର ଗଢ଼ିଥିଲା। ଏହା ଅଖିଳେଶ ଜାଣିରଖିବା ଉଚିତ ବୋଲି ରାୟ କହିଛନ୍ତି। ଏହା ସୁବିଧାବାଦର ମେଣ୍ଟ ବୋଲି ଶିବପାଲଙ୍କ ଦଳ ପକ୍ଷରୁ କୁହାଯାଇଛି।

୧୯୯୩ରେ ଭାଜପାର ବିଜୟ ରୋକିବାକୁ ଏସ୍‌ପି-ବିଏସ୍‌ପି ମେଣ୍ଟ କରିଥିଲେ। ବିଧାନସଭା ନିର୍ବାଚନ ଜିତିବାରେ ଉକ୍ତ ମେଣ୍ଟ ସଫଳ ହୋଇଥିଲା। ୧୯୯୫ ମୀରାବାଇ ମାର୍ଗ ଗେଷ୍ଟହାଉସରେ ମାୟାବତୀଙ୍କୁ କେତେଜଣ ଏସ୍‌ପି କର୍ମୀ ଅସଦ୍ ବ୍ୟବହାର କରିବାରୁ ମେଣ୍ଟ ଭାଙ୍ଗିଯାଇଥିଲା। ଏହା ପରେ ବିଏସ୍‌ପି ଭାଜପା ସହ ମିଶି ସରକାର ଗଢ଼ିଥିଲା। ଭାଜପା ବିରୋଧରେ ବିରୋଧୀ ଦଳଗୁଡିକର ଯେକୌଣସି ମେଣ୍ଟ ଦୁର୍ନୀତି, ଅରାଜକତା ଏବଂ ରାଜନୈତିକ ଅସ୍ଥିରତା ଆଣିବ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶରେ ଏସ୍‌ପି-ବିଏସ୍‌ପି ମେଣ୍ଟକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱାଗତ କରିଛନ୍ତି। ଏହି ମେଣ୍ଟ ଉତ୍ତର ଭାରତୀୟ ରାଜ୍ୟରୁ ଭାଜପାକୁ ମୂଳପୋଛ କରିବ ବୋଲି ପୂର୍ବରୁ ମମତା କହିଥିଲେ।

## ■ ସାଧାରଣ ବର୍ଗ ଗରିବଙ୍କ ଲାଗି ସଂରକ୍ଷଣ

# 'ନୂଆ ଭାରତର ଆତ୍ମବଳ ବଢ଼ାଇବ'

**ନୂଆଦିଲ୍ଲୀ,୧୨।୧(ପି.ଟି.)**

ସାଧାରଣ ବର୍ଗର ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ସରକାର ଆଣିଥିବା ବିଲ୍ ନୂଆ ଭାରତର ଆତ୍ମବିଶ୍ୱାସ ବୃଦ୍ଧି କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ତେବେ ଏହାଦ୍ୱାରା ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ମିଳୁଥିବା ସଂରକ୍ଷଣ ପ୍ରଭାବିତ ହେବ ନାହିଁ। ଭାଜପା ଜାତୀୟ ସମ୍ମିଳନୀରେ ମୋଦି କହିଥିଲେ, କେତେକ ବିରୋଧୀ ଦଳ ଏହି ପ୍ରସଙ୍ଗକୁ ନେଇ ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଉଛନ୍ତି। ସେମାନଙ୍କର ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିବା ଲାଗି ସେ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀରୁ ଆଗାମୀ ଲୋକ ସଭା ନିର୍ବାଚନ ଲାଗି ପ୍ରଚାର ଆରମ୍ଭ କରି ପ୍ରଧାନମନ୍ତ୍ରୀ ବିରୋଧୀ ଦଳ ଉପରେ ବର୍ଷିଥିଲେ। ବିରୋଧୀ ଦଳଗୁଡିକ ଦେଶରେ ଏକ ମଜବୁର (ଅସହାୟ) ସରକାର ଗଢ଼ିବାକୁ ଚାହୁଁଥିବାବେଳେ ଭାଜପା ମଜଭୁତ ସରକାର ଦେବ ବୋଲି ସେ କହିଥିଲେ। ପୂର୍ବ ସରକାର କୃଷକମାନଙ୍କୁ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରି ଆସୁଥିଲା। ଏନ୍‌ଡିଏ ସରକାର କୃଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ■ ନାଇଜେରିଆରେ ପେଟ୍ରୋଲ ଟ୍ୟାଙ୍କର ବିସ୍ଫୋରଣ

# ୨୦ ମୃତଦେହ ଉଦ୍ଧାର



**ୱାରି(ନାଇଜେରିଆ),୧୨।୧(ପି.ଟି.)**

ଏକ ପେଟ୍ରୋଲ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହେବା ପରେ ଜଳିଯାଇଛି। ନାଇଜେରିଆର ଦକ୍ଷିଣପୂର୍ବ ରାଜ୍ୟ ଓଦୁକପାନି ଅଞ୍ଚଳରେ ଘଟିଥିବା ଏହି ଦୁର୍ଘଟଣାରେ ମହିଳା, ଶିଶୁଙ୍କ ସମେତ ଏକାଧିକ ପୋଡ଼ି ହୋଇଯାଇଥିବା ଜଣାଯାଇଛି। ଜୀବନ୍ତ ଦଗ୍ଧ ହୋଇଥିବା ୨୦ଜଣଙ୍କୁ ଉଦ୍ଧାର କରାଯାଇଛି। କାଲାବାର ସହର କ୍ରସ୍ ରିଭରଠାରେ ଟ୍ୟାଙ୍କରଟି ପଥଚ୍ୟୁତ ହେବା ପରେ ସ୍ଥାନୀୟ ମହିଳା, ପୁରୁଷ ଓ ଛୋଟ ପିଲାମାନେ ଘଟଣାସ୍ଥଳକୁ ଛୁଟିଥିଲେ। ସେଠାରୁ ସେମାନେ ଉକ୍ତ ଟ୍ୟାଙ୍କରରୁ ତେଲ ସଂଗ୍ରହ କରିବା ସମୟରେ ଏହା ବିସ୍ଫୋରଣ ଘଟିଥିଲା ବୋଲି କ୍ରସ ରିଭର୍ ପୋଲିସ ପକ୍ଷରୁ କୁହାଯାଇଛି। ଗୁରୁତର ଆହତମାନଙ୍କୁ କାଲାବାର ହସ୍ପିଟାଲର ବର୍ନ ୟୁନିଟ୍‌ରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟାରେ ବୃଦ୍ଧିଘଟିବା ଆଶଙ୍କା ଦେଖାଦେଇଛି।

## ଫୁର୍‌ସତ

### ପ୍ରଥମ ବିଶ୍ୱଯୁଦ୍ଧ କାଳର ଜାହାଜ



**ପ୍ୟାରିସ:** ପ୍ରଥମ ବିଶ୍ୱଯୁଦ୍ଧ କାଳରେ ଜର୍ମାନୀର ଏକ ବୁଡାଜାହାଜ ଦୀର୍ଘ ଦଶନ୍ଧି ଧରି ସମୁଦ୍ରବାଲିରେ ପୋତିହୋଇପଡିବା ପରେ ବର୍ତ୍ତମାନ ତାହାର ଭଗ୍ନାବଶେଷ ଦୃଶ୍ୟମାନ ହେଉଛି। ଏହା ଫ୍ରାନ୍ସର ଉତ୍ତରଭାଗ ସମୁଦ୍ରକୂଳରେ ପୋତିହୋଇ ପଡିଥିଲା। କାଲାଇସ୍ ନିକଟବର୍ତ୍ତୀ ୱିସାଣ୍ଟ ଉପକୂଳରୁ ବାଲି କଢ଼ାଯିବା ପରେ ଜାହାଜର ଭଗ୍ନାବଶେଷ ଧୀରେ ଧୀରେ ଦୃଶ୍ୟମାନ ହେଉଛି। ପ୍ରଥମ ବିଶ୍ୱଯୁଦ୍ଧ ୧୯୧୪ରୁ ଆରମ୍ଭ ହୋଇ ୧୯୧୯ରେ ଶେଷ ହୋଇଥିବା ବେଳେ ୟୁସି-୬୧ ନାମକ ଏହି ଯୁଦ୍ଧଜାହାଜ ୧୯୧୭ ଜୁଲାଇରେ ଏଠାରେ ଅଚଳ ହୋଇପଡିଥିଲା ବୋଲି ବିବିସି ରିପୋର୍ଟରେ ଶନିବାର ପ୍ରକାଶ ପାଇଛି। ଏଥିରେ ଥିବା ଚାଳକ ଓ ଯାତ୍ରୀମାନେ ଏହାକୁ ଛାଡି ପଳାଇ ଆସିଥିଲେ। ୧୯୩୦ ବେଳକୁ ବୁଡାଜାହାଜଟି ସମ୍ପୂର୍ଣ୍ଣ ପୋତିହୋଇଯାଇଥିଲା। ଧ୍ୱଂସପ୍ରାପ୍ତ ଏହି ଯୁଦ୍ଧଜାହାଜ ବର୍ତ୍ତମାନ ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଛି।

### ନ୍ୟାଶନାଲ ଯୁଥ୍ ପାର୍ଲାମେଣ୍ଟ ଉତ୍ସବ




**ନୂଆଦିଲ୍ଲୀ:** ନ୍ୟାଶନାଲ ଯୁଥ ପାର୍ଲାମେଣ୍ଟ ଉତ୍ସବ ଶନିବାର ଆରମ୍ଭ ହୋଇଛି। ଦେଶର ବିଭିନ୍ନ ଭାଗରୁ ଯୁବକମାନେ ଏଠାରେ ମିଳିତ ହୋଇ ଭାରତକୁ ଉନ୍ନତ ରାଷ୍ଟ୍ରରେ ଗଢ଼ିତୋଳିବା ନିମନ୍ତେ ପ୍ରସ୍ତାବମାନ ଦେଇପାରିବେ। ପ୍ରତିବର୍ଷ ଜାନୁୟାରୀ ମାସରେ ଏହି ଉତ୍ସବ ପାଳନ କରାଯାଏ। ଚଳିତ ବର୍ଷ ୧୮ରୁ ୨୫ବର୍ଷ ବୟସ ମଧ୍ୟରେ ଯୁବତୀଯୁବକଙ୍କୁ ଏଥିରେ ସାମିଲ କରାଯାଇଛି। କାରଣ ଏହି ବୟସର ବ୍ୟକ୍ତିମାନେ ଭୋଟ ଦେଇ ସଂସଦୀୟ ପ୍ରତିନିଧି ବାଛୁଥିବା ବେଳେ ସେମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ନାହିଁ। ତେଣୁ ନିଜ କଥା ଶୁଣାଇବା ପାଇଁ ଏହି ଉତ୍ସବ ଏକ ମଞ୍ଚଭଳି କାର୍ଯ୍ୟକରିବ ବୋଲି ଯୁବ ବ୍ୟାପାର ଓ କ୍ରୀଡାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉକ୍ତ ଉତ୍ସବ ଫେବୃୟାରୀ ୨୪ ପର୍ଯ୍ୟନ୍ତ ଜାରି ରହିବ। ଏହା ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ପରିଚାଳିତ ହେବ। ୧୮ରୁ ୨୫ବର୍ଷ ବୟସ ମଧ୍ୟରେ ତରୁଣୀ ତରୁଣ ଏଥିରେ ସାମିଲ ହୋଇପାରିବେ। ପ୍ରତ୍ୟେକ ଭିଡିଓ ମାଧ୍ୟମରେ ନିଜର ପ୍ରସ୍ତାବ ପଠାଇପାରିବେ। ସେମାନଙ୍କୁ ପ୍ରଥମେ ଜିଲାସ୍ତରରେ ଚୟନ କରାଯିବ। ଏଥିରେ ସଫଳ ହେଲେ ସେମାନେ ଜାତୀୟସ୍ତରରେ ପ୍ରତିଯୋଗିତା ପାଇଁ ଯାଇପାରିବେ। ଅଂଶଗ୍ରହଣକାରୀମାନେ ଡିଜିଟାଲ ପିଚ୍ ଜାନୁୟାରୀ ୧୮ ସୁଦ୍ଧା 'ମାଇଁଗଭ୍.ଇନ୍'କୁ ପଠାଇ ପାରିବେ।

### ଇତିହାସର ଆଇନାରେ

### ଜାନୁୟାରୀ ୧୩ର ପ୍ରମୁଖ ଘଟଣା

୨୦୦୧ ଜାନୁୟାରୀ ୧୩ରେ ଏଲ୍ ସାଲ୍‌ଭାଡରରେ ଭୂମିକମ୍ପ ଯୋଗୁ ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏଲ୍ ସାଲ୍‌ଭାଡର ହେଉଛି କେନ୍ଦ୍ରୀୟ ଆମେରିକାର ଏକ ଛୋଟ ତଥା ଜନବହୁଳ ଦେଶ। ଏହାର ଉତ୍ତରରେ ହୋଣ୍ଡୁରାସ୍, ଉତ୍ତର-ପଶ୍ଚିମରେ ଗୁଏଟମାଲା ଏବଂ ଦକ୍ଷିଣରେ ପ୍ରଶାନ୍ତ ମହାସାଗର ରହିଛି। ସାନ୍ ସାଲ୍‌ଭାଡର ହେଉଛି ଏଲ୍ ସାଲ୍‌ଭାଡର୍‌ର ରାଜଧାନୀ ତଥା ବୃହତ୍ ନଗରୀ।

୨୦୧୨ ଜାନୁୟାରୀ ୧୩ରେ ଏକ ଯାତ୍ରିବାହୀ ଜାହାଜ କୋଷ୍ଟା କନ୍‌କୋର୍ଡିଆ ଇଟାଲି ଉପକୂଳରେ ବୁଡିଯିବା ଫଳରେ ୩୨ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। କ୍ୟାପଟେନ୍ ଫ୍ରାନ୍‌ସିସ୍କୋ ସ୍କେଟିନୋଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ଏପରି ଘଟିଲା ବୋଲି ତଦନ୍ତରୁ ଜଣାପଡିଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୭ | ୧୧.୪ |
| ଚାନ୍ଦବାଲି | ୨୬.୨ | ୧୩.୨ |
| କଟକ | ୨୬.୪ | ୧୨.୫ |
| ପାରାଦ୍ୱୀପ | ୨୬.୭ | ୧୪.୮ |
| ଭୁବନେଶ୍ୱର | ୨୮.୩ | ୧୩.୫ |
| ଗୋପାଳପୁର | ୨୬.୮ | ୧୫.୦ |
| ପୁରୀ | ୨୬.୦ | ୧୫.୬ |
| ଅନୁଗୋଳ | ୨୭.୧ | ୦୮.୬ |
| ବାରିପଦା | ୨୪.୬ | ୧୧.୫ |
| ଝାରସୁଗୁଡ଼ା | ୨୭.୬ | ୧୦.୬ |
| କେନ୍ଦୁଝର | ୨୪.୮ | ୦୮.୨ |
| ସମ୍ବଲପୁର | ୨୮.୫ | ୧୦.୫ |
| ସୁନ୍ଦରଗଡ଼ | ୨୫.୦ | ୯.୦ |
| ହୀରାକୁଦ | ୨୭.୩ | ୧୧.୪ |
| ତାଳଚେର | --- | ୧୨.୦ |
| ଭବାନୀପାଟଣା | ୨୮.୦ | ୧୦.୫ |
| ବଲାଙ୍ଗୀର | ୨୮.୫ | ୧୦.୬ |
| କୋରାପୁଟ | ୨୭.୦ | ୧୧.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୦ |
| ମାଲକାନଗିରି | ୩୦.୬ | ୧୫.୦ |
| ସୋନପୁର | ୨୭.୮ | ୧୦.୨ |
| ଦାରିଙ୍ଗିବାଡ଼ି | --- | ୦୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ୪.୫କୋଟି ଆୟ କଲା 'ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର'




**ମୁମ୍ବାଇ:** ବିରୋଧ ସତ୍ତ୍ୱେ ରିଲିଜ୍‌ର ପ୍ରଥମ ଦିନରେ 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର' ୪.୫ କୋଟି ଟଙ୍କା ଆୟ କରିପାରିଛି। ଉକ୍ତ ସିନେମାରେ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ କାର୍ଯ୍ୟକାଳ ସମୟରେ ତାଙ୍କ ବ୍ୟକ୍ତିତ୍ୱ ବିଷୟ ଉପସ୍ଥାପନ କରାଯାଇଛି। ଉକ୍ତ ଫିଲ୍ମ ଦେଶବ୍ୟାପୀ ରିଲିଜ ହୋଇଥିବା ବେଳେ କେତେକ ଭାଗରେ କଂଗ୍ରେସ କର୍ମକର୍ତ୍ତାମାନେ ଏହାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫିଲ୍ମ ପ୍ରଦର୍ଶନର ପ୍ରଥମ ଦିନରେ ୪.୫ କୋଟି ଟଙ୍କା ଆୟ ହୋଇପାରିଛି। ଭାରତର ପୂର୍ବ ପ୍ରାନ୍ତରେ ଏହାର ରିଲିଜ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିବା ଫିଲ୍ମ ପ୍ରେଜେଣ୍ଟର ପେନ୍ ଷ୍ଟୁଡିଓ ପକ୍ଷରୁ କୁହାଯାଇଛି। ମନମୋହନ ସିଂଙ୍କ ଭୂମିକାରେ ଅଭିନୟ କରୁଥିବା ଅଭିନେତା ଅନୁପମ ଖେର ଶନିବାର ଟୁଇଟର ଜରିଆରେ ହିଂସାକାଣ୍ଡରେ ସମ୍ପୃକ୍ତ ଲୋକଙ୍କୁ ନିବୃତ୍ତ କରିବା ପାଇଁ ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ଏଥିସହ ବାକ୍ ସ୍ୱାଧୀନତାରେ ବିଶ୍ୱାସ କରୁଥିବା ଲୋକଙ୍କୁ ସେ ପ୍ରଶଂସା କରିଛନ୍ତି। କେତେକ ଅଞ୍ଚଳରେ କଂଗ୍ରେସ କର୍ମକର୍ତ୍ତାମାନେ ବିରୋଧ ପ୍ରଦର୍ଶନ କରିଥିବା ବେଳେ କଡା ନିରାପତ୍ତା ମଧ୍ୟରେ ଉକ୍ତ ଫିଲ୍ମ ମୁକ୍ତିଲାଭ କରିଛି। ଶିରୋମଣି ଅକାଳୀ ଦଳର ଦିଲ୍ଲୀ ଯୁବ ଶାଖା ଏହା ପ୍ରଦର୍ଶନ ନ କରିବାକୁ ସିନେମା ହଲ୍ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛି। କାରଣ ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର ଭଳି ଏକ ଫିଲ୍ମ ଉଭୟ ମନମୋହନ ସିଂ ଏବଂ ଦେଶର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରୁଥିବା ଦଳ ପକ୍ଷରୁ କୁହାଯାଇଛି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ଟ୍ରକ୍ ଚାପାରେ ଜଣେ ମୃତ

ମଥୁରାନଗରୀ,୧୨।୧

ବରଗଡ଼ ସହର ଉପକଣ୍ଠ ଦେଇ ଯାଇଥିବା ଫୋରଲେନ ରାଜପଥର ଘୁଲିପାଲି ଛକ ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣା ହୋଇଛି । ଏକ ଟ୍ରକ ଚାପାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ୍ ଚାଳକ ଜଣକ ଭଟଲିର ସରୋଜ ମେହେର(୨୫) ବୋଲି ଜଣାପଡ଼ିଛି । ବରଗଡ଼ ଟାଉନ ଥାନା ପୋଲିସ ଶବ ଜବତ କରିବା ସହିତ ତାକୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ଶବ ରଖାଯାଇଛି । ରବିବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି ।




# କେନ୍ଦ୍ରାପଡ଼ାରେ ପ୍ରଥମ ସମଲିଙ୍ଗୀ ବିବାହ

କେନ୍ଦ୍ରାପଡା ଅଫିସ, ୧୨।୧

ଭାରତୀୟ ପିଙ୍ଗଳ କୋର୍ଡ଼(ଆଇପିସି) ଦଫା ୩୭୭ ଅନୁଯାୟୀ, 'ସମଲିଙ୍ଗୀ ସମ୍ପର୍କ' ଅପରାଧ ମୁକ୍ତ ବୋଲି ଗତ କିଛି ମାସତଳେ ସୁପ୍ରିମକୋର୍ଟ ରାୟ ପ୍ରକାଶ କରିଥିଲେ। ଏହି ରାୟକୁ ଆଧାର କରି କେନ୍ଦ୍ରାପଡ଼ା ଜିଲାର ୨ ଯୁବତୀ ଶନିବାର ପ୍ରଥମ ସମଲିଙ୍ଗୀ ବିବାହ କରିଛନ୍ତି। ପରସ୍ପରକୁ ଭଲ ପାଉଥିବା ଏହି ୨ ଯୁବତୀ ନୋଟାରୀ ଆଶୁତୋଷ ମହାନ୍ତିଙ୍କ ଇଜଲାସରେ ସତ୍ୟପାଠ କରି ବିବାହ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ମହାକାଳପଡା ବ୍ଲକର ହୋଇଥିବା ବେଳେ ଅନ୍ୟ ଜଣେ ପଟ୍ଟାମୁଣ୍ଡାଇ ବ୍ଲକର । ଉଭୟ ଯୁବତୀ କଟକରେ ଏକାଠି ରହି ପାଠ ପଢୁଥିଲେ। ଏବେ କଟକର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଗୋଟିଏ ବସାରେ ରହୁଥିବା ବେଳେ ସେମାନେ ପରସ୍ପରକୁ ଭଲପାଇ ବସିଥିଲେ । ବିବାହ ବୟସ ହୋଇଯାଇଥିବାରୁ ପରିବାର ସଦସ୍ୟ ଉଭୟଙ୍କୁ ଅନତ୍ର ବିବାହ କରିଦେବାକୁ ଚାପ ପ୍ରୟୋଗ କରିଥିଲେ। ମାତ୍ର ସୁପ୍ରିମକୋର୍ଟଙ୍କ ରାୟ ପରେ ସେମାନେ ସାରାଜୀବନ ଏକାଠି ରହିବା ପାଇଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଉଭୟଙ୍କ ଘର କେନ୍ଦ୍ରାପଡ଼ା ଜିଲାରେ ହୋଇଥିବାରୁ ଶନିବାର ପୂର୍ବାହ୍ନରେ ଆସି ନୋଟାରୀରେ ସତ୍ୟପାଠ କରି ବିବାହ କରିଥିଲେ। ଆଇନଜୀବୀ ଅରୁଣ ପ୍ରସାଦ ଦାସ ସତ୍ୟପାଠରେ ସହାୟତା କରିଥିଲେ। ଏ ସମ୍ପର୍କରେ ଆଇନଜୀବୀ ମହାନ୍ତି କୁହନ୍ତି, ଉଭୟ ଯୁବତୀ ସାବାଳିକା ହୋଇଥିବାରୁ ନିଜର ଭବିଷ୍ୟତ ପାଇଁ ନିଷ୍ପତ୍ତି ନେବାର ଅଧିକାର ସେମାନଙ୍କ ରହିଛି। ତେଣୁ ଉଭୟ ବିବାହ କରିଛନ୍ତି।

## ବରଗଡ଼ ଧନୁଯାତ୍ରା ମହୋତ୍ସବ

# ମଥୁରା ଭ୍ରମଣ କଲେ କଂସ ମହାରାଜ



ମହାରାଜ କଂସ ପାତ୍ରମନ୍ତ୍ରୀଙ୍କ ଗହଣରେ ମଥୁରା ଭ୍ରମଣ କରୁଛନ୍ତି ।

- ନିୟମ ଭଙ୍ଗକାରୀଙ୍କୁ ଦଣ୍ଡବିଧାନ
- ଦୋକାନରୁ ପଲିଥିନ ହଟାଇବାକୁ ନିର୍ଦ୍ଦେଶ

ମଥୁରାନଗରୀ,୧୨।୧

ବରଗଡ଼ ଧନୁଯାତ୍ରା ମହୋତ୍ସବର ଶନିବାର ଦ୍ୱିତୀୟ ଦିବସରେ ମହାରାଜ କଂସ ମଥୁରା ପରିଭ୍ରମଣ କରିଥିଲେ । ଏହି ସମୟରେ ସେ ନିୟମ ଭଙ୍ଗ କରୁଥିବା ଲୋକଙ୍କୁ ଦଣ୍ଡବିଧାନ କରିଥିଲେ । କଂସଙ୍କ ଏହି ଦଣ୍ଡବିଧାନ ମହୋତ୍ସବର ଅନ୍ୟତମ ଆକର୍ଷଣ ପାଲଟିଥିଲା ।

ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ମଥୁରାଧିପତି କଂସ ରାଜମହଲ ପାଲଟିଥିବା ଧର୍ମଶାଳାରୁ ସୁସଜ୍ଜିତ ହାତୀ ପିଠିରେ ବସି ପାତ୍ରମନ୍ତ୍ରୀଙ୍କ ଗହଣରେ ମଥୁରା ଭ୍ରମଣରେ ବାହାରିଥିଲେ । ମଥୁରା ଭ୍ରମଣ ବାଟରେ ଧର୍ମଶାଳା ଛକ ନିକଟରେ ଜଣେ ବାଇକ୍ ଚାଳକ ବିନା ହେଲମେଟ୍‌ରେ ଯାଉଥିବା ବେଳେ ମହାରାଜା କଂସ ତାଙ୍କୁ ଅଟକାଇ କାନ ଧରି ଉଠବସ୍ କରାଇଥିଲେ । ଅନ୍ୟ ଏକ ବାଇକ୍ ଯୋଗେ ଦୁଇ ଶିଶୁ ସନ୍ତାନଙ୍କୁ ଧରି ଦମ୍ପତି ଯାଉଥିବାବେଳେ ମହାରାଜ ତାଙ୍କୁ ଅଟକାଇ ତାଗିଦ୍ କରିଥିଲେ। ସେହିପରି ଲେଙ୍ଗୁ ମିଶ୍ର ଛକରେ ଜଣେ ଦୋକାନୀ ପଲିଥିନରେ ବିକ୍ରି ସାମଗ୍ରୀ ଝୁଲାଇ ରଖିଥିବା ଦେଖି ତାଙ୍କୁ ଧରି ଆଣିବା ପାଇଁ କଂସ ପାତ୍ରମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହ ଦୋକାନରୁ ପଲିଥିନ ତୁରନ୍ତ ହଟାଇବାକୁ ଆଦେଶ ଦେଇଥିଲେ । ଏହାପରେ କଂସ ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କଡ଼ା ତାଗିଦ୍ କରିଥିଲେ । ତାଙ୍କ ଆଦେଶକୁ ଅମାନ୍ୟ କରି ଡ୍ରାଇଭରମାନେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା, ବସଷ୍ଟାଣ୍ଡ ପରିସରରେ ଶୌଚାଳୟ କାର୍ଯ୍ୟକ୍ଷମ ନ ହେବା ଏବଂ ସ୍ୱଚ୍ଛତା ଅଭିଯାନ ସମ୍ପୂର୍ଣ୍ଣ ଫେଲ ମାରିଥିବାରୁ ସେଠାରେ ଉପସ୍ଥିତ ବସ୍‌ଷ୍ଟାଣ୍ଡର ହିସାବ ରକ୍ଷକଙ୍କୁ ୨ଲକ୍ଷ ସ୍ୱର୍ଣ୍ଣମୁଦ୍ରାରେ ଦଣ୍ଡିତ କରିଥିଲେ । ମଥୁରା ଭ୍ରମଣ ସାରି ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ କଂସ ଲୋକମଣ୍ଡପ ପଡ଼ିଆରେ ପହଞ୍ଚିଥିଲେ । ସେଠାରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ରଙ୍ଗମହଲ ଉଦ୍‌ଘାଟନ କରିଥିଲେ । ସେଠାରୁ ପୁଣି କଂସ ମହାରାଜ ହାଟପଦା ରାଜ ଦରବାରକୁ ଯାଇ ନିଜ ପରାକ୍ରମ ଦେଖାଇଥିଲେ । ଅପରପକ୍ଷେ କାରାଗାର ପାଲଟିଥିବା ସମଲେଶ୍ୱରୀ ମଣ୍ଡପରେ ବନ୍ଦୀ ଥିବା ଦେବକୀଙ୍କ କୋଳରେ ଶ୍ରୀକୃଷ୍ଣ ଜନ୍ମଲାଭ କରିବା ପରେ ବସୁଦେବ ତାଙ୍କୁ ଧରି ଗୋପପୁର ଯାତ୍ରା କରିଥିଲେ । ସେଠାରେ ସେ ଶ୍ରୀକୃଷ୍ଣଙ୍କୁ ଛାଡ଼ି ଏବଂ ବିଜୁଳି କନ୍ୟାଙ୍କୁ ଧରି କାରାଗାରକୁ ନିଶାର୍ଦ୍ଧ ପ୍ରତ୍ୟାବର୍ତ୍ତନ କରିଥିଲେ । ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏବଂ ହାଇକୋର୍ଟ ବିଚାରପତି ଏ. କେ. ରଥ ରାଜଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଭୁବନେଶ୍ୱରର ମାହାରୀ ନୃତ୍ୟ, କଟକ ଶିଳ୍ପୀ ନିକେତନର ଗୋଟିପୁଅ ନୃତ୍ୟ, ସୋହେଲାର ଚେତନା, ପଦ୍ମପୁରର ରାଇରାଧା, ଭେଡ଼େନର ଚୁକ୍‌ମୁଚୁମା କଳା ପରିଷଦ, ବରଗଡ଼ର ଦିବ୍ୟରୂପା କଳା ପରିଷଦ, ତୋରାର ବୋଧନ ସାଂସ୍କୃତିକ ଅନୁଷ୍ଠାନ, କଲିକତାର ବେଲେଟ୍ ଗ୍ରୁପ ଏବଂ ଗଞ୍ଜାମର ଗଙ୍ଗେଶ୍ୱର ଯୁଗଳ ଶଙ୍ଖବାଦ୍ୟ ପରିବେଷଣ ହୋଇଥିଲା ।

# ସୁପ୍ରିମକୋର୍ଟ ରାୟ ପରେ ବ୍ୟାଙ୍କରେ ବଢ଼ିଛି ଆଧାର ବ୍ୟବହାର

ନୂଆଦିଲ୍ଲୀ,୧୨।୧

ସୁପ୍ରିମକୋର୍ଟଗତ ବର୍ଷ ସେପ୍ଟେମ୍ବରରେ ଆଧାର ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ତେବେ ଏହା ପରଠାରୁ ବ୍ୟାଙ୍କ ଏବଂ ଏହାର ଗ୍ରାହକଙ୍କ ଦ୍ୱାରା ଆଧାର ବ୍ୟବହାର ବୃଦ୍ଧି ପାଇଛି। ବିଶେଷକରି ମାଇକ୍ରୋ ଏଟିଏମ୍ ଲାଗି ଆଧାର ଆଧାରିତ ପେମେଣ୍ଟ ବ୍ୟବସ୍ଥା(ଏଇପିଏସ୍)ରେ ଏହାର ବ୍ୟବହାର ଯଥେଷ୍ଟ ବଢ଼ିଥିବା ଦେଖାଯାଇଛି। ଗ୍ରାମାଞ୍ଚଳରେ ଏଇପିଏସ୍‌ର ଅଧିକ ବ୍ୟବହାର ଦେଖିବାକୁ ମିଳୁଛି। ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)ର ତଥ୍ୟ ଅନୁଯାୟୀ ମାଇକ୍ରୋ ଏଟିଏମ୍‌ରେ ଏଇପିଏସ୍ ମାଧ୍ୟମରେ ନେଣଦେଣ ୧୮% ବୃଦ୍ଧି ପାଇ ୨୦୧୮ ନଭେମ୍ବର ସୁଦ୍ଧା ୬ ହଜାର କୋଟି ଟଙ୍କାରେ ପହଞ୍ଚିଗଲାଣି, ଯାହାକି ସେହି ବର୍ଷ ସେପ୍ଟେମ୍ବରରେ ୫୧୩୩ କୋଟି ଟଙ୍କା ଥିଲା। ଆଧାର ଆଧାରିତ ପେମେଣ୍ଟ ବ୍ୟବସ୍ଥା ସ୍ଥାନରେ ଲୋକେ ଡେବିଟ କାର୍ଡକୁ ବ୍ୟବହାର କରିପାରିବେ। ଅଥଚ ଦେଖାଯାଇଛି ଯେ, ସେମାନେ କାର୍ଡ ପ୍ରତି ସେଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏକାଧିକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କହିଛି ଯେ, ସେମାନେ ଇ-କେୱାଇସି ଏବଂ ପେମେଣ୍ଟ ପ୍ରଦାନ ଲାଗି ଏବେ ମଧ୍ୟ ଆଧାର ବ୍ୟବହାର କରୁଛନ୍ତି। ତେବେ ଏଥିଲାଗି ଗ୍ରାହକଙ୍କ ଅନୁମତି ନିଆଯାଉଛି। ତେବେ ଆଇସିଆଇସିଆଇ ବ୍ୟାଙ୍କ ଭଳି କେତେକ ଘରୋଇ ବ୍ୟାଙ୍କ ଆଧାର ବ୍ୟବହାରକୁ କେବଳ ଡିବିଟି( ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର) ପର୍ଯ୍ୟନ୍ତ ସୀମିତ ରଖିଛନ୍ତି। ଆଧାରକୁ ନେଇ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଥିବାରୁ ଇଣ୍ଡିଆନ ବ୍ୟାଙ୍କର୍ସ ଆସୋସିଏଶନ(ଆଇବିଏ) ଏ କ୍ଷେତ୍ରରେ ସମାନ ମନୋଭାବ ପୋଷଣ କରିବାକୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଓ ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରିଛି। ବ୍ୟାଙ୍କ ଜମା, ମୋବାଇଲ ପଞ୍ଜୀକରଣ, କ୍ଷୁଦ୍ର ବ୍ୟାଙ୍କ ଷ୍ଟେଟମେଣ୍ଟ ଏବଂ ୟୁଆଇଡିଏଆଇ ପ୍ରମାଣ ପାଇଁ ଗ୍ରାହକମାନେ ଏବେ ମଧ୍ୟ ଆଧାର ବ୍ୟବହାର କରୁଛନ୍ତି।










## ନିଦ ହଜାଇଛି ଆନ୍ଧ୍ର ହାତୀ

# ଜଣେ ମୃତ, ଭୟରେ ଗ୍ରାମବାସୀ ପାହାଡ ଉପରେ



ଏମ୍ପଲୱାଲସା ଗ୍ରାମ ନିକଟ ଜଙ୍ଗଲରେ ରହିଥିବା ହାତୀ ।

ରାୟଗଡା ଅଫିସ୍, ୧୨।୧

ଆନ୍ଧ୍ରପ୍ରଦେଶରୁ ଓଡ଼ିଶା ଭିତରକୁ ଚାଲି ଆସିଥିବା ହାତୀପଲ ଗ୍ରାମବାସୀଙ୍କ ନିଦ ହଜାଇ ଦେଲେଣି । ୭ ଦିନ ଧରି ହାତୀପଲ ଗାଁଗୁଡ଼ିକରେ ଆତଙ୍କ ମଚାଇଛନ୍ତି। ଶନିବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଆନ୍ଧ୍ରପ୍ରଦେଶର ନାଇଡୁୱାଲସା ଗ୍ରାମର ନିର୍ମଳ ଫକୀର(୬୧)। ଫକୀରଙ୍କ ମୃତ୍ୟୁ ପରେ ୨ଟି ରାଜ୍ୟର ସୀମାନ୍ତ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀପଲ ବର୍ତ୍ତମାନ ରାୟଗଡା ବ୍ଲକ୍ କେରେଡା ପଞ୍ଚାୟତ ଅନ୍ତର୍ଗତ ଏମ୍ପଲୱାଲସା ଗ୍ରାମ ନିକଟରେ ରହିଛନ୍ତି । ତେଣୁ ଲୋକେ ଭୟରେ ପାହାଡ ଉପରେ ଦଳ ବାନ୍ଧି ରହୁଛନ୍ତି । ତେବେ ଉଭୟ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ବନ ବିଭାଗ କର୍ମଚାରୀମାନେ କେବଳ ଦୂରରେ ଥାଇ ହାତୀପଲର ଫଟୋ ଉଠାଇବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି । ଏଣେ ଡିଏଫ୍‌ଓ ଘଟଣାସ୍ଥଳକୁ ଥରେ ମଧ୍ୟ ପରିଦର୍ଶନରେ ଯାଇନାହାନ୍ତି ଓ ପଦକ୍ଷେପ ସମ୍ପର୍କରେ କୌଣସି ସୂଚନା ଦେଉନାହାନ୍ତି । ରାୟଗଡା ରେଞ୍ଜର ପ୍ରଭାକର ସେନାପତିଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇପାରିନାହିଁ।



ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଜାନୁୟାରୀ ୧୩/୨୦୧୯



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ................................



ମାରୁତି
ପରିବାରବର୍ଗ



ଅଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିକ୍ରି ହେବ ଏଭରେଡି

**ନୂଆଦିଲ୍ଲୀ, ୧୨।୧:** ବି.ଏମ୍ ଖୈତାନଙ୍କ ନେତୃତ୍ୱାଧୀନ ୱିଲିୟାମଶନ ମେଗର ଗ୍ରୁପ୍ ନିଜର ଫ୍ଲାଗଶିପ୍ କମ୍ପାନୀ ଏଭରେଡି ଇଣ୍ଡଷ୍ଟ୍ରିଜ ଇଣ୍ଡିଆ ଲିମିଟେଡକୁ ବିକ୍ରି କରିବାକୁ ଯାଉଛି। ଡ୍ରାଇ ସେଲ୍ ବ୍ୟାଟେରି ଏବଂ ଫ୍ଲାଶଲାଇଟ୍ସ ସେକ୍ଟରରେ ଭାରତର ସର୍ବବୃହତ କମ୍ପାନୀ ଏଭରେଡି ୧୦୦ ବର୍ଷରୁ ଅଧିକ ପୁରୁଣା। ଏହାକୁ ବିକ୍ରି ଲାଗି ଖୁବଶୀଘ୍ର ବିଡ୍ ଆହ୍ୱାନ କରାଯିବ। ପ୍ରମୋଟର ବି.ଏମ୍. ଖୈତାନ ପରିବାରଙ୍କ ନିକଟରେ ଏଭରେଡି କମ୍ପାନୀର ୪୫ ପ୍ରତିଶତ ଅଂଶଧନ ରହିଛି। ବିକ୍ରି ପ୍ରକ୍ରିୟାକୁ ଚୂଡାନ୍ତ ରୂପ ଦେବା ଲାଗି କୋଟାକ ମହିନ୍ଦ୍ରା ବ୍ୟାଙ୍କକୁ ନିଯୁକ୍ତ କରାଯାଇଛି। ବ୍ୟବସାୟ ଧିମା ପଡିବା ଓ ଅତିରିକ୍ତ ଋଣବୋଝ କାରଣରୁ ୧୫୦୦ କୋଟି ଟଙ୍କାର କାରବାର କରୁଥିବା ଏଭରେଡିକୁ ବିକ୍ରି କରାଯିବ। ତେବେ ୱିଲିୟମଶନ ମେଗର ଗ୍ରୁପ୍ ନିଜର ଅଂଶଧନ ବିକ୍ରି କରିବ କି ନା ଜଣାପଡି ନାହିଁ। ସୂଚନାଥାଉ କି, ଏଭରେଡି ଗ୍ରୁପ୍ କମ୍ପାନୀରେ ବଙ୍କ ଚା' ଉତ୍ପାଦକ ମ୍ୟାକଲିୟଡ ରସେଲ, କିଲବର୍ନ ଇଞ୍ଜିନିୟରିଂ ଓ ମ୍ୟାକନେଲି ଭାରତ ଆଦି ବୃହତ କମ୍ପାନୀ ସାମିଲ ରହିଛି। ୧୯୦୫ରେ ଏଭରେଡିର ମାଲିକ ଥିଲା ଆମେରିକାର ଭାରତୀୟ କମ୍ପାନୀ ୟୁନିୟନ କାର୍ବାଇଡ ଇଣ୍ଡିଆ। ଖୈତାନ ପରିବାର ୧୯୯୩ରେ ୱିଲିୟାମଶନ ମେଗର ସହ ମିଶି ଏହାକୁ ନିଜ କବ୍ଜାକୁ ନେଇଥିଲେ। ସେତେବେଳେ ଏହାକୁ ନେଇ ବମ୍ବେ ଡାଇଂ ମାଲିକ ନୁସଲି ୱାଡିଆଙ୍କ ସହିତ ତୀବ୍ର ବିଡିଂ ଲଢ଼େଇ ହୋଇଥିଲା। ଶେଷରେ ୩୦୦ କୋଟି ଟଙ୍କାରେ ଏଭରେଡି କମ୍ପାନୀ ଖୈତାନ ପରିବାର ହାତକୁ ଯାଇଥିଲା। ବଜାର ମୂଲ୍ୟକୁ ହିସାବକୁ ନେଲେ ବର୍ତ୍ତମାନ ଏଭରେଡିର ମୂଲ୍ୟ ୧୩୫୦ କୋଟି ଟଙ୍କା ହେବ। ପରିବାର ସୂତ୍ରରୁ ଜଣାପଡିଛି ଯେ, ପ୍ରଥମ ବିକଳ୍ପ ସ୍ୱରୂପ କମ୍ପାନୀର ପ୍ରମୋଟରମାନେ ଏକ ଷ୍ଟ୍ରାଟେଜିକ ପାର୍ଟନର ଖୋଜିବା ଆରମ୍ଭ କରିଛନ୍ତି। ସେମାନେ ପ୍ରାୟ ୩୦ ପ୍ରତିଶତ ଶେୟାର ଏହି ପାର୍ଟନରଙ୍କୁ ବିକିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରତି ବର୍ଷ ପ୍ରାୟ ୧୨୦ କୋଟିରୁ ଅଧିକ ବ୍ୟାଟେରି ଓ ୨.୫ କୋଟି ଫ୍ଲାଶ୍‌ଲାଇଟ ବିକ୍ରି କରୁଥିବା ଏଭରେଡି ଉପରେ ଏବେ ଭାରି ଋଣ ବୋଝ ରହିଛି।




## ଇନ୍ଦ୍ରାଣୀ...




ବଡବିଲ ପଞ୍ଚବଟି ରେସିଡେନ୍ସି ବ୍ଲକ ବି ପ୍ରଥମ ମହଲା।

ଦୀପ୍ତିରଞ୍ଜନ ଓ ତାଙ୍କ ସ୍ତ୍ରୀ ଇନ୍ଦ୍ରାଣୀ ପଟ୍ଟନାୟକଙ୍କୁ ନେଇ ଏବେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। କାରଣ ଦୀପ୍ତିରଞ୍ଜନଙ୍କ ବଡ଼ଭାଇ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ହୋଇଥିବା ବେଳେ ସାନଭାଇ ହେଉଛନ୍ତି ବିଜେଡି ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ। ଏହା ମଧ୍ୟ ଆଲୋଚନା ହେଉଛି ଯେ, ଚମ୍ପୁଆ ସ୍ୱାଧୀନ ବିଧାୟକ ସନାତନ ମହାକୁଡ଼ଙ୍କର ପରିବହନଜନିତ ବ୍ୟବସାୟିକ ସମ୍ପର୍କ ଇନ୍ଦ୍ରାଣୀ ପଟ୍ଟନାୟକ ଖଣି ସହିତ ରହିଛି।

ଅତ୍ୟନ୍ତ ଗୋପନୀୟ ଭାବେ ଏହି ଯାଞ୍ଚ ଚାଲିଛି। ଯାଞ୍ଚ ବିଷୟରେ କାହାରି କି କୌଣସି ତଥ୍ୟ ଦିଆଯାଉ ନ ଥିଲା। ଇନ୍ଦ୍ରାଣୀ ପଟ୍ଟନାୟକ ଖଣିର ଜଣେ ଅଧିକାରୀଙ୍କ ଘରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ କାଗଜପତ୍ର ତନଖି କରାଯାଇଥିବା ଜଣାପଡ଼ିଛି। ସେହିପରି ଯୋଡ଼ା ଅଞ୍ଚଳରେ ଥିବା ଇନ୍ଦ୍ରାଣୀ ପଟ୍ଟନାୟକ ଓ ଡି. ଆର୍. ପଟ୍ଟନାୟକଙ୍କ ସମ୍ପତ୍ତି ସମ୍ପର୍କରେ ଆୟକର ବିଭାଗ ଖୋଳତାଡ କରିଛି। ଇନ୍ଦ୍ରାଣୀ ପଟ୍ଟନାୟକ ଖଣି କମ୍ପାନୀ ସହ ବିଧାୟକ ସନାତନଙ୍କ ପରିବହନ ନେଇ ବ୍ୟବସାୟ ରହିଛି। କେତେବର୍ଷ ତଳେ ସମ୍ପୃକ୍ତ ବିଧାୟକଙ୍କର ବିଭିନ୍ନ କାରବାର ଉପରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଯାଞ୍ଚ କରିଥିଲା। ଏବେ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଆୟକର ବିଭାଗର ଚଢାଉ ଯୋଡ଼ା ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

## ୧୨ ବର୍ଷର...

ସନାତନ ମହାକୁଡଙ୍କ ଦ୍ୱାରା ପରିଚାଳିତ ହେଉଥିଲା। କିଛି ମାସ ତଳେ ସେ ଉକ୍ତ ଟ୍ରାନ୍ସପୋର୍ଟର ପରିଚାଳନା ଦାୟିତ୍ୱରୁ ହଟିଥିଲେ ମଧ୍ୟ ତାଙ୍କ ଦ୍ୱାରା ପରୋକ୍ଷରେ ପରିଚାଳିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି ଗ୍ରାମବାସୀଙ୍କ ପ୍ରାପ୍ୟ ପ୍ରଦାନରେ ବିଧାୟକ ବାଧକ ସାଜିଥିବା ଅଭିଯୋଗ କରି ସତ୍ୟବ୍ରତ ପ୍ରଧାନ, ଶାନ୍ତିଲତା ରାଉତ, ଅପର୍ଣ୍ଣା ନାଏକ, କମଳା ମହାକୁଡ, ପାର୍ବତୀ ନାଏକ, ବିରଞ୍ଚି ନାଏକ, ମହେନ୍ଦ୍ର ନାଏକ, ଭୀମସେନ୍ ବାରିକ, ମହେନ୍ଦ୍ର ମାଝି, ଅମୀନ ନାଏକ ପ୍ରମୁଖ ଗ୍ରାମବାସୀ ବିଧାୟକଙ୍କ ବିରୋଧରେ ସ୍ଲୋଗାନ୍ ଦେଇ ଉକ୍ତ ଟ୍ରାନ୍ସପୋର୍ଟର କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏ ନେଇ ଏକ ଲିଖିତ ଅଭିଯୋଗ ରାଜ୍ୟ ମୁଖ୍ୟମନ୍ତ୍ରୀ, ମାନବାଧିକାର କମିଶନ, କେନ୍ଦୁଝର ଜିଲାପାଳ, ଏସପି ଓ ବାମେବାରୀ ଥାନା ଅଧିକାରୀଙ୍କୁ ଦେବେ ବୋଲି ଗ୍ରାମବାସୀ

## ପ୍ରଥମ ପୃଷ୍ଠାରୁ...

କହିଛନ୍ତି। ଉକ୍ତ ଟ୍ରାନ୍ସପୋର୍ଟ କମ୍ପାନୀର ଅଂଶୀଦାର ଅଶୋକ ମହାନ୍ତ, ଭକ୍ତବନ୍ଧୁ ମହାନ୍ତ ବିଭିନ୍ନ ମାମଲାରେ ଗିରଫ ହୋଇଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ। କମ୍ପାନୀର ଆଉ ଜଣେ ଅଂଶୀଦାର ଜେଠୁ ମହାନ୍ତ ଫେରାର ଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇ ପାରିନାହିଁ। ଏ ନେଇ ବିଧାୟକ ସନାତନଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ୍ ବନ୍ଦ ଥିବାରୁ ମତାମତ ମିଳିପାରିନାହିଁ।

## ବଢ଼ିଲା ଅଙ୍ଗନୱାଡି...

ପ୍ରାୟ ୭୨,୦୦୦ରୁ ଅଧିକ ଅଙ୍ଗନୱାଡି କର୍ମୀ ଏବଂ ସମାନସଂଖ୍ୟକ ସହାୟିକା ସିଧାସଳଖ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଘୋଷଣା ସମୟରେ ଉପସ୍ଥିତ ଥିବା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ନୂଆ ପାରିଶ୍ରମିକ ଲାଗୁ ହେଲେ ରାଜ୍ୟକୁ ଅତିରିକ୍ତ ୭୩.୩୯ କୋଟି ଟଙ୍କାର ବ୍ୟୟ କରିବାକୁ ପଡିବ। ଘୋଷଣା କରାଯାଇଥିବା ପ୍ରୋତ୍ସାହନ ରାଶି ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବ୍ୟୟ କରିବେ।

ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି ଯେ, ଅଙ୍ଗନୱାଡି କର୍ମୀମାନଙ୍କୁ ପ୍ରଦାନ କରାଯାଉଥିବା ମାସିକ ୭୫୦୦ରୁ ରାଜ୍ୟ ୪୮୦୦ ଟଙ୍କା ଏବଂ କେନ୍ଦ୍ର ୨୭୦୦ ଟଙ୍କା ପ୍ରଦାନ କରିବ। ମିନି ଅଙ୍ଗନୱାଡିକର୍ମୀଙ୍କୁ ଦିଆଯିବାକୁ ଥିବା ମାସିକ ୫୩୭୫ ଟଙ୍କାରୁ କେନ୍ଦ୍ର ୨୧୦୦ ଏବଂ ରାଜ୍ୟ ୩୨୭୫ ଟଙ୍କା ଦେବ। ସେହିପରି ସହାୟିକାମାନଙ୍କୁ ମାସିକ ପ୍ରୋତ୍ସାହନ ରାଶି ବାବଦରେ ୩୭୫୦ ଟଙ୍କା ମଧ୍ୟରୁ ରାଜ୍ୟ ୨୪୦୦ ଏବଂ କେନ୍ଦ୍ର ୧୩୫୦ ଟଙ୍କା ପ୍ରଦାନ କରିବ। ଏହି ରାଶି ମଧ୍ୟରେ ସହାୟିକାମାନଙ୍କ ପାଇଁ ୨୫୦ ଟଙ୍କାର ପ୍ରଦର୍ଶନ ଗତ ପ୍ରୋତ୍ସାହନ ରାଶି ରହିଥିବା ପ୍ରଫୁଲ କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ଘୋଷଣା ଦ୍ୱାରା ଓଡ଼ିଶାର ପ୍ରାୟ ୬୨,୧୭୧ ଅଙ୍ଗନୱାଡି କର୍ମୀ, ୧୦,୪୧୬ ମିନି ଅଙ୍ଗନୱାଡି କର୍ମୀ ଏବଂ ୬୨,୧୭୧ ସହାୟିକା ଉପକୃତ ହେବେ।

## ପ୍ରତି ବ୍ଲକରେ...

ବୌଦ୍ଧ ଓ ଫୁଲବାଣୀ। ଏହି ତାଲିକାରେ ୮ଟି ଜିଲା ଏପରି ରହିଛି, ଯେଉଁ ଜିଲାରେ ଆଦୌ ଶୀତଳ ଭଣ୍ଡାର ନାହିଁ। କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାରଗୁଡିକ ମଧ୍ୟରୁ ମାତ୍ର ୫ଟି ସରକାରଙ୍କ ନିଜସ୍ୱ। ଓଡ଼ିଶାର ଅନ୍ୟତମ ଭାତହାଣ୍ଡି କୁହାଯାଉଥିବା ଜିଲା ବରଗଡରେ ସମସ୍ତ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ନହୋଇ ପଡିରହିଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ କୃଷିଜାତ ସାମଗ୍ରୀ ସାଇତି ରଖିବା ପାଇଁ ୨,୧୭,୮୮୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ରହିଛି।

ରାଜ୍ୟରେ ପ୍ରାୟ ୩ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାରର ଆବଶ୍ୟକତା ରହିଛି। ଏହାର ଅଭାବରୁ ଆଳୁ ମିଶନ୍ ଫେଲ ମାରିଛି। ୨୦୧୪-୧୫ ଆର୍ଥିକ ବର୍ଷରୁ ଆଳୁମିଶନ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏକା ସାଙ୍ଗରେ ସମସ୍ତ ଜିଲାରେ ଏହି ମିଶନ୍ କାର୍ଯ୍ୟକ୍ଷମ କରାଯାଇଥିଲା। ମାତ୍ର ଶୀତଳଭଣ୍ଡାର ନ ଥିବାରୁ ତାହା ସଫଳ ହୋଇପାରି ନ ଥିଲା ବୋଲି ଉଦ୍ୟାନ କୃଷି ବିଭାଗ ପକ୍ଷରୁ କୁହାଯାଇଛି।

-ରିପୋର୍ଟ : ଚିଦାନନ୍ଦ ଜେନା

# ଶାଶୁଶ୍ୱଶୁରଙ୍କୁ ନଜରବନ୍ଦୀ ରଖିଛନ୍ତି ବୋହୂ

- ଚିକିତ୍ସା ପାଇଁ ବି ଛାଡୁନାହାନ୍ତି
- ପୋଲିସର ଦ୍ୱାରସ୍ଥ ହେଲେ ଝିଅ
- ଗ୍ରାମବାସୀଙ୍କ ବିରୋଧ ଯୋଗୁ ଉଦ୍ଧାର କରି ନ ପାରି ଫେରିଲା ପୋଲିସ

**ରଣପୁର,୧୨।୧ (ସ୍ୱ.ପ୍ର.)** ଶ୍ୱଶୁର ଘର ଲୋକେ ବୋହୂ ଉପରେ ନିର୍ଯାତନା ଦେବା ଭଳି ଘଟଣା ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଇଥାଏ। ହେଲେ ରଣପୁର ଥାନା ଅଞ୍ଚଳରେ ଏହାର ବିପରୀତ ଏକ ଘଟଣା ନଜରକୁ ଆସିଛି। ଶାଶୁଶ୍ୱଶୁରଙ୍କୁ ବୋହୂ ନଜରବନ୍ଦୀ ରଖିଥିବା ନେଇ ପୋଲିସରେ ଅଭିଯୋଗ ହୋଇଛି। ଏପରି କି ଚିକିତ୍ସା ପାଇଁ ଛାଡୁନାହାନ୍ତି। ଏପରି ଘଟଣା ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅନ୍ତର୍ଗତ ଡିହଗାଁରେ ଦେଖିବାକୁ ମିଳିଛି।

ଗ୍ରାମର ରଘୁନାଥ ରାଉତରାୟଙ୍କ ଝିଅ ପ୍ରଭାସିନୀ ରାଉତରାୟ ସୁନାଖଳା ଫାଣ୍ଡିରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ, ତାଙ୍କ ଭାଇ ରଞ୍ଜନ ରାଉତରାୟଙ୍କ ସ୍ତ୍ରୀ କୁନି ରାଉତରାୟ ୧ମାସରୁ ଊର୍ଦ୍ଧ୍ୱ ସମୟ ହେବ ବାପା ରଘୁନାଥ ଓ ମା' ହେମଙ୍କୁ ଘରେ ତାଲା ପକାଇ ନଜରବନ୍ଦୀ କରି ରଖିଛନ୍ତି। ପରିବାର ଓ ବନ୍ଧୁ ବାନ୍ଧବଙ୍କୁ ତାଙ୍କ ସହ ଭେଟିବାକୁ ଦେଉନାହାନ୍ତି। ୧୫ଦିନ ହେବ ମା'ବାପା ଅସୁସ୍ଥ ଥିଲେ ମଧ୍ୟ ଭାଉଜ କୁନି ଚିକିତ୍ସା ପାଇଁ ସେମାନଙ୍କୁ ଘରୁ ଛାଡୁନାହାନ୍ତି। ଏହି ଅଭିଯୋଗ ପାଇ ଶନିବାର ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ, ସୁନାଖଳା ଫାଣ୍ଡି ଅଧିକାରୀ ସୁବାସ ଚମ୍ପତିରାୟ ଫୋର୍ସ ସହ ଗ୍ରାମକୁ ଯାଇଥିଲେ। ହେଲେ ଗ୍ରାମବାସୀ ଓ ବୋହୂଙ୍କ ବିରୋଧ ଯୋଗୁ ଶାଶୁଶ୍ୱଶୁରଙ୍କୁ ଉଦ୍ଧାର କରିପାରି ନ ଥିଲେ । ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖାଦେଇଥିଲା।

ପ୍ରକାଶ ଯେ, ରଘୁନାଥ ରାଉତରାୟଙ୍କ ପୁଅ ରଞ୍ଜନ ରାଉତରାୟ (୩୨) କଟକରେ ଏକ ସରକାରୀ ଡାକ୍ତରଖାନାରେ ହେଲ୍‌ଥ ୱାର୍କର ଭାବେ କାର୍ଯ୍ୟ କରନ୍ତି। ୨୦୧୫ରେ ନୟାଗଡ ଜିଲା ଚାନ୍ଦପୁର ଥାନା ଚମ୍ପାପେଡି ପଞ୍ଚାୟତ ଖଣ୍ଡିଆବନ୍ଧ ଗ୍ରାମର ନୀଳମଣି ପ୍ରଧାନଙ୍କ ଏକମାତ୍ର ଝିଅ କୁନି ରାଉତରାୟଙ୍କ ସହ ତାଙ୍କର ବିବାହ ହୋଇଥିଲା। ସେ ସମୟରେ ଝିଅଘର ତରଫରୁ ସମସ୍ତ ଘରକରଣା ସାମଗ୍ରୀ ସହିତ ଯୌତୁକ ଦିଆଯାଇଥିଲା। ବିବାହର କିଛିଦିନ ଭଲରେ କଟିଥିବାବେଳେ ସେମାନଙ୍କର ଏକ କନ୍ୟାସନ୍ତାନ ରହିଛି। ଏପରିସ୍ଥଳେ ଚାକିରି ସ୍ଥାନ କଟକରେ ରଞ୍ଜନ ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିଥିଲେ । ଏପରି କି ଯୁବତୀଙ୍କୁ ବିବାହ କରିବା ପାଇଁ ମନସ୍ଥ କରିଥିବା କୁନି ଶୁଣିବା ପରେ ଏ ନେଇ ପଚାରିବାରୁ ରଞ୍ଜନ ତାଙ୍କୁ ମାଡ଼ ମାରିଥିଲେ । କୁନି ଏ ବିଷୟରେ ପରିବାର ଲୋକଙ୍କୁ ଜଣାଇ ସୁନାଖଳା ଫାଣ୍ଡିରେ ସ୍ୱାମୀ ରଞ୍ଜନଙ୍କ ସହ ଶ୍ୱଶୁରଘର ପରିବାର ଲୋକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୨୨୨/୧୮ରେ ମାମଲା ରୁଜୁ କରିଥିଲେ ମଧ୍ୟ କାହାରିକୁ ଗିରଫ କରି ନ ଥିଲା। କୁନିଙ୍କୁ ଶାଶୁଘରେ ରହିବାକୁ ବାରଣ କରାଯିବା ପରେ ଘଟଣା ନୂଆମୋଡ ନେଇଥିଲା। ଶେଷରେ ୩୧।୧୦।୨୦୧୮ରେ କୁନିଙ୍କ ବାପଘର ଗ୍ରାମର ଲୋକେ ଡିହଗାଁ ଆସି ଶାଶୁଘର ଆଗରେ ଧାରଣା ଦେଇଥିଲେ। ଏ ନେଇ ୧।୧୧।୨୦୧୮ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ପରେ ପୋଲିସ ଓ ଗ୍ରାମବାସୀଙ୍କ ସହାୟତାରେ ବୋହୂ କୁନି ଶାଶୁଘରେ ରହିଥିଲା ବେଳେ ସ୍ୱାମୀ ରଞ୍ଜନ ସେହି ଦିନଠାରୁ ଘରକୁ ଆସୁନାହାନ୍ତି। ରଞ୍ଜନ ଘରକୁ ଆସିଲେ ସେ ତାଙ୍କ ମା'ବାପାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବେ ବୋଲି କୁନି ଜିଦ୍‌ରେ ଅଟଳ ଅଛନ୍ତି। ଏଣେ ମା'ବାପାଙ୍କ ଚିକିତ୍ସା ଆବଶ୍ୟକ ଥିଲେ ମଧ୍ୟ ସେମାନଙ୍କୁ କୁନି ଛାଡୁ ନ ଥିବାରୁ ଏହାକୁ ବିରୋଧ କରି ନଣନ୍ଦ ପ୍ରଭାସିନୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରଣପୁର ଥାନା ଅଧିକାରୀ ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ସୁନାଖଳା ଫାଣ୍ଡିରେ ତାଙ୍କ ମା'ବାପାଙ୍କୁ ନଜରବନ୍ଦୀ ରଖାଯାଇଥିବା ନେଇ ପ୍ରଭାସିନୀ ଅଭିଯୋଗ କରିଛନ୍ତି। ପରେ ଆମେ ଉକ୍ତ ଗାଁକୁ ଯାଇ ସେମାନଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଗ୍ରାମବାସୀ ଓ ବୋହୂ ବିରୋଧ କରିବାରୁ ଫେରିଆସିଛୁ। ଭଦ୍ରଲୋକଙ୍କ ସହାୟତାରେ ଘଟଣାର ସମାଧାନ ପାଇଁ ଉଦ୍ୟମ କରାଯିବ।

## ଓଏଏସ୍‌ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୧୨।୧(ବ୍ୟୁରୋ):** ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ କେତେକ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ସାମାନ୍ୟ ଅଦଳବଦଳ କରାଯାଇଛି। ସୁରଥ କୁମାର ମଲ୍ଲିକଙ୍କୁ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ବ୍ରଜଗୋପାଳ ଆଚାର୍ଯ୍ୟ କୃଷି ବିଭାଗର ଅତିରିକ୍ତ ଶାସନ ସଚିବ, ସ୍ୱୟଂପ୍ରଭା ମହାନ୍ତି ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବ, ଅଞ୍ଜନା ପଣ୍ଡାଙ୍କୁ ହସ୍ତତନ୍ତ ବିଭାଗ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଇନ୍ଦ୍ରମଣି ନାୟକ ଯାଜପୁର ଜିଲା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ବିକାଶ ବାଇଁ ସମ୍ବଲପୁର ଡିୟୁଡିଏର ପ୍ରକଳ୍ପ ନିର୍ଦ୍ଦେଶକ(ଅତିରିକ୍ତ ଦାୟିତ୍ୱ) ଏବଂ ମଞ୍ଜୁଲତା ମଲ୍ଲିକ ମାଧ୍ୟମିକ ଶିକ୍ଷା ପରିଷଦର ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି।

## ଏସ୍‌ପି-ବିଏସ୍‌ପି...

କାରଣ ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏହି ରାଜ୍ୟରୁ ୮୦ ଏମ୍‌ପି ନିର୍ବାଚିତ ହୋଇ ଲୋକ ସଭାକୁ ଯାଇଥାନ୍ତି। ଏଥିଲାଗି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ବିଏସ୍‌ପି ସୁପ୍ରିମୋ ମାୟାବତୀ ନିଜ ନିଜ ମଧ୍ୟରେ ୩୮ଟି ଲେଖାଏ ଆସନ ଭାଗବଣ୍ଟା କରିନେଇଛନ୍ତି। ସେମାନେ ମେଣ୍ଟରେ କଂଗ୍ରେସକୁ ସାମିଲ କରିନାହାନ୍ତି। ତେବେ ଗାନ୍ଧୀ ପରିବାରକୁ ଦୁଇ ପାରମ୍ପରିକ ଆସନ ଅମେଠି ଓ ରାଏବରେଲି ଛାଡିଦେଇଛନ୍ତି। ଅବଶିଷ୍ଟ ୨ ଆସନରେ ଅଜିତ ସିଂଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ପ୍ରାର୍ଥୀ ଲଢ଼ିବେ ବୋଲି ଏକପ୍ରକାର ସ୍ଥିର ହୋଇଛି। ଅନ୍ୟପକ୍ଷରେ ସହଯୋଗୀ ନିଷାଦ ପାର୍ଟି ଏବଂ ପିସ୍ ପାର୍ଟିର ଦୁଇଜଣଙ୍କୁ ଅଖିଳେଶ ଏସ୍‌ପି ଟିକେଟ ଦେଇ ନିର୍ବାଚନ ଲଢ଼ାଇବାକୁ ଚିନ୍ତା କରୁଛନ୍ତି।



ଖବରଦାତା ସମ୍ମିଳନୀରେ ମାୟାବତୀ ଓ ଅଖିଳେଶ ଯାଦବ।

ରାଜଧାନୀ ଲକ୍ଷ୍ନୌସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀରେ ଅଖିଳେଶ ଏବଂ ମାୟାବତୀ ମିଳିତ ଭାବେ ଆସନ ବୁଝାମଣା ସମ୍ପର୍କରେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କୁ ପରିହାସ କରି ଏହି ଖବରଦାତା ସମ୍ମିଳନୀ ଗୁରୁ-ଚେଲାଙ୍କ ନିଦ ଚୋରାଇ ନେବ ବୋଲି ମାୟାବତୀ କହିଛନ୍ତି। ଗତ ଲୋକ ସଭା ଉପନିର୍ବାଚନରେ ଆମେ ଯେପରି ଭାଜପାକୁ ହରାଇଥିଲୁ ଆଗାମୀ ସାଧାରଣ ନିର୍ବାଚନରେ ସେହିଭଳି ପରାଜିତ କରିବା ନିଶ୍ଚିତ ବୋଲି ବିଏସ୍‌ପି ନେତ୍ରୀ କହିଛନ୍ତି। ଉପନିର୍ବାଚନରେ ଭାଜପା ଫୁଲପୁର, ଗୋରଖପୁର ଏବଂ କୈରାନା ଆସନରେ ହାରିଥିଲା। ୨୦୧୪ ଲୋକ ସଭା ନିର୍ବାଚନରେ ଉତ୍ତରପ୍ରଦେଶରୁ ଭାଜପା ୭୧ ଆସନ ଜିତିଥିବାବେଳେ ଏହାର ସହଯୋଗୀ ଅପ୍‌ନା ଦଳକୁ ୨ଟି ଆସନ ମିଳିଥିଲା। ସମାଜବାଦୀ ପାର୍ଟି ୫ଟି ଏବଂ କଂଗ୍ରେସ ୨ଟି ଆସନରେ ଜିତିଥିଲେ। ବିଏସ୍‌ପି ଗୋଟିଏ ହେଲେ ଆସନ ହାସଲ କରିବାକୁ ସକ୍ଷମ ହୋଇ ନ ଥିଲା।

ମେଣ୍ଟରେ କଂଗ୍ରେସକୁ ନ ନେବା ସମ୍ପର୍କରେ ମାୟାବତୀ କହିଛନ୍ତି, ଏହି ଦଳର ଦୀର୍ଘଦିନର ଶାସନରେ ରାଜ୍ୟରେ ଦାରିଦ୍ର୍ୟ, ବେରୋଜଗାରୀ ଏବଂ ଦୁର୍ନୀତି ବୃଦ୍ଧି ପାଇଥିଲା। ଏଥିସହିତ ପ୍ରତିରକ୍ଷା କାରବାରରେ ଦୁର୍ନୀତି ହୋଇଥିଲା। ଅତୀତରେ କଂଗ୍ରେସ ସହ ମେଣ୍ଟରୁ ତାଙ୍କ ଦଳକୁ କୌଣସି ଫାଇଦା ମିଳି ନ ଥିଲା, ବରଂ ତାଙ୍କ ଦଳର ଭୋଟ କଂଗ୍ରେସକୁ ଯାଇଥିଲା। ତେଣୁ କଂଗ୍ରେସକୁ ସାଙ୍ଗରେ ନେଲେ ମେଣ୍ଟକୁ ଅଧିକ ଭୋଟ ମିଳିବା ସମ୍ଭାବନା ନାହିଁ ବୋଲି ମାୟାବତୀ କହିଛନ୍ତି। ବୋଫୋର୍ସ କଂଗ୍ରେସକୁ କ୍ଷମତାଚ୍ୟୁତ କରିଥିଲା। ସେହିପରି ରାଫାଲ ଦୁର୍ନୀତି ଭାଜପାକୁ କ୍ଷମତାରୁ ହଟାଇବ ବୋଲି ବିଏସ୍‌ପି ଅଧ୍ୟକ୍ଷା କହିଥିଲେ। ସେ ଉଭୟ କଂଗ୍ରେସ ଏବଂ ଭାଜପାକୁ ସମାଲୋଚନା କରିଛନ୍ତି। କଂଗ୍ରେସ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିଥିଲା, ଭାଜପା ଅଘୋଷିତ ଜରୁରୀ ପରିସ୍ଥିତି ପାଇଁ ଦାୟୀ ବୋଲି ମାୟାବତୀ କହିଛନ୍ତି। ଏହି ମେଣ୍ଟ ଲୋକ ସଭା ଏବଂ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପରେ ମଧ୍ୟ ଅତୁଟ ରହିବ ବୋଲି ସେ କହିଛନ୍ତି। ଶିବପାଲ ଯାଦବ ପ୍ରଗତିଶୀଳ ସମାଜବାଦୀ ପାର୍ଟି-ଲୋହିଆ ଗଠନ କରିଛନ୍ତି। ଏଥିପାଇଁ ଭାଜପା ଟଙ୍କା ଖର୍ଚ୍ଚ କରୁଛି। ଶିବପାଲଙ୍କ ଦଳ ଭାଜପା ଦ୍ୱାରା ପରିଚାଳିତ। ଅଣଭାଜପା ଭୋଟ ଭାଙ୍ଗିବା ପାଇଁ ଏହି ଦଳ ଗଢ଼ାଯାଇଥିବା ମାୟାବତୀ କହିଛନ୍ତି। ୧୯୯୫ରେ ମାୟାବତୀଙ୍କୁ ଗେଷ୍ଟ ହାଉସ୍‌ରେ ଏସ୍‌ପି କର୍ମୀମାନେ ଆକ୍ରମଣ କରିଥିଲେ। ଜାତୀୟ ସ୍ୱାର୍ଥ ପାଇଁ ସେ ଏହି ଘଟଣାକୁ ଭୁଲିଯାଇଥିବା ମାୟାବତୀ କହିଛନ୍ତି। ଅତୀତରେ ଏସ୍‌ପି-ବିଏସ୍‌ପି ମେଣ୍ଟ ସଫଳ ହୋଇଥିଲା। ଏଥର ଯଦି ଇଭିଏମ୍‌ର ଅପବ୍ୟବହାର ନ ହୁଏ ଏବଂ ରାମମନ୍ଦିର ପ୍ରସଙ୍ଗ ଯଦି ଜୋର ନ ଧରେ ତେବେ ଉତ୍ତରପ୍ରଦେଶରେ ଆମେ ଭାଜପାକୁ ଅଟକାଇବୁ ବୋଲି ବିଏସ୍‌ପି ସୁପ୍ରିମୋ କହିଥିଲେ। ପଶ୍ଚିମ ୟୁପିରେ ଆର୍‌ଏଲ୍‌ଡି ସହ ଆସନ ବୁଝାମଣା ସମ୍ପର୍କରେ ଅଖିଳେଶ କହିଥିଲେ, ଉପଯୁକ୍ତ ସମୟରେ ତାହା ଘୋଷଣା କରାଯିବ। ଯଦି ପରିସ୍ଥିତି ଉପୁଜେ ତେବେ ମାୟାବତୀଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ସମର୍ଥନ ଦେବେ କି ବୋଲି ଏକ ପ୍ରଶ୍ନର ସିଧାସଳଖ ଉତ୍ତର ନ ଦେଇ ଆପଣମାନେ ଜାଣନ୍ତି କାହାକୁ ମୁଁ ସମର୍ଥନ କରିବି ବୋଲି ଅଖିଳେଶ କହିଥିଲେ। ଅତୀତରେ ୟୁପି ଦେଶକୁ ସବୁବେଳେ ପ୍ରଧାନମନ୍ତ୍ରୀ ଦେଇ ଆସିଛି। ଯଦି ଏଥର ମଧ୍ୟ ଏଠାରୁ ପ୍ରଧାନମନ୍ତ୍ରୀ ହୁଅନ୍ତି ତେବେ ସେ ଖୁସି ହେବେ ବୋଲି କହିଥିଲେ। ତେବେ ନିର୍ବାଚନରେ ଅଖିଳେଶ ଓ ମାୟାବତୀ ଲଢ଼ିବେ କି ନାହିଁ ତାହା ସ୍ପଷ୍ଟ କରି ନ ଥିଲେ।

ଅନ୍ୟପକ୍ଷରେ ଭାଜପା କହିଛି, ଦୁଇ ଦଳ ଦେଶ କିମ୍ବା ଉତ୍ତରପ୍ରଦେଶର ବିକାଶ ପାଇଁ ଏକାଠି ହୋଇନାହାନ୍ତି, ସେମାନେ ନିଜକୁ ବଞ୍ଚାଇବା ଲାଗି ମେଣ୍ଟ କରିଛନ୍ତି। ସେମାନେ ଏକାକୀ ମୋଦିଙ୍କ ବିରୋଧରେ ଲଢ଼ିପାରିବେ ନାହିଁ ଜାଣିଛନ୍ତି। ଏହା ସେମାନଙ୍କୁ ମେଣ୍ଟ କରିବା ଲାଗି ବାଧ୍ୟ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ୨୬ରୁ ଟଙ୍କା...

ଅର୍ଥ ପ୍ରଦାନ କରାଯିବ। ଯେଉଁମାନେ କାଳିଆ ଯୋଜନା ପାଇଁ ଆବେଦନ କରିଛନ୍ତି ସେମାନଙ୍କ ଆବେଦନପତ୍ର ଯାଞ୍ଚ କରାଯିବା ପରେ ସହାୟତା ଯୋଗାଇ ଦିଆଯିବ ।

ଏଠାରେ ସୂଚନାଯୋଗ୍ୟ ଯେ ୨୦୧୮ ଡିସେମ୍ବର ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷ ଓ ଚାଷୀମାନଙ୍କର ବିକାଶ ପାଇଁ କାଳିଆ ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ୩୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସାମିଲ କରାଯିବ। ଏମାନଙ୍କୁ ଆର୍ଥିକ, ଜୀବିକାଧାରଣ, କୃଷି ସହାୟତା, ବୀମା ସହାୟତା ଦେବା ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ ବୋଲି କୁହାଯାଇଛି। ଏଥିପାଇଁ ଆସନ୍ତା ୩ ବର୍ଷରେ ୧୦ ହଜାର ୧୮୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ପ୍ରତ୍ୟେକ ବର୍ଷ ଖରିଫ ଓ ରବି ଋତୁ ପାଇଁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ୨୦୧୮-୧୯ରୁ ୨୦୨୧-୨୨ ଯାଏ ୫ଟି ଫସଲ ଋତୁ ପାଇଁ ସହାୟତା ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ) ଠାରେ ଖୋଲାଯାଇଥିବା କାଳିଆ କଲ୍ ସେଣ୍ଟରକୁ ଶନିବାର ପରିଦର୍ଶନରେ ଯାଇଥିଲେ। କଲ୍ ସେଣ୍ଟର କିଭଳି କାର୍ଯ୍ୟ କରୁଛି ତାହା ତଦାରଖ କରିଥିଲେ। ସେଠାରେ ସେ କେତେକ ଚାଷୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେମାନଙ୍କର କେତେକ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ। ଚାଷୀମାନଙ୍କ ସହ ଆଲୋଚନା କରି ସାରିବା ପରେ କଲ୍ ସେଣ୍ଟର ଦିନରାତି ୨୪ ଘଣ୍ଟା ଖୋଲା ରହିବ ବୋଲି ଘୋଷଣା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଚାଷୀମାନଙ୍କୁ କାଳିଆ ଯୋଜନା ବିଷୟରେ ଅବଗତ କରାଇବା ପାଇଁ ରାଜ୍ୟ ସରକାର କଲ୍ ସେଣ୍ଟର ଆରମ୍ଭ କରିଛନ୍ତି। ଏହା ଜାନୁୟାରୀ ୫ ତାରିଖରୁ କାର୍ଯ୍ୟକାରୀ ହେଉଛି। ଯୋଜନା ସମ୍ପର୍କରେ କିମ୍ବା ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଏହି କଲ୍ ସେଣ୍ଟର ଜରିଆରେ ସମସ୍ତ ସୂଚନା ପାଇପାରିବେ।



ଓକାକ୍‌ସ୍ଥିତ 'କାଳିଆ' ସେଣ୍ଟରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କ ସହ କଥା ହେଉଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱନକ୍ଷତ୍ରସ୍ଥ ରବି ବୃଥା ବିବାଦ, ଟଣା ଓଟରା ମଧ୍ୟରେ ଆଗକୁ ଯାଇପାରିବେ ନାହିଁ। ପାରିବାରିକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ ଏବଂ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ସତ ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ପ୍ରଶାସନ, ଅଦାଲତ, ସଭା ସମିତି ଓ ବାଣିଜ୍ୟ କ୍ଷେତ୍ରରେ ଉପକୃତ ହେବେ।

**ବୃଷ** ଚନ୍ଦ୍ର ଉତ୍ତରଭାଦ୍ରପଦ୍ ନକ୍ଷତ୍ରସ୍ଥ ହୋଇ ଏକାଦଶସ୍ଥ ଯୋଗୁ ବାଣିଜ୍ୟ, ସନ୍ତାନଙ୍କ ସମସ୍ୟାକୁ ସମାଧାନ କରିବେ । ରାହୁ ଅଧିଷ୍ଠିତ ରାଶ୍ୟାଧିପ ଧନସ୍ଥାନକୁ ଦେଖୁଥିବାରୁ ବିବାଦ, ଚୋରି, ବୃଥାଟନଜନିତ ଅପବ୍ୟୟର ସୀମା ଟପିଯିବ। ଗୃହସୀମା, ଗାଡି ମୋଟର, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ମାନସିକ ଉତ୍ତେଜନା ଓ ଉଦ୍‌ବେଗ ବଢିପାରେ ।

**ମିଥୁନ** ଷଷ୍ଠାଧିପ ମଙ୍ଗଳ କର୍ମଭାବସ୍ଥ ଯୋଗୁ ଶତ୍ରୁତା, ରୋଗପୀଡା କିମ୍ବା ଋଣ ପରିଶୋଧଜନିତ ଅର୍ଥବ୍ୟୟ କରିବେ । ଆକସ୍ମିକ ଭାବରେ କେତେକ ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଶିକ୍ଷା, ପରୀକ୍ଷା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବାର ଆଶା ରହିଛି।

**କର୍କଟ** ବୁଧଗ୍ରହ ଶତ୍ରୁଭାବରେ ଅବସ୍ଥାନ କରି ଆତ୍ମୀୟ ସ୍ୱଜନଙ୍କ ସହ କଳହର କାରଣ ହୋଇପାରନ୍ତି। ଦେବଗୁରୁଙ୍କ ସୁପ୍ରଭାବରୁ ଭଲ ଚିନ୍ତା କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝି ପାରିବେ ନାହିଁ । କିନ୍ତୁ ଭାଗ୍ୟଭାବସ୍ଥ ମଙ୍ଗଳ ପ୍ରଭାବରେ ଅଟକି ରହିଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବ ।

**ସିଂହ** ବୃହସ୍ପତି କେନ୍ଦ୍ରାଧିପତି ଦୋଷଯୁକ୍ତ କାରଣରୁ ପରିବାର, ଯାତ୍ରା, ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି। କିନ୍ତୁ ଉପରିସ୍ଥ ଅଧିକାରୀଙ୍କ ଅନୁକମ୍ପାରୁ ଅଫିସରେ ସହାନୁଭୂତିର ସହ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସାହିତ୍ୟ, ଗବେଷଣା, କଳା, କ୍ରୀଡା କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିପାରେ ।

**କନ୍ୟା** ଭାଗ୍ୟସ୍ଥାନ ପ୍ରତି ଶୁଭଗ୍ରହର ଦୃଷ୍ଟି ନୂତନ କର୍ମାରମ୍ଭ ପାଇଁ ଆନୁଷଙ୍ଗିକ ଖୋରାକ ଯୋଗାଇବ। ଫଳରେ ଆପଣଙ୍କ ସହକର୍ମୀ ଅଯାଚିତ ଭାବରେ ସହଯୋଗର ହାତ ବଢାଇପାରନ୍ତି। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ତଥା ପାରିବାରିକ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଚିନ୍ତା କରିବେ । ଅର୍ଥ ସମ୍ପର୍କ, ମାଙ୍ଗଳିକ କାର୍ଯ୍ୟ, ନୂତନ ବାଣିଜ୍ୟ ଦିଗରୁ ମନୋନୀତ ସୁଫଳ ପାଇବେ।

**ତୁଳା** ପ୍ରତ୍ୟେକ ଦିଗରୁ କିଛିନା କିଛି ବ୍ୟତିକ୍ରମ ରହିଥିଲେ ମଧ୍ୟ ଲକ୍ଷ୍ୟପଥର ଯାତ୍ରା ଅବ୍ୟାହତ ରହିବ। ପାରିବାରିକ ଅବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବାରେ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟବସାୟରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇପାରେ। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କ ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା** ନୂତନ ଚିନ୍ତା, ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପାରୁ ମନରେ ପ୍ରଫୁଲ୍ଲତା ଭରି ରହିବ। ଅଫିସରେ ଦୃଢ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବା ସହ ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସାହିତ୍ୟ, ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିବେ। ଅନୁରାଧା ନକ୍ଷତ୍ର ସକାଶେ କୌଣସି ଜଣାଶୁଣା ବ୍ୟକ୍ତିଙ୍କ ପ୍ରତିରୋଧ ଆଶାକୁ ପ୍ରତିହତ କରିପାରେ।

**ଧନୁ** ସତ୍ କାମରେ ବ୍ୟୟ କରିବା ସହ ବନ୍ଧୁମାନଙ୍କ ଶୁଭଚିନ୍ତକ ଭାବରେ କାମ କରିବାରେ ଆଗ୍ରହ ପ୍ରକାଶ କରିପାରନ୍ତି। କିନ୍ତୁ ଈର୍ଷାପରାୟଣ ସହକର୍ମୀଙ୍କ ପ୍ରାୟୋଜିତ ମିଥ୍ୟାଭିଯୋଗ କର୍ମକ୍ଷେତ୍ର ସକାଶେ ବାଧକ ସାଜିବ। ଆଜି ଦିନରେ ମନ ଭଲ ରହିବ ନାହିଁ । ପ୍ରତ୍ୟୁଷ ଯାତ୍ରାରେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** ବନ୍ଧୁଙ୍କ ଅନୁରାଗ ପ୍ରତି ମନରେ ଦୁର୍ବଳତା ଆସିପାରେ। ଫଳତଃ ନିଜକାମ ଛାଡି ଆଜ୍ଞାବହ ଭାବରେ ପରକାମରେ ମନଦେଇ ଘରକାମକୁ ଅଣଦେଖା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପୂର୍ବଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ। ସାମାନ୍ୟ ବଚସା ପରେ ଯାଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**କୁମ୍ଭ** ଦ୍ରୁତଗତିରେ ଗମନ କରୁଥିବା ଗ୍ରହ ଧନରାଶିରେ ଅବସ୍ଥାନ କରି ଆପଣଙ୍କୁ ଉତ୍ସାହିତ କରାଇ ଅର୍ଥଲାଭରେ ସାହାଯ୍ୟ କରିବେ । ସାମାନ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଉନ୍ନତି ପରିଲକ୍ଷିତ ହେବ । ସାମୟିକ ଭାବରେ କଚେରି ମାମଲା ବିଷୟ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** ବନ୍ଧୁଙ୍କ ଅନୁରୋଧରେ ଆନୁଷ୍ଠାନିକ କାମରେ ଖର୍ଚ୍ଚଣି ବଢିଯିବ କିନ୍ତୁ ଆଶାନୁରୂପ ସଫଳତା ପାଇବେ ନାହିଁ । ବ୍ୟବସାୟ, ପରିବହନ ଓ ଯାତ୍ରା, ଆଲୋଚନା, ବନ୍ଧୁ ମିଳନରୁ ସୁଫଳ ପାଇବେ। କୌଣସି ସହକର୍ମୀଙ୍କୁ ପ୍ରତୀକ୍ଷା କରି ଆଖିରୁ ପାଣି ମରିଯିବ ସିନା, ଦେଖା ପାଇବେ ନାହିଁ । ପ୍ରକାଶନ,ଏଜେନ୍ସିପ୍ ତଥା ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ପ୍ରୀତିପ୍ରଦ ରହିବ ।

ଆଜି ମାସାନ୍ତ, ପୌଷ ଶୁକ୍ଳ ସପ୍ତମୀ ରବିବାର, ଜାନୁୟାରୀ ୧୩ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବାଙ୍କ ବେଶ ଓ ଫୁଲ ମେଲାଣ, ଦଶମ ଶିଖ୍‌ଗୁରୁ ଗୋବିନ୍ଦ ସିଂହଙ୍କ ଜୟନ୍ତୀ । ରାଶି ନକ୍ଷତ୍ର- ଉତ୍ତରଭାଦ୍ରପଦ/ମୀନ, ଦିବା ଘ୧୧।୪୨ମି. ଗତେ, ରେବତୀ ନକ୍ଷତ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଧନୁ ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ସକାଳ ଘ୭।୫୨ମି. ଗତେ, ଘ୯।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୫ମି. ଗତେ ଘ୧୦।୩୮ମି. ମଧ୍ୟେ, ଘ୧।୨୪ମି. ଗତେ ଘ୨।୪୭ମି. ମଧ୍ୟେ ମାହେନ୍ଦ୍ରବେଳା।



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଦାରିଙ୍ଗବାଡ଼ିରେ ବାଘ ଗୁଜବ: ଭାଇରାଲ ଭିଡିଓକୁ ନେଇ ଆତଙ୍କ

**ଦାରିଙ୍ଗବାଡି,୧୨।୧(ଡି.ଏନ.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ ଦୈନିକ ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। କେହି ଦୁର୍ବୃତ୍ତ ଦାରିଙ୍ଗବାଡ଼ି ଅଞ୍ଚଳରେ ପର୍ଯ୍ୟଟକଙ୍କୁ ବାଘ ଆକ୍ରମଣ କରିଥିବା ଭିଡିଓ ସହ ଫଟୋ ସୋସିଆଲ ମିଡିଆରେ ଛାଡି ଆତଙ୍କ ସୃଷ୍ଟି କରିଛନ୍ତି। ଏନେଇ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଶୁକ୍ରବାର ସନ୍ଧ୍ୟାଠାରୁ ଏଭଳି ଖବର ପ୍ରଚାରିତ ହେବାପରେ ପୋଲିସ ଓ ବନ ବିଭାଗ ତଦନ୍ତ ଆରମ୍ଭ କରିଛନ୍ତି। ମାତ୍ର କୌଣସି ମେଡିକାଲରେ କେହି ବାଘ ଆକ୍ରମଣରେ ଚିକିତ୍ସା ହେଉ ନ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ସିମନବାଡ଼ି ବନାଞ୍ଚଳ ଅଧିକାରୀ ମାଧବଚନ୍ଦ୍ର ବେହେରା ଘଟଣାକୁ ଅସ୍ୱୀକାର କରିଛନ୍ତି। ଏନେଇ ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଏହା ମିଥ୍ୟା ଖବର। ଗୁଜବ ଯୋଗୁ ଶନିବାର ଛୁଟି ସତ୍ତ୍ୱେ ଦାରିଙ୍ଗବାଡିକୁ ପର୍ଯ୍ୟଟକ କମିଥିବା ଜଣାପଡିଛି। ଗୁଜବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

ଇକୋପାର୍କ ଯାଉଥିବା ବେଳେ ମୃତ୍ୟୁ ଆସିଲା

# ଟ୍ରାକ୍ଟର ପଛରେ ପିଟିହେଲା ସ୍କୁଟି, ୨ ମୃତ

**ଝାରସୁଗୁଡ଼ା ଅଫିସ,୧୨।୧**

ଝାରସୁଗୁଡ଼ା ବାଲିଯୋରୀ ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ସ୍କୁଟି ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ସମେତ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ଜଣକ ହେଲେ ବିଟିଏମ୍ କଲୋନୀର ସୁନ୍ଦରମ୍ ଝା (୧୭) ଏବଂ ମୃତ ଯୁବକ ହେଲେ ବଢ଼େଇମୁଣ୍ଡାର ରୀତିକ୍ କେଶରୀ (୨୦)। ଦୁର୍ଘଟଣାସ୍ଥଳରେ ସୁନ୍ଦରମ୍‌ଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଅବସ୍ଥାରେ ରିତିକ୍‌ଙ୍କୁ ବୁର୍ଲା ନିଆଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଛି। ତାଳପଟିଆ ଫାଣ୍ଡି ପୋଲିସ ଦୁର୍ଘଟଣାର ତଦନ୍ତ କରୁଛି।

ମିଳିଥିବା ସୂଚନା ମୁତାବକ, ସୁନ୍ଦରମ୍ ଝାରସୁଗୁଡ଼ା ମହିଳା କଲେଜରେ ପାଠ ପଢୁଥିଲେ। ଶନିବାର ସକାଳେ କଲେଜ ଯାଇଥିଲେ। ସେଠାରୁ ସୁନ୍ଦରମ୍ ଓ ତାଙ୍କ ପୁରୁଷ ବନ୍ଧୁ ରିତିକ୍ ଓଡି୧୫-ଜେ୧୬୦୧ନଂ ସ୍କୁଟିରେ ବାଲିଯୋରୀ ନିକଟରେ ଥିବା ଇକୋପାର୍କ ଯାଉଥିଲେ। ପାର୍କ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଟ୍ରାକ୍ଟର ପଛରେ ସ୍କୁଟି ଧକ୍କା ହୋଇଥିଲା। ଉଭୟ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରେ ପଡ଼ିଥିବା ଦେଖି ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତି ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୁନ୍ଦରମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ରିତିକ୍‌ଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ବାବଦରେ ଟାଉନଥାନାରେ ଏକ ମାମଲା ରୁଜୁ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁନ୍ଦରମ୍‌ଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ଲଗ୍ନ ଧାର୍ଯ୍ୟ, ଖୁବ୍‌ଶୀଘ୍ର ଶଙ୍ଖ ଧରିବେ ନବ

**ଝାରସୁଗୁଡ଼ା ଅଫିସ,୧୨।୧**

ବାରମ୍ବାର ଚର୍ଚ୍ଚା। ଚର୍ଚ୍ଚାକୁ ସବୁବେଳେ ଖଣ୍ଡନ। ତଥାପି ଭିତିରି ପ୍ରସ୍ତୁତି ଜାରି ରହିଛି। ଚର୍ଚ୍ଚା ଶେଷରେ ବାସ୍ତବ ହେବାକୁ ଯାଉଛି। ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ଖୁବଶୀଘ୍ର ଶଙ୍ଖ ଧରିବାକୁ ଯାଉଛନ୍ତି। ବିଜେଡିରେ ଯୋଗଦେବା ଚର୍ଚ୍ଚାକୁ ବିଧାୟକ ଦାସ ମାସକ ଭିତରେ ଦୁଇଥର ଖଣ୍ଡନ କରିସାରିଲେଣି। ଶୁକ୍ରବାର ଭୁବନେଶ୍ୱରରେ କହିଥିଲେ ୨୦୧୯ ନିର୍ବାଚନ କଂଗ୍ରେସରୁ ହିଁ ଲଢ଼ିବେ। ହେଲେ ଶନିବାର ଅପରାହ୍ନରେ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଝାରସୁଗୁଡ଼ାରେ ହୋଇଥିବା ଗୋପନ ବୈଠକ ଏବଂ ଗୁପ୍ତ ଆଲୋଚନା ବିଧାୟକଙ୍କ ଦଳବଦଳ ଚର୍ଚ୍ଚାକୁ ପୁଣି ଥରେ ଜାଗ୍ରତ କରିଛି।

ବିଜେଡିରେ ମିଶିବା ଲାଗି ବିଧାୟକଙ୍କ ଆୟୋଜନ ଆଖି ଝଲସିବା ଭଳି ହେବ ବୋଲି ତାଙ୍କ ନିକଟତମ ଲୋକ କହିଛନ୍ତି। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ସମେତ ପଡ଼ୋଶୀ ବ୍ରଜରାଜନଗର, କୁଚିଣ୍ଡା, ରେଙ୍ଗାଲି, ରେଢ଼ାଖୋଲ, ସମ୍ବଲପୁର ଓ ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀର ଦାସଙ୍କ ହଜାର ହଜାର ସମର୍ଥକ ବିଜେଡିରେ ଯୋଗଦେବାର ପ୍ରସ୍ତୁତି ଶେଷ ହୋଇଛି। ଦାୟିତ୍ୱ ବି ବଣ୍ଟା ସରିଲାଣି। ବାକି ରହିଛି ଆୟୋଜନ। କିଏ ବେଲୁନ ଫୁଙ୍କିବ, କିଏ ଗାଡ଼ି ଯୋଗାଇବ, କିଏ ସାଂସ୍କୃତିକ ଶୋଭାଯାତ୍ରା ସମ୍ଭାଳିବ, କିଏ ଖାଦ୍ୟ ପେୟରେ ଧ୍ୟାନଦେବ ସେ ଦାୟିତ୍ୱ ବଣ୍ଟା ସରିଲାଣି ବୋଲି ଖୋଦ୍ ଜଣେ କଂଗ୍ରେସ କର୍ମୀ ସୂଚନା ଦେଇଛନ୍ତି।

ଶୁକ୍ରବାର ଝାରସୁଗୁଡ଼ାର ଏକ ସରକାରୀ କୋଠାରେ ଆୟୋଜନ ହୋଇଥିଲା ଗୋପନ ବୈଠକ। ବିଧାୟକ ଦାସ ଏହାର ନେତୃତ୍ୱ ନେଉଥିଲେ। ଉପସ୍ଥିତ ଥିଲେ ଜିଲା କଂଗ୍ରେସର କେତେଜଣ ଜୋନ ସଭାପତି ଓ ଅନ୍ୟ ପଦାଧିକାରୀ। ବୈଠକରେ ବିଧାୟକ ବିଜେଡିରେ ଯୋଗଦାନ ପ୍ରକ୍ରିୟାର ପେଡ଼ି ଖୋଲିଥିଲେ। ବିଜେଡିରେ ଯୋଗଦେବା କାହାକୁ ବାଧ୍ୟନୁହେଁ ବୋଲି ସ୍ପଷ୍ଟ କରିଥିଲେ। ଜଣେ ଅଧେ କର୍ମୀ ଟିକେ କୁଣ୍ଠୁ କୁଣ୍ଠୁ ଭାବ ପ୍ରକାଶ କରିଥିଲେ। ହେଲେ ନବଙ୍କ ସାମ୍ନାରେ ସ୍ପଷ୍ଟ ବିରୋଧ କରିବାର ସାହସ ଜୁଟାଇ ପାରି ନ ଥିଲେ। ଅନ୍ୟମାନେ ନବ ଦାସ ଯେଉଁ ଦଳକୁ ଯିବେ ଆମେ ତାଙ୍କ ସହ ରହିବୁ ବୋଲି କହିଥିଲେ। ଜ୍ୟୋତିଷ ଶାସ୍ତ୍ର ଉପରେ ବିଧାୟକ ଦାସଙ୍କ ଅଖଣ୍ଡ ବିଶ୍ୱାସ ରହିଛି। ସେଥିପାଇଁ ଶୁଭ ଲଗ୍ନରେ ହିଁ ସେ ବିଜେଡିରେ ମିଶିବେ। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଝାରସୁଗୁଡ଼ା ଗସ୍ତ ଅବସରରେ ବିଧାୟକ ବିଜେଡିରେ ଯୋଗ ଦେଉଛନ୍ତି ବୋଲି ନିକଟତମ ସୂତ୍ରରୁ ଖବର ମିଳିଛି।



ନବ ଦାସ।

ସୂଚନାଯୋଗ୍ୟ, ବିଧାୟକ ଦାସଙ୍କ ଦଳବଦଳ ନେଇ ଯେଉଁ ଚର୍ଚ୍ଚା କୁହାଯାଉଛି ତାହା ବିଧାୟକ ନିଜେ ସୃଷ୍ଟି କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ପରେ ବିଧାୟକ ଦାସ ନିଜେ ବୁଲି ବୁଲି ନିଜ ସମର୍ଥକଙ୍କ ମତ ଲୋଡ଼ିଥିଲେ। ଖୋଲା ପଡ଼ିଆରେ ଏଭଳି କାର୍ଯ୍ୟକ୍ରମ କରି ସେ ନିଜେ ଦଳବଦଳର ଚର୍ଚ୍ଚାକୁ ଜନ୍ମ ଦେଇଥିଲେ। କିନ୍ତୁ ପିସିସି ସଭାପତିଙ୍କ ଝାରସୁଗୁଡ଼ା ଗସ୍ତ ସମୟରେ ପ୍ରେସ୍ ଇସ୍ତାହାର ଦେଇ ଦଳବଦଳ ଚର୍ଚ୍ଚାର ଖଣ୍ଡନ ମଧ୍ୟ କରିଥିଲେ। ଗତ କିଛିଦିନ ହେବ କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟକ୍ରମ ପ୍ରତି ଅଗ୍ରହ ପ୍ରକାଶ ନ କରିବା ପୁଣି ଥରେ ବିଧାୟକଙ୍କ ବିଜେଡି ଯୋଗଦାନ ଚର୍ଚ୍ଚାକୁ ଜନ୍ମାଇଥିଲା। ସେଥିପାଇଁ ୨୦୧୯ ନିର୍ବାଚନ କଂଗ୍ରେସରୁ ଲଢ଼ିବେ ବୋଲି ଶୁକ୍ରବାର ରାଜଧାନୀରେ ଗଣମାଧ୍ୟମକୁ କହି ବିଧାୟକ ଚର୍ଚ୍ଚାକୁ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ହେଲେ ଶନିବାର ଝାରସୁଗୁଡ଼ାରେ ଆୟୋଜିତ ଗୁପ୍ତ ବୈଠକ ପୁଣିଥରେ ବିଧାୟକଙ୍କ ଶଙ୍ଖ ଫୁଙ୍କିବା ଇଚ୍ଛାକୁ ପରିପ୍ରକାଶ କରିଛି ବୋଲି କୁହାଯାଉଛି। ଏ ନେଇ ବିଧାୟକ ଦାସଙ୍କୁ ତାଙ୍କ ମୋବାଇଲ ଫୋନ୍(ନଂ.୯୯୩୭୦୪୨୨୨୨)ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା । ହେଲେ ସେ ଫୋନ୍ ଉଠାଇ ନ ଥିଲେ। ।

ଅବକାରୀ ଟିମ୍‌କୁ ବସ୍ତିବାସିନ୍ଦାଙ୍କ ଆକ୍ରମଣ

# ଜବତ ବ୍ରାଉନ୍ ସୁଗାର ସହ ଅଭିଯୁକ୍ତଙ୍କୁ ଛଡ଼ାଇନେଲେ

**ଜଳେଶ୍ୱର,୧୨।୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ସହର ଝାଡ଼େଶ୍ୱରପୁର ବସ୍ତିରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି । କଟକ ଅବକାରୀ ଗୋଇନ୍ଦା ସ୍କ୍ୱାଡ(୨) ଶନିବାର ସକାଳେ ସେହି ବସ୍ତିରେ ଅଚାନକ ଚଢ଼ାଉ କରି ପ୍ରାୟ ୪୫୦ ଗ୍ରାମ ଓଜନର ବ୍ରାଉନ୍‌ସୁଗାର ଜବତ କରିଥିଲା ଓ ଅଭିଯୁକ୍ତ ଚାଚି ଓରଫ ମନୁଆଙ୍କୁ ଗିରଫ କରିଥିଲା। ହେଲେ ବିଭାଗୀୟ ଅଧିକାରୀମାନେ ବ୍ରାଉନସୁଗାର ଓ ଗିରଫ ଅଭିଯୁକ୍ତଙ୍କୁ ଧରି ଗାଡ଼ିକୁ ଆଣୁଥିବା ବେଳେ ବସ୍ତି ବାସିନ୍ଦାମାନେ ଏହାକୁ ବିରୋଧ କରିଥିଲେ । ସେମାନେ ସ୍କ୍ୱାଡର ଅଧିକାରୀ ଓ କର୍ମଚାରୀଙ୍କୁ ଠେଲାପେଲା କରିବା ସହ ଆକ୍ରମଣ କରି ବ୍ରାଉନସୁଗାର ଓ ଅଭିଯୁକ୍ତଙ୍କୁ ଛଡ଼ାଇ ନେଇଥିଲେ । ଶହ ଶହ ମହିଳାପୁରୁଷ ଏହି ଆକ୍ରମଣରେ ସାମିଲ ହୋଇଥିବାରୁ ସ୍କ୍ୱାଡର କର୍ମଚାରୀ ଓ ଅଧିକାରୀମାନେ ଜୀବନ ବିକଳରେ ସେଠାରୁ ଖାଲି ହାତରେ ଫେରି ଆସିଥିଲେ । ଏପରି କି ଏହି ଖବର ପାଇ ଜଳେଶ୍ୱର ଥାନା ପୋଲିସ ସେଠାରେ ପହଞ୍ଚି ଥିଲେ ମଧ୍ୟ ବସ୍ତିବାସିନ୍ଦାଙ୍କ ଉଗ୍ରରୂପ ଦେଖି ପଛଘୁଞ୍ଚା ଦେଇଥିଲା ।

ଅବକାରୀ ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ ଏହି ଘଟଣାକୁ ସ୍ୱୀକାର କରିଛନ୍ତି । ସେ କହିଛନ୍ତି, ଝାଡ଼େଶ୍ୱରପୁର ବସ୍ତିରେ ଦୀର୍ଘଦିନ ଧରି ମନୁଆ ବ୍ରାଉନ୍‌ସୁଗାର କାରବାର କରି ଆସୁଥିଲେ । ଗୋଇନ୍ଦା ସ୍କ୍ୱାଡ ଶନିବାର ସକାଳ ପ୍ରାୟ ୬ଟା ସମୟରେ ତାଙ୍କ ଘରେ ଚଢ଼ାଉ କରି ୪୫୦ ଗ୍ରାମ ଓଜନର ବ୍ରାଉନ୍‌ସୁଗାର ଜବତ କରିବା ସହ ତାଙ୍କୁ ଗିରଫ୍ କରିଥିଲା । ଯାହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା । ଜବତ ବ୍ରାଉନସୁଗାର ଓ ଅଭିଯୁକ୍ତଙ୍କୁ ଧରି ସ୍କ୍ୱାଡର ଅଧିକାରୀମାନେ ଗାଡ଼ିକୁ ନେବା ସମୟରେ ବସ୍ତିର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଓ ସେମାନଙ୍କ ପରିବାରର ସଦସ୍ୟମାନେ ଉକ୍ତ ଟିମ୍‌କୁ ଠେଲାପେଲା କରିବା ସହିତ ଆକ୍ରମଣ କରିଥିଲେ । ଏହି ସୁଯୋଗରେ ସେମାନେ ବ୍ରାଉନସୁଗାର ଓ ଅଭିଯୁକ୍ତଙ୍କୁ ଛଡାଇ ନେଇଥିଲେ । ବସ୍ତିବାସିନ୍ଦାଙ୍କ ଏପରି ଆକ୍ରମଣକୁ ସାମ୍‌ନା କରି ନ ପାରି ଉକ୍ତ ଟିମ୍ ପ୍ରାଣ ବିକଳରେ ସେଠାରୁ ପଳାଇ ଆସିଥିଲେ । ଖବରପାଇ ଜଳେଶ୍ୱର ଥାନା ଏଏସଆଇ ରମାକାନ୍ତ ସେଠୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଉତ୍ୟକ୍ତ ବସ୍ତିବାସିନ୍ଦାଙ୍କୁ ଦେଖି କୌଣସି ପଦକ୍ଷେପ ନେବା ପାଇଁ ସାହସ ଜୁଟାଇ ପାରି ନ ଥିଲେ । ଅପରପକ୍ଷେ, ଅବକାରୀ ଗୋଇନ୍ଦା ସ୍କ୍ୱାଡ ନିଜେ ବ୍ରାଉନ୍‌ସୁଗାର ଆଣି ନିରୀହ ଲୋକଙ୍କ ଘରେ ପଶି ସେମାନଙ୍କୁ ବ୍ରାଉନ୍‌ସୁଗାର ବେପାରୀ ଭାବେ ଦର୍ଶାଇ ବାଃ ବାଃ ନେଉଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିଯୋଗୁ ପ୍ରକୃତ ବ୍ରାଉନ୍‌ସୁଗାର ବେପାରୀ ଆଇନ ଆଖିରୁ ଖସିଯାଉଥିବା ସେମାନେ କହିଛନ୍ତି। ଉକ୍ତ ଘଟଣାକୁ ନେଇ ଅବକାରୀ କମିଶନର ଦେବେନ୍ଦ୍ର ମହାପାତ୍ର କହିଛନ୍ତି ଚଢ଼ାଉ ଟିମ୍ ଉପରେ ହୋଇଥିବା ଆକ୍ରମଣ ଅତି ନିନ୍ଦନୀୟ। ଆଇନ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ଦୋଷୀମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ। ଜବତ ବ୍ରାଉନସୁଗାର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧିକାରୀମାନେ କହିଛନ୍ତି । ଏହି ଚଢ଼ାଉରେ ଇନ୍ସପେକ୍ଟର ସାମଲଙ୍କ ସହିତ ଇନ୍ସପେକ୍ଟର ବୈଜୟନ୍ତୀ ପଣ୍ଡା, ଗାଲୁରାମ ସୋରେନ ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।







ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା । ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ । ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ । –ଶ୍ରୀଅରବିନ୍ଦ

# ବିରୋଧୀ ମେଣ୍ଟର ପ୍ରଭାବ



ଆକାର ପଟେଲ

ସାରା ଦେଶରେ ଭାରତୀୟ ଜନତା ପାର୍ଟି (ଭାଜପା) ବିରୋଧରେ ଯେଉଁସବୁ ମେଣ୍ଟ ଗଠନ କରାଯାଉଛି, ତା'ର ଫଳାଫଳ କ'ଣ ହେବ ? ଏହାର ଏକ ସ୍ପଷ୍ଟ ଉତ୍ତର ହେଉଛି ଯେ ୨୦୧୯ରେ ଭାଜପା ପୂର୍ବାପେକ୍ଷା କମ୍ ଆସନ ପାଇବ । ଭାରତରେ ନିର୍ବାଚନୀ ମେଣ୍ଟର ଇତିହାସରୁ ଜଣାଯାଏ, ଯେତେବେଳେ ଏକ ପ୍ରଭାବଶାଳୀ ଦଳ ମିଳିତ ବିରୋଧର ସମ୍ମୁଖୀନ ହୁଏ, ତା'ର ଆସନ ସଂଖ୍ୟା ହ୍ରାସ ପାଏ । ଏହା କଂଗ୍ରେସ କ୍ଷେତ୍ରରେ ଘଟିଥିଲା, ଯେତେବେଳେ ସ୍ୱାଧୀନତା ପରେ ପାଞ୍ଚ ଦଶନ୍ଧି ଧରି ଏହା ସବୁଠାରୁ ପ୍ରଭାବଶାଳୀ ଦଳ ଥିଲା । ଯେତେବେଳେ ବିରୋଧୀ ଦଳଗୁଡ଼ିକ ଏକଜୁଟ ହୁଅନ୍ତି, ୧୯୭୭ ଓ ୧୯୮୯ ପରି ସେମାନେ ବୃହତ୍ତମ ଦଳକୁ ମଧ୍ୟ କ୍ଷମତାଚ୍ୟୁତ କରିପାରନ୍ତି । ଆମ ଦେଶରେ ନିର୍ବାଚନୀ ତତ୍ତ୍ୱ ହେଉଛି ସେଇଆ କାରଣ ଅଧିକାଂଶ ଦଳ ଜାତିଭିତ୍ତିକ ହୋଇଥିବାରୁ ଏଠାରେ ମେଣ୍ଟ କାମ କରିଥାଏ ଏବଂ ମେଣ୍ଟଦଳକୁ ଅଧିକ ଭୋଟ ମିଳିଥାଏ । ଯେତେବେଳେ ଶାସକ ଦଳ ବିରୋଧରେ ମହାମେଣ୍ଟ ଗଠିତ ହୁଏ, ତାହା ଶାସକ ଦଳକୁ ବହୁ ଅସୁବିଧାରେ ପକାଏ । କିନ୍ତୁ ଏଥର ମେ ମାସରେ ସେପରି ହେବ ବୋଲି ମନେହେଉ ନାହିଁ ଏବଂ ବିରୋଧୀଙ୍କ ମେଣ୍ଟ ଗଠନ ସତ୍ତ୍ୱେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପୁନଃ କ୍ଷମତାକୁ ଆସିବାର ସମ୍ଭାବନା ରହିଛି । ତେବେ ଏହା ସତ ଯେ, ୨୦୧୪ ତୁଳନାରେ ଏଥର ନିର୍ବାଚନରେ ଭାଜପାକୁ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିବ । ମହାରାଷ୍ଟ୍ର, ଗୁଜରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରୁ ଭାଜପା ମୋଟ ପ୍ରାୟ ୧୦୦ ଆସନ ହରାଇବା ଆଶା କରାଯାଉଛି । ତେବେ ଏସବୁ ରାଜ୍ୟରେ ଭାଜପା ଯେତିକି ଆସନ ହରାଇବ, ସେତିକି ଆସନ ଅନ୍ୟ ରାଜ୍ୟ ଯଥା କେରଳ ଓ ପଶ୍ଚିମବଙ୍ଗ ପ୍ରଭୃତିରୁ ଭରଣା ହୋଇପାରିବ ନାହିଁ, ଯେଉଁଠୁ ଏହା ପୂର୍ବାପେକ୍ଷା ଅଧିକ ଆସନ ପାଇବାର ଆଶା ଅଛି । ଆସନ୍ତାମାସରୁ ଜନମତ ସର୍ଭେ ଆରମ୍ଭ ହୋଇଯିବା ପରେ କେଉଁଠି କ'ଣ ଘଟିବାକୁ ଯାଉଛି ଆମେ ଜାଣିପାରିବା ।

ଭାଜପା ଉପରେ ବିରୋଧୀଙ୍କ ମେଣ୍ଟ ତଥା ଅପେକ୍ଷାକୃତ ଦୁର୍ବଳ ହୋଇପଡ଼ିଥିବା ମୋଦି–ଶାହ ଯୋଡ଼ିଙ୍କ ପ୍ରଭାବ କିପରି ପଡ଼ିବ, ସେ ବିଷୟରେ ଟିକେ ଆଲୋଚନା କରିବା ଦରକାର । ଦଳ ଭିତରେ କ'ଣ ଘଟିବ ମୁଁ ସେଇ କଥା ହିଁ କହିବାକୁ ଯାଉଛି । ଅନେକ ଦୃଷ୍ଟିରୁ ଭାଜପା ହେଉଛି ସ୍ୱତନ୍ତ୍ର, କାରଣ ଏହା ଏକ ଆଦର୍ଶବାଦୀ ଦଳରୂପେ ନିଜକୁ ଦେଖେ । ସେହି ତୁଳନାରେ କଂଗ୍ରେସର ବାସ୍ତବରେ କିଛି ଆଦର୍ଶ ନାହିଁ କହିଲେ ଚଳେ । ଏହା କହିପାରେ ଯେ ଏହାର କିଛି ମୂଲ୍ୟବୋଧ ଓ ନୀତି ଅଛି, ଯଥା ଧର୍ମନିରପେକ୍ଷତା ଓ ଉଦାରବାଦ । କିନ୍ତୁ ଏହାର କୌଣସି ସ୍ଥାୟୀ ବା ନିର୍ଦ୍ଦିଷ୍ଟ ବିଶ୍ୱାସ ନାହିଁ, ଯାହାକୁ ପ୍ରକୃତ ଆଦର୍ଶ କୁହାଯାଏ । ସେହିପରି ବିଏସ୍‌ପି, ଏସ୍‌ପି, ତୃଣମୂଳ କଂଗ୍ରେସ ଓ ବିଜେଡି ପରି ଦଳଗୁଡ଼ିକର ମଧ୍ୟ ନିର୍ଦ୍ଦିଷ୍ଟ ଆଦର୍ଶ ନାହିଁ । ସମାଜବାଦୀ ପାର୍ଟି ନିଜକୁ ଲୋହିଆପନ୍ଥୀ ବୋଲି କୁହେ, କିନ୍ତୁ ଦଳର ଅନେକ କର୍ମୀ ଏପରି କି ଦଳର ନେତାମାନେ ମଧ୍ୟ ଲୋହିଆଙ୍କ ନୀତି–ଆଦର୍ଶ କ'ଣ ଥିଲା ଏବଂ ଲୋହିଆବାଦ କହିଲେ ବାସ୍ତବରେ କ'ଣ ବୁଝାଯାଏ ତାହା କହିପାରିବେ ନାହିଁ । କମ୍ୟୁନିଷ୍ଟମାନେ କହନ୍ତି, ସେମାନେ ମାର୍କ୍ସ ବା ଲେନିନ୍‌ଙ୍କ ଆଦର୍ଶ ଅନୁସରଣ କରନ୍ତି । କିନ୍ତୁ ସେମାନେ କୌଣସି ରାଜ୍ୟରେ କ୍ଷମତାରେ ଥିବାବେଳେ ଏହି ଆଦର୍ଶ କଥା ବାସ୍ତବରେ ପ୍ରକାଶ କରିପାରିବେ ନାହିଁ । କେରଳରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଏବଂ ମାର୍କ୍ସବାଦୀଙ୍କ ନେତୃତ୍ୱରେ ଏଲ୍‌ଡିଏଫ୍ ଶାସନ କରିଛି । କିନ୍ତୁ କେରଳବାସୀ ଏହି ଦୁଇ ଶାସନ ଭିତରେ କୌଣସି ପ୍ରଭେଦ ଦେଖିପାରି ନାହାନ୍ତି । ଭାଜପା ଦାବି କରୁଛି ଯେ ଏହାର ଉପଯୁକ୍ତ ଆଦର୍ଶ ଅଛି ଏବଂ ଏହି ଆଦର୍ଶର ନାମ ହିନ୍ଦୁତ୍ୱ । ଦଳ ଯଦି ଦୁର୍ବଳ ହୋଇପଡ଼େ, ଯାହା ଗତ କିଛିମାସ ଭିତରେ ଦେଖିବାକୁ ମିଳିଛି, ତେବେ କ'ଣ ହେବ ?

ଆମେ ନିମ୍ନଲେଖ୍ୟ ସମ୍ଭାବନା ଆଶା କରିପାରିବା । ପ୍ରଥମତଃ ଅନିଶ୍ଚିତତା ଦେଖାଯିବା ସମୟରେ ଆଦର୍ଶବାଦୀ ଦଳଗୁଡ଼ିକ ସେମାନଙ୍କ ମୂଳନୀତିରୁ ଓହରିଯିବାର ସମ୍ଭାବନା ଥାଏ । ଭାଜପା ଭାବୁଛି ଯେ ଏହାର ମୂଳ ସମର୍ଥକମାନେ ମନ୍ଦିର, ପ୍ରତିମୂର୍ତ୍ତି, ମୁସଲମାନ ଓ ଗୋମାତା ପ୍ରସଙ୍ଗକୁ ବୁଝନ୍ତି । ଏହି ପ୍ରସଙ୍ଗଗୁଡ଼ିକୁ ନେଇ ଦଳର ଆଭିମୁଖ୍ୟ ଦୃଷ୍ଟିରୁ ଏହା ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳଗୁଡ଼ିକଠାରୁ ଅଲଗା । ଏହି ଆଭିମୁଖ୍ୟ ହିଁ ଦଳର ନେତୃତ୍ୱକୁ ଚରମ ଆଡ଼କୁ ନେଇଯାଏ । ଦଳ ଭିତରେ ଦ୍ୱିତୀୟ ପାହାଚରେ ଥିବା ନେତାଏ ଏହି ଅନିଶ୍ଚିତତା ପରେ ସେମାନଙ୍କ ପାଇଁ ସୁଯୋଗ ଆଣିପାରେ ବୋଲି ଆଶା କରି ନିଜକୁ ସେହି ସ୍ଥିତିରେ ରଖିବାକୁ ଚେଷ୍ଟା କରିବେ । ଏ ପରିସ୍ଥିତିରେ ମୋଦି ଓ ଶାହ ଅଧିକ ସମାଲୋଚନାର ଶରବ୍ୟ ହେବେ । ଆଉ ବିକାଶ ବା ସମସ୍ତଙ୍କୁ ନେଇ ଚାଲିବାର କଥା କହିବାର ଅବକାଶ ସେମାନଙ୍କ ପାଖରେ କମ୍ ରହିବ ଏବଂ ସେମାନଙ୍କୁ ଦକ୍ଷିଣମାର୍ଗ ଆଡ଼କୁ ଢଳିବାକୁ ପଡ଼ିବ । ସେଥିପାଇଁ ୨୦୧୪ ତୁଳନାରେ ଉକ୍ତ ପ୍ରସଙ୍ଗ ଉପରେ ସେମାନେ ବେଶି ଗୁରୁତ୍ୱ ଦେଉଥିବାର ଦେଖିବାକୁ ମିଳୁନାହିଁ ।

ସେମାନଙ୍କ ଉପରେ ଏବେ ପ୍ରବଳ ଚାପ ରହିଛି ଏବଂ ପରବର୍ତ୍ତୀ କିଛିମାସ ଭିତରେ ବି ତାହା ବଳବତ୍ତର ରହିବ । ମୋଦି ଓ ଶାହ ଦକ୍ଷିଣମାର୍ଗ ଆଡ଼କୁ ଢଳିବା ପରିପ୍ରେକ୍ଷୀରେ ଗଡ଼କରୀଙ୍କ ପରି ମଧ୍ୟମମାର୍ଗୀ ଭାଜପା ନେତାଙ୍କ ପାଇଁ ସେମାନଙ୍କ ଅଣହିନ୍ଦୁତ୍ୱ ଆବେଦନକୁ ବିସ୍ତାରିତ କରିବାର ଅଧିକ ସୁଯୋଗ ମିଳିବ । ତେଣୁ ଉଭୟ ଆଡୁ ଦୁର୍ବଳତା ରହିବ । ଏହା ଦଳ ପାଇଁ ଭଲ ହେବ ବୋଲି କୁହାଯାଇପାରେ କାରଣ ଦଳ ଏବେ ଜାତୀୟସ୍ତରରେ ଏକପ୍ରକାର ଅଗଣତାନ୍ତ୍ରିକ ହୋଇପଡ଼ିଛି । ସମସ୍ତଙ୍କୁ ନେଇ ବିକାଶ ପଥରେ ଚାଲିବା ଭାଜପାର ମୂଳ ଆବେଦନ ନୁହେଁ । ତେଣୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ, ଏହି ସମୟ ଯେଉଁ ପରିବର୍ତ୍ତନ ଆଣିବ, ତାହା ଦୈନନ୍ଦିନ ଓ ବସ୍ତୁବାଦୀ ପ୍ରସଙ୍ଗ ଅପେକ୍ଷା ଧାର୍ମିକ ଓ ଜାତୀୟତାବାଦୀ ପ୍ରସଙ୍ଗରେ ଅଧିକ ଦେଖିବାକୁ ମିଳିବ । ଏବେ ମେଣ୍ଟ ଗଠନ ହୋଇସାରିଥିବାରୁ ଓ ଘୋଷଣା ହୋଇସାରିଥିବାରୁ ଆଗକୁ ଜନମତ ସର୍ଭେରୁ ଯାହା ଜଣାପଡ଼ିବ, ତାହା ଏ ଢାଞ୍ଚାକୁ ବଳବତ୍ତର କରିରଖିବ । ମୋଦିଙ୍କ ପ୍ରଭାବ ସଂକୁଚିତ ହୋଇଚାଲିବ ଏବଂ ଦକ୍ଷିଣ ଓ ଚରମ ଆଡ଼କୁ ଗତି ତ୍ୱରାନ୍ୱିତ ହେବ ।

Email: aakar.patel@gmail.com

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | | | | | | | D | | A | | 2 | |
| | 8 | | 9 | | 3 | | 6 | | 2 | | | | 7 | |
| D | | 9 | | | | | B | | | 8 | | | | |
| | 6 | 2 | | 8 | | | 5 | E | B | | | | A | |
| 1 | | | D | 5 | | | | 2 | | | 3 | | | 6 |
| C | | | A | | | | | | | 7 | 8 | | | |
| | | 1 | 2 | | | | | 8 | | 0 | | 4 | 3 | |
| | | | 6 | | | | | D | | | 9 | | 1 | 5 |
| | 9 | 0 | | 1 | D | | E | 4 | | | | C | | B |
| | | 5 | | | | | | | | | | E | | A |
| | | C | | | E | | 3 | | 1 | | 6 | | | |
| | | | 8 | | C | | | | 4 | 5 | | | | 2 |
| | 4 | 6 | 7 | 3 | | | | | | | D | | C | |
| | 0 | | B | | | | 4 | | | E | | 9 | 6 | 1 |
| | | | 0 | | | 2 | | 5 | | | C | D | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 9 | 8 | 0 | 7 | 3 | D | A | 6 | 4 | 5 | E | 1 | C | B |
| 7 | E | 4 | C | 2 | B | 3 | 0 | 1 | 6 | 9 | 8 | A | D | 5 |
| A | 3 | B | 1 | 4 | 6 | 8 | 2 | 5 | 7 | D | C | E | 9 | 0 |
| C | 1 | 5 | 8 | E | D | B | 7 | 9 | A | 0 | 3 | 4 | 2 | 6 |
| D | 0 | 6 | 5 | A | 9 | E | 4 | C | 2 | 1 | B | 3 | 8 | 7 |
| B | C | 9 | 6 | D | E | 7 | 8 | 4 | 0 | 3 | 1 | 5 | A | 2 |
| 4 | 7 | 0 | A | B | 8 | 5 | 1 | 3 | D | C | 2 | 6 | E | 9 |
| 8 | 6 | E | 3 | C | 4 | 9 | D | 2 | 5 | B | A | 7 | 0 | 1 |
| 5 | 2 | A | 7 | 9 | 1 | 6 | B | 0 | 8 | E | 4 | C | 3 | D |
| 1 | D | 3 | 2 | 5 | 0 | C | E | A | 9 | 6 | 7 | B | 4 | 8 |
| 9 | A | C | 4 | 6 | 7 | 2 | 5 | E | B | 8 | D | 0 | 1 | 3 |
| 0 | 4 | 2 | E | 8 | A | 1 | 6 | D | 3 | 7 | 5 | 9 | B | C |
| 3 | B | 7 | D | 0 | 5 | 4 | C | 8 | 1 | A | 9 | 2 | 6 | E |
| 6 | 8 | 1 | B | 3 | C | A | 9 | 7 | E | 2 | 0 | D | 5 | 4 |
| E | 5 | D | 9 | 1 | 2 | 0 | 3 | B | C | 4 | 6 | 8 | 7 | A |

ଗତକାଲିର ଉତ୍ତର

# ନିଃସଙ୍ଗ ବରିଷ୍ଠ



ପ୍ରକାଶ ତ୍ରିପାଠୀ

ନୂଆବର୍ଷ ଆରମ୍ଭରୁ ଭଲ ଖବରଟିଏ ଶୁଣିବାକୁ ମିଳିଲା । ଭୁବନେଶ୍ୱରର ଏକ ପ୍ରମୁଖ ସାମାଜିକ ସଂଗଠନ 'ବୋଉ ଫାଉଣ୍ଡେଶନ' ପକ୍ଷରୁ ଆରମ୍ଭ କରାଯାଇଛି ଏକ ଅଭିନବ ପ୍ରକଳ୍ପ ପାପା (ପ୍ୟାରେଣ୍ଟ୍ସ ଆସିଷ୍ଟାନ୍ସ, ପ୍ୟାରେଣ୍ଟ୍ସ ଆଡପ୍‌ଶନ) । ବିଭିନ୍ନ କାରଣରୁ ନିଃସଙ୍ଗ ତଥା ଏକା ଏକା ଜୀବନ ବିତାଉଥିବା ଅସହାୟ ବୟସ୍କମାନଙ୍କୁ ୨୪ ଘଣ୍ଟିଆ ସେବା ଓ ସହାୟତା ଯୋଗାଇଦେବାକୁ ସମର୍ପିତ ହେବ ଏହି ପାପା ପ୍ରକଳ୍ପ । ସାମ୍ପ୍ରତିକ ସମୟରେ ବରିଷ୍ଠମାନେ ପରିବାରରେ କ୍ରମଶଃ ଅଲୋଡ଼ା ହୋଇପଡୁଥିବାରୁ ସେମାନଙ୍କ ପାଇଁ ଏହିଭଳି କଲ୍ୟାଣମୂଳକ କାର୍ଯ୍ୟକ୍ରମ ଅପରିହାର୍ଯ୍ୟ ହୋଇପଡିଛି । ବୟସର ସାୟାହ୍ନରେ ପହଞ୍ଚି ସାରିଥିବା ପ୍ରତ୍ୟେକ ବରିଷ୍ଠ ସ୍ୱାସ୍ଥ୍ୟପୂର୍ଣ୍ଣ, ଶାନ୍ତିପୂର୍ଣ୍ଣ ତଥା ସୁଖମୟ ଭାବେ ଅବଶିଷ୍ଟ ଜୀବନ ଜିଇବାର ଅଧିକାର ରହିଛି ଓ ଏହାକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ । ନିଃସଙ୍ଗ ବରିଷ୍ଠମାନଙ୍କ ସମ୍ପର୍କରେ ଏହି ଆଲେଖ୍ୟଟିକୁ ପ୍ରସ୍ତୁତ କଲାବେଳେ ସମାନ ସାମାଜିକ ବ୍ୟବସ୍ଥା ଥିବା ଆମ ପଡୋଶୀ ରାଷ୍ଟ୍ର ଚାଇନାର ଦୁଇଟି ଚର୍ଚ୍ଚିତ ଘଟଣା ମନକୁ ଆସୁଛି । ନିଃସଙ୍ଗପଣ ତଥା ଅସହାୟତାର ଦୁଇଟି ମର୍ମସ୍ପର୍ଶୀ ଘଟଣା, ଯାହାକି ଆଧୁନିକ ବିଶ୍ୱର ପ୍ରତ୍ୟେକ ଦରଦୀ ମଣିଷକୁ କିଛି ସମୟ ଭାବିବାକୁ ବାଧ୍ୟ କରିବ ।

ପ୍ରଥମ ଘଟଣା– ଚାଇନାରୁ ପ୍ରକାଶିତ ଦୈନିକ ଖବରକାଗଜ 'ଗାଙ୍ଗ୍ ଝୁ'ର ସାନ୍ଧ୍ୟ ସଂସ୍କରଣରେ ଏକ ମର୍ମସ୍ପର୍ଶୀ ବିଜ୍ଞାପନ ଦେଖିବାକୁ ମିଳିଲା, ଯାହାର ଶୀର୍ଷକ ଥିଲା 'ପୋଷ୍ୟ ପିତା ହେବାକୁ ଇଚ୍ଛୁକ ।' ଏହି ଅଭିନବ ତଥା ଦୃଷ୍ଟି ଆକର୍ଷଣକାରୀ ବିଜ୍ଞାପନଟିକୁ ପ୍ରକାଶ କରିଥିଲେ ୭୫ ବର୍ଷ ବୟସ୍କ ହୁଆନ କି । ହୁଆନ କି ଜଣେ ଅବସରପ୍ରାପ୍ତ କର୍ମଚାରୀ ଓ ପେନ୍‌ସନ ବାବଦରେ ସରକାରଙ୍କଠାରୁ ୬୦୦୦ ୟୁଆନ୍ ପାଇଥାନ୍ତି । ଦୁଇ ଶୟନ କକ୍ଷବିଶିଷ୍ଟ ଏକ କୋଠାଘରେ ରହୁଥିବା ହୁଆନ ବିଜ୍ଞାପନରେ ଯେ କୌଣସି ସହୃଦୟ ବ୍ୟକ୍ତି ବା ଆଦର୍ଶ ପରିବାର ତାଙ୍କୁ ପୋଷ୍ୟ ପିତା ଭାବେ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ନିଃସଙ୍ଗ ଜୀବନ ଯନ୍ତ୍ରଣାରୁ ମୁକ୍ତି ପାଇବା ତଥା ଅବଶିଷ୍ଟ ଜୀବନ ଶାନ୍ତିରେ କାଟିବା ତାଙ୍କର ଲକ୍ଷ୍ୟ ଥିଲା । ପତ୍ନୀଙ୍କ ଦେହାନ୍ତ ପରେ ଏକମାତ୍ର ପୁତ୍ର ତଥା ସମ୍ପର୍କୀୟମାନେ ହୁଆନଙ୍କର ଭଲମନ୍ଦ ବୁଝିବା ତ ଦୂରର କଥା, ନିୟମିତ ସାକ୍ଷାତ ବି କରୁ ନ ଥିଲେ । ନିଜ ଘରେ କେବଳ ନିଜ ସହିତ ସମୟ ବିତାଉଥିବା ହୁଆନ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ, ଦିନକୁ ଦିନ ତାଙ୍କର ଶାରୀରିକ ସାମର୍ଥ୍ୟ ହ୍ରାସ ପାଉଥିବାରୁ ନିଜକୁ ପୋଷ୍ୟ ଭାବେ ସମର୍ପିତ ହେବାକୁ ସେ ଆଶା କରିଛନ୍ତି । ମୃତ୍ୟୁ ପରେ ତାଙ୍କ ପତ୍ନୀଙ୍କ ସମାଧି ପାର୍ଶ୍ୱରେ ତାଙ୍କର ସମାଧି କରାଯିବାକୁ ସେ ନିବେଦନ କରିଥିଲେ ।

ଦ୍ୱିତୀୟ ଘଟଣା– ଆଉ ଏକ ବିଜ୍ଞାପନ (ପୋଷ୍ଟର) କିଛି ସ୍ଥାନୀୟ ବସ୍ ଓ ଦୋକାନ ଆଗରେ ଲଗାଯାଇଥିଲା, ଯେଉଁଥିରେ କି ୮୫ ବର୍ଷର ଜଣେ ବ୍ୟକ୍ତି ହାନ୍ ଜିଚେଙ୍ଗ କେହି ଜଣେ ତାଙ୍କୁ ପୋଷ୍ୟପିତା ଭାବେ ଗ୍ରହଣ କରିବାକୁ ଆକୁଳ ନିବେଦନ କରିଥିଲେ । 'ମୋତେ ପୋଷ୍ୟ ଭାବେ ଗ୍ରହଣ କରନ୍ତୁ' ଶୀର୍ଷକ ଏହି ପୋଷ୍ଟରରେ ଉଲ୍ଲେଖ ଥିଲା ଯେ, ଏବେ ବି ସେ ସୁସ୍ଥ ଅଛନ୍ତି, ବଜାର ହାଟ କରିପାରୁଛନ୍ତି । ରୋଷେଇ କରିପାରୁଛନ୍ତି ଓ ନିଜ କାମ ନିଜେ କରି ପାରୁଛନ୍ତି । ତାଙ୍କର କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ନାହିଁ ଅବା ସେ ରୋଗାକ୍ରାନ୍ତ ବି ନୁହନ୍ତି । ଏକ ବିଜ୍ଞାନ ଗବେଷଣାଗାରରୁ ଅବସର ନେଇଥିବା ତଥା ମାସିକ ୯୫୦ ଡଲାର ପେନ୍‌ସନ ପାଉଥିବା ହାନ୍ ଜିଚେଙ୍ଗ କେବଳ ନିଃସଙ୍ଗତାରୁ ରକ୍ଷା ପାଇବା ତଥା ଭବିଷ୍ୟତର ବାର୍ଦ୍ଧକ୍ୟଜନିତ ଶାରୀରିକ–ମାନସିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ପୋଷ୍ୟପିତା ହେବାକୁ ଇଚ୍ଛା କରିଛନ୍ତି । ଯଦି କେହି ସହୃଦୟ ବ୍ୟକ୍ତି ହାନ୍‌ଙ୍କୁ ପୋଷ୍ୟପିତା ଭାବେ ଗ୍ରହଣ କରିବେ, ତେବେ ହାନ୍‌ଙ୍କ ପେନ୍‌ସନ ସହ ସମସ୍ତ ସଞ୍ଚିତ ଧନ ଉପଭୋଗ କରିବେ ବୋଲି ସେ ତାଙ୍କ ପୋଷ୍ଟରରେ ଉଲ୍ଲେଖ କରିଥିଲେ ।

ଉପରୋକ୍ତ ଦୁଇଟି ଘଟଣାରେ କୌଣସି ବରିଷ୍ଠ ମଣିଷକୁ ପୋଷ୍ୟ ଭାବେ ଗ୍ରହଣ କରିବାର ପରିକଳ୍ପନା ଆମକୁ ନୂଆ ଲାଗୁଥିଲେ ବି ସାମ୍ପ୍ରତିକ ସମୟର ଏହା ଏକ ଆହ୍ୱାନ । ନିଜକୁ ଚରମ ଅସହାୟ ଓ ଅଲୋଡ଼ା ନ ଭାବିଲେ କୌଣସି ବରିଷ୍ଠ ମଣିଷ ନିଜକୁ ପୋଷ୍ୟ ଭାବେ ସମର୍ପିତ କରିବାକୁ ପ୍ରସ୍ତୁତ ହେବେ ନାହିଁ । ଉଚ୍ଚ ମୂଲ୍ୟବୋଧ ତଥା ଦୃଢ଼ ପାରିବାରିକ ବ୍ୟବସ୍ଥାସମ୍ପନ୍ନ ଚାଇନାରେ ଯଦି ଏପରି ସମସ୍ୟା ସୃଷ୍ଟି ହେଲାଣି, ତେବେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ସମ୍ପର୍କରେ କ'ଣ ବା କୁହାଯାଇପାରିବ । ଚାଇନାରେ ସରକାରୀ ସ୍ତରରେ ଏକ ସନ୍ତାନ ନୀତି ପ୍ରଣୟନ କରାଯାଇଥିବାରୁ ସେଠାରେ ବରିଷ୍ଠ ସଂଖ୍ୟା ଆପାତତଃ ବୃଦ୍ଧି ପାଇବାକୁ ଲାଗିବା ସହ ପରିବାରର କଳେବର କ୍ଷୁଦ୍ରରୁ କ୍ଷୁଦ୍ରତର ହେବାକୁ ଲାଗିଛି । ପରିବାରରେ ବରିଷ୍ଠଙ୍କ ସେବାଯତ୍ନକୁ ପୁଣ୍ୟ ଭାବେ ଗ୍ରହଣ କରୁଥିବା ଚାଇନା ପରିବାରଗୁଡିକରେ ଏକକ ସନ୍ତାନମାନେ ରୋଜଗାର ଲକ୍ଷ୍ୟରେ ପରିବାରଠାରୁ ଦୂରେଇ ଯାଉଥିବାରୁ ବରିଷ୍ଠମାନେ ନିଃସଙ୍ଗ ହୋଇଯାଉଛନ୍ତି । ଯଦି ମା–ବାପାଙ୍କ ମଧ୍ୟରୁ ଜଣେ କେହି ଆରପାରିକୁ ଚାଲିଯାଆନ୍ତି, ତେବେ ଆର ଜଣଙ୍କର ଅବସ୍ଥା ଜଟିଳ ହେବା ସ୍ୱାଭାବିକ । ପାଖରେ ଅର୍ଥର ଅଭାବ ନ ଥିଲେ ମଧ୍ୟ ଦୁଇପଦ କଥା ହେବା ପାଇଁ ବା ଅସୁସ୍ଥ ବେଳେ ହାତକୁ ପାଣି ଗ୍ଲାସ୍‌ଟିଏ ବଢାଇ ଦେବା ପାଇଁ ପାଖରେ କେହି ନାହାନ୍ତି । ଭାରତରେ ଏକକ ସନ୍ତାନ ନୀତି ପ୍ରଚଳନ ହୋଇ ନ ଥିଲେ ମଧ୍ୟ ପରିସ୍ଥିତିକୁ ପରଖି ଅନେକ ଦମ୍ପତି ଏକ ବା ଅତିବେଶିରେ ଦୁଇଟି ସନ୍ତାନଙ୍କୁ ଆପଣାଉଛନ୍ତି । ଭାରତର ଦୃଢ଼ ତଥା ଶୃଙ୍ଖଳିତ ପାରିବାରିକ ବ୍ୟବସ୍ଥା ଆଜି ଭୁଶୁଡି ଗଲାଣି । ଅତି କ୍ଷୁଦ୍ର ବା ଅଣୁ ପରିବାର ମୁଣ୍ଡ ଟେକିଲାଣି । ବିଭିନ୍ନ କାରଣ ପାଇଁ ମା–ବାପାମାନଙ୍କୁ ଏବେ ନିଜ ସନ୍ତାନମାନଙ୍କଠାରୁ ଦୂରରେ ରହିବାକୁ ପଡୁଛି । ଫଳରେ ଚାଇନା ଭଳି ଭାରତରେ ବି ବରିଷ୍ଠମାନଙ୍କ ସମସ୍ୟା ଜଟିଳ ହେବାକୁ ଲାଗିଲାଣି । ସେଥିପାଇଁ ତ ସୁପ୍ରିମ୍‌କୋର୍ଟ ବରିଷ୍ଠଙ୍କ ଦୟନୀୟ ତଥା ଅସହାୟତା ସମ୍ପର୍କରେ ଏକ ଜନସ୍ୱାର୍ଥମୂଳକ ଆବେଦନର ଶୁଣାଣି କରି ନିକଟରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । କ୍ରମଶଃ ଅଲୋଡ଼ା ହୋଇଯାଉଥିବା ବରିଷ୍ଠଙ୍କ କଲ୍ୟାଣ ପାଇଁ ୨୦୦୭ରେ ପ୍ରଣୟନ ହୋଇଥିବା ଆଇନର ଠିକ କାର୍ଯ୍ୟକାରିତା ଲାଗି ଭାରତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବରିଷ୍ଠମାନଙ୍କୁ ସହାୟତା ତଥା ସେମାନଙ୍କ ସୁରକ୍ଷିତ ଜୀବନ ନିର୍ବାହ ପାଇଁ ପ୍ରତି ଜିଲାରେ ଗୋଟିଏ ଲେଖାଏ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିବାକୁ ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱାରୋପ ପଛରେ ବରିଷ୍ଠମାନଙ୍କ ଅସହାୟତାର ବାସ୍ତବତା ଅନୁମାନ କରିହୁଏ ।

ନିଃସଙ୍ଗ ତଥା ଅସହାୟ ବରିଷ୍ଠମାନଙ୍କ ସହାୟତା ପାଇଁ ବିଶ୍ୱବ୍ୟାପୀ ଅନେକ ଯୋଜନା ପ୍ରସ୍ତୁତ ହେଲାଣି । କେବଳ ବୃଦ୍ଧାଶ୍ରମ ମାଧ୍ୟମରେ ସେମାନଙ୍କ ସମସ୍ୟା ସମାଧାନ ବଦଳରେ ନୂଆ ନୂଆ ପରିକଳ୍ପନାମାନ କାର୍ଯ୍ୟକ୍ଷମ ହେଲାଣି । ଯେପରି ସୁଇଜରଲାଣ୍ଡ ଓ ଅନ୍ୟ କେତେକ ୟୁରୋପୀୟ ରାଷ୍ଟ୍ରରେ ଆରମ୍ଭ ହୋଇଥିବା ସମୟ ବ୍ୟାଙ୍କ ଯୋଜନା । ବୟସ ଥିବା ସମୟରେ ମହିଳା ଓ ପୁରୁଷମାନେ ନିଜର ଅବସର ସମୟରେ ନିଃସଙ୍ଗ ତଥା ଅସହାୟ ବୃଦ୍ଧାବୃଦ୍ଧଙ୍କ ସେବା–ଯତ୍ନ କରୁଛନ୍ତି । ସେମାନଙ୍କ ଘରକୁ ଯାଇ ସେମାନଙ୍କ ସହ ଆଳାପ–ଆଲୋଚନା ମାଧ୍ୟମରେ ସମୟ ଅତିବାହିତ କରିବା, ସେମାନଙ୍କ ମନପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ସେମାନଙ୍କୁ ଖୁଆଇବା, ଦେହ ଅସୁସ୍ଥ ହେଲେ ଡାକ୍ତରଙ୍କ ପାଖକୁ ନେଇ ଚିକିତ୍ସା କରାଇବା ସହ ସେମାନଙ୍କ ସେବାଯତ୍ନ କରିବା, ଆମୋଦ ପ୍ରମୋଦ ପାଇଁ ବିଭିନ୍ନ ସ୍ଥାନ ବୁଲାଇବା ଆଦି ସେବା ପ୍ରଦାନ କରୁଛନ୍ତି । ଜଣେ ବ୍ୟକ୍ତି ଯେତିକି ସମୟ ଏହିପରି ସେବା ପ୍ରଦାନ କରିବେ, ସେତିକି ସେବା ସମୟ ତାଙ୍କର ସମୟ ବ୍ୟାଙ୍କ ଖାତାରେ ସଞ୍ଚିତ ହୋଇ ରହିବ । ସେବା ପ୍ରଦାନ କରୁଥିବା ଲୋକଟି ଯେତେବେଳେ ପରିଣତ ବୟସରେ ଉପନୀତ ହେବେ, ତାଙ୍କ ଜମା ଖାତାରେ ଥିବା ସେବା ସମୟ ସେ ତାଙ୍କ ଆବଶ୍ୟକତା ସମୟରେ ପାଇପାରିବେ । ଅର୍ଥାତ୍ ଅନ୍ୟ କେହି ଜଣେ ସେବାଧାରୀ ତାଙ୍କୁ ସେବା ପ୍ରଦାନ କରିବ ଓ ତାହା ପୁଣି ବିନା ମୂଲ୍ୟରେ । ଅନେକ ବେସରକାରୀ ସଙ୍ଗଠନ ସେଠାକାର ସରକାରଙ୍କ ସହଯୋଗରେ ଏହିଭଳି ଯୁଗାନ୍ତକାରୀ ଯୋଜନାମାନ କାର୍ଯ୍ୟକାରୀ କରି ବରିଷ୍ଠମାନଙ୍କୁ ସହାୟତାର ହାତ ବଢାଇ ପାରୁଛନ୍ତି ।

ବୟସ ବଢ଼ିବା ସହ ଶରୀର ଦୁର୍ବଳ ହୁଏ ଓ ଅନେକ ବାର୍ଦ୍ଧକ୍ୟଜନିତ ରୋଗ ମାଡ଼ିବସେ । ଏଭଳି ସମୟରେ ବରିଷ୍ଠଙ୍କୁ ସମୟ ଦେବା, ସେମାନଙ୍କୁ ସ୍ନେହ ଆଦର କରିବା ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା କନିଷ୍ଠମାନଙ୍କର ନୈତିକ ଦାୟିତ୍ୱ । ସେମାନଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିବା ଓ ସଫଳ କାର୍ଯ୍ୟକାରୀ କରିବା ସରକାରଙ୍କ କର୍ତ୍ତବ୍ୟ । ଏ ବୟସରେ ଅର୍ଥ ଉପାର୍ଜନ ବରିଷ୍ଠଙ୍କ ପକ୍ଷେ ସମ୍ଭବ ହେଉ ନ ଥିବାରୁ ସରକାରଙ୍କ ପକ୍ଷରୁ କିଞ୍ଚିତ୍ ବାର୍ଦ୍ଧକ୍ୟ ଭତ୍ତା (୩୦୦/୫୦୦ଟଙ୍କା) ପ୍ରଦାନର ବ୍ୟବସ୍ଥା ବ୍ୟତୀତ ଅନ୍ୟ କିଛି ଆଖିଦୃଶିଆ ଯୋଜନା ନାହିଁ । ଉନ୍ନତ ଚିକିତ୍ସା ବିଜ୍ଞାନ ଯୋଗୁ ବରିଷ୍ଠଙ୍କ ହାରାହାରି ଆୟୁଷ ବଢ଼ିବା ସହ ସମାଜରେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି । ବର୍ତ୍ତମାନ ଦେଶରେ ତେର କୋଟିରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ରହିଥିବା ବେଳେ ୪୨୦ଟି ବୃଦ୍ଧାଶ୍ରମ କାର୍ଯ୍ୟକ୍ଷମ ହେଉଛି । ଏଥିରୁ ୩୨୫ଟି ଦେୟମୁକ୍ତ ଥିଲାବେଳେ ୯୫ଟି ଦେୟଯୁକ୍ତ । ନିଃସଙ୍ଗ ତଥା ଅସହାୟ ବରିଷ୍ଠଙ୍କ ଅବଶିଷ୍ଟ ଜୀବନକୁ ସୁରକ୍ଷିତ ତଥା ଶାନ୍ତିପ୍ରଦ କରିବା ଲକ୍ଷ୍ୟରେ ପ୍ରୋଜେକ୍ଟ ପାପା, ସମୟ ବ୍ୟାଙ୍କ, ପୋଷ୍ୟ ମାତାପିତା ଗ୍ରହଣ ଭଳି ଯୋଜନା ତଥା ପରିବାରଗୁଡିକରେ ସେମାନଙ୍କ ପ୍ରତି ସହୃଦୟତାର ସହ, ସମ୍ମାନର ସହ ଆଚରଣ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଆଗାମୀ ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସେମାନଙ୍କ ଇସ୍ତାହାରରେ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ପ୍ରସ୍ତାବମାନ ସ୍ଥାନ ପାଇବ ବୋଲି ଆଶା କରୁଛୁ ।

ମୋ–୯୪୩୭୨୩୨୪୬୩, ଇମେଲ– prakas.tripathy09@gmail.com

# ଭାରତପ୍ରେମୀ ଆମେରିକୀୟ

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଆହୁରି ଦୁଇବର୍ଷ ବାକି ରହିଛି । ହେଲେ କିଏ ଏହି ପଦବୀରେ ଆସୀନ ହେବେ ସେଥିନେଇ ଏବେଠାରୁ ଆରମ୍ଭ ହେଲାଣି ଆଲୋଚନା ଓ ଅଙ୍କକଷା । ସଦ୍ୟ ଚର୍ଚ୍ଚାକୁ ଦେଖିଲେ ଆମେରିକୀୟ କଂଗ୍ରେସରେ ପ୍ରଥମ ହିନ୍ଦୁ ତଥା ୪ ଥର ଡେମୋକ୍ରାଟ ଆଇନ ପ୍ରଣୟନକାରୀ ହେବାର ଗୌରବ ଅର୍ଜନ କରିଥିବା ତୁଳସୀ ଗାବାର୍ଡ ୨୦୨୦ ରାଷ୍ଟ୍ରପତି ଦୌଡ଼ରେ ରହିଥିବା ଘୋଷଣା କରିଛନ୍ତି । ତାଙ୍କ ଉଚ୍ଚାକାଂକ୍ଷା କେତେଦୂର ସଫଳ ହେବ ତାହା ଭିନ୍ନ କଥା ହୋଇଥିଲେ ହେଁ ଅନ୍ତର୍ଜାତୀୟ ଗଣମାଧ୍ୟମରେ ତୁଳସୀଙ୍କ ଘୋଷଣା ଚର୍ଚ୍ଚାକୁ ବେଶ୍ ଖୋରାକ ଯୋଗାଇଛି । ତୁଳସୀଙ୍କ ରାଜନୈତିକ ଓ ସାମାଜିକ ସମ୍ପୃକ୍ତି ଦେଖିଲେ ତାଙ୍କ କ୍ୟାରିୟର ଊର୍ଦ୍ଧ୍ୱମୁଖୀ ହେଉଥିବା ଲକ୍ଷ୍ୟ କରାଯାଉଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କୁ ବିରୋଧ କରୁଥିବା ତୁଳସୀ ଆସନ୍ତା ସପ୍ତାହ ମଧ୍ୟରେ ତାଙ୍କ ପ୍ରାର୍ଥିତ୍ୱ ନେଇ ଘୋଷଣା କରିବେ ବୋଲି କହିଛନ୍ତି । ଇରାକ୍ ଯୁଦ୍ଧରେ ସାମିଲ ହୋଇଥିବା ୩୭ ବର୍ଷୀୟା ତୁଳସୀ (ମାର୍ଶାଲ ଆର୍ଟ ଇନ୍‌ଷ୍ଟ୍ରକ୍ଟର ଭାବେ ଜଣାଶୁଣା), ଭାରତୀୟ ବଂଶୋଦ୍ଭବ କାଲିଫର୍ନିଆ ସିନେଟର କମଳା ହାରିସଙ୍କ ସମେତ ୧୨ ଜଣରୁ ଊର୍ଦ୍ଧ୍ୱ ଡେମୋକ୍ରାଟିକ୍ ନେତା ରାଷ୍ଟ୍ରପତି ଦୌଡ଼ରେ ଅଛନ୍ତି । ତେବେ ରାଷ୍ଟ୍ରପତି ପ୍ରାର୍ଥୀ ହୋଇ ଦେଶ ପାଇଁ ଅନେକ କିଛି କରିବାର ଉଦ୍ଦେଶ୍ୟ ରଖିଛନ୍ତି ବୋଲି ସେ ଆଗୁଆ ସୂଚନା ଦେଇଛନ୍ତି । ଆମେରିକାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି, ଆପ୍ରବାସନ କ୍ଷେତ୍ରରେ ସଂସ୍କାର, ସମସ୍ତଙ୍କ ପାଇଁ ନିର୍ମଳ ବାୟୁ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ସୁଧାର ଏବଂ ଦୁର୍ନୀତି ହଟାଇବା ଦିଗରେ ନିରନ୍ତର କାର୍ଯ୍ୟ କରୁଥିବାରୁ ରାଷ୍ଟ୍ରପତି ହେବାକୁ ଆଶା ରଖିଛନ୍ତି ବୋଲି କହିଛନ୍ତି । ସେଥିପାଇଁ ତାଙ୍କ ଅଭିଯାନରେ ସାମିଲ ହେବା ପାଇଁ ସେ ଆମେରିକାବାସୀଙ୍କୁ ଟୁଇଟ୍ କରି ଆହ୍ୱାନ ଦେଇଛନ୍ତି । ଜାନୁୟାରୀ ୧୨ରେ ତାଙ୍କ ଟୁଇଟର ହ୍ୟାଣ୍ଡଲ୍‌ରେ କୁହାଯାଇଛି, 'ଆମେରିକାର ପ୍ରଥମ ମହିଳା ରାଷ୍ଟ୍ରପତି ହେବାକୁ ଚାହୁଁଥିବା ବ୍ୟକ୍ତି ସବୁପ୍ରକାର ଆହ୍ୱାନକୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ଅଛନ୍ତି' । ରାଷ୍ଟ୍ରପତି ନିର୍ବାଚନର ଯଥେଷ୍ଟ ପୂର୍ବରୁ ତୁଳସୀଙ୍କ ଏଭଳି ଅଭିଯାନ ଆମେରିକୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି ।

ବ୍ୟକ୍ତିତ୍ୱ



ତୁଳସୀ ଗାବାର୍ଡ

ତୁଳସୀ ୧୯୮୧ ଏପ୍ରିଲ ୧୨ରେ ଆମେରିକାନ୍ ସାମୋଆର ଲେଲୋଆଲୋଆଠାରେ ଜନ୍ମଗ୍ରହଣ କରିଥିଲେ । ପିତା ମାଇକ୍ ଗାବାର୍ଡ ସାମୋଆ ଅଧିବାସୀ ହୋଇଥିବା ବେଳେ ତାଙ୍କ ମାତା କାରୋଲ ଇଣ୍ଡିଆନାର ଡେକାଟରଠାରେ ଜନ୍ମ ହୋଇଥିଲେ । ୫ ଜଣ ପିଲାଙ୍କ ଭିତରେ ତୁଳସୀ ହେଉଛନ୍ତି ୪ ନମ୍ବର ସନ୍ତାନ । ତାଙ୍କୁ ଦୁଇବର୍ଷ ହୋଇଥିବା ବେଳେ ପରିବାର ହାୱାଇକୁ ଚାଲିଯାଇଥିଲେ । ପିତା ୟୁରୋପୀୟ ବଂଶୋଦ୍ଭବ ଓ କ୍ୟାଥୋଲିକ୍ ବିଶ୍ୱାସୀ ହୋଇଥିଲେ ହେଁ ଧ୍ୟାନ ଓ କୀର୍ତ୍ତନରେ ମନ ଦେଇଥାଆନ୍ତି । ସେହିଭଳି ମାତା ୟୁରୋପୀୟ ବଂଶଜ ହୋଇଥିଲେ ମଧ୍ୟ ହିନ୍ଦୁ ରୀତିନୀତିକୁ ଆପଣାଇଥାଆନ୍ତି । ଫଳସ୍ୱରୂପ ଯୁବାବସ୍ଥାରେ ତୁଳସୀ ହିନ୍ଦୁଧର୍ମକୁ ଗ୍ରହଣ କରିଥିଲେ । ଉଭୟ ମାତାପିତା ହିନ୍ଦୁଧର୍ମ ଓ ବିଶ୍ୱାସକୁ ଭଲ ପାଉଥିବାରୁ ପବିତ୍ର ତୁଳସୀ ଗଛ ଅନୁଯାୟୀ ଝିଅର ନାମ ରଖିଛନ୍ତି । ସେଥିପାଇଁ ତୁଳସୀ ନିରାମିଷାଶୀ ହେବା ସହ ଗୌଡ଼ୀୟ ବୈଷ୍ଣବ ଚିନ୍ତାଧାରାରେ ଉଦ୍‌ବୁଦ୍ଧ । ସେ ଭଗବତ୍ ଗୀତାର ଗୁଣମୁଗ୍ଧା ପାଠିକା । ଏପରିକି ଆମେରିକାରେ ସାମ୍ବିଧାନିକ ପଦବୀରେ ଦାୟିତ୍ୱ ଗ୍ରହଣ ବେଳେ ଗୀତା ଛୁଇଁ ଶପଥ ନେଇଥାଆନ୍ତି । ଫିଲିପାଇନ୍ସସ୍ଥିତ ମିଶନାରୀ ଏକାଡେମୀରେ ଦୁଇବର୍ଷ ଛାଡ଼ିଦେଲେ ସେ ହାଇସ୍କୁଲ ପାଠ ଘରେ ରହି ପଢ଼ିଥିଲେ । ପରେ ହାୱାଇ ପାସିଫିକ୍ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଓ ଏମ୍‌ବିଏ ଡିଗ୍ରୀ ଅର୍ଜନ କରିଥିଲେ । ୨୦୦୨ରେ ଏଡୁଆର୍ଡୋ ଟାମାୟୋଙ୍କୁ ବିବାହ କରିଥିଲେ । ହେଲେ ୨୦୦୬ରେ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ୨୦୧୫ରେ ଆବ୍ରାହମ୍ ୱିଲିୟମ୍‌ଙ୍କ ସହ ବେଦପାଠ ଓ ହିନ୍ଦୁ ରୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଭାରତୀୟଙ୍କୁ ସେ ଅଧିକ ଭଲ ପାଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ନ୍ୟୁୟର୍କ ଯାଇଥିବା ବେଳେ ତୁଳସୀ ତାଙ୍କୁ ଭଗବତ୍ ଗୀତା ଉପହାର ଦେଇଥିଲେ । ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ଭୂମିକା କିଭଳି ରହିବ ତାହା ଏବେଠାରୁ କୁହାଯାଇ ନ ପାରିଲେ ମଧ୍ୟ ସେ ଜଣେ ଭାରତପ୍ରେମୀ ବୋଲି ଧରିନେବାକୁ ହେବ ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭାରତରେ ପ୍ରକୃତିକୁ ପୂଜା କରିବାର ପରମ୍ପରା କେଉଁ କାଳରୁ ଚଳିଆସୁଛି । ସେଇ ରୀତିରେ ବୃକ୍ଷକୁ ମଧ୍ୟ ପୂଜା କରାଯାଇଥାଏ । ଛତିଶଗଡର ବାଲ୍‌କୋ ବନଖଣ୍ଡ ଅଞ୍ଚଳର କୋରୱା ବ୍ଲକ୍‌ର ସତରେଙ୍ଗା ଗାଁରେ ରହିଛି ୧୪ଶହ ବର୍ଷର ଏକ ପୁରାତନ ଶାଳଗଛ । ଲୋକେ ଉକ୍ତ ଗଛକୁ ଦେବତା ଭଳି ପୂଜା କରିଥାଆନ୍ତି । ବିବାହ ତଥା ବିଭିନ୍ନ ପର୍ବପର୍ବାଣିରେ ଗଛ ନିକଟରେ ଗ୍ରାମବାସୀମାନେ ପୂଜା କରନ୍ତି । ଏହି ଗଛର ଉଚ୍ଚତା ୨୮ ମିଟର ଓ ଗୋଲେଇ ୨୮ଫୁଟ ୨ଇଞ୍ଚ । ଏହାକୁ ବନଖଣ୍ଡ କର୍ମଚାରୀମାନେ ୨୦୦୬ରେ ଚିହ୍ନଟ କରିଥିଲେ । ଏହାର ବୟସ ଜାଣିବା ପାଇଁ ଗଛର କେତେକ ନମୁନା ସଂଗ୍ରହ କରି ଡେରାଡୁନସ୍ଥିତ ବନ ଗବେଷଣା ବିଭାଗକୁ ପଠାଇଥିଲେ । ଏଥିରୁ ଜଣାପଡିଲା ଗଛଟିର ବୟସ ୧୪ଶହ ବର୍ଷରୁ ଅଧିକ ହେବ । ତେବେ ଶାଳଗଛର ଆୟୁଷ ୨ ହଜାର ବର୍ଷ ହୋଇଥାଏ ବୋଲି ଡେରାଡୁନସ୍ଥିତ ଗବେଷଣା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ଏହି ଗଛକୁ ଦେଖିବାକୁ ଦେଶବିଦେଶରୁ ଅନେକ ପର୍ଯ୍ୟଟକ ଆସୁଛନ୍ତି । ଆଉ କେତେକ ଏଠାରେ ମାନସିକ ପୂଜା ମଧ୍ୟ କରିଥାଆନ୍ତି ।

### ଚିରନ୍ତନୀ

ପଥହୀନ ଅନ୍ଧକାରେ ଏକା ସେହି ଆଲୋକ ପ୍ରତ୍ୟକ୍ଷ
ସକଳ ବିଶ୍ୱର ଯେହୁ ଏକମାତ୍ର ଚିରନ୍ତନ ଲକ୍ଷ୍ୟ ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୩ ଜାନୁୟାରୀ ୧୯୯୪

- କୋଇଲା ଖଣି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ବିସ୍ତୃତ କରିବା ଉଦ୍ଦେଶ୍ୟରେ ଏକ ମିଳିତ ୱାର୍କିଂ ଗ୍ରୁପ ଗଠନ ପାଇଁ ଭାରତ ଓ ଚାଇନା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ।
- ନିର୍ବାଚନ ସମୟରେ ଅସ୍ତ୍ରଶସ୍ତ୍ର ଧାରଣ ଏବଂ ଦେହରକ୍ଷୀ ସହ କାର ଓ ଗାଡିର ଚଳପ୍ରଚଳକୁ ନିର୍ବାଚନ କମିଶନ ନିଷିଦ୍ଧ କରିଛନ୍ତି ।

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାର ବ୍ୟବସାୟୀକରଣ

ମହାଶୟ,

ଯେଉଁ ଇଂଲିଶ ମିଡିୟମ ସ୍କୁଲଗୁଡିକ ବିନା ଏନ୍‌ଓସିରେ ଚାଲିଛି ସେହି ସ୍କୁଲରେ ପିଲାଙ୍କୁ ନ ପଢାଇବା ପାଇଁ ଶିକ୍ଷାବର୍ଷ ମଝିରେ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯିବା ଖବର ହଇଚଇ ସୃଷ୍ଟି କରିଛି । ସରକାରୀ ସ୍କୁଲରେ ଭଲ ପଢାପଢି ହେଉ ନ ଥିବାରୁ ଅଭିଭାବକ ବହୁ ଅର୍ଥ ବ୍ୟୟକରି ଇଂଲିଶ ମିଡିୟମ୍ ସ୍କୁଲରେ ପିଲାଙ୍କୁ ପଢାଉଛନ୍ତି । ଏପରି ତ ଦୁଇଦଶନ୍ଧି ଧରି ଚାଲିଛି । ଏନ୍‌ଓସି ସେମାନଙ୍କର ଅଛି କି ନାହିଁ ସରକାର କେବେ ତଦାରଖ କରିନାହାନ୍ତି, ଯାହା ପଛରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କର ସମ୍ପୃକ୍ତି ଥାଇପାରେ । ତେଣୁ ବେଧଡକ ଭାବେ ଏନ୍‌ଓସି ନ ଥିବା ଶିକ୍ଷାନୁଷ୍ଠାନ ଶୋଷଣ କରିବାରେ ଲାଗିଛନ୍ତି । ଏବେ କିନ୍ତୁ ସରକାର ଏପରି ସ୍କୁଲରେ ପଢୁଥିବା ପିଲାଙ୍କ ଭବିଷ୍ୟତ ଚିନ୍ତା କରିବା ତାତ୍ପର୍ଯ୍ୟପୂର୍ଣ୍ଣ । ସରକାର ୱେବ୍‌ସାଇଟରେ ଦୁଇଶହରୁ କିଛି ଅଧିକ ଏନ୍‌ଓସି ପାଇଥିବା ସ୍କୁଲର ନାମ ପ୍ରକାଶ କରିଛନ୍ତି କିନ୍ତୁ ବାସ୍ତବରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ସ୍କୁଲ ବେନିୟମଭାବେ ଚାଲିଛି ବୋଲି ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ । ଅଭିଭାବକଙ୍କ ମତରେ ଆଜିଯାଏ ସରକାର ଏପରି ବେଆଇନ ସ୍କୁଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ବେଳେ ଏବେ କାହିଁକି ଶିକ୍ଷାବର୍ଷ ମଝିରେ ତତ୍ପରତା ପ୍ରକାଶ କଲେ ? ସେମାନେ ଏବେ ପିଲାଙ୍କୁ କୁଆଡେ ନେବେ, କେଉଁଠି ପଢାଇବେ ? ଶିକ୍ଷା ବିଭାଗରେ ଏତେ ବିଶୃଙ୍ଖଳା ଚାଲିଥିଲେ ମଧ୍ୟ ସରକାର ଏତେ ବର୍ଷ ଧରି ଚୁପ୍ ରହିଥିଲେ । ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଏପରି ବିଶୃଙ୍ଖଳା ପାଇଁ କିଏ ଦାୟୀ ତାହା ନିର୍ଦ୍ଧାରଣ କରି ଉପଯୁକ୍ତ ଶାସ୍ତିବିଧାନ କରନ୍ତୁ ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଆରୋପ ପ୍ରତ୍ୟାରୋପ

ରାଜ୍ୟ ଓ ଦେଶ ମଧ୍ୟରେ ଆଜି ପ୍ରତି କଥାରେ ଆରୋପ ଓ ପ୍ରତ୍ୟାରୋପ ଚରମ ସୀମାରେ ପହଞ୍ଚିଛି । ଶାସକ ଓ ବିରୋଧୀ କଥା କଟାକଟି ହେଉଛନ୍ତି । ବିରୋଧର ଅର୍ଥ ନୁହେଁ ସବୁ କଥାକୁ ବିରୋଧ କରିବା । ଭଲ କଥାକୁ ବିରୋଧ ଠିକ୍ ନୁହେଁ । ଜଣେ ନିଜ ଇଚ୍ଛାରେ ପ୍ରଧାନମନ୍ତ୍ରୀ କି ମୁଖ୍ୟମନ୍ତ୍ରୀ ହୋଇଯାଉନାହିଁ । ସେଥିପାଇଁ ବିପୁଳ ଜନସମର୍ଥନ ହାସଲ କରିବାକୁ ପଡୁଛି । ଅହେତୁକ ଦର ବୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା, ଚାଷୀ ଓ ବେକାରି ଭଳି ସମସ୍ୟାର ସମାଧାନ କଥା ଚିନ୍ତା ନ କରି ଲାଞ୍ଚ ମାଧ୍ୟମରେ ଭୋଟ ହାତେଇବା ଲକ୍ଷ୍ୟରେ ଥିବା ନେତାମାନଙ୍କୁ ଠିକଣା ସମୟରେ ଜନତା ଉଚିତ ଜବାବ ଦେବେ, ଏ କଥା ଭୁଲିଯିବା ଉଚିତ ନୁହେଁ ।

ରାଜୀବ ଲୋଚନ ଧନୀ, ଶୁଣ୍ଠୁଆ, ଅର୍ଣ୍ଣପାଳ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ

**ସଂକ୍ଷେପରେ**

## ରୋଗୀ ପରିଚୟ ଦେଇ ଡାକ୍ତରଙ୍କ ଘରୁ ଲୁଟ୍

**ତେନ୍ତୁଳିଖୁଣ୍ଟି,୧୨।୧(ଡି.ଏନ.ଏ)-** ରୋଗୀ ପରିଚୟ ଦେଇ ଜଣେ ଡାକ୍ତରଙ୍କ ଘରୁ ଦୁର୍ବୃତ୍ତମାନେ ୧୦ ଭରି ସୁନା ଅଳଙ୍କାର, ୪ଟି ମୋବାଇଲ ଓ ନଗଦ ୩୯ ହଜାର ଟଙ୍କା ଲୁଟି ନେଇଛନ୍ତି। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ପ୍ରକଳ୍ପ କଲୋନୀରେ ଏହିପରି ଘଟଣା ଘଟିଛି।
ଖାତିଗୁଡା ପ୍ରକଳ୍ପ କଲୋନୀ ଥିବା ଡାକ୍ତର ପ୍ରଦୀପ୍ତ କୁମାର ପ୍ରହରାଜଙ୍କ କ୍ୱାର୍ଟସକୁ ଶୁକ୍ରବାର ରାତି ୧୧ଟାରେ ରୋଗୀଙ୍କୁ ଚିକିତ୍ସା ପାଇଁ ଆଣିଛୁ ବୋଲି କହି ୪ ଜଣ କବାଟ ବାଡେଇଥିଲେ। ପ୍ରଦୀପ୍ତ କବାଟ ଖୋଲିବା ପରେ ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ବେକରେ ଛୁରୀ ଲଗାଇ ଘର ଭିତରେ ପଶିଥିଲେ। ପରେ ଘରେ ଥିବା ଟଙ୍କା ଓ ସୁନା ଅଳଙ୍କାର ଆଣିବାକୁ କହିଥିଲେ ।
ତେନ୍ତୁଳିଖୁଣ୍ଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ସୁପରଭାଇଜର ଭାବେ କାମ କରୁଥିବା ଡାକ୍ତରଙ୍କ ସ୍ତ୍ରୀ ପ୍ରେମାଞ୍ଜଳି ପତି ସମସ୍ତ ଗହଣା ଆଣି ଦେଇଥିଲେ। ଦୁର୍ବୃତ୍ତମାନେ ଘରେ ଥିବା ୪ଟି ମୋବାଇଲ, ୧୦ ଭରି ସୁନା ଅଳଙ୍କାର , ୩୯ ହଜାର ଟଙ୍କା ଲୁଟି ନେଇଥିଲେ। ପ୍ରେମାଞ୍ଜଳିଙ୍କ କହିବା ଅନୁଯାୟୀ ୪ ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ମୁହଁରେ ମୁଖା ପିନ୍ଧି ନ ଥିବା ବେଳେ ଅନ୍ୟ ୩ ଜଣ ମୁଖା ପିନ୍ଧି ଥିଲେ ।

# ଓଡ଼ିଶା - ଛତିଶଗଡ଼ ମଧ୍ୟରେ ସମ୍ପର୍କ ନିବିଡ଼

**ନୂଆପଡା ଅଫିସ/ ଖରିଆରରୋଡ, ୧୨।୧**

■ଖଲ୍ଲାରୀ ବିଧାୟକଙ୍କୁ ସମ୍ବର୍ଦ୍ଧନା
■ଖରିଆରରୋଡରେ ଶୋଭାଯାତ୍ରା




ଯୁବ ଯାଦବ ସଂଗଠନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଓଡିଶା - ଛତିଶଗଡ ସୀମାନ୍ତରେ ରହିଛି ନୂଆପଡା ଜିଲା। ଏହି ଅଞ୍ଚଳ ବିଗତ ଦିନରେ ଛତିଶଗଡ଼ ଏବଂ ମଧ୍ୟପ୍ରଦେଶରେ ରହିଥିଲା। ଭାଷା, ସଂସ୍କୃତି ଏବଂ ପରମ୍ପରା ମଧ୍ୟରେ ପରସ୍ପର ବାନ୍ଧି ହୋଇ ରହିଛନ୍ତି। ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କ ଏବେବି ନିବିଡ ରହିଛି ବୋଲି ମତ ପ୍ରକାଶ ପାଇଛି। ଶନିବାର ସ୍ଥାନୀୟ ଖରିଆରରୋଡଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ବକ୍ତାମାନେ ଏହି ମତ ରଖିଥିଲେ। ଏଥିରେ ବିଶେଷକରି ପଡୋଶୀ ଛତିଶଗଡ ଖଲ୍ଲାରୀ ବିଧାୟକ ଦ୍ୱାରିକାଧୀସ ଯାଦବଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଶନିବାର ମଧ୍ୟାହ୍ନ ୧୨ଟାବେଳେ ଖଲ୍ଲାରୀ ନବନିର୍ବାଚିତ ଛତିଶଗଡ ବିଧାନସଭାର ବିଧାୟକ ଯାଦବଙ୍କୁ ଖରିଆରରୋଡ ଯୁବ ଯାଦବ ସଂଗଠନ ତରଫରୁ ସ୍ୱାଗତ କରାଯାଇଥିଲା। ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ସୀମାନ୍ତବର୍ତ୍ତୀ ଜୋଙ୍କ ନଦୀ ମୁଣ୍ଡରେ ସହର ମଧ୍ୟରେ ପାଛୋଟି ଆଣିଥିଲେ। ବାଣ ବାଜାରେ ସହର ପ୍ରକମ୍ପିତ ହୋଇଥିଲା। ଶେଷରେ ସ୍ଥାନୀୟ ମିନିଷ୍ଟାଡିୟମରେ ଆୟୋଜିତ ସଭାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଭରତଲାଲ ରାଉତ ସଭା ପରିଚାଳନା କରିଥିଲେ। ବିଧାୟକ ଯାଦବ ମୁଖ୍ୟ ଅତିଥି, ଜିଲା ଯାଦବ ସମାଜ ସଭାପତି ହରେରାମ କଠାର, ବିନୋଦ ଯାଦବ, ହୀରାସିଂ ଯାଦବ, ଯୌବନ ସଲମା, ନନ୍ଦଲାଲ ଯାଦବ, ଶରତ ଯାଦବ, ଜୋହନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥିବୃନ୍ଦଙ୍କୁ ଜଣ ଜଣ କରି ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ଯାଦବ ସମାଜର ଇତିହାସ, ସଂସ୍କୃତି ମହାନ ବୋଲି କହିଥିଲେ। ଏହାକୁ ଆମକୁ ଉଜ୍ଜୀବିତ କରିବାକୁ ପଡିବ। ଏକତା ଏବଂ ସଂହତି ରକ୍ଷା ଆମର କର୍ତ୍ତବ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଜଗନ୍ନାଥ ବାଗ, ଅଜୟ ବାଗ, ବୁଟି ଯାଦବଙ୍କ ସମେତ ସମସ୍ତ ଯୁବ କର୍ମକର୍ତ୍ତା ପରିଚାଳନା କରିଥିଲେ। ଏଥିରେ ସହରର ଶତାଧିକ ମହିଳା, ପୁରୁଷ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ପୁରୀ ପୋଲିସର ଏନ୍‌କାଉଣ୍ଟର: ପୋଲିସ ଗୁଳିରେ ଜିତୁ ଗୁରୁତର

**ପୁରୀ ଅଫିସ,୧୨।୧**

ପୁରୀ ପୋଲିସର ଏନ୍‌କାଉଣ୍ଟରରେ ବହୁ ଅପରାଧରେ ଅଭିଯୁକ୍ତ ଜିତୁ ଓରଫ ଜିତେନ୍ଦ୍ର ସାହୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପିପିଲି ପରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗତ ଡିସେମ୍ବର ୨୫ରେ ପାରା ଓରଫ ସଞ୍ଜୟ ବେହେରା ଗୁଳିକାଣ୍ଡ ଘଟଣାରେ ଜିତୁଙ୍କ ସମ୍ପୃକ୍ତି ଥିବା କୁମ୍ଭାରପଡା ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି। ପିପିଲି-ଜଟଣୀ ରୋଡ ବାଇମୂଳ ଛକରେ ଶନିବାର ଭୋର ସାଢେ ୪ଟା ସମୟରେ ଏନ୍‌କାଉଣ୍ଟର ହୋଇଛି। ପୋଲିସ ୨ ରାଉଣ୍ଡ ଗୁଳି, ଗୋଟିଏ ବନ୍ଧୁକ ଓ ବାଇକ୍ ଜବତ କରିଛି। ଏନେଇ ପିପିଲି ଥାନାରେ ଦଫା ୩୦୭, ୩୫୩, ୨୫/୨୭ ଆର୍ମ୍ସ ଆକ୍ଟରେ କେସ ନଂ. ୧୭/୧୯ରେ ଏକ ମାମଲା ରୁଜୁ ହୋଇଛି। ଶନିବାର ଭୋର ସମୟରେ ଜିତୁ ବାଇକ ଯୋଗେ ଖୋର୍ଦ୍ଧାରୁ ପିପିଲି ଆସୁଥିଲେ। ଖବରପାଇ କୁମ୍ଭାରପଡ଼ା ପୋଲିସ ପିପିଲି ପୋଲିସ ସହାୟତାରେ ବାଇମୂଳ ଛକରେ ଛକି ରହିଥିଲା। ପୋଲିସକୁ ଦେଖି ଜିତୁ ଖସିଯିବାକୁ ଉଦ୍ୟମ କରିବା ବେଳେ ଉଭୟପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଜିତୁ ପୋଲିସ ଉପରକୁ ଲକ୍ଷ୍ୟ କରି ପ୍ରଥମେ ଗୁଳି ଚଳାଇଥିଲେ। ପୋଲିସ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲା। ପ୍ରଥମ ଗୁଳି ଲକ୍ଷ୍ୟଚ୍ୟୁତ ହୋଇଥିବା ବେଳେ ଦ୍ୱିତୀୟ ଗୁଳି ତାଙ୍କ ଡାହାଣ ଗୋଡ଼ରେ ବାଜିଥିଲା। ଫଳରେ ପୋଲିସ ତାଙ୍କୁ କାବୁ କରିଥିଲା।

# ଫେରାର ବିଚାରାଧୀନ କଏଦୀ ଧରାପଡ଼ିଲେ

**ବାରିପଦା ଅଫିସ, ୧୨।୧**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆରଏମ ମେଡିକାଲରୁ ଗତ ଡିସେମ୍ବର ୮ ତାରିଖରେ ଫେରାର ହୋଇଥିବା ବିଚାରଧୀନ କଏଦୀ ଶନିବାର ଧରାପଡିଛନ୍ତି। ସେ ହେଲେ ବଡସାହି ବ୍ଲକ ବନ୍ତଲପଦା ଗ୍ରାମର କାହ୍ନୁଚରଣ ମାରାଣ୍ଡି। ବାରିପଦା ଟାଉନ ଥାନା ପୋଲିସ ତାଙ୍କୁ ଜଣେ ସମ୍ପର୍କୀୟଙ୍କ ଘରୁ ଶନିବାର ଗିରଫ କରିଛି। ଏନେଇ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି।
କାହ୍ନୁ ଏକ ବଳାତ୍କାର ମାମଲାରେ ଗିରଫ ହୋଇ ଗତ ୨୫ ଅଗଷ୍ଟରୁ ବାରିପଦା ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ରହିଆସୁଥିଲେ। ଗତ ଡିସେମ୍ବର ୬ ତାରିଖରେ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ ପିଆରଏମରେ ଭର୍ତ୍ତି କରାଯାଇଥିଲା। ହେଲେ ୨ ଦିନ ପରେ ସେ ଶୌଚାଳୟ ଯିବା ବାହାନାରେ ସେଠାରୁ କୌଶଳ କ୍ରମେ ଖସି ପଳାଇଥିଲେ। ସେ ବଡସାହି ଥାନା ଅଧିନ ପଲସାରେ ନିଜ ପିଉସୀଙ୍କ ଘରେ ରହୁଥିବା ସୂଚନା ପାଇବା ପରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏହି ଘଟଣାରେ କାର୍ଯ୍ୟରେ ଅବହେଳା ଦର୍ଶାଇ ଦୁଇ ଜଣ କାରାରକ୍ଷୀ ସତ୍ୟବ୍ରତ ବେହେରା ଓ ମାନସ ରଞ୍ଜନ ରାଉତଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା।


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No.: RDM-LAA-BLS-0014-2017/43806/R&DM** **Dated: 1 Dec. 2018**

No.: III-83: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ରାଇପୁର, ଥାନା- ନୀଳଗିରି, ସଂ.୯୬, ତହସିଲ-ନୀଳଗିରି, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୦୫୦, ତା୧୪।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ରାଇପୁର, ଥାନା- ନୀଳଗିରି, ସଂ.୯୬, ଜିଲ୍ଲା- ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.balasore.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ନୀଳଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରାଇପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୦.୮୭୨ | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ନୀଳଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୧୭।୦୩।୨୦୧୮

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ**
**ଅତିରିକ୍ତ ଶାସନ ସଚିବ**

**LAND SCHEDULE**
**Land Acquisition for excavation of Salandi Left Main Canal of Anandapur Barrage Project of Vill- Raipur, P.S.- Nilgiri No.- 96, Tahasil - Nilgiri, Dist.- Balasore**
**L.A. Case No. - 11/2017**

| କ୍ରମିକ ନମ୍ବର | ଖାତା ନମ୍ବର | ଜମି ମାଲିକଙ୍କ ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 16 | ଉମାକାନ୍ତ ସ, ଲକ୍ଷ୍ମୀକାନ୍ତ ସ, ପି.- ଛଟି ସ, ଜା: ଭିଣା, ବା: ନିଜଗାଁ | 184 | ଶାରଦ ଅଣଜଳ ସେଚିତ ଦୁଇ | 0.297 | 0.079 |
| 2 | 45 | ଗଙ୍ଗାଧର ସ୍ୱାଇଁ, ପିତା- କୃଷ୍ଣ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ | 159 | ଶାରଦ ଅଣଜଳ ସେଚିତ ଦୁଇ | 0.052 | 0.052 |
| | | | 160 | ଶାରଦ ଅଣଜଳ ସେଚିତ ଦୁଇ | 0.210 | 0.210 |
| 3 | 53 | ଗଦାଧର ପାତ୍ର, ପି.- ଭଗବାନ ପାତ୍ର, ଜା: ତନ୍ତି, ବା: ଛୋଟକାହ୍ନୁପୁର | 72 | ଶାରଦ ଅଣଜଳ ସେଚିତ ଦୁଇ | 0.096 | 0.020 |
| | | | 149 | ଶାରଦ ଅଣଜଳ ସେଚିତ ଦୁଇ | 0.326 | 0.015 |
| 4 | 60 | ଗୋବିନ୍ଦଚନ୍ଦ୍ର ଗିରି, ପି.- ପୁରସ୍ତମ ଗିରି, ଉଷା ଗିରି, ସ୍ୱା.- ପୁରସ୍ତମ ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ | 171 | ଶାରଦ ଅଣଜଳ ସେଚିତ ଦୁଇ | 0.067 | 0.067 |
| | | | 172 | ଶାରଦ ଅଣଜଳ ସେଚିତ ଦୁଇ | 0.064 | 0.064 |
| | | | 174 | ଶାରଦ ଅଣଜଳ ସେଚିତ ଦୁଇ | 0.173 | 0.173 |
| | | | 188 | ଶାରଦ ଅଣଜଳ ସେଚିତ ଦୁଇ | 0.054 | 0.054 |
| 5 | 63 | ଗୌରିଶଙ୍କର ବେହେରା, ପି.- ଚୈତନ୍ୟ ବେହେରା, ଜା: ତନ୍ତି, ବା: ବାଲିଓରା | 173 | ଶାରଦ ଅଣଜଳ ସେଚିତ ଦୁଇ | 0.390 | 0.371 |
| 6 | 74 | ଚତୁର୍ଭୁଜ ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସ୍ୱାଇଁ, ଖଗେନ୍ଦ୍ର ସ୍ୱାଇଁ, ବରେନ୍ଦ୍ର ସ୍ୱାଇଁ, ମହେନ୍ଦ୍ର ସ୍ୱାଇଁ, ଭାନୁମତୀ ସ୍ୱାଇଁ, ଦେବକୀ ସ୍ୱାଇଁ, କମଳା ସ୍ୱାଇଁ, ମିନତୀ ସ୍ୱାଇଁ, ପି.- ଗୋପୀନାଥ ସ୍ୱାଇଁ, ସାବିତ୍ରୀ ସ୍ୱାଇଁ, ସ୍ୱା.- ଗୋପୀନାଥ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ | 163 | ଶାରଦ ଅଣଜଳ ସେଚିତ ଦୁଇ | 0.301 | 0.138 |
| | | | 187 | ଶାରଦ ଅଣଜଳ ସେଚିତ ଦୁଇ | 0.549 | 0.549 |
| 7 | 76 | ଚୈତନ୍ୟ ବିଶ୍ୱାଳ, ସନାତନ ବିଶ୍ୱାଳ, ବନମାଳୀ ବିଶ୍ୱାଳ, ପି.- ମାର୍କଣ୍ଡ | 77 | ଶାରଦ ଅଣଜଳ ସେଚିତ ଦୁଇ | 0.119 | 0.101 |
| 8 | 77 | ଛଟି ସ, ପି.- ମାଗୁଣି ସ, ଜା: ଭିଣା, ବା: ନିଜଗାଁ | 175 | ଶାରଦ ଅଣଜଳ ସେଚିତ ଦୁଇ | 0.035 | 0.035 |
| | | | 176 | ଶାରଦ ଅଣଜଳ ସେଚିତ ଦୁଇ | 0.128 | 0.040 |
| 9 | 91 | ଜ୍ୟୋତ୍ସ୍ନାରାଣୀ ଦାଶ, ସ୍ୱା.- ରବୀନ୍ଦ୍ର ମୋହନ ଦାଶ, ଜା: ଖଣ୍ଡାୟତ, ବା: ନିଜଗାଁ | 116 | ଶାରଦ ଅଣଜଳ ସେଚିତ ଦୁଇ | 0.052 | 0.052 |
| | | | 117 | ଶାରଦ ଅଣଜଳ ସେଚିତ ଦୁଇ | 0.188 | 0.188 |
| | | | 118 | ଶାରଦ ଅଣଜଳ ସେଚିତ ଦୁଇ | 0.885 | 0.529 |
| 10 | 93 | ଦୀପ୍ତିକାନ୍ତ ବିଶ୍ୱାଳ, ରତିକାନ୍ତ ବିଶ୍ୱାଳ, ପି.- ବନମାଳୀ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ନିଜଗାଁ | 83 | ଶାରଦ ଅଣଜଳ ସେଚିତ ଦୁଇ | 0.069 | 0.069 |
| 11 | 103 | ନରେନ୍ଦ୍ର କୁମାର ପରିଡ଼ା, ପି.- କ୍ଷେତ୍ରମୋହନ ପରିଡ଼ା, ଜା: କୁମ୍ଭକାର, ବା: ବାଲିଓରା | 157/1158 | ଶାରଦ ଅଣଜଳ ସେଚିତ ଦୁଇ | 0.335 | 0.237 |
| | | | 129/1162 | ଶାରଦ ଅଣଜଳ ସେଚିତ ଦୁଇ | 0.383 | 0.383 |
| 12 | 105 | ନାରଣ ବାରିକ, ପି.- କ୍ଷେତ୍ର ବାରିକ, ଜା: ଭଣ୍ଡାରୀ, ବା: ନିଜଗାଁ | 73 | ଶାରଦ ଅଣଜଳ ସେଚିତ ଦୁଇ | 0.252 | 0.222 |
| | | | 75 | ଶାରଦ ଅଣଜଳ ସେଚିତ ଦୁଇ | 0.469 | 0.440 |
| | | | 76 | ଶାରଦ ଅଣଜଳ ସେଚିତ ଦୁଇ | 0.395 | 0.301 |
| | | | 140 | ଶାରଦ ଅଣଜଳ ସେଚିତ ଦୁଇ | 0.173 | 0.173 |
| | | | 141 | ଶାରଦ ଅଣଜଳ ସେଚିତ ଦୁଇ | 0.138 | 0.138 |
| 13 | 113 | ପ୍ରଦୀପ୍ତ କୁମାର ପ୍ରଧାନ, ରଣଜିତ କୁମାର ପ୍ରଧାନ, ପି.- ଜୟକୃଷ୍ଣ ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ | 165 | ଶାରଦ ଅଣଜଳ ସେଚିତ ଦୁଇ | 0.035 | 0.035 |
| | | | 166 | ଶାରଦ ଅଣଜଳ ସେଚିତ ଦୁଇ | 0.072 | 0.072 |
| | | | 167 | ଶାରଦ ଅଣଜଳ ସେଚିତ ଦୁଇ | 0.173 | 0.173 |
| | | | 168 | ଶାରଦ ଅଣଜଳ ସେଚିତ ଦୁଇ | 0.047 | 0.047 |
| | | | 169 | ଶାରଦ ଅଣଜଳ ସେଚିତ ଦୁଇ | 0.054 | 0.054 |
| | | | 170 | ଶାରଦ ଅଣଜଳ ସେଚିତ ଦୁଇ | 0.067 | 0.067 |
| | | | 189 | ଶାରଦ ଅଣଜଳ ସେଚିତ ଦୁଇ | 0.089 | 0.089 |
| | | | 190 | ଶାରଦ ଅଣଜଳ ସେଚିତ ଦୁଇ | 0.020 | 0.020 |
| | | | 191 | ଶାରଦ ଅଣଜଳ ସେଚିତ ଦୁଇ | 0.049 | 0.049 |
| | | | 192 | ଶାରଦ ଅଣଜଳ ସେଚିତ ଦୁଇ | 0.128 | 0.128 |
| | | | 193 | ଶାରଦ ଅଣଜଳ ସେଚିତ ଦୁଇ | 0.037 | 0.032 |
| | | | 200 | ଶାରଦ ଅଣଜଳ ସେଚିତ ଦୁଇ | 0.252 | 0.015 |
| 14 | 117 | ପାତିନ ସ୍ୱାଇଁ, ସ୍ୱା.- ଗୋପୀନାଥ ସ୍ୱାଇଁ, ଚତୁର୍ଭୁଜ ସ୍ୱାଇଁ, ଭାନୁମତୀ ସ୍ୱାଇଁ, ଦେବକୀ ସ୍ୱାଇଁ, କମଳାମଣି ସ୍ୱାଇଁ, ସୁମତୀ ସ୍ୱାଇଁ, ନାଗେନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସ୍ୱାଇଁ, ଗଜେନ୍ଦ୍ର ସ୍ୱାଇଁ, ଖଗେନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ମହେନ୍ଦ୍ର ସ୍ୱାଇଁ, ପି.- ଗୋପୀନାଥ ସ୍ୱାଇଁ, ଜା: ଖଣ୍ଡାୟତ, ବା: ବାଲିଓରା | 130 | ଶାରଦ ଅଣଜଳ ସେଚିତ ଦୁଇ | 0.680 | 0.163 |
| | | | 164 | ଶାରଦ ଅଣଜଳ ସେଚିତ ଦୁଇ | 0.175 | 0.175 |
| 15 | 120 | ପ୍ରାଣବନ୍ଧୁ ସ୍ୱାଇଁ, ପି.- ପ୍ରସାଦ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ | 158 | ଶାରଦ ଅଣଜଳ ସେଚିତ ଦୁଇ | 0.235 | 0.235 |
| 16 | 125 | ପୂର୍ଣ୍ଣେନ୍ଦୁ ଦାସ, ନିର୍ମଳେନ୍ଦୁ ଦାସ, ଶୁଭେନ୍ଦୁ ଦାସ, ବିଭୂଦତ୍ତ ଦାସ, ପି.- ଗୌରାଙ୍ଗ ଚନ୍ଦ୍ର ଦାସ, ଜା: ଖଣ୍ଡାୟତ, ବା: ବାଉଁଶ ବଣିଆ | 185 | ଶାରଦ ଅଣଜଳ ସେଚିତ ଦୁଇ | 0.455 | 0.425 |
| 17 | 149 | ବିଜୟ କୁମାର ଗିରି, ଅଜୟ କୁମାର ଗିରି, ପି.- ଗଙ୍ଗାଧର ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ | 119 | ଶାରଦ ଅଣଜଳ ସେଚିତ ଦୁଇ | 0.109 | 0.062 |
| | | | 120 | ଶାରଦ ଅଣଜଳ ସେଚିତ ଦୁଇ | 0.450 | 0.188 |
| | | | 126 | ଶାରଦ ଅଣଜଳ ସେଚିତ ଦୁଇ | 0.074 | 0.030 |
| | | | 148 | ଶାରଦ ଅଣଜଳ ସେଚିତ ଦୁଇ | 0.301 | 0.222 |
| 18 | 158 | ଭଗବାନ ସ୍ୱାଇଁ, ପି.- କୁଶ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ | 81 | ଘରବାରି | 0.222 | 0.104 |
| | | | 82 | ଘରବାରି | 0.044 | 0.044 |
| | | | 139 | ଶାରଦ ଅଣଜଳ ସେଚିତ ଦୁଇ | 0.091 | 0.091 |
| 19 | 166 | ଭଗବତୀ ବେହେରା, ସ୍ୱା.- ନାରାୟଣ ବେହେରା, ଜା: କୁବେର, ବା: ଦେଉଳିଆ, ଥାନା: ବଡ଼ସାଇ, ଜିଲ୍ଲା: ମୟୂରଭଞ୍ଜ | 117/1192 | ଶାରଦ ଅଣଜଳ ସେଚିତ ଦୁଇ | 0.099 | 0.049 |
| 20 | 180 | ମହେନ୍ଦ୍ର କୁମାର ପରିଡ଼ା, ପି.- କ୍ଷେତ୍ର ମୋହନ ପରିଡ଼ା, ଜା: ଖଣ୍ଡାୟତ, ବା: ବାଲିଓରା | 129 | ଶାରଦ ଅଣଜଳ ସେଚିତ ଦୁଇ | 0.395 | 0.395 |
| | | | 157 | ଶାରଦ ଅଣଜଳ ସେଚିତ ଦୁଇ | 0.366 | 0.079 |
| 21 | 202 | ରବୀନ୍ଦ୍ର ଲେଙ୍କା, ନାରାୟଣ ଲେଙ୍କା, ସନ୍ତୋଷ କୁମାର ଲେଙ୍କା, ପି.- ଜଗନ୍ନାଥ ଲେଙ୍କା, ଉର୍ମିଳା ଲେଙ୍କା, ସ୍ୱା.- ଜଗନ୍ନାଥ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ | 123 | ଶାରଦ ଅଣଜଳ ସେଚିତ ଦୁଇ | 0.012 | 0.012 |
| | | | 124 | ଶାରଦ ଅଣଜଳ ସେଚିତ ଦୁଇ | 0.047 | 0.047 |
| | | | 127 | ଶାରଦ ଅଣଜଳ ସେଚିତ ଦୁଇ | 0.015 | 0.015 |
| | | | 128 | ଶାରଦ ଅଣଜଳ ସେଚିତ ଦୁଇ | 0.371 | 0.366 |
| 22 | 214 | ରାମଚନ୍ଦ୍ର ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ଲକ୍ଷ୍ମଣ ପାତ୍ର, ପି.- ବନମାଳୀ ପାତ୍ର, ଜା: ପାତ୍ର ତନ୍ତି, ବା: ଛୋଟକାନପୁର | 161 | ଶାରଦ ଅଣଜଳ ସେଚିତ ଦୁଇ | 0.722 | 0.722 |
| | | | 162 | ଶାରଦ ଅଣଜଳ ସେଚିତ ଦୁଇ | 0.890 | 0.806 |
| 23 | 220 | ଲକ୍ଷ୍ମୀକାନ୍ତ ବାରିକ, ପି.- ନାରାୟଣ ବାରିକ, ଜା: ନାପିତ, ବା: ନିଜଗାଁ | 74 | ଶାରଦ ଅଣଜଳ ସେଚିତ ଦୁଇ | 0.072 | 0.072 |
| 24 | 242 | ସୁଦାମ ଜେନା, ପି.- ବାଇଧର ଜେନା, ଆଦ୍ରା ଜେନା, ସ୍ୱା.- ବାଇଧର ଜେନା, ଜା: ଖଣ୍ଡାୟତ, ବା: ବଳିଓରା | 93 | ତଇଳା | 0.099 | 0.002 |
| 25 | 248 | ସ୍ମୃତିରଞ୍ଜନ ଦାସ, ପି.- ରବୀନ୍ଦ୍ର ମୋହନ ଦାସ, ଜା: ଖଣ୍ଡାୟତ, ବା: ଆଳପୁର | 121 | ଶାରଦ ଅଣଜଳ ସେଚିତ ଦୁଇ | 0.277 | 0.277 |
| | | | 122 | ଶାରଦ ଅଣଜଳ ସେଚିତ ଦୁଇ | 0.025 | 0.025 |
| | | | 125 | ଶାରଦ ଅଣଜଳ ସେଚିତ ଦୁଇ | 0.178 | 0.178 |
| | | | 142 | ଶାରଦ ଅଣଜଳ ସେଚିତ ଦୁଇ | 0.114 | 0.114 |
| | | | 143 | ଶାରଦ ଅଣଜଳ ସେଚିତ ଦୁଇ | 0.205 | 0.064 |
| 26 | 253 | ସୋମା ସ୍ୱାଇଁ, ସ୍ୱା.- ଜଗବନ୍ଧୁ ସ୍ୱାଇଁ, ଜା: ଖଣ୍ଡାୟତ, ବା: ବଳିଓରା | 138 | ଶାରଦ ଅଣଜଳ ସେଚିତ ଦୁଇ | 0.316 | 0.049 |
| 27 | 255 | ହରିହର ପରିଡ଼ା, ପି.- ମାନଗୋବିନ୍ଦ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | 115 | ଶାରଦ ଅଣଜଳ ସେଚିତ ଦୁଇ | 0.237 | 0.054 |
| | | | 118/1145 | ଶାରଦ ଅଣଜଳ ସେଚିତ ଦୁଇ | 0.183 | 0.040 |
| 28 | 259/9 | ଶୁଭେନ୍ଦୁ ସ୍ୱାଇଁ, ପି.- ଚତୁର୍ଭୁଜ ସ୍ୱାଇଁ, ଜା: ଖଣ୍ଡାୟତ, ବା: ବାଲିଓରା | 186 | ଶାରଦ ଅଣଜଳ ସେଚିତ ଦୁଇ | 0.284 | 0.284 |
| 29 | 259/13 | ପ୍ରଭାସିନ ରାଉତ, ସ୍ୱା.- ଜାୟରାମ ରାଉତ, ଜା: ଖଣ୍ଡାୟତ, ବା: ବାଲିଓରା | 195 | ଶାରଦ ଅଣଜଳ ସେଚିତ ଦୁଇ | 0.173 | 0.002 |
| | | | | **Total** | **15.139** | **10.872** |

**N.B.: Ac.11.15 notified u/s - 11(1) has been reduced to Ac.10.872 as per withdrawal of proposal of E.E., Soro Canal Division, Soro vide Letter No. 691/WE Dt.10.04.18 and the following plots has been de-notified by R&DW Department vide Letter No. 20543 dt.05.06.18. Khata No.- 93, Plot No.- 84, 85, 84/1186 & Khata No.- 76, Plot No. - 86.**

**Sd./- Spl. Land Acquisition Officer**
**Anandapur Barrage Project, Soro, Balasore**

24001/14/0562/1819



ଗୋଳା, ବନ୍ଧୁକ ଦ୍ୱାରା ନୁହେଁ, କେବଳ ନୈତିକତା ବଳରେ ହିଁ ଶତ୍ରୁଙ୍କୁ ଜୟ କରିପାରିବା ସମ୍ଭବ।
- କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

ଅଭିନେତ୍ରୀ ନିକିତା ହତ୍ୟା ମାମଲା

### ଶାଶୁ, ଶଶୁରଙ୍କ ବିରୋଧରେ ଲଟ୍‌କା ଜାରି କଲା ପୋଲିସ

କଟକ ଅଫିସ୍, ୧୨।୧-ଅଭିନେତ୍ରୀ ନିକିତା ଓରଫ୍ ଲକ୍ଷ୍ମୀପ୍ରିୟା ବେହେରାଙ୍କୁ ହତ୍ୟା ଘଟଣାରେ ଚାଉଳିଆଗଞ୍ଜ ପୋଲିସ ତାଙ୍କ ଶାଶୁ ଏବଂ ଶଶୁରଙ୍କ ବିରୋଧରେ ଶନିବାର ଲଟ୍‌କା (ନିୟମ ଉଲ୍ଲଂଘନ ନୋଟିସ୍) ଜାରି କରିଛି। ତଦନ୍ତ ପାଇଁ ନିକିତାଙ୍କ ଶାଶୁ ଏବଂ ଶଶୁରଙ୍କୁ ଥାନାରେ ହାଜର ହେବାକୁ ପୋଲିସ ବାରମ୍ବାର ନୋଟିସ୍ ପଠାଇଥିଲେ ମଧ ସେମାନେ କୌଣସି ଉତ୍ତର ଦେଇ ନ ଥିଲେ। ନିକିତାଙ୍କ ମୃତ୍ୟୁ ପରଠାରୁ ସେମାନେ ନିଜର ଗୋପାଳପୁରସ୍ଥିତ ଘରେ ରହୁନାହାନ୍ତି। ଦୁଇ ଥର ପୋଲିସ ସେଠାକୁ ଯାଇଥିଲେ ମଧ ସେମାନଙ୍କୁ ପାଇ ନ ଥିଲା। ତେଣୁ ତାଙ୍କ ବିରୋଧରେ ପୋଲିସ ଲଟ୍‌କା ଜାରି କରିଛି ବୋଲି ଶନିବାର ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

ଗତ ୪ ତାରିଖ ରାତିରେ ନିକିତାଙ୍କୁ ତାଙ୍କ ସ୍ୱାମୀ ଲିପନ ସାହୁ ଛାତରୁ ଠେଲି ଦେଇଥିଲେ। ୫ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ନିକିତାଙ୍କ ବାପା ଗତ ୬ ତାରିଖରେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁ କରି ଲିପନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ନିର୍ବାଚନ ପାଇଁ ଘର ସଜାଡୁଛି କଂଗ୍ରେସ



- ରାହୁଲଙ୍କ ଗସ୍ତ ନେଇ ତତ୍ପରତା
- ରାଜଧାନୀରେ ହେବ ସମାବେଶ, ବୁଦ୍ଧିଜୀବୀ ସମ୍ମିଳନୀ
- ଛୋଟ ଦଳ ସହ ମେଣ୍ଟ ସମ୍ଭାବନା

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ନିଜ ପ୍ରସ୍ତୁତି ଆରମ୍ଭ କରିଛି। ରାଜ୍ୟ ନେତୃମଣ୍ଡଳୀ ବିଭିନ୍ନ ସ୍ଥାନ ବୁଲି କର୍ମୀ ସମ୍ମିଳନୀ କରିବା ସହ ସଂଗଠନ ସଜଡା ଆରମ୍ଭ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୨୫ରେ ଓଡ଼ିଶା ଆସିବେ। ତେଣୁ ତାହାକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ନିଆଯାଉଛି। ପ୍ରାଥମିକ ଭାବେ କଟକରେ ରାହୁଲଙ୍କ ସଭା ହେବ ବୋଲି ସ୍ଥିର କରାଯାଇଥିଲା। ହେଲେ ଏବେ ଉକ୍ତ ସଭା ଭୁବନେଶ୍ୱରରେ ହେବ ବୋଲି ଜଣାପଡିଛି। ରାଜଧାନୀରେ ହିଁ ରାହୁଲଙ୍କ ବୁଦ୍ଧିଜୀବୀ ସମ୍ମିଳନୀ ଏବଂ ସମାବେଶ ଅନୁଷ୍ଠିତ ହେବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଶନିବାର କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷଙ୍କ ସମାବେଶ ପାଇଁ ବରମୁଣ୍ଡା କିମ୍ବା ତମାଣ୍ଡୋ ପଡିଆ ମଧ୍ୟରୁ ଗୋଟିଏ ସ୍ଥାନ ବଛାଯିବ। ଦଳୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ବରମୁଣ୍ଡା ପଡିଆରେ କଂଗ୍ରେସ ସମାବେଶ ଆୟୋଜନର ଯଥେଷ୍ଟ ସମ୍ଭାବନା ରହିଛି। ନିରଞ୍ଜନ କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ଗସ୍ତ ନେଇ ସମସ୍ତେ ଉତ୍ସାହିତ। ରାଜ୍ୟବାସୀ ଭାଜପା-ବିଜେଡିକୁ ଆଗାମୀ ନିର୍ବାଚନରେ ଉଚିତ ଜବାବ ଦେବେ। ଓଡ଼ିଶାରେ କଂଗ୍ରେସ ସରକାର କରିବ, ଏଥିପାଇଁ ଅବଗଣନା ଆରମ୍ଭ ହୋଇଯାଇଛି। ଆଉ ୧୩୫ ଦିନ ପରେ ରାଜ୍ୟରେ କଂଗ୍ରେସ ସରକାର ଥିବ।

ସେହିପରି କଂଗ୍ରେସ ରାଜ୍ୟରେ ଏକାକୀ ନ ଲଢି କିଛି ସହଯୋଗୀଙ୍କୁ ନେଇ ଲଢିବ ବୋଲି ଜଣାପଡିଛି। ସିପିଆଇ, ସିପିଏମ୍, ଜେଏମ୍ଏମ୍ ଭଳି ଦଳ ସହ ଆଲୋଚନା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କଂଗ୍ରେସ ଦଳର କେତେକ ପୁରୁଣା କର୍ମୀ ଏସ୍‌ପି, ବିଏସ୍‌ପି ଏବଂ ଏନ୍‌ସିପି ଭଳି ଦଳ ସହ ଆସନ ବୁଝାମଣା କରିବା କଥା ମଧ ଚିନ୍ତା କରୁଛନ୍ତି। ଶନିବାର ଜାତୀୟସ୍ତରରେ ଏସ୍‌ପି-ବିଏସ୍‌ପି ମେଣ୍ଟ ହେବା ପରେ ସାମାଜିକ ନ୍ୟାୟ ଅଭିଯାନର ଆବାହକ ତଥା ପୂର୍ବତନ ପିସିସି ସମ୍ପାଦକ ଅକ୍ଷୟ ମଲ୍ଲିକ ଏହାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଦେଶରେ କିଏ ସରକାର କରିବ ତାହା ବଡ କଥା ନୁହେଁ, କେଉଁ ଦଳ ସରକାରରେ ରହିବା ଉଚିତ ନୁହେଁ, ତାହା ସ୍ପଷ୍ଟ ହୋଇଛି। ତେଣୁ ଉକ୍ତ ସାମ୍ପ୍ରଦାୟିକ ଶକ୍ତିକୁ ପରାହତ କରିବା ପାଇଁ ସମସ୍ତଙ୍କୁ ଏକଜୁଟ୍ ହେବାକୁ ପଡିବ। ଭଉଣୀ ମାୟାବତୀ ଏବଂ ଅଖିଳେଶଙ୍କ ମେଣ୍ଟ ଏକତା ଓ ଧର୍ମନିରପେକ୍ଷତାର ପ୍ରତୀକ ବୋଲି ସେ କହିଛନ୍ତି।

ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସିପିଏମ୍ ଏବଂ ଜେଏମ୍ଏମ୍‌କୁ କଂଗ୍ରେସ ଗୋଟିଏ ଲେଖାଏ ଲୋକ ସଭା ଆସନ ଛାଡିବ। ସିପିଆଇ ସହ ଏନେଇ ଆଲୋଚନା ଜାରି ରହିଛି, ହେଲେ ଆସନ ନେଇ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇପାରିନାହିଁ। ସିପିଆଇ ଆସ୍କା ଲୋକ ସଭା ଆସନ ଲଢିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଜଣାପଡିଛି। ସେହିପରି ଅବିଭକ୍ତ କୋରାପୁଟ ଜିଲା ଅନୁସୂଚିତ ଜାତି(ଏସ୍‌ସି) ବହୁଳ ହୋଇଥିବାରୁ ବିଏସ୍‌ପିକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ସମୀକ୍ଷକମାନେ କହିଛନ୍ତି। ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ପୂର୍ବରୁ ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ଏକ ସେମିନାର ଆୟୋଜନ କରାଯିବ। ଏଥିରେ ଏସ୍‌ପି, ବିଏସ୍‌ପି, ଏନ୍‌ସିପି ଏବଂ ଆମ୍ ଆଦମୀ ପାର୍ଟିର ନେତାମାନଙ୍କୁ ନିମନ୍ତ୍ରଣ କରାଯିବାର ଯୋଜନା କରାଯାଉଛି।

ଦକ୍ଷିଣ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅନୁରୋଧ କଲା କ୍ରିୟାନୁଷ୍ଠାନ କମିଟି

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ଲାଗି ଯଶୋୱନ୍ତ ସିଂ କମିଶନ ପ୍ରଦତ୍ତ ସମସ୍ତ ସର୍ତ୍ତାବଳୀ ପୂରଣ କରୁଛି। ତେଣୁ ଏଠାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଅବିଭକ୍ତ କୋରାପୁଟ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଅନୁରୋଧ କରାଯାଇଛି।

ଏହି କମିଟିରେ ଅଧ୍ୟକ୍ଷ ତଥା ଆଇନଜୀବୀ ବୀରେଶ କୁମାର ପଟ୍ଟନାୟକ ଓ ଆବାହକ ଆଇନଜୀବୀ ରବୀନ୍ଦ୍ର କୁମାର ପାତ୍ରଙ୍କ ସମେତ ଶତାଧିକ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମାନ ଦାବି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବି ଶୁଣିବା ପରେ ଏନେଇ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ନିକଟକୁ ଚିଠି ଲେଖିଥିବା କହିଛନ୍ତି। ହାଇକୋର୍ଟ ମୂଳ ବେଞ୍ଚଠାରୁ ଦୂରରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଜଷ୍ଟିସ୍ ଯଶୋୱନ୍ତ ସିଂ କମିଶନଙ୍କ ସୁପାରିସ ସହିତ ସୁପ୍ରିମକୋର୍ଟଙ୍କ ବିଭିନ୍ନ ସମୟର ନିଷ୍ପତ୍ତି ବିଷୟରେ ରାଜ୍ୟ ସରକାର ଅବଗତ ଅଛନ୍ତି। ହେଲେ ସ୍ଥାୟୀ ବେଞ୍ଚ ସୃଷ୍ଟି କରିବା ନିଷ୍ପତ୍ତି ଭାରତ ସରକାରଙ୍କର ରହିଛି। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସବୁପ୍ରକାର ଭିତ୍ତିଭୂମି ଯୋଗାଇବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି।

ଏହି ଆଲୋଚନା ସମୟରେ କୋରାପୁଟ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ଯୋଜନା ବୋର୍ଡ ସଭ୍ୟ ଈଶ୍ୱର ପାଣିଗ୍ରାହୀ, ଓକିଲ ସଂଘ ମନୋନୀତ ୨ଜଣିଆ କମିଟି ଆଇନଜୀବୀ ଶିଶିର କୁମାର ମିଶ୍ର ଓ ଅନୁପ କୁମାର ପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାକ୍ଷାତ ସମୟରେ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ଚନ୍ଦ୍ରଶେଖର ମାଝି ଏବଂ ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଏଏସ୍ ଅଧିକାରୀଙ୍କ ପଦୋନ୍ନତିରେ ମନ୍ଥରତା

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କ ପଦୋନ୍ନତିରେ ମନ୍ଥରତା ଲକ୍ଷ୍ୟ କରାଯାଇଛି। ଦେଶର ଅନ୍ୟ କେତେକ ରାଜ୍ୟରେ ୧୯୮୯ ବ୍ୟାଚ୍ ଅଧିକାରୀ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇସାରିଲେଣି। ହେଲେ ଓଡ଼ିଶାର ୧୯୮୮ ବ୍ୟାଚ୍‌ର ଅଧିକାରୀମାନେ ଏହି ପଦୋନ୍ନତି ପାଇ ନାହାନ୍ତି। ପଦୋନ୍ନତି ଅପେକ୍ଷାରେ ଥିବା ଅଧିକାରୀମାନେ ହେଉଛନ୍ତି- ସି.ଜେ. ଭେନୁଗୋପାଳ, ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ପରାଗ ଗୁପ୍ତା। ଭାରତୀୟ ପ୍ରଶାସନିକ ସେବା ବ୍ୟବସ୍ଥାର ନିୟମ ଅନୁଯାୟୀ ଜଣେ ଅଧିକାରୀ ୩୦ ବର୍ଷ ଚାକିରି କରିବା ପରେ ଶୀର୍ଷ ପଦକୁ ଉନ୍ନୀତ ହେବେ। ଓଡ଼ିଶାରେ କାର୍ଯ୍ୟରତ ଉକ୍ତ ଅଧିକାରୀମାନେ ୨୦୧୮ ଜାନୁୟାରୀରୁ ପଦୋନ୍ନତି ପାଇଁ ଉପଯୁକ୍ତ ହୋଇଛନ୍ତି, ମାତ୍ର ସେମାନଙ୍କ ପଦୋନ୍ନତି ଏଯାବତ୍ ହୋଇନାହିଁ।

୧୯୮୮ ବ୍ୟାଚ୍ ଅଧିକାରୀଙ୍କ ପଦୋନ୍ନତିରେ ଶିଥିଳତା ପ୍ରକାଶ ପାଇଛି। ୧୯୮୯ ବ୍ୟାଚ୍‌ର ଅଧିକାରୀମାନେ ମଧ ଚଳିତ ଥର ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି। ସେମାନେ ହେଉଛନ୍ତି- ପ୍ରଦୀପ କୁମାର ଜେନା ଏବଂ ଡକ୍ଟର ମୋନା ଶର୍ମା। ଏହି ବ୍ୟାଚର ଅଧିକାରୀ ବିନୋଦ କୁମାରଙ୍କ ନାଁରେ ସଂଖ୍ୟାଧିକ ଭିଜିଲାନ୍ସ ମାମଲା ଥିବାରୁ ସେ ନିଲମ୍ବିତ ହୋଇସାରିଛନ୍ତି। ସେହିପରି ୧୯୮୬ ଓ ୧୯୮୭ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀଙ୍କ ପଦୋନ୍ନତି ମଧ ଠିକ୍ ସମୟରେ ହୋଇ ନ ଥିବା ସୂତ୍ରରୁ ପ୍ରକାଶ। ଯେଉଁ ସମୟରେ ଏହି ଅଧିକାରୀମାନେ ଶୀର୍ଷ ପଦକୁ ପଦୋନ୍ନତି ପାଇବା କଥା, ତାହାର ପ୍ରାୟ ଦେଢ ବର୍ଷ ପରେ ସେମାନେ ପଦୋନ୍ନତି ପାଇଲେ। ଏହି ଅଧିକାରୀମାନେ ହେଉଛନ୍ତି- ଅସିତ୍ କୁମାର ତ୍ରିପାଠୀ, ଏଲ୍.ଏନ୍. ଗୁପ୍ତା, ସୁରେଶ ମହାପାତ୍ର, ସୁଦର୍ଶନ ପାଲ ଠାକୁର, ଜି.ଭି.ଭି. ଶର୍ମା, ଟି.କେ. ପାଣ୍ଡେ, ନିକୁଞ୍ଜ କିଶୋର ସୁନ୍ଦରାୟ, ରାଜେଶ ବର୍ମା ଏବଂ ରାଜ କୁମାର ଶର୍ମା।

ଜନୈକ ଅବସରପ୍ରାପ୍ତ ଅଧିକାରୀଙ୍କ କହିବାନୁଯାୟୀ, ଓଡ଼ିଶା କ୍ୟାଡରର ଖୁବ୍ କମ୍ ସଂଖ୍ୟକ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି, ଯାହା କାର୍ଯ୍ୟରତ ଅଧିକାରୀଙ୍କ ପଦୋନ୍ନତିକୁ ପ୍ରଭାବିତ କରୁଛି। ବରିଷ୍ଠ ଅଧିକାରୀମାନଙ୍କୁ କେନ୍ଦ୍ରକୁ ନ ପଠାଇଲେ ଏପରି ଅବସ୍ଥା ଜାରି ରହିବ। ତେବେ ଏହା ପରବର୍ତ୍ତୀ ବ୍ୟାଚ୍ ଅଧିକାରୀଙ୍କ ପଦୋନ୍ନତିକୁ ପ୍ରଭାବିତ କରିବ। ବର୍ତ୍ତମାନ ମାତ୍ର ୨୨ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ରାଜ୍ୟର ୫୧ ଜଣ ଅଧିକାରୀ ଡେପୁଟେଶନରେ ଯିବାର ନିୟମ ରହିଛି। ତେଣୁ ୧୯୮୪ରୁ ୧୯୮୭ ବ୍ୟାଚ୍‌ର ଅଧିକାରୀମାନଙ୍କୁ ଡେପୁଟେଶନରେ ନ ପଠାଇଲେ, ଏପରି ମନ୍ଥରତା ଲାଗି ରହିବ। ଅପରପକ୍ଷେ ଉନ୍ନୟନ କମିଶନର ଭାବେ କାର୍ଯ୍ୟରତ ଅସିତ କୁମାର ତ୍ରିପାଠୀଙ୍କ ନିକଟରେ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ରହିଛି। ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ତେଣୁ ଗୃହ ବିଭାଗ ଦାୟିତ୍ୱ ଜଣେ ଅଧିକାରୀଙ୍କୁ ପୂର୍ଣ୍ଣକାଳୀନ ଭାବେ ମିଳିବା କଥା ବୋଲି ପ୍ରଶାସନିକ ସମୀକ୍ଷକମାନେ ମତ ରଖିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଲେଖ ଅବଧୂତ,**
**ମାରେ ଠେଙ୍ଗା, ଭାଗେ ଭୂତ ।**

କଥାରେ ଅଛି ମାଡ଼କୁ ମହାଦେବଙ୍କ ଡର। ଦୁଷ୍ଟ ପ୍ରକୃତିର ବ୍ୟକ୍ତିଙ୍କ ପାଇଁ ମାଡ଼ଠାରୁ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ କିଛି ନାହିଁ। ମାଡ଼ ଭୟରେ ଦୁଷ୍ଟ ପ୍ରକୃତିର ବ୍ୟକ୍ତି ଠିକ୍ ବାଟକୁ ଆସିଯାଇଥାନ୍ତି। ଠେଙ୍ଗା ଓ ମୂଷଳ ଭୟରେ ସବୁ କାମ ସିଦ୍ଧ ହୁଏ ତଥା ଖଳ ପ୍ରକୃତିର ବ୍ୟକ୍ତି ନତମସ୍ତକ ହେବାକୁ ବାଧ୍ୟ ହୋଇଥାଏ ।

**ଅନେକ ମାଛ ଯଦି ପାଏ**
**ବିଲେଇ କଣ୍ଟାବାଛି ଖାଏ ।**

ଭୋକରେ ଆଉଟୁ ପାଉଟୁ ହେଉଥିବା ବ୍ୟକ୍ତି ଯେତେବେଳେ ଯାହାପାଏ ତାକୁ ସାଦରେ ଗ୍ରହଣ କରିନିଏ। କ୍ଷୁଧାତୁର ପ୍ରାଣୀ ଆହାରେ ଭଲମନ୍ଦ ବିଚାରେ ନାହିଁ। ବାସ୍ ଆକୁଳରେ ଖାଇଯାଏ। ତେବେ ଆବଶ୍ୟକତା ଠାରୁ ଯଦି ଅଧିକ ମିଳିଯାଏ ତା'ହେଲେ ସେ ନିଜ ପସନ୍ଦ, ରୁଚି ପ୍ରତି ଅଧିକ ଧ୍ୟାନ ଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୨୨ରୁ କଟକରେ ଜାତୀୟ ଲ ଟ୍ରିବ୍ୟୁନାଲର କାର୍ଯ୍ୟାରମ୍ଭ

- ଓକିଲ, ମହକିଲ କଲିକତା ଦୌଡ଼ିବେନି

କଟକ ଅଫିସ,୧୨।୧

| | | | ୯୩୦ | ଶାରଦ ଦୁଇ | ୦.୩୪୦ | ୦.୩୪୦ | |
| | | | ୯୧୨ | ଶାରଦ ଏକ | ୦.୧୧୦ | ୦.୦୫୦ | |
| | | ୧୨୨ | ୮୩୬ | ଶାରଦ ଦୁଇ | ୦.୨୦୦ | ୦.୨୦୦ | ସନାତନ ଦେହୁରୀ, ପି: ଲକ୍ଷ୍ମଣ ଦେହୁରୀ, ଜା: କେଉଟ, ବା: ନିଜଗାଁ |
| | | | ୮୩୫ | ଶାରଦ ଦୁଇ | ୦.୧୦୦ | ୦.୧୦୦ | |
| | | | ୮୨୯ | ଶାରଦ ଦୁଇ | ୦.୭୧୦ | ୦.୦୪୦ | |
| | | ୧୨୯ | ୯୦୬/୨୪୪୩ | ତଇଳା ଦୁଇ | ୦.୪୦୦ | ୦.୧୭୦ | ହରିହର ବେହେରା, ପି: ଚକ୍ରଧର ବେହେରା, ଜା ; ଚଷା, ବା: ନିଜଗାଁ |
| | | ୧୩୧/୧ | ୯୨୮ | ଶାରଦ ଦୁଇ | ୦.୩୮୦ | ୦.୩୮୦ | ଦୋଳଗୋବିନ୍ଦ ବେହେରା, ରବି ବେହେରା, ବିଦେଶୀ ବେହେରା, ପି: ଅର୍ଜୁନ ବେହେରା, ବା: ନିଜଗାଁ |
| | | ୧୩୧/୪୧ | ୮୧୭/୨୪୮୫ | ତଇଳା ଦୁଇ | ୦.୨୬୦ | ୦.୦୩୦ | ପ୍ରଫୁଲ୍ଲ କୁମାରୀ ପ୍ରଧାନ, ସ୍ୱା: ପୌଲସ୍ତି ପ୍ରଧାନ, ଜା: ଚଷା, ବା: ବାଲିପସି, ପ୍ର: ନଦୀକୂଳ ଥାନା, ସ: ଦେବଗଡ଼ ଜି: ସମ୍ବଲପୁର |
| | | ୧୩୧/୪୩ | ୯୧୦/୧୬୪୩ | ଶାରଦ ତିନି | ୦.୨୦୦ | ୦.୨୦୦ | ପଞ୍ଚାନନ ସାହୁ, ପି: ଶୁକଦେବ ସାହୁ, ଜା: ତେଲି, ବା: ଗୁରୁସୁଲେଇ |
| | | ୧୩୧/୫୧ | ୯୨୨ | ଶାରଦ ଏକ | ୦.୧୮୦ | ୦.୦୪୦ | ଦୋଳଗୋବିନ୍ଦ ବେହେରା, ରବି ବେହେରା, ଜଳନ୍ଧର ବେହେରା, ପି: ଅର୍ଜୁନ ବେହେରା, ଜା: ଚଷା, ବା: ଫପଣ୍ଡ |
| | | | ୯୨୬ | ଶାରଦ ଦୁଇ | ୦.୧୦୦ | ୦.୧୦୦ | |
| | | ୧୩୧/୭୭ | ୮୩୮/୨୬୯୭ | ଶାରଦ ତିନି | ୦.୦୩୦ | ୦.୦୩୦ | ଶ୍ରୀମତୀ ଚଉରି ଗଡ଼ନାୟକ, ସ୍ୱା: ଲୋକନାଥ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୮୩୯/୨୬୯୮ | ବିଆଳି | ୦.୦୭୦ | ୦.୦୭୦ | |
| | | | ୮୪୦/୨୬୯୯ | ବିଆଳି | ୦.୦୩୦ | ୦.୦୩୦ | |
| | | ୧୩୧/୯୯ | ୮୨୯/୨୭୪୩ | ଶାରଦ ଦୁଇ | ୦.୨୭୦ | ୦.୨୦୦ | ଧନେଶ୍ୱର ଗଡ଼ାୟକ, ପ୍ରସନ୍ନ କୁମାର ଗଡ଼ନାୟକ, ପି: ଲିଙ୍ଗରାଜ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | ୧୩୧/୧୦୮ | ୮୫୧/୨୭୫୩ | ବିଆଳି | ୦.୧୩୦ | ୦.୧୩୦ | ଅଚ୍ୟୁତା ନନ୍ଦ ସାହୁ, ପି: ନୀଳମଣି ସାହୁ, ଜା: ଚଷା, ବା: ଫପଣ୍ଡ |
| | | | ୮୧୪/୨୭୫୧ | ଶାରଦ ତିନି | ୦.୩୧୦ | ୦.୩୧୦ | |
| | | | ୮୫୦/୨୭୫୨ | ବିଆଳି | ୦.୦୭୦ | ୦.୦୭୦ | |
| | | ୧୩୧/୧୨୦ | ୧୩୨/୨୭୭୮ | ଶାରଦ ତିନି | ୦.୧୦୦ | ୦.୦୧୦ | ଚିତ୍ତରଞ୍ଜନ ପ୍ରଧାନ, ପି: ପୌଲସ୍ତି ପ୍ରଧାନ, ଜା: ଚଷା, ବା: ଫପଣ୍ଡ |
| | | | ୧୩୫/୨୭୭୯ | ଶାରଦ ଦୁଇ | ୦.୦୮୦ | ୦.୦୮୦ | |
| | | ୧୩୧/୧୬୨ | ୧୮୭୧ | ଶାରଦ ଏକ | ୦.୨୫୦ | ୦.୦୩୦ | ଶିବ ନାଏକ, ପି: ନଟବର ନାଏକ, ଜା: ପାଣ, ବା: ନିଜଗାଁ |
| | | ମୋଟ | | | ୨୪.୨୩୦ | ୧୨.୫୦୦ | |

24012/14/0058/1819



**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Executive Engineer, Mechanical Division, Ambaguda-764055, Dist.- Koraput,**
No.1115-A:- **Email Address- eemda2013@gmail.com**
**e-Procurement Notice- Bid Identification No.- EE/ MDA-10/2018-19 dt.09.01.2019**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 08 (Eight) |
| 3. | Class of Contractor | : | Registered Manufacturer/ SSI Unit |
| 4. | Bid Identification No. | : | EE/MDA-10/2018-19 dt.09.01.20185 |
| 5. | Estimated Cost | : | Varies from Rs. 1,40,783.00, to Rs. 14,34,857.00 |
| 6. | Period of Completion | : | Varies from 45days to 60days |
| 7. | Date & time of availability of bid documents in the Portal | : | From dt.21.01.2018 (10.00 AM) to dt.31.01.2018 (5.00 PM) |
| 8. | Last date/ time for receipt of bid in the Portal | : | dt.31.01.2018 (up to 5.00 PM) |
| 9. | Date and Place of opening of bid | : | dt.01.02.2018 (12.00 Noon onwards in the O/o the undersigned) |
| 10. | Name of the Officer inviting bid | : | Executive Engineer, Mechanical Division, Ambaguda. |

Further details can be seen from the e-procurement portal https://tendersodisha.gov.in.

**Executive Engineer**
**Mechanical Division**
**Ambaguda**

**32241/11/0006/1819**



**BERHAMPUR UNIVERSITY**
**(Accredited with 'A' Grade by NAAC)**
**NOTIFICATION FOR ADMISSION INTO M.PHIL. AND Ph.D. COURSES FOR THE SESSION 2018-19**

**Lette No. 56 / PGC/BU/19** **Date: 12.01.2019**

**CORRIGENDUM**

In partial modification of the advertisement No. 1780/ PGC/ BU/18, Date: 19.12.2018 the Berhampur University, Bhanja Bihar invites ONLINE Application for admission into M.Phil. and Ph.D. (URET-2018-19). Prospectus and other details can be downloaded from the University's **website: www.buodisha.edu.in.**

1. The last date of filling up of online application along with uploading of scan documents including fees is **28th January 2019.**
2. The last date of receiving the hard copy of the system generated application form along with photo copies of relevant documents by the respective Head/ Course Coordinator of the Department is **1st February 2019.**
3. **Date of University Research Eligibility Test (URET): 17.02.2019 (SUNDAY).**

**Sd./-**
**Chairman, PG Council**
**Berhampur University**



No.VII-50

# ଓଡ଼ିଶା ସରକାର

# ସୁନ୍ଦରଗଡ଼, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

File No. RDM-LA.I-11/2018 25/WE Dated : 02.01.2019

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ ଜିଲ୍ଲାର ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ବାସୁବାହାଲ, ଥାନା-ବଣେଇ, ନଂ-୭୪, ତହସିଲ-ଲହୁଣୀପଡା, ଜିଲ୍ଲା: ସୁନ୍ଦରଗଡରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ୨୭.୬୧୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ଧାରା ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 35854, Dt. 28.10.2017 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ :-

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
| ସୁନ୍ଦରଗଡ | ଲହୁଣୀପଡା | ବାସୁବାହାଲ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ ୪୭.୯୭୦ | ଏ ୨୭.୬୧୦ | ଏଥି ସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ ଜିଲ୍ଲାପାଳ ଓ ଭୂମି-ଅର୍ଜନ ମହାମଣ୍ଡଳ ଅଧିକାରୀ, ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ

## ଭୂମି ଅନୁସୂଚୀ

**ତାଳଚେର- ବିମଳାଗଡ ନୂତନ ପ୍ରଶସ୍ତ ରେଳପଥ ସଯୋଂଗୀ କରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁ ଥିବା ରୟତି ଜମିର ତଫସିଲ**
**ମୌଜା- ବାବୁବାହାଲ, ତହସିଲ- ଲହୁଣୀପଡା, ଥାନା- ବଣେଇ, ଥାନା ନଂ-୭୪, ଜିଲ୍ଲା: ସୁନ୍ଦରଗଡ**

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂଅର୍ଜନ ରକବା | ହଳ କିସମ | ବନ୍ଦୋବସ୍ତରେ ରେକର୍ଡ ହୋଇ ଥିବା ରୟତଙ୍କ ନାମ |
|---|---|---|---|---|---|---|
| ୧ | ୬ | ୫୫୦ (ସ୍ମ) | ୦.୯୨୦ | ୦.୧୦୦ | ମାଳ ସାଧାରଣ | କାଇରା ମୁଣ୍ଡା, ପି. କାଣ୍ଡୋ ମୁଣ୍ଡା, ଜା: ମୁଣ୍ଡା, ବା: ନିଜଗାଁ |
| ୨ | ୧୨ | ୫୫୧ (ସ୍ମ) | ୧.୫୩୦ | ୦.୦୫୦ | ଗୋଡା ଦୁଇ | କୃତ୍ତିବାସ ମାହାନ୍ତ, ତୁଳସୀ ମାହାନ୍ତ, ପି: ସୁଫଳ ମାହାନ୍ତ, ନୀଳମଣି ମାହାନ୍ତ, ସ୍ୱା: ସୁଫଳ ମାହାନ୍ତ, ଗିରି ମାହାନ୍ତ, ଧଉମା ମାହାନ୍ତ, ଧନୁ ମାହାନ୍ତ, ପି: ପଦ୍ମଲୋଚନ ମାହାନ୍ତ, ଭୀକାରୀ ମାହାନ୍ତ, ମାଗତା ମାହାନ୍ତ, ପି: ମହନ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୫୫୩ (ସ୍ମ) | ୧.୭୨୦ | ୧.୪୧୦ | ମାଳ ସାଧାରଣ | |
| | | ୫୫୪ (ସ୍ମ) | ୦.୫୪୦ | ୦.୦୬୦ | ଘରବାରି | |
| ୩ | ୨୦ | ୪୧୭ (ସ୍ମ) | ୧.୪୬୦ | ୧.୦୯୦ | ଗୋଡା ଦୁଇ | ଗୁରୁ ଚରଣ ମାହାନ୍ତ, ପି: ଦୁଃଖୁ ମାହାନ୍ତ, ଜା: ମାହାନ୍ତ, ବା: ଶରଧାପୁର |
| ୪ | ୨୩ | ୫୪୫ | ୧.୦୨୦ | ୧.୦୨୦ | ମାଳ ସାଧାରଣ | ଲବ ମାହାନ୍ତ, ବାସୁଦେବ ମାହାନ୍ତ, ମନବୋଧ ମାହାନ୍ତ, ପି: ଜଗମୋହନ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୫୪୬ | ୧.୨୩୦ | ୧.୨୩୦ | ଗୋଡା ଦୁଇ | |
| ୫ | ୪୦ | ୩୭୯ (ସ୍ମ) | ୨.୨୬୦ | ୨.୧୪୦ | ବାହାଲ ସାଧାରଣ | ପୁରୁଷୋତ୍ତମ ମାହାନ୍ତ, ଜେଠୁ ମାହାନ୍ତ, ପି: ବାଉରି ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୮୨ (ସ୍ମ) | ୧.୭୨୦ | ୦.୧୭୦ | ବାହାଲ ସାଧାରଣ | |
| | | ୪୪୧ | ୫.୨୨୦ | ୩.୯୮୦ | ମାଳ ସାଧାରଣ | |
| ୬ | ୪୨ | ୧୨୮ (ସ୍ମ) | ୧.୮୪୦ | ୦.୯୨୦ | ବାହାଲ ସାଧାରଣ | ବଳରାମ ମାହାନ୍ତ, ପି: ଖୁଦିସିଂ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୭ | ୪୩ | ୧୨୦ (ସ୍ମ) | ୦.୩୫୦ | ୦.୦୯୦ | ମାଳ ସାଧାରଣ | ବାଣେଶ୍ୱର ଦାସ, ପି: ଲକ୍ଷ୍ମ ଦାସ, ଜା: ବୈଷ୍ଣବ, ବା: କଲେଇ ପୋଷ |
| | | ୧୧୯/୬୯୧ | ୦.୧୬୦ | ୦.୧୬୦ | ଗୋଡା ଦୁଇ | |
| ୮ | ୪୪ | ୪୪୯ (ସ୍ମ) | ୦.୭୨୦ | ୦.୧୮୦ | ମାଳ ସାଧାରଣ | ବାଣେଶର ମାହାନ୍ତ, ତଲୁ ମାହାନ୍ତ, ପି: କାଶିନାଥ ମାହାନ୍ତ, ଜା: ମାହାନ୍ତ, ବା: ଗୁହାଳ ଡିହି |
| ୯ | ୪୫ | ୧୨୭ (ସ୍ମ) | ୦.୭୫୦ | ୦.୦୨୦ | ବାହାଲ ସାଧାରଣ | ବାଲି ମାହାନ୍ତ, ପି: ଲକ୍ଷଣ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୪୧୮ | ୦.୪୧୦ | ୦.୪୧୦ | ମାଳ ସାଧାରଣ | |
| ୧୦ | ୫୧ | ୪୧୯ (ସ୍ମ) | ୨.୦୧୦ | ୧.୭୪୦ | ମାଳ ସାଧାରଣ | ବିନୋଦ ମାହାନ୍ତ, ଦୁଖିଆ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୧୧ | ୫୨ | ୫୫୧ (ସ୍ମ) | ୦.୭୬୦ | ୦.୨୧୦ | ମାଳ ସାଧାରଣ | ଭକ୍ତୁ ମାହାନ୍ତ, ପି: ଶମ୍ଭୁ ମାହାନ୍ତ, ଜା : ମାହାନ୍ତ, ବା: ନିଜଗାଁ |
| | | ୪୫୩ | ୦.୨୦୦ | ୦.୨୦୦ | ବେର୍ଣ୍ଣା ସାଧାରଣ | |
| ୧୨ | ୫୬ | ୪୨୦ (ସ୍ମ) | ୦.୭୬୦ | ୦.୦୧୦ | ମାଳ ସାଧାରଣ | ମହାଦେବ ମାହାନ୍ତ, ଦୟାସାଗର ମାହାନ୍ତ, ଉଗ୍ରସେନ ମାହାନ୍ତ, ତୁଳା ମାହାନ୍ତ, ପି: ଗୁରୁଚରଣ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୫୪୦ | ୦.୪୭୦ | ୦.୪୭୦ | ମାଳ ସାଧାରଣ | |
| | | ୫୪୯ | ୦.୯୦୦ | ୦.୯୦୦ | ମାଳ ସାଧାରଣ | |
| ୧୩ | ୫୯ | ୧୨୬ (ସ୍ମ) | ୦.୬୫୦ | ୦.୨୭୦ | ବାହାଲ ସାଧାରଣ | ରଇଦାସ ମାହାନ୍ତ, ଶୁକୁ ମାହାନ୍ତ, ପି: ଭକ୍ତୁ ମାହାନ୍ତ, ରାମଦାସ ମାହାନ୍ତ, ପି: ପଦୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୭୮ (ସ୍ମ) | ୦.୬୯୦ | ୦.୦୩୦ | ବେର୍ଣ୍ଣା ସାଧାରଣ | |
| | | ୪୫୫ (ସ୍ମ) | ୫.୫୫୦ | ୪.୫୫୦ | ମାଳ ସାଧାରଣ | |
| | | ୪୮୪ (ସ୍ମ) | ୧.୦୧୦ | ୦.୩୦୦ | ବାହାଲ ସାଧାରଣ | |
| | | ୪୮୫ (ସ୍ମ) | ୦.୮୯୦ | ୦.୬୧୦ | ବାହାଲ ସାଧାରଣ | |
| | | ୪୮୯ / ୭୦୮ (ସ୍ମ) | ୦.୪୦୦ | ୦.୨୯୦ | ଗୋଡା ଦୁଇ | |
| ୧୪ | ୬୪ | ୪୪୨ (ସ୍ମ) | ୨.୨୫୦ | ୦.୯୬୦ | ମାଳ ସାଧାରଣ | ସାରଥି ମାହାନ୍ତ, ସ୍ୱା: ଆନନ୍ଦ ମାହାନ୍ତ, ଫାଗମନି ମାହାନ୍ତ, ଯଶୋଦା ମାହାନ୍ତ, ସୁଭଦ୍ରା ମାହାନ୍ତ, ପି: ଆନନ୍ଦ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୪୫୨ | ୦.୨୨୦ | ୦.୨୨୦ | ବେର୍ଣ୍ଣା ସାଧାରଣ | |
| ୧୫ | ୬୬ | ୪୪୬ (ସ୍ମ) | ୦.୪୭୦ | ୦.୦୧୦ | ମାଳ ସାଧାରଣ | ସୁରୁବାଲି ମାହାନ୍ତ, ସ୍ୱା: ଦୀନବନ୍ଧୁ ମାହାନ୍ତ, କାଶି ମାହାନ୍ତ, ଜାହାରୁ ମାହାନ୍ତ, ପି: ମଧୁ ମାହାନ୍ତ, ଜା: କୁରମି, ବା: ନିଜଗାଁ |
| | | ୪୪୭ (ସ୍ମ) | ୦.୪୯୦ | ୦.୦୯୦ | ମାଳ ସାଧାରଣ | |
| | | ୪୫୪ | ୦.୩୩୦ | ୦.୩୩୦ | ମାଳ ସାଧାରଣ | |
| | | ୪୫୬ (ସ୍ମ) | ୦.୬୫୦ | ୦.୪୫୦ | ବେର୍ଣ୍ଣା ସାଧାରଣ | |
| | | ୪୫୮ (ସ୍ମ) | ୦.୪୮୦ | ୦.୦୬୦ | ମାଳ ସାଧାରଣ | |
| | | ୪୫୪ /୭୪୭ | ୦.୧୪୦ | ୦.୧୪୦ | ମାଳ ସାଧାରଣ | |
| | | ୪୫୬/୭୪୮ | ୦.୧୫୦ | ୦.୧୫୦ | ବେର୍ଣ୍ଣା ସାଧାରଣ | |
| | | ୪୫୮/୭୪୯ (ସ୍ମ) | ୦.୩୨୦ | ୦.୧୫୦ | ମାଳ ସାଧାରଣ | |
| | | ୪୫୮/୭୫୧ (ସ୍ମ) | ୦.୪୮୦ | ୦.୦୨୦ | ମାଳ ସାଧାରଣ | |
| ୧୬ | ୬୬/୨୦ | ୫୪୨ | ୦.୭୧୦ | ୦.୭୧୦ | ମାଳ ସାଧାରଣ | ଚିପୁରୁ ମାହାନ୍ତ, ପି: ନବୀନ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୫୪୮ | ୦.୨୫୦ | ୦.୨୫୦ | ମାଳ ସାଧାରଣ | |
| ୧୭ | ୬୬/ ୩୫ | ୫୫୨ (ସ୍ମ) | ୦.୨୧୦ | ୦.୧୬୦ | ଗୋଡା ଦୁଇ | ମେଘନାଦ ମାହାନ୍ତ, ପି: ଲକ୍ଷଣ ମହାନ୍ତ, ଜା: ମାହାନ୍ତ, ବା : ନିଜଗାଁ |
| ୧୮ | ୬୬/୬୫ | ୫୪୩ | ୦.୦୬୦ | ୦.୦୬୦ | ଗୋଡା ଦୁଇ | ଟଙ୍କଧର ମାହାନ୍ତ, ପି: ମଧୁସୂଦନ ମାହାନ୍ତ, ଜା: କୁର୍ମି, ବା: ବନ୍ଦପଡା |
| ୧୯ | ୬୬/୬୬ | ୫୩୩ (ସ୍ମ) | ୨.୫୩୦ | ୦.୦୨୦ | ଗୋଡା ଦୁଇ | ଜଳଦେବ ମାହାନ୍ତ, ଗୋପାଳ ମାହାନ୍ତ, ଅରୁଣ ମାହାନ୍ତ, ପି: ବାଇକି ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୫୩୮ (ସ୍ମ) | ୦.୫୩୦ | ୦.୨୪୦ | ବେର୍ଣ୍ଣା ସାଧାରଣ | |
| | | ୫୪୪ (ସ୍ମ) | ୦.୯୦୦ | ୦.୪୯୦ | ମାଳ ସାଧାରଣ | |
| | | ୫୪୭ | ୦.୨୪୦ | ୦.୨୪୦ | ମାଳ ସାଧାରଣ | |
| ୨୦ | ୬୬/ ୮୨ | ୫୪୯/ ୬୦୩ (ସ୍ମ) | ୦.୪୨୦ | ୦.୨୫୦ | ବେର୍ଣ୍ଣା ସାଧାରଣ | କମଳା ବାରିକ, ସ୍ୱା: ସନ୍ତୋଷ କୁମାର ବାରିକ, ଜା: ଭଣ୍ଡାରି, ବା: ନିଜଗାଁ |
| | | ୪୮ | | ୨୭.୬୧୦ | | |

ସ୍ୱା./- ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର ବିମଳଗଡ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ

24160/14/0049/1819

## ସଂକ୍ଷେପରେ

### ଖେଲୋ ଇଣ୍ଡିଆ ୟୁଥ୍ ହକି: ନିଶାନ ଟେକ୍ନିକାଲ ଅଫିସର



**ଭୁବନେଶ୍ୱର, ୧୨ା୧(ସ୍ପୋର୍ଟ୍ସ ବ୍ୟୁରୋ):** ପୁଣେର ଏନ୍‌ଡିଏ ହକି କମ୍ପ୍ଲେକ୍ସଠାରେ ଶନିବାରଠାରୁ ୨ୟ ଖେଲୋ ଇଣ୍ଡିଆ ୟୁଥ୍ ହକି ଗେମ୍ସର ୧୭ ଓ ୨୧ ବର୍ଷରୁ କମ୍ ମହିଳା ହକି ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତିଙ୍କୁ ହକି ଇଣ୍ଡିଆ ଟେକ୍ନିକାଲ ଅଫିସିଆଲ ଭାବେ ନିଯୁକ୍ତ କରିଛି। ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ରେଲ୍‌ୱେ ମୁଖ୍ୟାଳୟରେ କାର୍ଯ୍ୟରତ ନିଶାନ ମୁମ୍ବାଇରେ ୭ରୁ ୧୫ ଜାନୁୟାରୀ ପର୍ଯ୍ୟନ୍ତ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ହକି ୧୭ ଓ ୨୧ ବର୍ଷରୁ କମ୍ ବାଳକ ବିଭାଗ ପ୍ରତିଯୋଗିତା ପାଇଁ ପୂର୍ବରୁ ମ୍ୟାଚ୍ ଅଫିସିଆଲ ନିଯୁକ୍ତ ହୋଇଥିଲେ। ଏଥିରେ ତାଙ୍କ ପ୍ରଦର୍ଶନରେ ଖୁସି ପ୍ରକାଶ କରି ହକି ଇଣ୍ଡିଆ ନିଶାନଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରିଛି। ପୂର୍ବରୁ ନିଶାନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସୂଚାରୁରୂପେ ମ୍ୟାଚ୍ ପରିଚାଳନା କରିସାରିଛନ୍ତି। ପ୍ରଥମଥର ଲାଗି ଏହିଭଳି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଟେକ୍ନିକାଲ ଅଫିସିଆଲ ଭାବେ ନିଯୁକ୍ତ ହୋଇଥିବାରୁ ନିଶାନ୍ତ ଖୁସି ଜାହିର କରିବା ସହିତ ହକି ଇଣ୍ଡିଆକୁ ଧନ୍ୟବାଦ୍ ଜଣାଇଛନ୍ତି। ହକି ଓଡ଼ିଶାର ସମ୍ପାଦକ ପ୍ରତାପ ଶତପଥୀ ନିଶାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଆଗ୍ରାହାଟ କ୍ଲବ ଚାମ୍ପିୟନ

**ଚୌଦ୍ୱାର, ୧୨ା୧ (ଡି.ଏନ୍.ଏ.):** ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ରବିବାରଠାରୁ ଚାଲିଥିବା ଆଗ୍ରାହାଟ କପ୍ ଫୁଟବଲ୍ ଟୁର୍ନାମେଣ୍ଟରେ ଆୟୋଜକ କ୍ଲବ ଚାମ୍ପିୟନ ହୋଇଛି। ଶନିବାର ଅଡ଼ଶପୁରର ଆଲମଗିରି ବଏଜ ଟିମ୍ ଓ ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ୍ ୫-୪ ସ୍କୋରରେ ବିଜୟୀ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ୍ କପ୍ ସହ ଅର୍ଥରାଶି ପ୍ରଦାନ କରିବା ସହିତ ରନର୍ସଅପ୍ ଆଲମଗିରିକୁ ରନର୍ସ କପ୍ ଓ ଅର୍ଥରାଶି ପ୍ରଦାନ କରିଥିଲେ। ଦିଲୀପ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ସିନେ କଳାକାର ଝାନ୍‌ସୀ ଦାସ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ,ପୂବତର୍ନ କାଉନସିଲର ବିଷ୍ଣୁ ଚରଣ ପରିଡ଼ା, ସୁବ୍ରତ ସାମଲ କ୍ଲବ୍ ସଭାପତି ରବି ନାରାୟଣ ରାଉତ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ରେଫରି ଅରୁଣ ନାୟକ,ପ୍ରଭାକର ବେହେରା ଓ ନାରାୟଣ ସାହୁ ପରିଚାଳନା କରିଥିଲେ। ସମ୍ପାଦକ ପ୍ରଦୀପ୍ତ ବେହେରା, ଶିବ ପ୍ରସାଦ ପରିଡା, ଅକ୍ଷୟ ବରାଳ, ହିମାଂଶୁ ସ୍ୱାଇଁ, ଅଶୋକ ବରାଳ, ପ୍ରଶାନ୍ତ ରାଉତ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

> ୨୦୧୮ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ପରାଜୟ ଏକ କଷ୍ଟକର ମୁହୂର୍ତ୍ତ ଥିଲା। ମାତ୍ର ଚାପରେ ଥିବାବେଳେ ଏହାକୁ ହାତେଇବା ଶିକ୍ଷା ମୁଁ ଏଥିରୁ ପାଇଛି ।
> –ସିମନୋ ହାଲେପ, ନମ୍ବର ୱାନ ଟେନିସ ଖେଳାଳି



> ମୁଁ ଲଜ୍ଜାଶୀଳା ପ୍ରକୃତିର । ଆତ୍ମ ବିଶ୍ୱାସ ବୃଦ୍ଧି କରିବା ସହ ଅଧିକ ପରିପକ୍ୱ ହେବା ଲାଗି ଅଫ୍–ସିଜନରେ କଠିନ ପରିଶ୍ରମ କରିଛି ।
> –ନାଓମି ଓସାକା, ଜାପାନ ଟେନିସ୍ ଖେଳାଳି



# ପ୍ରଥମ ଦିନିକିଆରେ ହାରିଲା ଭାରତ

**ସିଡନୀ,୧୨ା୧(ପି.ଟି.)**

ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଇତିହାସ ସୃଷ୍ଟି କରିଥିବା ଭ୍ରମଣକାରୀ ଭାରତ କିନ୍ତୁ ପରାଜୟରୁ ଦିନିକିଆ ସିରିଜ ଆରମ୍ଭ କରିଛି। ତାରକା ଓପନର ରୋହିତ ଶର୍ମାଙ୍କ ଦମ୍‌ଦାର ଶତକ ସତ୍ତ୍ୱେ ଭାରତ ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆଠାରୁ ୩୪ ରନରେ ପରାସ୍ତ ହୋଇଛି। ରୋହିତ ୧୨୯ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୬ ଛକା ସହ ୧୩୩ ରନର ଲଢୁଆ ଶତକୀୟ ପାଳି ଖେଳିଥିଲେ। ତେବେ ରୋହିତ୍‌ଙ୍କ ଏହି ୨୨ତମ ଦିନିକିଆ ଶତକ କିନ୍ତୁ ଶେଷରେ ବେକାର ସାବ୍ୟସ୍ତ ହୋଇଥିଲା।

ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୨୮୮ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ଆବଶ୍ୟକ ହାରରେ ରନ ସଂଗ୍ରହ କରିପାରି ନ ପାରି ୯ ଉଇକେଟ ହରାଇ ୨୫୪ ରନରେ ସୀମିତ ରହି ପରାଜୟ ବରଣ କରିଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧–୦ରେ ଅଗ୍ରଣୀ ହାସଲ କରିଛି। ୧୦ ଓଭର ବୋଲିଂ କରି ୨ଟି ମେଡେନ ନେବା ସହ ୨୬ ରନ ବ୍ୟୟ କରି ମୂଲ୍ୟବାନ ୪ ଉଇକେଟ ନେଇ ଭାରତର ବିପର୍ଯ୍ୟୟ ଘଟାଇଥିବା ଅଷ୍ଟ୍ରେଲିଆ ୨୨ ବର୍ଷୀୟ ଦ୍ରୁତ ବୋଲର ଜାୟ ରିଚାର୍ଡସନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୧୫ ତାରିଖ ମଙ୍ଗଳବାର ଆଡିଲେଡରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ।

୨୮୯ ରନ ବିଜୟ ଲକ୍ଷ୍ୟର ପିଛା କରି ଭାରତ ଆରମ୍ଭରୁ ଝଟ୍‌କା ଖାଇଥିଲା। ମାତ୍ର ୪ ରନରେ ମୂଲ୍ୟବାନ ୩ ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟପ୍ ଅର୍ଡର ୪ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ଦୁଇଜଣ ଖାତା ଖୋଲିପାରି ନ ଥିଲେ ଓ ଜଣେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଫଳରେ ଭାରତ ପାଇଁ ବିଜୟ ହାସଲ ଆରମ୍ଭରୁ ବେଶ୍ କଷ୍ଟସାଧ ମନେ ହେଉଥିଲା। ଅଭିଜ୍ଞ ଓପନର ଶିଖର ଧାୱନ ଖାତା ଖୋଲିବା ପୂର୍ବରୁ ପଦାର୍ପଣ କରିଥିବା ଦ୍ରୁତ ବୋଲର ଜାସନ ବେହେରେନଡୋର୍ଫଙ୍କ ଫୁଲ ଲେନ୍ଥ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟକ ବିରାଟ କୋହଲି ମାତ୍ର ୩ ରନ କରିଥିବା ବେଳେ ରିଚାର୍ଡସନଙ୍କ ଲେଗ୍ ଷ୍ଟମ୍ପ ଉପର ବଲକୁ ଖେଳିବାକୁଯାଇ ସ୍କୋୟାର ଲେଗ୍‌ରେ ମାର୍କସ ଷ୍ଟୋଇନିସ୍‌ଙ୍କୁ ସିଧାସଳଖ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ବ୍ୟାଟିଂ କରିବାକୁ ଆସିଥିବା ଅମ୍ବାତି ରାୟୁଡୁ ମଧ୍ୟ ଫେଲ ମାରିଥିଲେ। ସେ ରିଚାର୍ଡସନଙ୍କ ଏକ ଫୁଲ ଓ ଫାଷ୍ଟ ବଲକୁ ଖେଳିପାରି ନ ଥିଲେ ବଲ ଯାଇ ପ୍ୟାଡରେ ବାଜିଥିଲା। ରିଭ୍ୟୁ ନେଇଥିଲେ ମଧ୍ୟ ଅମ୍ପାୟର ତାଙ୍କୁ ଏଲବିଡବ୍ଲ୍ୟୁ ଆଉଟ ଘୋଷିତ କରିଥିଲେ। ଏହାପରେ ଚତୁର୍ଥ ଉଇକେଟ ଯୋଡିରେ ରୋହିତ ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନି ୧୩୭ ରନର ଭାଗୀଦାରି ସ୍ଥାପନ କରି ସ୍ଥିତି ସମ୍ଭାଳିଥିଲେ ମଧ୍ୟ ଆବଶ୍ୟକ ହାରରେ ରନ୍ ସଂଗ୍ରହ କରିପାରି ନ ଥିଲେ। ଧୋନୀ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ବେହେରେନଡୋର୍ଫଙ୍କ ଫୁଲ ଲେନ୍ଥ ବଲକୁ ବ୍ୟାକ୍‌ଫୁଟ୍‌ରେ ଖେଳିବାକୁ ପ୍ରୟାସ କରିଥିଲେ। ବଲ ସିଧା ଯାଇ ପ୍ୟାଡ୍‌ରେ ବାଜିବା ଫଳରେ ସେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ୯୬ଟି ବଲ ଖେଳି ୩ ଚୌକା ଓ ୧ ଛକା ମାରି ଧୋନୀ ବେଶ୍ ମନ୍ଥର ବ୍ୟାଟିଂ କରିଥିଲେ। ଏହା ପରେ ଦୀନେଶ କାର୍ତ୍ତିକ ମାତ୍ର ୧୨ ରନ କରି ବେହେରେନଡୋର୍ଫଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ମଧ୍ୟ ବେଶି ସମୟ ତିଷ୍ଠି ପାରି ନ ଥିଲେ। ସେ ମାତ୍ର ୮ ରନ କରିଥିବା ବେଳେ ଡିପ୍ ବ୍ୟାକୱାର୍ଡ ପଏଣ୍ଟରେ ଶନ୍ ମାର୍ଶଙ୍କୁ କ୍ୟାଚ୍ ଦେଇ ରିଚାର୍ଡସନଙ୍କ ଚତୁର୍ଥ ଶିକାର ହୋଇଥିଲେ। ଏହାପରେ ରୋହିତଙ୍କ ପାଳି ପଡିଥିଲା। ଲଢୁଆ ପ୍ରଦର୍ଶନ କରି ଦଳର ସ୍କୋରକୁ ଆଗେଇ ନେଉଥିଲେ ମଧ୍ୟ ସେ ୧୩୩ ରନର ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଭାରତର ବିଜୟ ଆଶା ମଉଳି ଯାଇଥିଲା। ଦୁଇ ଟେଲଏଣ୍ଡର କୁଲଦୀପ ଯାଦବ ଓ ମହମ୍ମଦ ସାମି ୩ ଓ ୧ ରନ କରି ଯଥାକ୍ରମେ ପିଟର ସିଡଲ ଓ ଷ୍ଟୋଇନିସଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଭୁବନେଶ୍ୱର କୁମାର ୨୩ ବଲରୁ ୪ ଚୌକା ସହ ୨୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ରିଚାର୍ଡସନ ସର୍ବାଧିକ ୪, ବେହେରେନଡୋର୍ଫ ଓ ଷ୍ଟୋଇନିସ୍ ଦୁଇଟି ଲେଖାଏ, ସିଡଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲା। ଦଳ ତରଫରୁ ୩ ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରିଥିଲେ। ଉସ୍‌ମାନ ଖ୍ୱାଜା ୫୯, ଶନ ମାର୍ଶ ୫୪, ପିଟର ହ୍ୟାଣ୍ଡସ୍କମ୍ବ ୭୩ ରନ କରି ଆଉଟ ହୋଇଥିବା ବେଳେ ଷ୍ଟୋଇନିସ୍ ୪୭ ଓ ଗ୍ଲେନ୍ ମ୍ୟାକ୍ସୱେଲ ୧୧ ରନ କରି ଅପରାଜିତ ରହିଥିଲେ। ତେବେ ପ୍ରଥମେ ଅଧିନାୟକ ଆରୋନ ଫିଞ୍ଚ୍ ୬ ଓ ଓପନର ଆଲେକ୍ସ କେରେ ୨୪ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ପକ୍ଷରୁ ଭୁବନେଶ୍ୱର କୁମାର ଓ ଚାଇନାମ୍ୟାନ କୁଲଦୀପ ଯାଦବ ଦୁଇଟି ଲେଖାଏ, ଜାଡେଜା ଗୋଟିଏ ଉଇକେଟ ହାସଲ କରିଥିଲେ।



ଶତକ ହାସଲକାରୀ ରୋହିତ୍ ଶର୍ମା

## ରୋହିତଙ୍କ ଶତକ ବେକାର

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ୫୦ ଓଭରରେ ୨୮୮/୫, (ହ୍ୟାଣ୍ଡକମ୍ବ- ୭୩, ଶନ ମାର୍ଶ- ୫୪, ଖ୍ୱାଜା- ୫୯, ଷ୍ଟୋଇନିସ୍- ୪୭*, ଭୁବନେଶ୍ୱର- ୨/୬୬, କୁଲଦୀପ- ୨/୫୪, ଜାଡେଜା- ୧/୪୮)।**

**ଭାରତ ୫୦ ଓଭରରେ ୨୫୪/୯ (ରୋହିତ- ୧୩୩, ଧୋନୀ-୫୧, ଭୁବନେଶ୍ୱର- ୨୯, ରିଚାର୍ଡଶନ- ୪/୨୬, ବେହେରେନଡୋର୍ଫ- ୨/୩୯, ଷ୍ଟୋଇନିସ- ୨/୬୬, ସିଡ୍‌ଲ- ୧/୪୮)।**

## ଧୋନୀଙ୍କ ମାଇଲଷ୍ଟୋନ୍



ପଞ୍ଚମ ଭାରତୀୟ କ୍ରିକେଟର ଭାବେ ମହେନ୍ଦ୍ର ସିଂ ଧୋନୀ ଏକଦିବସୀୟ କ୍ରିକେଟରେ ଭାରତ ପକ୍ଷରୁ ୧୦ ହଜାର ରନ୍ ସଂଗ୍ରହ କରିଛନ୍ତି। ଶନିବାର ସ୍ଥାନୀୟ ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଏକଦିବସୀୟ ମ୍ୟାଚ୍ ଅବସରରେ ଧୋନୀ ଏହି ମାଇଲଷ୍ଟୋନ୍ ଛୁଇଁଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ଧୋନୀ ଭାରତ ପାଇଁ ୯,୯୯୯ ରନ କରିଥିଲେ। ଦଶ ହଜାର କ୍ଲବରେ ସାମିଲ ହେବା ପାଇଁ ଆଉ ଏକ ରନ୍ ଆବଶ୍ୟକ ହେଉଥିବାବେଳେ ୭ଟି ବଲ୍ ସାମ୍ନା କରି ସେ ଏହି ସଫଳତା ହାସଲ କରିନେଇଥିଲେ। ଏହି ମ୍ୟାଚ୍‌ରେ ଧୋନୀ ୯୬ ବଲରୁ ୫୧ ରନର ଧୀମା ଇନିଂସ ଖେଳି ଆଉଟ୍ ହୋଇଥିଲେ। ୩୭ ବର୍ଷୀୟ ଧୋନୀ ପୂର୍ବରୁ ୧୦ ହଜାର ରନ୍ ସଂଗ୍ରହ କରିସାରିଥିଲେ ମଧ୍ୟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାବେଳେ ଏହି ସଫଳତା ପାଇବାରେ ୫ମ ଭାରତୀୟ ହୋଇଛନ୍ତି। ପୂର୍ବରୁ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି, ରାହୁଲ ଦ୍ରାବିଡ୍ ଓ ବିରାଟ କୋହଲି ଭାରତୀୟ ଜର୍ସିରେ ୧୦ ହଜାର ଏକଦିବସୀୟ ରନ୍ ସଂଗ୍ରହ କରିସାରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଏହି ମ୍ୟାଚ୍‌କୁ ମିଶାଇ ଧୋନୀ ବର୍ତ୍ତମାନ ସୁଦ୍ଧା ୩୩୩ ଦିନିକିଆରୁ ୧୦,୨୨୪ ରନ ସଂଗ୍ରହ କରିଛନ୍ତି। ତେବେ ଏହା ମଧ୍ୟରେ ୨୦୦୭ରେ ସେ ଏସିଆ ଏକାଦଶ ପକ୍ଷରୁ ପ୍ରତିନିଧିତ୍ୱ କରି ଆଫ୍ରିକା ଏକାଦଶ ବିପକ୍ଷରେ ୩ ମ୍ୟାଚ୍‌ରୁ ୧୭୪ ରନ କରିଛନ୍ତି। ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଥିବା ଏହି ଝାଡ଼ଖଣ୍ଡ ଷ୍ଟାର୍ ଖେଳାଳି ୯୦ ମ୍ୟାଚ୍‌ରୁ ୪,୮୭୬ ରନ ସଂଗ୍ରହ କରିଛନ୍ତି। ସେହିଭଳି ୯୩ ଟି୨୦ରୁ ୩୭.୧୭ ଆଭରେଜରେ ୧୪୮୭ ରନ କରିଛନ୍ତି।



ଉଇକେଟ ହାସଲ ପରେ ଉଲ୍ଲସିତ ଅଷ୍ଟ୍ରେଲୀୟ ଖେଳାଳି।

## ଅଷ୍ଟ୍ରେଲିଆର ୧ ହଜାର ଅନ୍ତର୍ଜାତୀୟ ବିଜୟ

**ସିଡ୍‌ନୀ, ୧୨ା୧:** ଭ୍ରମଣକାରୀ ଭାରତ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୩୪ ରନରେ ଜିତିନେଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୮୯ ରନର ଟାର୍ଗେଟ୍‌କୁ ପିଛା କରି ଭାରତ ରୋହିତ୍ ଶର୍ମାଙ୍କ ୧୩୩ ରନ ସତ୍ତ୍ୱେ ୯ ଉଇକେଟ୍‌ରେ ୨୫୪ ରନ କରିଥିଲା। ବିଜୟ ସହ ଦିନିକିଆ ସିରିଜ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ପାଇଁ ଏହି ମ୍ୟାଚ୍ ଆଉ ଏକ ଦୃଷ୍ଟିକୋଣରୁ ବେଶ୍ ସ୍ମରଣୀୟ ହୋଇରହିବ। ଅନ୍ତର୍ଜାତୀୟ କ୍ରିକେଟରେ ଅଷ୍ଟ୍ରେଲିଆର ଏହା ୧୦୦୦ତମ ମ୍ୟାଚ୍ ବିଜୟ ଥିଲା। ୧୮୭୭ ମାର୍ଚ୍ଚ ୧୫ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସହ ଅଷ୍ଟ୍ରେଲିଆ ଏହାର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲା। ବର୍ତ୍ତମାନ ସୁଦ୍ଧା ଅଷ୍ଟ୍ରେଲିଆ ୮୧୩ ଟେଷ୍ଟରୁ ୩୮୪ ମ୍ୟାଚ୍‌ରେ ବିଜୟ ଲାଭ କରିଛି। ସେହିଭଳି ଅଷ୍ଟ୍ରେଲିଆ ୧୯୭୧ ଜାନୁୟାରୀ ୫ରେ ଏହାର ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଇଂଲଣ୍ଡ ବିପକ୍ଷରେ ଖେଳିଥିଲା। ଇତିମଧ୍ୟରେ ଦଳ ୯୦୯ଟି ଦିନିକିଆରୁ ୫୫୮ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିଛି। ସେହିଭଳି ୨୦୦୫ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ରୁ ଅଷ୍ଟ୍ରେଲିଆ ବର୍ତ୍ତମାନ ସୁଦ୍ଧା ୧୦୬ ମ୍ୟାଚ୍ ଖେଳିସାରିଲାଣି। ସେଥିରୁ ୫୮ ମ୍ୟାଚ୍‌ରେ ଦଳ ବିଜୟ ଲାଭ କରିଛି। ଏଥିସହ ବିଶ୍ୱ କ୍ରିକେଟର ସର୍ବପୁରାତନ ଦଳ ଅଷ୍ଟ୍ରେଲିଆ ୧୦୦୦ତମ ବିଜୟ ମାଇଲଷ୍ଟୋନ ଛୁଇଁଛି।

## ପୁଣି ରାୟ–ଇଡୁଲଜୀ ମତଭେଦ

**ନୂଆଦିଲ୍ଲୀ, ୧୨ା୧ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଶାସକ କମିଟି (ସିଓଏ)ର ମୁଖ୍ୟ ବିନୋଦ ରାୟ ଏବଂ ଏହାର ଏକମାତ୍ର ସଦସ୍ୟା ଡାଏନା ଇଡୁଲଜୀଙ୍କ ମଧ୍ୟରେ ପୁଣି ମତଭେଦ ଦେଖା ଦେଇଛି। ବିବାଦୀୟ ମନ୍ତବ୍ୟ ପାଇଁ ସସ୍‌ପେଣ୍ଡ ହୋଇଥିବା ଦୁଇ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ. ରାହୁଲଙ୍କ ବିରୋଧରେ ହେବାକୁଥିବା ତଦନ୍ତ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ଲାଗି ରାୟ ଚାହୁଁଛନ୍ତି। କିନ୍ତୁ ଏହା ଦ୍ୱାରା ଘଟଣାକୁ ଘଷ୍ଟ ଘୋଡାଇ ଦିଆଯାଇ ପାରେ ବୋଲି ଇଡୁଲଜୀ ଆଶଙ୍କା ପ୍ରକାଶ କରିଛନ୍ତି। 'କଫି ୱିଥ୍ କରନ' ଶୀର୍ଷକ ଟିଭି ଶୋ'ରେ ନାରୀ ବିଦ୍ୱେଷୀ ମନ୍ତବ୍ୟ ପାଇଁ ଉଭୟ ପାଣ୍ଡ୍ୟା ଓ ରାହୁଲ ବିଭିନ୍ନ ମହଲରେ ସମାଲୋଚନାର ପାତ୍ର ହୋଇଛନ୍ତି। ଏହି ପ୍ରସଙ୍ଗ ଉପରେ ରାୟ ଏବଂ ଇଡୁଲ୍‌ଜୀଙ୍କ ମଧ୍ୟରେ ଇ–ମେଲ ବିନିମୟ ହୋଇଥିବା ସୂଚନା ମିଳିଛି। ଇଡୁଲ୍‌ଜୀ ବିସିସିଆଇ ସିଇଓ ରାହୁଲ ଜୋହରିଙ୍କୁ ନେଇ ତାଙ୍କ ମତକୁ ସଂରକ୍ଷିତ ରଖିଛନ୍ତି। ଜୋହରି ନିଜେ ଯୌନ ନିର୍ଯାତନା ମାମଲାରେ ଫସିଥିବା ବେଳେ ତାଙ୍କ ଦ୍ୱାରା ଏହି ଘଟଣାର ପ୍ରାଥମିକ ତଦନ୍ତ କରାଯାଇଛି। ଏଭଳି ଚରିତ୍ରର ବ୍ୟକ୍ତି ଘଷ୍ଟ ଘୋଡାଇବାକୁ ଚେଷ୍ଟା କରିପାରନ୍ତି ବୋଲି ଇଡୁଲ୍‌ଜୀ ଆଶଙ୍କା ପ୍ରକାଶ କରିଛନ୍ତି। ରାୟ କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ପୂର୍ବରୁ ତଦନ୍ତ କାର୍ଯ୍ୟ ଶେଷ ହେଉ ବୋଲି ଚାହୁଁଛନ୍ତି। ତାଙ୍କର ଯୁକ୍ତି ହେଲା ତଦନ୍ତ କାର୍ଯ୍ୟରେ ବିଳମ୍ବ ଘଟିଲେ ଦଳର ଶକ୍ତି ଉପରେ ଏହା ପ୍ରଭାବ ପକାଇବ। କାରଣ ଏହାଦ୍ୱାରା ଦଳର ଖେଳାଳି ସଂଖ୍ୟା ୧୫ରୁ ୧୩କୁ ହ୍ରାସ ପାଇବ। କିନ୍ତୁ ଇଡୁଲଜୀଙ୍କ ଯୁକ୍ତି ହେଲା ତରବରିଆ ଭାବେ ତଦନ୍ତ କରାଗଲେ ଘଟଣାକୁ ଘଷ୍ଟଘୋଡା ଯିବା ଭଳି ମନେ ହେବ। ଲିଗାଲ ଟିମ୍ କିନ୍ତୁ ଘଟଣାର ତଦନ୍ତ ପାଇଁ ଆଡହକ୍ ଅମ୍ବୁଡସ୍‌ମ୍ୟାନଙ୍କୁ ନିଯୁକ୍ତି ଦେବା ଲାଗି ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ତଦନ୍ତ କାର୍ଯ୍ୟରେ ପ୍ରଶାସକ କମିଟି ଓ କାର୍ଯ୍ୟାଳୟ ପଦାଧିକାରୀଙ୍କୁ ସାମିଲ କରାଯିବା ଉଚିତ୍ ବୋଲି ଇଡୁଲ୍‌ଜୀ କହିଛନ୍ତି।

## ବିବାଦୀୟ ମନ୍ତବ୍ୟ: ପାଣ୍ଡ୍ୟାଙ୍କ ସମସ୍ୟା ବଢ଼ିଲା

**ନୂଆଦିଲ୍ଲୀ,୧୨ା୧:** ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଜଣାଶୁଣା ଟିଭି ଶୋ 'କଫି ୱିଥ୍ କରନ'ରେ ନିଜ ସେକ୍ସ ଲାଇଫ୍ ଓ ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ବାସନ୍ଦ ହେବା ପରେ ପାଣ୍ଡ୍ୟା ଏବେ ପ୍ରାୟୋଜକଙ୍କୁ ହରାଇଛନ୍ତି। ପାଣ୍ଡ୍ୟାଙ୍କ ସମେତ ଶୋ'ରେ ଉପସ୍ଥିତ ଥିବା ଭାରତୀୟ ଓପନର ଲୋକେଶ ରାହୁଲଙ୍କୁ ମଧ୍ୟ ବାସନ୍ଦ କରାଯିବା ସହ ଅଷ୍ଟ୍ରେଲିଆରୁ ସ୍ୱଦେଶ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଦୁଇ ଖେଳାଳିଙ୍କ ବିରୋଧରେ ତଦନ୍ତ ନ ସରିବା ଯାଏ ବାସନ୍ଦ ବଳବତ୍ତର ରହିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। କିନ୍ତୁ ପାଣ୍ଡ୍ୟାଙ୍କ ସମସ୍ୟା ଏତିକିରେ ସରିନାହିଁ। ଜଣାଶୁଣା ପୁରୁଷ ଗ୍ରୁମିଙ୍ଗ୍ ପ୍ରଡକ୍ଟ ବ୍ରାଣ୍ଡ 'ଜିଲେଟ୍' ପାଣ୍ଡ୍ୟାଙ୍କ ପ୍ରାୟୋଜକ ରହିଥିଲା। ତେବେ ଜିଲେଟ ଏହି ପ୍ରାୟୋଜନରୁ ଓହରିଯାଇଛି। ପାଣ୍ଡ୍ୟାଙ୍କ ମନ୍ତବ୍ୟ 'ଜିଲେଟ'ର ମୂଲ୍ୟବୋଧକୁ ସୂଚାଉ ନାହିଁ। ତେଣୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ନ କରିବା ପର୍ଯ୍ୟନ୍ତ ତାଙ୍କ ସହ ଆମେ ସବୁ ସମ୍ପର୍କ ଛିନ୍ନ କରୁଛୁ ବୋଲି 'ଜିଲେଟ' କମ୍ପାନୀର ମୁଖପାତ୍ର କହିଛନ୍ତି। ଉଲ୍ଲେଖଥାଉ କି, ଶୁକ୍ରବାର ତଦନ୍ତର ରାୟ ପ୍ରକାଶ ନ ହେବା ପର୍ଯ୍ୟନ୍ତ ଏହି ଦୁଇ ଖେଳାଳି କୌଣସି କ୍ରିକେଟ ଇଭେଣ୍ଟ ତଥା ସର୍ବସାଧାରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ବିସିସିଆଇ ତରଫରୁ କୁହାଯାଇଥିଲା।

ଇତିମଧ୍ୟରେ ଏହି ଘଟଣା ପରେ ପାଣ୍ଡ୍ୟାଙ୍କ ତଥାକଥିତ ଗର୍ଲ ଫ୍ରେଣ୍ଡ ଇଶା ଗୁପ୍ତା ମଧ୍ୟ ସମ୍ପର୍କ ଛିନ୍ନ କରିଛନ୍ତି। ପାଣ୍ଡ୍ୟା ମୋର ବନ୍ଧୁ ନୁହନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ପାଣ୍ଡ୍ୟା କିଏ ବୋଲି ସେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ଏହା କହିଛନ୍ତି। ପୂର୍ବରୁ ଇଶାଙ୍କୁ ବାଦ୍ ଦେଲେ ଦୁଇ ବଲିଉଡ ଅଭିନେତ୍ରୀ ଏଲି ଅଭରାମ ଓ ଉର୍ବଶୀ ରାଉତେଲାଙ୍କ ସହ ପାଣ୍ଡ୍ୟାଙ୍କ ନାମ ଯୋଡା ଯାଇଥିଲା।



କରନ୍ ଜୋହରଙ୍କ ଶୋ'ରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲ।

# ଅଭୁଲା ମକର

ନିଆରା ଆମ ଓଡ଼ିଶାର ସଂସ୍କୃତି ଆଉ ପରମ୍ପରା । ଏଠି ବାରମାସରେ ପାଳନ ହୁଏ ତେର ପର୍ବ, ଆଉ ସବୁଥିରେ ଥାଏ ଭିନ୍ନ ଭିନ୍ନ ମଜା । ଠିକ୍ ସେମିତି ଏକ ପର୍ବ ହେଉଛି ମକର ସଂକ୍ରାନ୍ତି । ତେବେ ଏହାକୁ ନେଇ ନିଜର କିଛି ଅଭୁଲା ଅନୁଭୂତି ସମ୍ପର୍କରେ ଯାହା କୁହନ୍ତି ଏମାନେ...









**ସେଦିନର ମଜା ଏବେ ବି ଅଭୁଲା**

ମକର ସଂକ୍ରାନ୍ତି ମୋର ପ୍ରିୟ ପର୍ବଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହାକୁ ନେଇ ମୋ ମନରେ ଅନେକ ଅଭୁଲା ଅନୁଭୂତି ସାଇତା ହୋଇରହିଛି। ମନେ ପଡ଼ିଯାଉଛି ପିଲାବେଳେ ମକର ସଂକ୍ରାନ୍ତି ଆସିଲେ ମନରେ କେତେ ଉତ୍କଣ୍ଠା ଭରିଯାଉଥିଲା। ସକାଳୁ ସକାଳୁ ବୋଉ ହାତ ତିଆରି ମକରଚାଉଳ ଭୋଗ ଖାଇବାକୁ ଖୁସିରେ ଜଗି ବସୁଥିଲି। ତା'ପରେ ସାଙ୍ଗମାନଙ୍କ ସହ ମିଶି ମନ୍ଦିର ଯିବା ଏବଂ ପରସ୍ପର ଘରୁ ଆଦାୟ କରି ଆଣୁଥିବା ଅରୁଆ ଚାଉଳ, କ୍ଷୀର, ମହୁ, ଗୁଡ, ନଡ଼ିଆ ଭଳି ବିଭିନ୍ନ ସାମଗ୍ରୀ ମିଶାଇ ପ୍ରସ୍ତୁତ ମକରଚାଉଳର ସ୍ୱାଦ ଯେମିତି ଥିଲା ନିଆରା। ଖାଲି ଏତିକି ନୁହେଁ ପାଠ ପଢ଼ା ଛାଡି ସାରା ଦିନ ସାଙ୍ଗମାନେ ଏକାଠି ଗୁଡି ଉଡାଇବା ଏବଂ ଏଥିପାଇଁ ଘରେ ଗାଳି ଶୁଣିବାରେ ବି ଥିଲା ଭିନ୍ନ ମଜା। ସତରେ ପ୍ରତିବର୍ଷ ମକରସଂକ୍ରାନ୍ତି ତ ଆସୁଛି, ହେଲେ ସେଦିନର ମଜା ଏବେ ଆଉ ନାହିଁ।

– ସତ୍ୟକାମ ସାହୁ, ଚୁଡାଙ୍ଗସାହି, ପୁରୀ

**ମାଞ୍ଜା ପାଇଁ ମାଡ଼ ଖାଇଛି**

ପିଲାବେଳୁ ଗୁଡି ଉଡାଇବା ମୋର ଏକ ପ୍ରିୟ ଖେଳ। ବିଶେଷ କରି ମକର ସଂକ୍ରାନ୍ତିରେ ଖାଲି ଗୁଡି ଉଡାଇବା ନୁହେଁ କମ୍ପିଟିଶନ କରି ଅନ୍ୟର ଗୁଡି କାଟିବାର ମଜା ଅଲଗା। ସେତେବେଳେ ସୂତା ପ୍ୟାକେଟ ୧୦ ଟଙ୍କା ଥାଏ । ଦୁଇ ପ୍ୟାକେଟ କିଣି ଆଣିଲେ ମକର ପୂର୍ବରୁ ଆଉ ପରେ ବି ଗୁଡ଼ି ଉଡାଇବା ଯାଏଁ ସୂତା ସରେନି । ତଥାପି ଯେମିତି ଗୁଡି ଉଡାଇବା ଲାଗି ଆମକୁ ସୂତା ନିଅଣ୍ଟ ପଡେ। ହାଇସ୍କୁଲ୍‌ରେ ପଢିବା ବେଳର ଘଟଣା। ସୂତାରେ ମାଞ୍ଜା ଦେବା କଥା ସାହିର ଅନ୍ୟ କିଛି ପିଲାଙ୍କ ଠାରୁ ଶିଖିଥିଲି । ତେଣୁ ମକର ସଂକ୍ରାନ୍ତିରେ ଏଥର ଆମେ ବି ମାଞ୍ଜାଦିଆ ସୂତାରେ ଗୁଡି ଉଡାଇବା ବୋଲି ୪ ଜଣ ସାଙ୍ଗ ନିଷ୍ପତ୍ତି ନେଲୁ। ଆମେ ଟଙ୍କା ଆଦାୟ କରି ଚୌଧୁରୀ ବଜାରରୁ ଯାଇ ସୂତା କିଣିଲୁ। ହେଲେ ହାତ ତିଆରି ମାଞ୍ଜା ସୂତା ତିଆରି କରିବାକୁ ଅଠା ଆଉ କାଚଗୁଣ୍ଡ ଦରକାର। ତେଣୁ ଘରେ ଥିବା ଏକ ପୁରୁଣା ଟ୍ୟୁବ ଲାଇଟକୁ ଲୁଚାଇ ନେଇ ଘରଠାରୁ ଦୂରରେ ଏକ ଜରି ବସ୍ତା ଭିତରେ ଭାଙ୍ଗିଥିଲି । ପରେ ଜଣେ ସାଙ୍ଗ ଠାରୁ ଅଠା ମାଗି ଆଣି ଛାତ ଉପରେ ସୂତାରେ ମାଞ୍ଜା ଦେଉଥିଲି । ସତର୍କତାର ସହ ମାଞ୍ଜା ଦେଉଥିଲେ ବି କାଚ ଗୁଣ୍ଡ ଯୋଗୁ ମୋ ହାତର ଅନେକ ଯାଗାରେ ଖଣ୍ଡିଆ ହୋଇଗଲା । ଆଉ ଯେତେବେଳେ ଘରେ ଏକଥା ଜାଣିଥିଲେ ସମବେଦନା ତ ଦୂରର କଥା ଓଲଟା ନିର୍ଘୂମ ମାଡ଼ ମିଳିଥିଲା। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ସେକଥା ମନେ ପଡି ହସଲାଗେ। – ପ୍ରଶାନ୍ତ ମହାନ୍ତି, କଟକ

**ଲୋମ ଟାଙ୍କୁରିଯାଏ ମନେପଡ଼ିଲେ ସେ ଘଟଣା :** ୨୦୦୨ମସିହା ଘଟଣା । ସେଦିନ ଥାଏ ମକର ସଂକ୍ରାନ୍ତି। ନିଜ ଗାଁ କଟକ ଜିଲା କିଶୋରନଗର ବ୍ଲକ କନ୍ଦରପୁରର ବାରଦାକୁ ଯାଉଥାଏ । ସମୟ ପ୍ରାୟ ଅପରାହ୍ନ ୨ଟା ହେବ । ମୁଁ ଚାଲି ଚାଲି ଯାଉଥିବା ବେଳେ ଦେଖିଲି ରାସ୍ତା କଡରେ ଥିବା ଏକ ବଡ ନାଳବନ୍ଧ ଉପରେ ଛୋଟପିଲାଟିଏ ବସିଥାଏ। ଟିକେ ଆଗକୁ ଯାଇଛି ପାଣି ଭିତରେ ଜୋର୍ ଶବ୍ଦ ହେଲା। ବୁଲି ପଡି ଦେଖିଲା ବେଳକୁ ପିଲାଟି ନାଳ ପାଣିକୁ ଡେଇଁଛି। ବୋଧହୁଏ ଖୋଲା ପାଣିରେ ଗାଧୋଇବାର ମଜା ନେବା ଲାଗି ଏପରି କରିଥିବ ଭାବି ଆଗକୁ ବଢିଲି। ହେଲେ ୨-୩ ଖୋଜ ପାଦ ଆଗକୁ ବଢାଇଛି ମନ ସମ୍ଭାଳି ହେଲାନି। ପୁନର୍ବାର ଫେରି ପାଣି ଭିତରକୁ ଚାହେଁ ତ ପିଲାଟି ପହଁରା ନ ଜାଣି ପାଣିରେ ଉବୁଟୁବୁ ହେଉଛି । କ'ଣ କରିବି ମୁଣ୍ଡରେ କିଛି ପଶିଲା ନାହିଁ। ବାଧ୍ୟ ହୋଇ ସଙ୍ଗେ ସଙ୍ଗେ ପାଣି ଭିତରକୁ ଡେଇଁ ପିଲାଟିକୁ ଉଦ୍ଧାର କଲି। ଉପରକୁ ଆଣି ତା' ପେଟ ଚାପି ପାଣି ବାହାର କଲି। ପିଲାଟି ଖୁବ୍ ଡରିଯାଇଥିଲା। ତାକୁ ସାନ୍ତ୍ୱନା ଦେବା ସହ ସେ ସାଧାରଣ ସ୍ଥିତିକୁ ଆସିବା ପରେ ପଚାରିବାରୁ ଘର ବିରିବାଟି ବୋଲି କହିଲା, ହେଲେ ନାଁ କିମ୍ବା ପରିବାରର ଅନ୍ୟ କାହା ସମ୍ପର୍କରେ ପଚାରିବା ପୂର୍ବରୁ ସେ ତରତର ହୋଇ ସେଠାରୁ ଦୌଡି ଚାଲିଗଲା। ମୋତେ ଓଦା ସରସର ଅବସ୍ଥାରେ ଦେଖି ଘରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ସମସ୍ତ ଘଟଣା ଜଣାଇଲି। ପିଲାଟିକୁ ମୃତ୍ୟୁମୁଖରୁ ବଞ୍ଚାଇପାରିଥିବାରୁ ମନଭିତରେ ଯେଉଁ ଖୁସିଥିଲା ତାହା ଅବର୍ଣ୍ଣନୀୟ। ହେଲେ ଏବେ ବି ସେ ଦୃଶ୍ୟ ମନେପଡିଲେ ଭୟରେ ଲୋମ ଟାଙ୍କୁରି ଉଠେ। – ବିଭୁପ୍ରସାଦ ଦାଶ, ଖୋର୍ଦ୍ଧା

**ଗୁଡ଼ି ପାଇଁ ଭାଇ ସହ ହେଉଥିଲା କଳି**

ଯଦିଓ ନିଜେ କେବେ ଗୁଡ଼ି ଉଡାଇନି। ହେଲେ ଦେଖିବାକୁ ବହୁତ ଭଲ ଲାଗେ । ଏମିତିକି ପିଲାବେଳେ ମକର ସଂକ୍ରାନ୍ତିରେ ଛାତ ଉପରେ ଛିଡ଼ା ହୋଇ କାହାର ଗୁଡି କଟିଗଲେ ସୂତାକୁ ଭିଡ଼ି କବ୍‌ଜା କରିବା ଲାଗି ଅପେକ୍ଷା କରି ରହୁଥିଲି। ଏଥିନେଇ ଅନେକ ଥର ଭାଇ ସହ କଳି ହୋଇଛି । ମନେପଡୁଛି ଗୋଟିଏ ବର୍ଷା ଘଟଣା। ମୁଁ ଆଉ ମୋ ସାନ ଭାଇ ସ୍କୁଲରୁ ଫେରି ଛାତ ଉପରେ ଠିଆହୋଇ ଗୁଡି ଉଡା ଦେଖୁଥାଉ। ଆଉ ଅପେକ୍ଷା କରିଥାଉ ଯଦି କେଉଁଗୁଡିରୁ ସୂତା କଟେ ତେବେ କିପରି ତା'କୁ ଧରିବୁ। କିଛି ସମୟ ପରେ ଗୋଟିଏ ଗୁଡି କଟିଲା ଏବଂ ଧୀରେଧୀରେ ଆମ ଛାତ ଆଡକୁ ଖସିଲା। ତାଳି ମାରି ଆମେ ଦୁହେଁ ତା'କୁ ଧରିବାକୁ ପୂରା ରେଡି ହୋଇଗଲୁ। ଲମ୍ବା ସୂତାକୁ ଏକାସାଙ୍ଗରେ ଦୁହେଁ ଧରିଥିବାରୁ ଗୁଡିଟି କାହାର ହେବ ବୋଲି ଆମ ଭିତରେ ଝଗଡା ଆରମ୍ଭ ହୋଇଗଲା। ଏହା ଶୁଣି ଘରଲୋକ ଉପରକୁ ଆସି ସମାଧାନ କରିବା ବେଳକୁ ଦୁହିଁଙ୍କ ଟଣାଓଟରା ଭିତରେ ଗୁଡ଼ିଟି ଚିରିଯାଇଥିଲା। ସେ ସମୟର ସେ ଅନୁଭୂତି ସବୁ ଏବେବି ମନରେ ସାଇତା ହୋଇ ରହିଛି।

– ମୋନାଲିସା ଜେନା, କଟକ

---

ୟୁଥ୍ କ୍ଲବ୍
ବାବା ବକ୍ରେଶ୍ୱର ୟୁଥ୍ ଫୋରମ୍

# ଲକ୍ଷ୍ୟ ଶୃଙ୍ଖଳିତ ସମାଜ ଗଠନ

କାର୍ଯ୍ୟବ୍ୟସ୍ତତା ଭିତରେ ସମୟ ବାହାର କରି ସମାଜସେବା କରିବାରେ ସେମାନଙ୍କୁ ମିଳିଥାଏ ଆନନ୍ଦ। ବିଶେଷ କରି ଛୁଟିଦିନରେ ଏକାଠି ହୋଇ ସେମାନେ ଲାଗିପଡନ୍ତି ଏହି କାର୍ଯ୍ୟରେ। ଏଭଳି ଜନହିତକର କାର୍ଯ୍ୟ କରି ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟିଥିବା ଏହି ଯୁବକମାନେ ହେଉଛନ୍ତି ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ୍ ଅଧୀନ ଭିଙ୍ଗାରପୁର ଅଞ୍ଚଳରେ ଥିବା ବାବା ବକ୍ରେଶ୍ୱର ୟୁଥ୍ ଫୋରମ୍‌ର ସଦସ୍ୟମାନେ। ୨୦୧୬ ମସିହାରେ ମାତ୍ର ୪ ଜଣ ଯୁବକ ମନୋରଞ୍ଜନ ପାରମାଣିକ, ପ୍ରକାଶ ବରାଳ, ଚୌଧୁରୀ ମଦନ ମୋହନ ଦାଶ ଓ ସନ୍ତୋଷ ଦାଶଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ସଂଘର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୪୦। ନିଜ ଗ୍ରାମପଞ୍ଚାୟତର ପରିବେଶ ସୁରକ୍ଷା ଲାଗି ବିଭିନ୍ନ ସମୟରେ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିବର୍ଷ ଡିସେମ୍ବର ୨୫ ତାରିଖରେ ୧୮ରୁ ୩୫ ବର୍ଷ ବର୍ଗର ୨୦୦ ଜଣ ଯୁବକଙ୍କୁ ନେଇ ଏକ ମିନି ମାରାଥନ୍ ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଉଛି। ଏହା ବ୍ୟତୀତ ଗ୍ରାମର ବାର୍ଷିକ ଉତ୍ସବ ଦୟଣାଚୋରି ମେଳନରେ ଲୋକନୃତ୍ୟ ଏବଂ ଲୋକଗୀତର ପ୍ରତିଭାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ବିଭିନ୍ନ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି। ଏଥିସହିତ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜନ ସହ ସ୍ଥାନୀୟ ବିଦ୍ୟାଳୟଗୁଡିକ ସମେତ ମନ୍ଦିର ଏବଂ ଡାକ୍ତରଖାନା ସଫେଇ କରିଥାନ୍ତି। ବୃକ୍ଷରୋପଣ ମଧ୍ୟ କରୁଛନ୍ତି। ଅସହାୟଲୋକଙ୍କୁ ସାହାଯ୍ୟର ହାତ ବଢାଇଥାନ୍ତି। ଅନୁଷ୍ଠାନର ସଭାପତି ପ୍ରକାଶ ବରାଳ କୁହନ୍ତି, ସଦସ୍ୟମାନେ ନିଜ ଭିତରେ ଚାନ୍ଦା ଆଦାୟ କରି ଏହି ସବୁ କାର୍ଯ୍ୟ ତୁଲାଉଛନ୍ତି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ ମାଗଣା କୋଚିଂ ଯୋଗାଇ ଦେଉଛନ୍ତି। ଭବିଷ୍ୟତରେ ଆମ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହୁରି ଉନ୍ନତିମୂଳକ କାର୍ଯ୍ୟ କରିବା ସହ ଏକ ଦୁର୍ନୀତି ମୁକ୍ତ ଓ ଶୃଙ୍ଖଳିତ ସମାଜ ଗଠନ ଆମ ଫୋରମ୍‌ର ଲକ୍ଷ୍ୟ ବୋଲି ପ୍ରକାଶ କରନ୍ତି ସମ୍ପାଦକ ଚୌଧୁରୀ ମଦନ ମୋହନ ଦାଶ। – ନୀଳମାଧବ ସାହୁ



ବାବା ବକ୍ରେଶ୍ୱର ୟୁଥ୍ ଫୋରମ୍‌ର ସଦସ୍ୟମାନେ।

---

## ଏ ସପ୍ତାହର ପ୍ରଶ୍ନ

୧– ଅଲ୍ ଇଣ୍ଡିଆ ରେଡିଓର ନ୍ୟାଶନାଲ୍ ପୋଏଟ୍ କନ୍‌ଫରେନ୍ସ ୨୦୧୯ ......... ଠାରେ ଅନୁଷ୍ଠିତ ହୋଇଯାଇଛି ?
୨– ଭାରତର ସର୍ବବୃହତ୍ ଆସେଟ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ...... ?
୩– ମ୍ୟାନ୍ ଅଫ୍ ଥାଉଜେଣ୍ଡ ଫେସେସ୍ ..............କୁ କୁହାଯାଏ ?
୪– ପୂର୍ବରୁ ଇଣ୍ଡୋ ଚାଇନା ଭାବେ ଜଣାଶୁଣା ଦେଶ............. ?
୫– ୱାଟରପ୍ରୁଫ୍ ରବରର ଉଦ୍ଭାବକ................ ?

## ଗତ ସପ୍ତାହର ଉତ୍ତର

୧ ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ୍ କର୍ପୋରେଶନ୍
୨ ଆଦି ସାଇ ବିଜୟକରନ୍
୩ ସୁଧୀର ଭାର୍ଗବ
୪ ଅନିନ୍ଦିତା ନିୟୋଗୀ
୫ ପଣସ

## ଉତ୍ତରଦାତା



ସ୍ମିତା ନାୟକ, ଭଞ୍ଜନଗର
ତ୍ରିଦିବେଶ ପ୍ରଧାନ, ବ୍ରହ୍ମପୁର
ଶୁଭଲକ୍ଷ୍ମୀ ରାଉତରାୟ, ଜଗତ୍‌ସିଂହପୁର
ବିନୋଦ ବିହାରୀ ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

---


XXIX-72

## ଓଡ଼ିଶା ସରକାର
## ଅନୁଗୋଳ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

File No. L.A.I. 64/2018-790 Dated : 11.09.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ସୁଲିଆ, ଥାନା-ଖମାର, ଥାନା ନଂ-୬୫, ତହସିଲ-ପାଲଲହଡା, ଜିଲ୍ଲା - ଅନୁଗୋଳରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିମନ୍ତେ ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବତଟ ରେଳପଥ, ଅନୁଗୋଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା - ୨୬୩୫୦, ତା. ୧୦.୦୮.୨୦୧୭ରିଖ ଏବଂ ଶୁଦ୍ଧିପତ୍ର ସଂଖ୍ୟା- ୩୦୪୮୯, ତା.୧୨.୦୯.୨୦୧୭ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ସୁଲିଆ, ଥାନା-ଖମାର, ଥାନା ନଂ-୬୫, ଜିଲ୍ଲା- ଅନୁଗୋଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.angul.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/ revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ଅନୁଗୋଳ ତହସିଲ : ପାଲଲହଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସୁଲିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ ୧୩.୨୬୦ | ଏଥି ସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ଅନୁଗୋଳ ତହସିଲ : ପାଲଲହଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

ତଫସିଲ-କ
ଭୂମି ଅଧିଗ୍ରହଣ ଅନୁସୂଚୀ
ମୌଜା- ସୁଲିଆ, ତହସିଲ- ପାଲଲହଡା, ଥାନା- ଖମାର, ଥାନା ନଂ-୬୫, ଜିଲ୍ଲା- ଅନୁଗୋଳ
ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର- ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସୁଲିଆ | ଗ୍ରାମାଞ୍ଚଳ | ୩ | ୧୨୭ | ଶାରଦ ତିନି | ୨.୦୦୦ | ୦.୧୧୦ | କାଞ୍ଚନ ସେଠୀ, ସ୍ୱା. : ଚନ୍ଦ୍ରମଣି ସେଠୀ, ଜା: ଧୋବା, ବା: ଖମାର |
| ସୁଲିଆ | ଗ୍ରାମାଞ୍ଚଳ | ୧୦ | ୨୫ | ଶାରଦ ଏକ | ୦.୩୪୦ | ୦.୩୪୦ | ନଗେନ୍ଦ୍ର କୁମାର ଦ୍ୱିବେଦୀ, ସୁଷମା ମଞ୍ଜରୀ ଦ୍ୱିବେଦୀ, ପି. ଶ୍ରୀକର ଦ୍ୱିବେଦୀ, ଗୋଦାବରି ଦ୍ୱିବେଦୀ, ସ୍ୱା.: ଶ୍ରୀକାର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | | ୨୬ | ଶାରଦ ଏକ | ୦.୬୨୦ | ୦.୫୭୦ | |
| | | | ୨୯ | ଶାରଦ ଏକ | ୦.୫୮୦ | ୦.୪୧୦ | |
| | | | ୩୧ | ଶାରଦ ଏକ | ୦.୩୯୦ | ୦.୩୯୦ | |
| | | | ୩୬ | ଶାରଦ ଦୁଇ | ୦.୧୨୦ | ୦.୧୨୦ | |
| | | | ୩୭ | ଶାରଦ ଦୁଇ | ୦.୨୩୦ | ୦.୧୨୦ | |
| | | | ୫୬ | ଶାରଦ ତିନି | ୦.୨୦୦ | ୦.୨୦୦ | |
| | | | ୭୮ | ଶାରଦ ତିନି/୧୯ | ୦.୭୨୦ | ୦.୩୭୦ | |
| | | | ୭୯ | ଶାରଦ ତିନି/୧୯ | ୦.୭୨୦ | ୦.୪୪୦ | |
| ସୁଲିଆ | ଗ୍ରାମାଞ୍ଚଳ | ୧୩ | ୧୪୫ | ଶାରଦ ତିନି | ୧.୬୮୦ | ୦.୨୨୦ | ବନମାଳୀ ସାହୁ, ପି. ଭୁବନି ସାହୁ, ଜା: ଚଷା, ବା: ଖମାର |
| | | | ୨୩/୧୮୮ | ଶାରଦ ଏକ | ୦.୭୮୦ | ୦.୭୮୦ | |
| | | | ୧୨୭/୧୮୯ | ଶାରଦ ଏକ | ୦.୨୦୦ | ୦.୨୦୦ | |
| | | | ୧୨୮/୧୮୬ | ଶାରଦ ତିନି | ୦.୫୮୦ | ୦.୦୧୦ | |
| ସୁଲିଆ | ଗ୍ରାମାଞ୍ଚଳ | ୧୬ | ୨୩/୩୪୪ | ଶାରଦ ଏକ | ୦.୩୧୦ | ୦.୩୧୦ | ଅମରେନ୍ଦ୍ର ଦ୍ୱିବେଦୀ, ପି. ରବିଚନ୍ଦ୍ର ଦ୍ୱିବେଦୀ, ଗୋରୀ ଦ୍ୱିବେଦୀ, ସ୍ୱା. ରବିଚନ୍ଦ୍ର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | | ୩୪ | ଶାରଦ ଦୁଇ | ୦.୩୬୦ | ୦.୩୬୦ | |
| | | | ୪୦ | ଶାରଦ ଦୁଇ | ୦.୧୬୦ | ୦.୧୩୦ | |
| | | | ୫୨ | ଶାରଦ ତିନି | ୦.୦୭୦ | ୦.୦୭୦ | |
| | | | ୫୪ | ଶାରଦ ତିନି | ୦.୦୫୦ | ୦.୦୫୦ | |
| | | | ୭୨ | ଶାରଦ ତିନି/୮ | ୦.୧୦୦ | ୦.୦୧୦ | |
| | | | ୭୫ | ଶାରଦ ତିନି | ୦.୩୬୦ | ୦.୩୬୦ | |
| | | | ୮୦ | ଶାରଦ ତିନି/୨୭ | ୦.୪୦୦ | ୦.୩୨୦ | |
| | | | ୬୭/୩୪୮ | ଶାରଦ ତିନି | ୦.୧୨୦ | ୦.୧୨୦ | |
| | | | ୫୩/୩୩୮ | ଶାରଦ ତିନି | ୦.୦୩୦ | ୦.୦୩୦ | |
| | | | ୫୪/୩୩୨ | ଶାରଦ ତିନି | ୦.୦୩୦ | ୦.୦୩୦ | |
| ସୁଲିଆ | ଗ୍ରାମାଞ୍ଚଳ | ୧୬ | ୫୯/୩୩୯ | ତଇଳା ଦୁଇ | ୦.୦୫୦ | ୦.୦୫୦ | ଅମରେନ୍ଦ୍ର ଦ୍ୱିବେଦୀ, ପି. ରବିଚନ୍ଦ୍ର ଦ୍ୱିବେଦୀ, ଗୋରୀ ଦ୍ୱିବେଦୀ, ସ୍ୱା. ରବିଚନ୍ଦ୍ର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | | ୭୬/୩୪୬ | ଶାରଦ ତିନି | ୦.୧୨୦ | ୦.୧୨୦ | |
| | | | ୭୭/୩୪୭ | ଶାରଦ ତିନି | ୦.୦୯୦ | ୦.୦୯୦ | |
| | | | ୮୦/୩୨୬ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ସୁଲିଆ | ଗ୍ରାମାଞ୍ଚଳ | ୧୯ | ୧୪୨ | ଶାରଦ ତିନି | ୦.୨୯୦ | ୦.୨୫୦ | ଶୁକଦେବ ସାହୁ, ପି. ବୈଷ୍ଣବ ସାହୁ, ଜା: ଚଷା, ବା: ଖମାର |
| ସୁଲିଆ | ଗ୍ରାମାଞ୍ଚଳ | ୨୦ | ୨୩/୩୫୧ | ଶାରଦ ଏକ | ୦.୩୩୦ | ୦.୩୩୦ | ବିନୋଦ ବିହାରି ଦ୍ୱିବେଦୀ, ରାଜ କିଶୋର ଦ୍ୱିବେଦୀ, ଯୁଗଳ କିଶୋର ଦ୍ୱିବେଦୀ, ପି. ସୁଧାକର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | | ୨୩ | ଶାରଦ ଏକ | ୦.୬୬୦ | ୦.୩୮୦ | |
| | | | ୨୪ | ଶାରଦ ଏକ | ୦.୬୫୦ | ୦.୫୭୦ | |
| | | | ୨୭ | ଶାରଦ ଏକ | ୦.୬୦୦ | ୦.୬୦୦ | |
| | | | ୨୮ | ଶାରଦ ଏକ | ୦.୫୬୦ | ୦.୫୬୦ | |
| | | | ୩୦ | ଶାରଦ ଏକ | ୦.୩୭୦ | ୦.୧୭୦ | |
| | | | ୩୨ | ଶାରଦ ଏକ | ୦.୩୬୦ | ୦.୩୬୦ | |
| | | | ୩୫ | ଶାରଦ ଦୁଇ | ୦.୧୫୦ | ୦.୧୫୦ | |
| | | | ୪୧ | ଶାରଦ ଦୁଇ | ୦.୩୦୦ | ୦.୧୬୦ | |
| | | | ୫୩ | ଶାରଦ ତିନି | ୦.୧୩୦ | ୦.୧୩୦ | |
| | | | ୫୫ | ଶାରଦ ତିନି | ୦.୧୪୦ | ୦.୧୪୦ | |
| | | | ୫୯ | ତଇଳା ଦୁଇ | ୦.୦୧୦ | ୦.୦୧୦ | |
| | | | ୭୩ | ଶାରଦ ତିନି | ୦.୦୧୦ | ୦.୦୧୦ | |
| | | | ୭୬ | ଶାରଦ ତିନି | ୦.୩୦୦ | ୦.୩୦୦ | |
| | | | ୭୭ | ଶାରଦ ତିନି | ୦.୨୩୦ | ୦.୨୩୦ | |
| | | | ୧୪୦ | ଶାରଦ ତିନି | ୦.୨୪୦ | ୦.୧୦୦ | |
| | | | ୫୨/୩୨୨ | ଶାରଦ ତିନି | ୦.୦୪୦ | ୦.୦୪୦ | |
| | | | ୫୪/୩୨୩ | ଶାରଦ ତିନି | ୦.୧୦୦ | ୦.୧୦୦ | |
| | | | ୫୮/୩୨୫ | ଶାରଦ ତିନି | ୦.୦୪୦ | ୦.୦୩୦ | |
| | | | ୭୭/୩୫୨ | ଶାରଦ ତିନି | ୦.୧୪୦ | ୦.୧୪୦ | |
| | | | ୮୦/୩୨୭ | ଶାରଦ ତିନି | ୦.୬୬୦ | ୦.୩୦୦ | |
| | | | ୧୨୭/୧୯୦ | ଶାରଦ ଏକ | ୦.୦୫୦ | ୦.୦୫୦ | |
| ସୁଲିଆ | ଗ୍ରାମାଞ୍ଚଳ | ୨୧ | ୮୨ | ଶାରଦ ତିନି/୪ | ୦.୮୦୦ | ୦.୩୬୦ | ସୁଧାକର ଦ୍ୱିବେଦୀ, ରବିଚନ୍ଦ୍ର ଦ୍ୱିବେଦୀ, ପି. ନୀଳମଣି ଦ୍ୱିବେଦୀ, ନଗେନ୍ଦ୍ର କୁମାରୀ ଦ୍ୱିବେଦୀ, ସୁଷମା ମଞ୍ଜରୀ ଦ୍ୱିବେଦୀ, ପି. ଶ୍ରୀକର ଦ୍ୱିବେଦୀ, ଗୋଦାବରି ଦ୍ୱିବେଦୀ, ସ୍ୱା. ଶ୍ରୀକର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ସୁଲିଆ | ଗ୍ରାମାଞ୍ଚଳ | ୨୩ | ୧୪୧ | ଶାରଦ ତିନି | ୦.୧୨୦ | ୦.୦୧୦ | ହରି ସାହୁ, ପି. ବୈଷ୍ଣବ ସାହୁ, ଜା: ଚଷା, ବା: ଖମାର |
| | | | ୧୪୩ | ଶାରଦ ତିନି | ୦.୨୮୦ | ୦.୨୪୦ | |
| ସୁଲିଆ | ଗ୍ରାମାଞ୍ଚଳ | ୨୩/୭ | ୮୧ | ଶାରଦ ଦୁଇ | ୦.୬୪୦ | ୦.୬୪୦ | ଶ୍ରୀ ଅରୁଣ କୁମାର ଆଚାର୍ଯ୍ୟ, ପି. ହରିହର ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ସାନ ଲୁଡୁଙ୍ଗ |
| ସୁଲିଆ | ଗ୍ରାମାଞ୍ଚଳ | ୨୩/ ୧୧୫ | ୭୪ | ଶାରଦ ତିନି | ୦.୦୯୦ | ୦.୦୯୦ | ପ୍ରତାପ କୁମାର ବେହେରା, ପି. ଲଳିତ ମୋହନ ବେହେରା, ଜା: ଶିଅଳ, ବା: ମୁଣ୍ଡରିବେଡା କଲୋନୀ |
| ସୁଲିଆ | ଗ୍ରାମାଞ୍ଚଳ | ୨୩/ ୧୩୮ | ୫୭ | ଘରବାରି | ୦.୧୮୦ | ୦.୧୮୦ | ଶୁଭେନ୍ଦୁ ପ୍ରଧାନ, ପି. ପଦ୍ମଲୋଚନ ପ୍ରଧାନ, ଜା: ଚଷା, ବା: ଖମାର |
| ସୁଲିଆ | ଗ୍ରାମାଞ୍ଚଳ | ୩୭/ ୨୫ | ୭୪/୨୯୬ | ଘରବାରି | ୦.୦୪୦ | ୦.୦୪୦ | ସବିତା ମିଶ୍ର, ସ୍ୱା. ଗଣେଶ୍ୱର ମହାପାତ୍ର, ଜା: ବ୍ରାହ୍ମଣ, ବା: ଖମାର |
| | | | ୭୮/୨୯୭ | ଘରବାରି | ୦.୦୮୦ | ୦.୦୮୦ | |
| ସୁଲିଆ | ଗ୍ରାମାଞ୍ଚଳ | ୩୭/ ୪୫ | ୭୩/୨୯୪ | ଘରବାରି | ୦.୦୮୦ | ୦.୦୮୦ | ବାଉରିବନ୍ଧୁ ସାହୁ, ପି. ଆଦିକନ୍ଦ ସାହୁ, ଜା: ଚଷା, ବା: ଶଙ୍ଖପୁର |
| ମୌଜାର ସର୍ବମୋଟ | | ପ୍ଲଟକୁ ଅଧିକୃତ ରକବା | | | | ଏ.୧୩.୨୬୦ | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ମୌଜା- ସୁଲିଆ, ଥାନା- ଖମାର, ଥାନା ନଂ-୬୫, ତହସିଲ- ପାଲଲହଡା, ଜିଲ୍ଲା- ଅନୁଗୋଳ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହାର ଆବଶ୍ୟକତା ନାହିଁ | | | | | | | |

24012/14/0040/1819

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଅନୁଗୋଳ



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ବିଭୂତି



@ ବିକାଶ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ୨୭ତମ ୱାଇଏମ୍‌ସି କପ୍ ଫାଇନାଲ ଆଜି

## ଝାରସୁଗୁଡାକୁ ହରାଇ ସମ୍ବଲପୁର ଫାଇନାଲରେ

**ନୂଆପଡା ଅଫିସ, ୧୨।୧**

ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ୨୭ତମ ୱାଇଏମ୍‌ସି କପ ଶନିବାର ଦ୍ୱିତୀୟ ସେମିଫାଇନାଲରେ ସମ୍ବଲପୁର ଦଳ ଝାରସୁଗୁଡାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଝାରସୁଗୁଡା ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୦ ଉଇକେଟ ବିନିମୟରେ ୧୪୦ରନ କରିଥିଲା। ଏଥିରେ ସର୍ବାଧିକ ପ୍ରତୀପ ୟାଦବ ୪, କ୍ରିଷ୍ଣା ପଟେଲ ୩୫ ରନ, ସୋହନ ଦେବ ୧୬ରନ କରିଥିଲେ। ଜବାବରେ ସମ୍ବଲପୁର ଦଳ ନିର୍ଦ୍ଧାରିତ ୨୬.୨ଓଭରରେ ୧୪୧ରନ କରି ବିଜୟୀ ହୋଇଥିଲା। ଝାରସୁଗୁଡା ଦଳ ତରଫରୁ ପ୍ରଶାନ୍ତ ପଣ୍ଡା ୩, ପ୍ରଶାନ୍ତ ଦାସ ୨, ରାଜେଶ୍ୱର ୨, ଅବିନାଶ ନନ୍ଦ ୨ଟି ଉଇକେଟ ଅକ୍ତିଆର କରିଥିଲେ। ପୂର୍ବାହ୍ନ ୧୦ଟାବେଳେ ମ୍ୟାଚକୁ ଓସିଏ ଉପସଭାପତି ସରୋଜ କୁମାର ସାହୁ ଏବଂ ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରକାଶ ସାହୁ ଉଦ୍‌ଘାଟନ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ସକାଶେ ଅବିନାଶ ନନ୍ଦଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ପ୍ରଦାନ ସମାରୋହରେ ନ୍ୟାସନାଲ କଲେଜ ଅଧ୍ୟକ୍ଷ ଡ.ଅଶୋକ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରବିବାର ଫାଇନାଲ ଖେଳ ୟୁନିୟନ ସ୍ପୋର୍ଟିଂ ଏବଂ ସମ୍ବଲପୁର ଦଳ ମଧ୍ୟରେ ହେବ ବୋଲି ଚୂଡାନ୍ତ ହୋଇଛି।



ଅତିଥିମାନେ ଜଣେ କୃତୀ ଖେଳାଳିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA**

**No. 236 / 2019 (F.W), Rayagada, dated, the 10.01.2019**

**TENDER CALL NOTICE**

**No.764-E:-** Sealed tenders are invited from the eligible Printers/Suppliers/Firms/Govt Supplier for supply of IEC/ BCC MATERIALS & FIXATION OF HOARDINGS with reference to the Advt. No. 1/IEC/BCC Rayagada/2018-19.

The tender papers with all terms and conditions in respect of printing of IEC/BCC materials may be collected from CDM&PHO Rayagada, (ADPHO F.W Wing) with submitting demand draft of Rs. 1000/- in favour of CDM&PHO Rayagada as tender paper cost which is not refundable. Or the tender paper download the tender document from the district website www.rayagada.nic.in. The tender paper should reach to the undersigned by **Registered/Speed Post** only. The last date of receiving the tender papers is on or before 29.01.2019 up to 5.00 PM and will be opened on 30.01.2019 at 11.00 AM in the Office Chamber of CDM&PHO, Rayagada. The parties or authorized representative may present at the time of opening of tender. The tender paper received after due date and incomplete paper will not be entertained. The undersigned reserves the right to modify or cancel the tender call notice without assigning any reason thereof.

**Sd./- Chief District Medical & Public Health Officer, Rayagada**

10035/11/0029/1819

**GOVERNMENT OF ODISHA**

**e-Procurement Notice, ANGUL (R&B) DIVISION**

**No.1119-B:- Bid Identification No.-44 of 2018-19**

**e-mail ID: angulrbdivision@yahoo.co.in**

| | | | |
|---|---|---|---|
| 1. | Number of Works | : | 1 (One) number of road work |
| 2. | Approximate estimated cost | : | Rs. 96.62 lakh |
| 3. | Period of completion | : | 03 (Three) calendar month |
| 4. | Date & Time of availability of bid document in the portal | : | Dt. 16.01.2019 at 10.00 AM |
| 5. | Last date/ Time for receipt of bid in the portal | : | Dt. 31.01.2019 up to 5.00 PM |
| 6. | Date of opening of Bid | : | Dt. 01.02.2019 at 11.00 AM |
| 7. | Name and address of the Officer Inviting Bid | : | Executive Engineer, Angul (R&B) Division, Angul |
| 8. | The bidders have to participate in ONLINE bidding only. | | |

Further details can be seen from the e-procurement portal https:/tendersodisha.gov.in.

**Sd./- Executive Engineer**
**Angul (R&B) Division**

34074/11/0030/1819

**BERHAMPUR MUNICIPAL CORPORATION, BERHAMPUR**

**Quotation Call Notice**

**Letter No. 450/ F1-IV-15/18 Dt. 11.01.19**

**No.409-C:-** Berhampur Municipal Corporation, Berhampur inviting sealed quotation from Agency/ firm having prior experience for printing of banners/ flex including flexication of frame, flex pasting and transportation cost at various locations under BeMC area.

1. Interested agency may send their financial quotations in the hard copy to Commissioner, Berhampur Municipal Corporation, Berhampur through speed post or by hand, on or before Dt. 21.01.2019.
2. The financial quotations should be enclosed in a sealed envelope, along with registration certificate and proof of prior wok with government.
3. The quotation should be submitted in the prescribed format. The details are available on the website www.berhampur.gov.in. For any clarification you can contact Commissioner Office during office hours.
4. Details of the subject to be printed on the Banner/Flex will provided by the BeMC.
5. The corporation has right to reject any or all quotation without assign thereof.
6. Bid should be accompanied with 2% of total quoted value as EMD.

**Sd./- Commissioner**
**Berhampur Municipal Corporation**

13035/11/0185/1819

See Career Appointment on every Wednesday & Saturday


## ମକର ପାଇଁ ସବୁଠି ଭିଡ଼

**କପ୍ତିପଦା, ୧୨।୧ (ଡି.ଏନ.ଏ)**–ଆଉ ଦିନକ ପରେ ମୟୂରଭଞ୍ଜ ଜିଲାର ଗଣପର୍ବ ମକର । ଏଥିପାଇଁ ସମସ୍ତଙ୍କ ଘରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହା ହେଉଛି ଚାଷୀଙ୍କ ଚାଷ କାର୍ଯ୍ୟର ଶେଷ ଦିନ । ଏହି ଦିନ ଗଉଁଣି ଓ କଠାକୁ ପୂଜା କରାଯାଇଥାଏ । ବର୍ଷ ଜାକର ପରିଶ୍ରମ ପରେ ଧାନ ଅମଳ କରି ସୁରକ୍ଷିତ ରଖିବା ପରେ ଏହି ପର୍ବକୁ ସେମାନେ ଖୁବ ଧୁମଧାମରେ ପାଳନ କରିଥାନ୍ତି। ଆଦିବାସୀ ସଂସ୍କୃତି ଓ ପରମ୍ପରାର ନିବିଡ ସମ୍ପର୍କ ଥିବାରୁ ମକର ଏକ ନିଆରା ପର୍ବ। ଏହାକୁ ଧୁମଧାମରେ ପାଳନ କରିବା ପାଇଁ ଘରେ ବନ୍ଧୁବାନ୍ଧବଙ୍କ ଗହଳି ଆରମ୍ଭ ହେଲାଣି। ଆଦିବାସୀ ଅଧୁଷିତ ବିଭିନ୍ନ ସ୍ଥାନରେ ମକରଠାରୁ ୮ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ପ୍ରସ୍ତୁତି ସରିଛି । କପ୍ତିପଦା ବ୍ଲକ୍ ଅଧୀନ କପ୍ତିପଦା, ଶାଳଚୁଆ, ରାମଚନ୍ଦ୍ରପୁର, ରୁଗୁଡି, ଶରତ, ପୋହାଡିହା, ଚକ୍ରଧରପୁର, କୁଳିଅଳମ, ନାବରା ହାଟରେ ପ୍ରବଳ ଭିଡ ସତ୍ତ୍ୱେ କପ୍ତିପଦା ଉପଖଣ୍ଡର ମୁଖ୍ୟାଳୟ, ଉଦଳା ବଜାରକୁ ମଧ ଛୁଟି ଆସୁଛନ୍ତି ଲୋକେ। ପୁରାଣ ପ୍ରସିଦ୍ଧ ସମୀବୃକ୍ଷ, ଟାଙ୍ଗରାଶୁଣୀ ଓ ବାଇଟାଙ୍ଗରିଆ ପୀଠରେ ୮ଦିନ ଧରି ମେଳା ବସିବ ବୋଲି କମିଟି ସୂତ୍ରରୁ ଜଣାଯାଇଛି । ଲୋକଙ୍କ ଗହଳିକୁ ଦୃଷ୍ଟିରେ ରଖି ରାସ୍ତାଘାଟର ମରାମତି, ପାନୀୟ ଜଳ, ପାର୍କିଂ, ମଦ ବିକ୍ରି ନିଷେଧ, ଦୋକାନୀଙ୍କ ପାଇଁ ସ୍ଥାନ ଚିହ୍ନଟ ଓ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଥିବା ସମୀବୃକ୍ଷ ଟ୍ରଷ୍ଟ ସଭାପତି ପ୍ରଫୁଲ୍ଲ ଖିଲାର କହିଛନ୍ତି। ମକର ଦିନ ବଡି ଭୋରୁ ସଂକୀର୍ତ୍ତନ ଦଳ ସହିତ ଲୋକମାନେ ନଦୀକୁ ଯାଇ ମକର ବୁଡ ପକାଇବା ଓ ଶୀତ କଷ୍ଟରୁ ରକ୍ଷା ପାଇବା ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମକରପଲା ଜାଳି ସେକି ହେବା ପରମ୍ପରା ରହି ଆସିଛି । ଏହି ନିଆଁରେ ସବୁ ଅପକର୍ମ ପୋଡିଯାଏ ବୋଲି ପ୍ରବାଦ ରହିଛି । ଏହି ସଂକୀର୍ତ୍ତନ ଦଳ ଗ୍ରାମରେ ଥିବା ସବୁ ମନ୍ଦିରକୁ ବୁଲିବୁଲି ସଂକୀର୍ତ୍ତନ କରିଥାନ୍ତି । ସେତେବେଳେ ସେମାନଙ୍କୁ ମନ୍ଦିର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁଡ, କଦଳୀ, ତିଳଉ, କନ୍ଦମୂଳ, ଚିନିଆଳୁ, ଆଖୁ, କାକୁଡି ଓ ଦହିକୁ ନେଇ ପ୍ରସ୍ତୁତ ମକର ଭୋଗ ଦିଆଯାଇଥାଏ। ଏହି ଭୋଗ ସେଦିନ ଘରେ ଘରେ ମଧ ପ୍ରସ୍ତୁତ କରାଯାଏ । ଏତଦବାଦ ମଣ୍ଡା, ଆରିସା, କାକରା, ଚକୁଳି ଓ ପୋଡପିଠା ବାସ୍ନାରେ ଗାଁ ଦାଣ୍ଡ ମହକି ଉଠେ। ଏହି ପର୍ବରେ ଝିଅମାନଙ୍କର ଟୁସୁ ପୂଜା ଓ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଦାମୋଦର ଯାତ୍ରାକୁ(ପୂର୍ବ ପୁରୁଷଙ୍କ ଅସ୍ଥି ବିସର୍ଜନ) ଖୁବ ଧୁମଧାମରେ ପାଳନ କରାଯାଏ ।


**ଓଡ଼ିଶା ସରକାର**

**ସୁନ୍ଦରଗଡ଼, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**ଅଧିସୂଚନା**

**File No.-L.A.I.-9/2018 17/WE Dated: 02.01.19**

**No.VII-41:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର–ବିମଳାଗଡ଼ ନୂତନ ଓସାରିଆ ରେଳପଥର ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–ଗଡ଼ରୁଆ, ଥାନା: ବଣେଇ, ନଂ–୨୨୩, ତହସିଲ–ଲହୁଣିପଡ଼ା, ଜିଲ୍ଲା: ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୨.୫୧୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013) ର ଧାରା ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013 11(1) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏହି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ତାଳଚେର–ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ–୨), ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:– ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 35854 Dt. 28.10.17 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପ ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ –

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
| ସୁନ୍ଦରଗଡ଼ | ଲହୁଣିପଡ଼ା | ଗଡ଼ରୁଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି। | ଏଥି ସହିତ ସଂଲଗ୍ନ ଅଛି। | ଏ. ୬.୫୭୦ | ଏ. ୨.୫୧୦ | ଏଥି ସହିତ ସଂଲଗ୍ନ ଅଛି। |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି–ଅର୍ଜନ ଅଧିକାରୀ, ତାଳଚେର–ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼**

**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁ ଥିବା ରୟତି ଜମିର ତଫସିଲ**
**ମୌଜା-ଗଡ଼ରୁଆଁ, ତହସିଲ-ଲହୁଣିପଡ଼ା, ଥାନା-ବଣେଇ, ଥାନା ନଂ-୨୨୩, ଜିଲ୍ଲା-ସୁନ୍ଦରଗଡ଼**

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂଅର୍ଜନ ରକବା | ହାଲ କିସମ | ରୟତଙ୍କ ନାମ, ବାସସ୍ଥାନ, ଜାତି, ପିତାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩୨ (ସ୍ମ) | ୨.୧୧୦ | ୦.୦୧୦ | ମାଳ ପାଣି ଦୁଇ | ଅର୍ଜୁନ ମୋହନ କୁଅଁର, ପି: ଲୋଚନ କୁଅଁର, ବା: ବିଛଣା ପଟି, –ଜବରଦଖଲ–ଅତୁଲ ମାଝି, ପି: ଚନ୍ଦନ ମାଝି, ଜା: ଗଣ୍ଡ, ବା: ନିଜଗାଁ |
| ୨ | ୩ | ୨୭ (ସ୍ମ) | ୦.୮୫୦ | ୦.୩୮୦ | ମାଳ ପାଣି ଦୁଇ | ଅତଲ ମାଝି, ବୈମତୀ ମାଝି, ପି: ଚନ୍ଦନ ମାଝି, ରାଏସିଂ ମାଝି, ପି: ଚେମରୁ ମାଝି, ଜା: ଗଣ୍ଡ, ବା: ନିଜଗାଁ |
| | | ୨୭/ ୧୧୭୯ (ସ୍ମ) | ୦.୩୨୦ | ୦.୨୭୦ | ମାଳ ପାଣି ଦୁଇ | |
| | | ୩୦ | ୦.୧୧୦ | ୦.୧୧୦ | ବେର୍ଣ୍ଣା ପାଣି ଦୁଇ | |
| | | ୩୧ (ସ୍ମ) | ୦.୪୬୦ | ୦.୦୪୦ | ବେର୍ଣ୍ଣା ପାଣି ଦୁଇ | |
| | | ୨୮ (ସ୍ମ) | ୦.୧୭୦ | ୦.୧୦୦ | ଗୋଡ଼ା ଦୁଇ | |
| ୩ | ୧୦ | ୩୭ (ସ୍ମ) | ୧.୫୧୦ | ୦.୫୮୦ | ମାଳ ପାଣି ଦୁଇ | କଟ ମୁଣ୍ଡାରି, ପି: ଡୁରାମ ମୁଣ୍ଡାରି, ଜା: ମୁଣ୍ଡାରି, ବା: ନିଜଗାଁ |
| ୪ | ୪୧ | ୩୮ (ସ୍ମ) | ୧.୧୨୦ | ୦.୩୦୦ | ମାଳ ପାଣି ଦୁଇ | ଡୁରି ମୁଣ୍ଡାରି, ପି: ଲେବା ମୁଣ୍ଡାରି, ଜା: ମୁଣ୍ଡାରି, ବା: ନିଜଗାଁ |
| ୫ | ୬୫ | ୪ (ସ୍ମ) | ୦.୨୬୦ | ୦.୧୭୦ | ବେର୍ଣ୍ଣା ପାଣି ଦୁଇ | ବାସୁଦେବ କିଷାନ, ପି: କାଲୁ କିଷାନ, ଜା: କିଷାନ, ବା: ନିଜଗାଁ |
| | | ୩ (ସ୍ମ) | ୦.୯୨୦ | ୦.୧୮୦ | ଗୋଡ଼ା ଏକ | |
| ୬ | ୬୬ | ୨୫ (ସ୍ମ) | ୦.୮୫୦ | ୦.୩୭୦ | ମାଳ ପାଣି ଦୁଇ | ବାସୁଦେବ କିଷାନ, ପି: କାନ୍ଦୁର କିଷାନ, ଜା: କିଷାନ, ବା: ନିଜଗାଁ |
| **ମୋଟ** | **୬** | **୧୧** | **୬.୫୭୦** | **୨.୫୧୦** | | |

**ସ୍ୱା./- ଭୂ-ଅର୍ଜନ ଜୋନ ଅଧିକାରୀ**
**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥର ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼**

24160/14/0040/1819

**ODISHA BRIDGE & CONSTRUCTION CORPORATION LTD.**

| ବାରକୋଟିଆ | ଗ୍ରାମାଞ୍ଚଳ | ୬୯ | ୧୨୨୮ | ଶାରଦ ଦୁଇ | ୦.୪୨୦ | ୦.୧୭୦ | ଯୋଗୀ ମହାକୁଳ, ପି: ବିଠଳ ମହାକୁଳ, ଜା: ଗଉଡ଼, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୭୩ | ୧୫୧୭ | ଶାରଦ ତିନି | ୦.୨୧୦ | ୦.୦୪୦ | ଠେଙ୍ଗୁ ମହାକୁଳ, ପି: ଚେମେଣ୍ଟ ମହାକୁଳ, ଜା: ଗଉଡ଼, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୭୫ | ୧୮୯୨ | ଶାରଦ ତିନି | ୦.୨୧୦ | ୦.୨୧୦ | ଡମ୍ବରୁ ସେଠୀ, ଜୟଦେବ ସେଠୀ, ପି: ମହନ ସେଠୀ, ଜା: ଧୋବା: ବା: ସାନସଡ଼ା |
| ବାରକୋଟିଆ | ଗ୍ରାମାଞ୍ଚଳ | ୭୮ | ୫୫୬ | ଶାରଦ ଦୁଇ | ୦.୮୫୦ | ୦.୬୪୦ | ଦାସ କିସାନ, ପି: ବାଣ କିସାନ, ଜା: କିସାନ, ବା: ନିଜଗାଁ |
| | | | ୫୫୭ | ଶାରଦ ଦୁଇ | ୧.୨୨୦ | ୦.୦୧୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୯୧ | ୧୫୦୯ | ଶାରଦ ତିନି | ୦.୧୩୦ | ୦.୧୩୦ | ନଟବର ବେହେରା, ପି: ଖଗେଶ୍ୱର ବେହେରା, ଜା: ଖଣ୍ଡୁରିଆ, ବା: ନିଜଗାଁ |
| | | | ୧୫୦୯/୨୯୯୮ | ଶାରଦ ତିନି | ୦.୦୫୦ | ୦.୦୫୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୯୯ | ୨୬୯୯ | ଶାରଦ ତିନି | ୦.୨୧୦ | ୦.୦୧୦ | ନିର୍ମଳ ଦେହୁରୀ, ପି: କୁହାଁ ଦେହୁରୀ, ଜା: କନ୍ଧ, ବା: ସାନସଡ଼ା |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୦୦ | ୧୮୮୧ | ଶାରଦ ତିନି | ୦.୩୨୦ | ୦.୩୨୦ | ନିରଞ୍ଜନ ସାହୁ, ପି: ବୈରାଗୀ ସାହୁ, ଜା: ଚଷା, ବା: ନିଗାଁ |
| | | | ୧୮୮୨ | ଶାରଦ ତିନି | ୦.୦୪୦ | ୦.୦୪୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୦୮ | ୨୭୦୦ | ଶାରଦ ତିନି | ୦.୧୮୦ | ୦.୧୩୦ | ପଠାଣି ଦେହୁରୀ, ପି: ଅଙ୍ଗଦ ଦେହୁରୀ, ଜା: କନ୍ଧ, ବା: ସାନସଡ଼ା |
| | | | ୨୭୦୫ | ଶାରଦ ତିନି | ୦.୧୦୦ | ୦.୦୨୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୦୯ | ୨୭୦୪ | ଶାରଦ ତିନି | ୦.୦୯୦ | ୦.୦୯୦ | ପଡି ଦେହୁରୀ, ପି: ମେଘା ଦେହୁରୀ, ଜା: କନ୍ଧ, ବା: ସାନସଡ଼ା |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୧୬ | ୧୪୯୨ | ଶାରଦ ତିନି | ୦.୦୫୦ | ୦.୦୧୦ | ପ୍ରାଣବନ୍ଧୁ ସାହୁ, ପି: ପୁନିଆଁ ସାହୁ, ଜା: ଚଷା, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୧୭ | ୧୧୮୧ | ଶାରଦ ଏକ | ୦.୮୯୦ | ୦.୬୪୦ | ପ୍ରାଣବନ୍ଧୁ ସାହୁ, ପି: ଗୋବିନ୍ଦ ସାହୁ, ଜା: ଚଷା, ବା: ନିଜଗାଁ |
| | | | ୧୨୦୨ | ଶାରଦ ଏକ | ୦.୪୧୦ | ୦.୦୧୦ | |
| | | | ୧୨୦୪ | ଶାରଦ ଏକ | ୦.୯୩୦ | ୦.୬୩୦ | |
| | | | ୧୨୩୧ | ଶାରଦ ଦୁଇ | ୦.୩୭୦ | ୦.୨୭୦ | |
| | | | ୧୨୩୬ | ଶାରଦ ତିନି | ୦.୦୯୦ | ୦.୦୯୦ | |
| | | | ୧୮୫୩ | ଶାରଦ ତିନି | ୦.୨୬୦ | ୦.୦୧୦ | |
| | | | ୧୧୮୧/୧୮୨୯ | ଶାରଦ ଏକ | ୦.୧୪୦ | ୦.୦୪୦ | |

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୧୯ | ୧୨୩୪ | ଶାରଦ ତିନି | ୦.୩୭୦ | ୦.୩୫୦ | ପ୍ରାଣବନ୍ଧୁ ସାହୁ, ଅବଧୁତ ସାହୁ, ପି: ଗୋବିନ୍ଦ ସାହୁ, ଜା: ଚଷା, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୨୧ | ୧୮୮୩ | ଶାରଦ ତିନି | ୦.୧୯୦ | ୦.୧୯୦ | ପିଛାରୁ ନାଏକ, ପି: ଦିନ ନାଏକ, ଜା: ପାଣ, ବା: ନିଜଗାଁ |
| | | | ୧୮୯୨/୨୯୩୧ | ଶାରଦ ଦୁଇ | ୦.୦୩୦ | ୦.୦୩୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୨୪ | ୪୭୦ | ଶାରଦ ତିନି | ୦.୨୦୦ | ୦.୧୭୦ | ପୁଇନ ସାହୁ, ସ୍ୱା: ଦୈତାରି ସାହୁ, ଜା: ଖାତି, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୨୫ | ୧୨୧୦ | ଶାରଦ ଦୁଇ | ୦.୨୨୦ | ୦.୧୨୦ | ବନମାଳୀ ସାହୁ, ପି: ଗୁଣ୍ଡିଚା ସାହୁ, ଜା: ଚଷା, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୨୮ | ୧୨୦୬ | ଶାରଦ ତିନି | ୦.୧୪୦ | ୦.୧୪୦ | ବାଘ ମହାକୁଳ, ପି: ନହିଆଁ ମହାକୁଳ, ଜା: ଗଉଡ଼, ବା: ନିଜଗାଁ |
| | | | ୧୨୦୭ | ତଇଳା ଦୁଇ | ୦.୦୮୦ | ୦.୦୮୦ | |
| | | | ୧୨୨୭ | ଶାରଦ ଦୁଇ | ୦.୪୪୦ | ୦.୦୧୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୨୯ | ୧୫୧୧ | ଶାରଦ ଦୁଇ | ୦.୨୪୦ | ୦.୨୨୦ | ବାଞ୍ଛା ବେହେରା, ପି: ବ୍ରଜବନ୍ଧୁ ବେହେରା, ଜା: ଖଣ୍ଡୁରିଆ, ବା: ନିଜଗାଁ |
| | | | ୧୫୧୩ | ଶାରଦ ତିନି | ୦.୧୧୦ | ୦.୦୮୦ | |
| | | | ୧୫୧୪ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୩୧ | ୪୭୨ | ଶାରଦ ଦୁଇ | ୦.୨୩୦ | ୦.୦୯୦ | ବାଜି ଗୁରୁ, ପି: ମାଗୁଣି ଗୁରୁ, ଜା: ଖାତି, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୩୮ | ୧୨୩୦ | ଶାରଦ ଏକ | ୦.୩୧୦ | ୦.୨୩୦ | ବିଦ୍ୟାଧର ସାହୁ, ପି: କାହ୍ନୁରୁ ସାହୁ, ଜା: ତେଲି, ବା: ନିଜଗାଁ |
| | | | ୧୨୩୫ | ଶାରଦ ତିନି | ୦.୦୨୦ | ୦.୦୨୦ | |
| | | | ୧୮୯୪ | ଶାରଦ ତିନି | ୦.୨୦୦ | ୦.୧୮୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୩୯ | ୪୬୯ | ଶାରଦ ତିନି | ୦.୨୯୦ | ୦.୨୬୦ | ବିଶ୍ୱନାଥ ଗୁରୁ, ପି: ମାଗୁଣି ଗୁରୁ, ଜା: ଖାତି, ବା: ନିଜଗାଁ |
| | | | ୪୭୫ | ଶାରଦ ଦୁଇ | ୦.୧୫୦ | ୦.୦୨୦ | |
| | | | ୪୮୭ | ତଇଳା ଦୁଇ | ୦.୯୬୦ | ୦.୩୬୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୪୧ | ୧୪୯୫ | ଶାରଦ ତିନି | ୦.୨୯୦ | ୦.୦୬୦ | ବୁଧୁ ବେହେରା, ପି: ଦେବେଇ ବେହେରା, ଜା: ଚଷା, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୪୫ | ୧୫୧୨ | ଶାରଦ ତିନି | ୦.୨୧୦ | ୦.୧୧୦ | ଭ୍ରମର ବେହେରା, ପି: ବର୍ଦ୍ଧୁ ବେହେରା, ଜା: ଖଣ୍ଡୁରିଆ, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୫୫ | ୧୮୬୯ | ତଇଳା ଏକ | ୦.୧୫୦ | ୦.୧୫୦ | ଭୋବନି ପଧାନ, ଅଭିମନ୍ୟୁ ପଧାନ, ପି: ଦ୍ୱାରି ପଧାନ, ଜା: ଚଷା, ବା: ନିଜଗାଁ |
| | | | ୧୮୭୨ | ବାଜେଫସଲ ଦୁଇ | ୦.୨୪୦ | ୦.୨୪୦ | |
| | | | ୧୮୭୩ | ତଇଳା ଏକ | ୦.୦୫୦ | ୦.୦୫୦ | |
| | | | ୧୮୭୭ | ଶାରଦ ତିନି | ୦.୦୭୦ | ୦.୦୭୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୬୪ | ୧୫୦୦ | ଆଡ଼ି | ୦.୧୨୦ | ୦.୦୯୦ | ମଧୁସୂଦନ ପଧାନ, ପି: ରାଘବନନ୍ଦ ପଧାନ, ଜା: ଚଷା, ବା: ନିଜଗାଁ |
| | | | ୧୫୦୧ | ଜଳାଶୟ ଦୁଇ | ୦.୨୪୦ | ୦.୨୪୦ | |
| | | | ୧୫୦୨ | ଆଡ଼ି | ୦.୦୬୦ | ୦.୦୪୦ | |
| | | | ୧୫୧୦ | ଶାରଦ ତିନି | ୦.୧୧୦ | ୦.୦୬୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୬୫ | ୧୫୧୬ | ଶାରଦ ତିନି | ୦.୧୭୦ | ୦.୧୭୦ | ଶ୍ରୀ ଭାଗବତ ଗୋସାଇଁ ବିଜେ ନିଜଗାଁ ସମସ୍ତ ଗ୍ରାମବାସୀଙ୍କ, ମଧୁସୂଦନ ପଧାନ, ସୋମନାଥ ପଧାନ, ପି: ରାଘବନନ୍ଦ ବେହେରା ପଧାନ, ଜା: ଚଷା, ଦିନବନ୍ଧୁ କିସାନ, ପି: ତନୁ କିସାନ, ଜା: କିସାନ, ନଟବର ବେହେରା, ପି: ଖଗ ବେହେରା, ଜା: ଖଣ୍ଡୁରିଆ, ପିଛାରୁ ନାଏକ, ପି: ଦିନ ନାଏକ, ଜା: ପାଣ, ଚୌଧୁରୀ ଦେହୁରୀ, ପି: ବୁଧୁ ଦେହୁରୀ, ଜା: କନ୍ଧ, ମଙ୍ଗୁଳୁ ସାହୁ, ପି: ବାଉରୀ ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୬୬ | ୨୭୦୧ | ଶାରଦ ତିନି | ୦.୧୯୦ | ୦.୧୯୦ | ମାର୍କଣ୍ଡ ଦେହୁରୀ, ପି: ମଣି ଦେହୁରୀ, ଜା: କନ୍ଧ, ବା: ସାନସଡ଼ା |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୬୮ | ୫୫୫ | ଶାରଦ ଦୁଇ | ୦.୧୬୦ | ୦.୧୨୦ | ମାଧୁ କିସାନ, ଯଦୁ କିସାନ, ନନ୍ଦ କିସାନ, ଅରକ୍ଷିତ କିସାନ, ପି: କଳପତ୍ରୁ କିସାନ, ଜା: କିସାନ, ବା: ନିଜଗାଁ |
| | | | ୫୫୭/୨୮୯୮ | ଶାରଦ ତିନି | ୦.୭୨୦ | ୦.୦୬୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୭୯ | ୧୮୭୮ | ଶାରଦ ତିନି | ୦.୦୪୦ | ୦.୦୪୦ | ମିଲୁ ପଧାନ, ପି: ଦୁଖୁ ପଧାନ, ଜା: ଚଷା, ବା: ନିଜଗାଁ |
| | | | ୧୮୭୯ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୧୯୩ | ୧୧୮୨ | ଶାରଦ ଏକ | ୧.୦୪୦ | ୦.୨୦୦ | ସତ୍ୟବାଦୀ ସାହୁ, ସ୍ୱା: ଅବଧୁତ ସାହୁ, ଜା: ଚଷା, ବା: ନିଜଗାଁ |
| | | | ୧୨୦୧ | ଶାରଦ ଏକ | ୦.୩୯୦ | ୦.୧୩୦ | |
| | | | ୧୨୦୫ | ଶାରଦ ତିନି | ୦.୧୮୦ | ୦.୧୮୦ | |
| | | | ୧୨୩୩ | ଶାରଦ ତିନି | ୦.୪୧୦ | ୦.୦୮୦ | |
| | | | ୧୮୫୫ | ଶାରଦ ତିନି | ୦.୨୧୦ | ୦.୧୯୦ | |
| | | | ୧୮୯୧ | ଶାରଦ ତିନି | ୦.୩୩୦ | ୦.୩୩୦ | |
| | | | ୧୮୫୫/୨୯୯୩ | ଶାରଦ ତିନି | ୦.୦୬୦ | ୦.୦୧୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୦୧ | ୫୫୩ | ଶାରଦ ତିନି | ୦.୧୮୦ | ୦.୦୧୦ | ସ୍ୱପ୍ନେଶ୍ୱର ସାହୁ, ପି: ଗୁଣ୍ଡିଚା ସାହୁ, ଜା: ଚଷା, ବା: ନିଜଗାଁ |
| | | | ୫୫୪ | ଶାରଦ ତିନି | ୦.୧୪୦ | ୦.୦୩୦ | |
| | | | ୧୨୦୯ | ଶାରଦ ଦୁଇ | ୦.୨୩୦ | ୦.୧୧୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୧୧ | ୧୧୭୩ | ଶାରଦ ତିନି | ୦.୪୯୦ | ୦.୨୬୦ | ସୁକୁରୁ ସାହୁ, ପି: କ୍ଷେତ୍ର ସାହୁ, ଜା: ଚଷା, ବା: ନିଜଗାଁ |
| | | | ୧୧୭୮ | ଶାରଦ ଏକ | ୦.୩୩୦ | ୦.୦୧୦ | |
| | | | ୧୧୭୯ | ଶାରଦ ଏକ | ୦.୭୯୦ | ୦.୭୦୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୧୩ | ୧୮୯୦ | ଶାରଦ ତିନି | ୦.୧୨୦ | ୦.୦୮୦ | ସୁକୁଟୁ ସାହୁ, ପି: ଗଦାଧର ସାହୁ, ଜା: ତେଲି, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୧୪ | ୧୧୮୦ | ଶାରଦ ଏକ | ୦.୩୦୦ | ୦.୩୦୦ | ସୁଧାକର ପ୍ରଧାନ, ପି: ମଧୁସୂଦନ ବେହେରା ପ୍ରଧାନ, ଜା: ଚଷା, ବା: ନିଜଗାଁ |
| | | | ୧୫୦୩ | ଶାରଦ ତିନି | ୦.୦୫୦ | ୦.୦୩୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୧୬ | ୧୮୫୬ | ଶାରଦ ତିନି | ୦.୧୭୦ | ୦.୦୫୦ | ସୁରନ୍ଦର ପଧାନ, ପି: ଦୁଖୁ ପଧାନ, ଜା: ଚଷା, ବା: ନିଜଗାଁ |
| | | | ୧୮୬୭ | ଶାରଦ ତିନି | ୦.୧୩୦ | ୦.୦୬୦ | |
| | | | ୧୮୮୦ | ଶାରଦ ତିନି | ୦.୧୩୦ | ୦.୧୩୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୧୯ | ୧୫୦୪ | ଶାରଦ ତିନି | ୦.୦୪୦ | ୦.୦୧୦ | ଶୋମନାଥ ପଧାନ, ପି: ରାଘବାନନ୍ଦ ବେହେରା ପଧାନ, ଜା: ଚଷା, ବା: ନିଜଗାଁ |
| | | | ୧୫୩୫ | ଶାରଦ ତିନି | ୦.୫୮୦ | ୦.୦୩୦ | |
| | | | ୧୫୩୭ | ଜଙ୍ଗଲ | ୧.୦୨୦ | ୦.୧୨୦ | |
| | | | ୫୭୧/୨୯୬୧ | ତଇଳା ଏକ | ୦.୭୩୦ | ୦.୦୧୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୨୧ | ୧୨୧୧ | ଶାରଦ ଦୁଇ | ୦.୨୩୦ | ୦.୨୧୦ | ହରିହର ସାହୁ, ପି: ଗୁଣ୍ଡିଚା ସାହୁ, ଜା: ଚଷା, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୨୨/୭ | ୧୮୭୭/୩୧୪୮ | ଶାରଦ ତିନି | ୦.୧୦୦ | ୦.୧୦୦ | ଗୋବିନ୍ଦ ବେହେରା, ପି: ନିର୍ମଳ ବେହେରା, ଜା: କେଉଟ, ବା: ବାରକୋଟିଆ |
| | | | ୧୨୩୦/୩୧୪୯ | ଶାରଦ ଏକ | ୦.୨୩୦ | ୦.୨୩୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୨୨/୬୬ | ୧୮୭୩/୩୨୨୧ | ତଇଳା ଏକ | ୦.୦୫୦ | ୦.୦୫୦ | ଭାଗୀରଥି ପଧାନ, ପି: ମାଗୁଣି ପଧାନ, ଜା: ଚଷା, ବା: ସାନସଡ଼ା |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୨୨/୧୦୬ | ୧୮୭୦ | ଶାରଦ ଦୁଇ | ୦.୨୮୦ | ୦.୧୦୦ | ଅଲ୍ୟଳି ସାହୁ, ସ୍ୱା: ପରମାନନ୍ଦ ସାହୁ, ଜା: ଚଷା, ବା: ଉଆଁରା, ସା: ତାଳଚେର |
| | | | ୧୮୯୭ | ଶାରଦ ତିନି | ୦.୧୫୦ | ୦.୦୨୦ | |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୨୨/୨୪୭ | ୧୮୯୪/୩୩୪୮ | ଶାରଦ ତିନି | ୦.୫୮୦ | ୦.୫୨୦ | କ୍ଷୀରୋଦ ଚନ୍ଦ୍ର ସାହୁ, ପି: ଗୋବିନ୍ଦ ଚନ୍ଦ୍ର ସାହୁ, ଜା: ଚଷା, ବା: ନିଜଗାଁ |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୨୨/୨୫୭ | ୧୫୦୮ | ଶାରଦ ତିନି | ୦.୦୬୦ | ୦.୦୧୦ | ପୂର୍ଣ୍ଣ କିସାନ, ପି: ପଣ୍ଡିତ କିସାନ, ଜା: କିସାନ, ବା: ଘେନାକାନୀ, ପୋ.ଅ.: ବଡ଼ସଡ଼ା, ଥାନା- ଖମାର |
| ବାରକୋଟିଆ | ଗ୍ରାମାଞ୍ଚଳ | ୨୨୨/୩୯୮ | ୧୮୯୪/୩୩୯୫ | ଶାରଦ ତିନି | ୦.୧୩୦ | ୦.୧୧୦ | ବିନୋଦ ବିହାରୀ ସାହୁ, ପି: ଗୋବିନ୍ଦ ସାହୁ, ଜା: ଚଷା, ବା: ନିଜଗାଁ |
| ମୌଜାର ସର୍ବମୋଟ ୧୦୫ ପ୍ଲଟ୍କୁ ଅଧିକୃତ ରକବା | | | | | | ଏ. ୧୪.୪୪୦ | |

### ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ମୌଜା: ବାରକୋଟିଆ, ଥାନା: ଖମାର, ଥାନା ନଂ. ୧୭, ତହସିଲ: ପାଲଲହଡ଼ା, ଜିଲ୍ଲା: ଅନୁଗୋଳ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହାର ଆବଶ୍ୟକତା ନାହିଁ | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

24012/14/0031/1819



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।
- ଶଙ୍କରାଚାର୍ଯ୍ୟ



# ବରଗଡ଼ କଂସଙ୍କ ମଥୁରା ଭ୍ରମଣବେଳେ ଦଣ୍ଡବିଧାନ ଦୃଶ୍ୟ



ବରଗଡ଼ ବସ୍‌ଷ୍ଟାଣ୍ଡରେ ସ୍ୱଚ୍ଛତା ଅଭିଯାନ ଫେଲ ମାରିଥିବାରୁ କଂସଙ୍କ ଆଦେଶ କ୍ରମେ ହିସାବରକ୍ଷକ ୨ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଜରିମାନା ଦେଉଛନ୍ତି ।



ବିନା ହେଲମେଟ୍‌ରେ ଯାଉଥିବା ବେଳେ ବାଇକ୍ ଚାଳକଙ୍କୁ ମହାରାଜା କଂସ ଦଣ୍ଡିତ କରୁଛନ୍ତି ।



ଏକ ଦମ୍ପତି ଦୁଇ ଶିଶୁ ସନ୍ତାନଙ୍କୁ ଧରି ବାଇକ୍‌ରେ ଯାଉଥିବାବେଳେ ମହାରାଜା ତାଙ୍କୁ ଅଟକାଇ ତାଗିଦ୍ କରୁଛନ୍ତି ।



ଲେଙ୍ଗୁ ମିଶ୍ର ଛକରେ ଥିବା ଏକ ଦୋକାନରୁ ପଲିଥିନ ହଟାଇବାକୁ ଦୋକାନୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି ।

## ସଂକ୍ଷେପରେ

### ୧୨ଲକ୍ଷ ଲୁଟ୍ ଘଟଣା: ଦିଲ୍ଲୀରୁ ୨ ଗିରଫ



**ମଥୁରାନଗରୀ,୧୨।୧**-ବରଗଡ଼ ଜିଲା ଅତାବିରା ଥାନା ପୋଲିସ ସାଇବର କ୍ରାଇମ ଦ୍ୱାରା ୧୨ଲକ୍ଷ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ମଲଦା ଜିଲା ଚଚୋଲା ଥାନା ଗାଜୋଲ ଗ୍ରାମର ସୁରେଶ ସିଂ ଓରଫ ସୁରେନ୍ଦ୍ର(୨୮) ଏବଂ ହାୱାଡ଼ା ଜିଲା କାଲିବାଡ଼ି ଥାନା କାଲିଘାଟ ଗ୍ରାମର ଅରୁଣ କୁମାର(୨୨) । ଅପରାଧ ଘଟାଇବା ସମୟରେ ସେମାନେ ପୂର୍ବ ଦିଲ୍ଲୀ ଅନ୍ତର୍ଗତ ଗାଜିପୁର ଥାନା ଘରୋଲିର ମାଲ୍ଲା କଲୋନୀରେ ଅବସ୍ଥାନ କରୁଥିଲେ ବୋଲି ପୋଲିସ କହିଛି । ଅଭିଯୁକ୍ତଙ୍କଠାରୁ ନଗଦ ୭୦ହଜାର ଟଙ୍କା ସହିତ ବ୍ୟବହୃତ ସିମକାର୍ଡ଼, ଏଟିଏମ କାର୍ଡ଼, ମୋବାଇଲ ଆଦି ପୋଲିସ ଜବତ ହୋଇଛି । ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି । ବରଗଡ଼ ଟାଉନ ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସଡ଼ିପିଓ ସୁରେଶ କୁମାର ନାଏକ ସୂଚନା ଦେଇ କହିଥିଲେ, ଅତାବିରା ନିବାସୀ ଆଲୋକ ଅଗ୍ରୱାଲ ଗତ ଡିସେମ୍ବର ୭ତାରିଖରେ ଅତାବିରା ଥାନାରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୨ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ କରିଥିଲେ । ଡିସିବି ବ୍ୟାଙ୍କରେ ଥିବା ଆକାଉଣ୍ଟରୁ ତାଙ୍କ ଅଜାଣତରେ କେହି ଦିଲ୍ଲୀର କରୋଲବାଗସ୍ଥିତ ଆଇଡିଏଫସି ବ୍ୟାଙ୍କର ଅନ୍ୟ ଏକ ଏକାଉଣ୍ଟକୁ ସେହି ଟଙ୍କା ଟ୍ରାନ୍ସଫର କରିଥିବା ସେ ଏତଲାରେ ଦର୍ଶାଇଥିଲେ । ଏତଲା ପାଇବା ପରେ ଅତାବିରା ଥାନା ପୋଲିସ ଏ ନେଇ ଏକ ମାମଲା(ନଂ.୨୪୮/୧୮) ରୁଜୁ କରି ତଦନ୍ତ ଚଳାଇଥିଲା ।

DADLS - 242



ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଶିକ୍ଷାର ପ୍ରସାର ଏବଂ ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ଯେଉଁ କେତେଜଣ ବରପୁତ୍ରଙ୍କର ଅମୂଲ୍ୟ ଅବଦାନ ରହିଛି, ସେମାନଙ୍କ ମଧ୍ୟରେ ଖଲ୍ଲିକୋଟ ରାଜବଂଶର ଜନହିତୈଷୀ ପ୍ରଜାବତ୍ସଳ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଅନ୍ୟତମ । ତାଙ୍କର ଆଦର୍ଶ, ସୁଶାସନ, ଉତ୍ତମ ସାଂଗଠନିକ ଦକ୍ଷତା, ସାମାଜିକ ସଂସ୍କାର ଇତ୍ୟାଦି ବହୁମୁଖୀ ପ୍ରତିଭା ଯୋଗୁଁ ସେ ଓଡ଼ିଶାବାସୀଙ୍କ ନିକଟରେ ଚିରସ୍ମରଣୀୟ । ଓଡ଼ିଶା ତଥା ଦେଶର କଳା, ସଂସ୍କୃତି ଓ ଶିକ୍ଷାର ପ୍ରଗତି କ୍ଷେତ୍ରରେ ତାଙ୍କର ଦାନ ଅତୁଳନୀୟ ।

**ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**

**୧୩ ଜାନୁଆରୀ ୨୦୧୯**

ପୂର୍ବାହ୍ନ ୧୧ ଘଟିକା –

ସ୍ଥାନୀୟ ଜୟଦେବ ଭବନଠାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଓ ଅବଦାନ ସମ୍ପର୍କିତ ଆଲୋଚନାଚକ୍ର ।

**ସାଧାରଣ ସଭା**

ସମୟ – ସଂଧ୍ୟା ୬ ଘଟିକା
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି - **ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**, ମାନ୍ୟବର ମୁଖ୍ୟମନ୍ତ୍ରୀ
ସମ୍ମାନିତ ଅତିଥି - **ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ,** ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ
- **ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ପାତ୍ର,** ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ
- **ଶ୍ରୀଯୁକ୍ତ ସିଦ୍ଧାନ୍ତ ମହାପାତ୍ର**, ମାନ୍ୟବର ସାଂସଦ
- **ଶ୍ରୀଯୁକ୍ତ ଲଡୁକିଶୋର ସ୍ୱାଇଁ**, ମାନ୍ୟବର ସାଂସଦ
- **ଶ୍ରୀଯୁକ୍ତ ବଳଭଦ୍ର ମାଝି**, ମାନ୍ୟବର ସାଂସଦ
- **ଶ୍ରୀମତୀ ଭି.ସୁଜ୍ଞାନ କୁମାରୀ ଦେଓ**, ମାନ୍ୟବର ବିଧାୟିକା
- **ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ**, ମାନ୍ୟବର ବିଧାୟକ
- **ଶ୍ରୀଯୁକ୍ତ ଦେବରାଜ ମହାନ୍ତି**, ମାନ୍ୟବର ବିଧାୟକ
- **ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ**, ମାନ୍ୟବର ବିଧାୟକ
- **ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀ**, ମାନ୍ୟବର ବିଧାୟକ
- **ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ**, ମାନ୍ୟବର ବିଧାୟକ
- **ଶ୍ରୀମତୀ ନନ୍ଦିନୀ ଦେବୀ**, ମାନ୍ୟବର ବିଧାୟିକା
- **ଶ୍ରୀଯୁକ୍ତ ଶ୍ରୀକାନ୍ତ ସାହୁ**, ମାନ୍ୟବର ବିଧାୟକ
- **ଶ୍ରୀଯୁକ୍ତ ପ୍ରିୟାଂଶୁ ପ୍ରଧାନ**, ମାନ୍ୟବର ବିଧାୟକ
- **ଶ୍ରୀଯୁକ୍ତ କେଙ୍ଗମ ସୂର୍ଯ୍ୟ ରାଓ**, ମାନ୍ୟବର ବିଧାୟକ
- **ସୁଶ୍ରୀ ବାସନ୍ତୀ ମଲ୍ଲିକ**, ମାନ୍ୟବର ବିଧାୟିକା
ସ୍ୱାଗତ ଭାଷଣ - **ଶ୍ରୀଯୁକ୍ତ ସଂଜୟ କୁମାର ସିଂ**, କମିଶନର ତଥା ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଧନ୍ୟବାଦ ଅର୍ପଣ - **ଶ୍ରୀଯୁକ୍ତ ମହେଶ୍ୱର ବରାଡ଼**, ସମ୍ପାଦକ, ପୂଜ୍ୟପୂଜା ସାହିତ୍ୟ ସଂସଦ

ସଭା ପରେ ଗଞ୍ଜାମର ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଓ ବନଦେବୀ ନାଟ୍ୟ ସଂସଦ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

15001/13/0540/1819

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ





■ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ମହିନ୍ଦ୍ରା ଓ ମହିନ୍ଦ୍ରା ଚାମ୍ପିୟନ

**ମୁରିବାହାଲ, ୧୨।୧ (ଡି.ଏନ.ଏ.)**–ବଲାଙ୍ଗୀର ଜିଲା ମୁରିବାହାଲ ୟୁଥ ଓ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଗତ ୬ତାରିଖଠାରୁ ଚାଲିଥିବା ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବିଶାଖାପାଟନାମ୍‌କୁ ହରାଇ ମହିନ୍ଦ୍ରା ଓ ମହିନ୍ଦ୍ରା ଦଳ ଚାମ୍ପିୟନ ହୋଇଛି । ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଚିଟିୱାଇସା ବିଶାଖାପାଟଣା ବନାମ ମହିନ୍ଦ୍ରା ଓ ମହିନ୍ଦ୍ରା ଭୁବନେଶ୍ୱର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମହିନ୍ଦ୍ରା ଦଳ ଏକତରଫା ଭାବେ ୫-୦ ଗୋଲରେ ବିଜୟୀ ହୋଇଥିଲା । ଉଦଯାପନୀ ସମାରୋହରେ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷ ସୁନ୍ଦରମଣୀ ବାଗ, ବିଜେଡି ନେତା ଅଜୟ ଦାସ, ଗୋଷ୍ଠି ଉନ୍ନୟନ ଅଧିକାରୀ ଦାଶରଥ ସରାରୋ, ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା, ସିରୋଲ ସରପଞ୍ଚ ନୃପତି ବଗର୍ତ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ବିଜେତା ଦଳକୁ ଟ୍ରଫି ସହ ନଗଦ ୨୫ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏଥିରେ ପ୍ଲେୟାର ଅଫ୍ ଦ ମ୍ୟାଚ ମହିନ୍ଦ୍ରା ଦଳର ୧୦ ନମ୍ବର ଜର୍ସି ମିଥୁନ ମହାରଣା, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ୮ ନମ୍ବର ଜର୍ସି କାଲୁ ଦାସ, ଶ୍ରେଷ୍ଠ ଡିଫେନ୍ସ ତାପସ ଦାସ ଓ ଶ୍ରେଷ୍ଠ ସ୍କୋରର ଭାବେ ବିଶାଖାପାଟଣା ଦଳର ୧୦ ନମ୍ବର ଜର୍ସି ଏସ.ଡି.ରାଓଙ୍କୁ ଟ୍ରଫି ପ୍ରଦାନ କରାଯାଇଥଲା । ଉକ୍ତ ଖେଳକୁ ଶ୍ରୀବତ୍ସ ବେହେରା, ଆଶୀର୍ବାଦ ସା, ଆଶିଷ ଦେବ ସା, ଅଶ୍ୱିନୀ ଭୁକ୍ତା ପରିଚାଳନା କରିଥିଲେ । ପ୍ରଭୁଦାସ କୁମ୍ଭାର ଓ ମନୋଜ କୁମାର ଖମାରୀ ଧାରାବିବରଣୀ ପ୍ରଦାନ କରିଥିଲେ । କମିଟି ସଭାପତି ଅଜିତ କୁମାର ତରିଆ, ଉପସଭାପତି ପଦ୍ମଲୋଚନ ବାଗ, ଶେମନ୍ତ ବାଗ, କାର୍ଯ୍ୟକାରୀ ସଭାପତି କେଦାର ବଡଜେନା, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବଘାର, କ୍ରୀଡା ସମ୍ପାଦକ ବିକି ମହାରଣା, ଯଦୁପତି ଅଗସ୍ତି, ଅଗସ୍ତି ବଘାର, ଆଶିଷ କୁମାର ମହାପାତ୍ର, ରମାରଞ୍ଜନ ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଟୁର୍ଣ୍ଣାମେଣ୍ଟର ସଫଳ ସମାପନ ହୋଇଥିଲା ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

# ୩ କେଜି ରୁପା, ୩ ମୋବାଇଲ ଜବତ

**ବଡସାହି, ୧୨।୧(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରୁ ଗହଣା ଓ ମୋବାଇଲ ଲୁଟ ହୋଇଥିବା ଅଭିଯୋଗରେ ପୋଲିସ ୨ଅଭିଯୁକ୍ତକୁଗିରଫକରିଛି ।ସେମାନଙ୍କନିକଟରୁ୩ଟିମୋବାଇଲ ଓ ୩କେଜି ପାଖାପାଖି ରୁପା ଅଳଙ୍କାର ଜବତ ହୋଇଛି । ଜବତ ରୁପା ଅଳଙ୍କାରର ଆନୁମାନିକ ମୂଲ୍ୟ ୧ଲକ୍ଷ ୩୫ହଜାର ଟଙ୍କା ହେବ ବୋଲି ଜଣାଯାଇଛି । ଅଭିଯୁକ୍ତମାନେ ହେଲେ ପ୍ରତାପପୁର ଗ୍ରାମର ସୁକୁମାର ମହାପାତ୍ର ଓ ଦଲକି ଗ୍ରାମର ଗୌରାଙ୍ଗ ମହାକୁଡ । ବିଗତ ୨ମାସ ମଧ୍ୟରେ କପ୍ତିପଦା ଥାନା ଅଧୀନରେ ବହୁ ଗହଣା ସମେତ ମୋବାଇଲ ଚୋରି ଅଭିଯୋଗ ହୋଇଥିଲା । ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା । ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ଦଳଗହିରା ଗ୍ରାମର ବିଜୟ ବେହେରାଙ୍କୁ ବେତନଟୀ ପୋଲିସ ଧରିବା ପରେ ସେ ସୁକୁମାରଙ୍କୁ ଚୋରା ଗହଣା ବିକ୍ରି କରୁଥିବା ପୋଲିସକୁ କହିଥିଲେ । ଏହାପରେ ବଡସାହି ପୋଲିସ ସୁକୁମାରଙ୍କୁ ଥାନାକୁ ଡାକି ପଚରାଉଚରା ପରେ ଗିରଫ କରିଛି । ତାଙ୍କ ନିକଟରୁ ତରଳା ଯାଇଥିବା ଚୋରା ରୁପା ଗହଣା ୩ କେଜି ଓ ୨ ମୋବାଇଲ ଜବତ କରିଛି । ସେ ନିଜ ଗ୍ରାମ ବଡ଼ସାହି ଥାନା ପ୍ରତାପପୁରରେଦୀର୍ଘଦିନଧରିପ୍ରତାପୁରରେଏକଗହଣାଦୋକାନଖୋଲିଥିଲେ ।ସେଠାରେ ସେ ଚୋରି ସାମଗ୍ରୀ କିଣି ସେଗୁଡିକୁ ତରଳାଇ ନୂତନ ଜିନିଷ ତିଆରି କରି ବିକ୍ରି କରୁଥିଲେ । ସେହିପରି ଦଲକି ଗ୍ରାମର ଗୌରାଙ୍ଗ ଏକ ଚୋରା ମୋବାଇଲ କିଣି ବ୍ୟବହାର କରୁଥିଲେ । ଚୋରି ମୋବାଇଲର ଆଇଏମ୍‌ଇଆଇ ନମ୍ବର ଟ୍ରାକ୍ କରିବା ପରେ ବଡସାହି ପୋଲିସ ଚଢଉ କରି ତାଙ୍କୁ ଧରିବା ସହ ଉକ୍ତ ମୋବାଇଲ ଜବତ କରିଛି । ଉଭୟ ବହୁ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି । ଏଥିରେ ସମ୍ପୃକ୍ତ ଅନ୍ୟ ଅପରାଧିଙ୍କୁ ପୋଲିସ ଖୁବ ଶୀଘ୍ର ଗିରଫ କରିବ ବୋଲି ବଡ଼ସାହି ଥାନାଧିକାରୀ ଜୟନାରାୟଣ ଖଣ୍ଡାଇ କହିଛନ୍ତି ।


ଜବତ ହୋଇଥିବା ଚୋରି ସାମଗ୍ରୀ, ଗିରଫ ଦୁଇ ଅପରାଧୀ ।






ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଯୋଗାସନ ଚାମ୍ପିୟନଶିପ୍‌ରେ ବୌଦ୍ଧର ଛାତ୍ରୀଛାତ୍ର

**ବୌଦ୍ଧ,୧୨।୧(ସ୍ୱ.ପ୍ର):** ରାଜ୍ୟ ଗଣ ଶିକ୍ଷା ବିଭାଗ ପକ୍ଷରୁ ବାରିପଦା ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଯୋଗାସନ ଚାମ୍ପିୟନସିପ୍‌ରେ ବୌଦ୍ଧ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ସୌମ୍ୟରନ ପୁରୋହିତ, ଛାତ୍ରୀ କ୍ରୀଷ୍ଣାମୟୀ ମହାକୁଡ, ଆଦର୍ଶ ବିଦ୍ୟାଳୟର ପ୍ୟାରୀ ଅଙ୍କିତା ସାହୁ, ସାହିଲ ମନ୍ଥନ ସେଠ୍, ସ୍ମାଇଲ ସିବୁଲ ସେଠ୍, ବୁରଗୋରା ଉଚ୍ଚ ବିଦ୍ୟାଳୟର ଛାତ୍ର ଅମରେଶ କର୍ଣ୍ଣ, ଲୁଣିବାହାଲ ବିଦ୍ୟାଳୟର ଛାତ୍ର ନିଳାଦ୍ରୀ ବିହାରୀ ପ୍ରଧାନ ରାଜ୍ୟସ୍ତ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବୁରଗୋରା ବିଦ୍ୟାଳୟର ଶାରିରୀକ ଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ ଓ ରତାଖଣ୍ଡି ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ମାମିନା ମହାକୁଡ ପଥ ପ୍ରଦର୍ଶକ ଭାବେ ଯୋଗଦାନ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

### ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ବୌଦ୍ଧ/ବଘିଆପଡା, ୧୨।୧(ସ୍ୱ.ପ୍ର/ଡି.ଏନ.ଏ):** ବୌଦ୍ଧ ଜିଲା ବଘିଆପଡାଠାରେ ଥିବା ମେଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ଦକ୍ଷିଣାଞ୍ଚଳ, କନ୍ଧମାଳ ମଣ୍ଡଳର ମଣ୍ଡଳାଧୀଶ ରେବତୀ ଦେଇ ମୁଖ୍ୟଅତିଥି, ଜିଲା ମଙ୍ଗଳ ଅଧିକାରୀ ବିନୋଦ ଚନ୍ଦ୍ର ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱରୂପ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଂସ୍କୃତ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ । କ୍ରୀଡା ଶିକ୍ଷକ ସରୋଜ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ହୋଇଥିଲା । ଏହି କ୍ରୀଡାରେ ବାଳକ ବିଭାଗରେ ଅନନ୍ତ ଭୋକ୍ତା ଓ ବାଳିକା ବିଭାଗରେ ଅନୀତା କହଁର ଚାମ୍ପିୟନ ହୋଇଥିଲେ । ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଶିକ୍ଷକ ନାରାୟଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### କମ୍ୟୁନିଷ୍ଟ ନେତାଙ୍କ ପରଲୋକ

**ବୌଦ୍ଧ,୧୨।୧(ସ୍ୱ.ପ୍ର):** ବୌଦ୍ଧର ବରିଷ୍ଠ କମ୍ୟୁନିଷ୍ଟ ନେତା ବି. ବଙ୍ଗାଳି ପାତ୍ରଙ୍କ ୮୬ ବର୍ଷ ବୟସରେ ପରଲୋକ ଘଟିଛି। ସେ ଆସିକା ଚିନିକଳର ଶ୍ରମିକ ନେତା ଭାବେ ସକ୍ରିୟ ରାଜନୀତିରେ ଥିଲେ । ଜୀବନର ଶେଷ ସମୟଙ୍କ ପର୍ଯ୍ୟନ୍ତ ସେ କମ୍ୟୁନିଷ୍ଟ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ଶନିବାର ସକାଳେ ତାଙ୍କର ପରଲୋକ ହେବା ପରେ ବୌଦ୍ଧରେ ଶୋକର ଛାୟା ଖେଳୟାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

# ନୂଆପାଲି ଆଦିବାସୀ ହାଇସ୍କୁଲର ବାର୍ଷିକୋତ୍ସବ



ନୂଆପାଲି ଆଦିବାସୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ଘଣ୍ଟାପଡା,୧୨।୧(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଧୀନ ନୂଆପାଲି ଆଦିବାସୀ ଉଚ୍ଚବିଦ୍ୟାଳୟର ୨୯ତମ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟର ଜାଗୃତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପଧାନଶିକ୍ଷକ ଅନନ୍ତ କ୍ଷେତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି, ଡିଇଓ କରୁଣାକର ଭୁଏ, ବିଇଓ ଦଶରଥ ମେହେର, କଣ୍ଟାମାଳ ବ୍ଲକ ପୂର୍ବତନ ଅଧକ୍ଷ ଶଙ୍କର୍ଷଣ ପ୍ରଧାନ, ଆମ୍ବଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ଦେବରାଜ ସାହୁ, ମୋ ସ୍କୁଲ ଅଭିଯାନର ସଂଯୋଜକ ପ୍ରେମରାଜ ରଣା, ସିଆରସିସି ନୀଳାଞ୍ଚଳ ଭୋଇ ପ୍ରମୁଖ ସମ୍ମାନୀତ ଅତିଥି ଏବଂ ଜିଲା ସାମ୍ବାଦିକ ଫୋରମ ସଭାପତି ଦିବ୍ୟଶଙ୍କର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟର ଗୌରବ ଓ ଛାତ୍ରଛାତ୍ରୀମାନଙ୍କ କୃତିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସାହୁ ଅତିଥି ପରିଚୟ ଓ ସହକାରୀ ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ୨୦୧୮-୧୯ ଶିକ୍ଷାବର୍ଷରେ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ସର୍ବାଧିକ ନମ୍ବର ରଖିଥିବା କୃତି ଛାତ୍ରୀ ଓ ବିଭିନ୍ନ ଉଚ୍ଚ ପଦପଦବୀରେ ଥିବା ବିଦ୍ୟାଳୟର ପୁରାତନ ମେଧାବୀ ଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ଶିକ୍ଷକ ଜବର ସିଂ ବନ୍‌ଛୋର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ଅନନ୍ତ କୁମାର ବେହେରା, ସୌଦାଗର ମାଝୀ, ହରିହର ପ୍ରସାଦ ବେଜ୍, ସନ୍ତୋଷ କୁମାର ସାହୁ ଏବଂ ପିଇଟି ଶଶୀ ଭୂଷଣ ବେହେରା ସହଯୋଗ କରିଥିଲେ।

# ବିବେକାନନ୍ଦ ଜୟନ୍ତୀ ପାଳିତ

**ବୌଦ୍ଧ,୧୨।୧(ସ୍ୱ.ପ୍ର)**

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ୟୁଥ୍ ରେଡକ୍ରସ ଶାଖା ପକ୍ଷରୁ ଜାତୀୟ ଯୁବ ଦିବସ ପାଳନ କରାଯାଇଥିଲା । ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ମୁଖ୍ୟଅତିଥି, ଭାରତ ସ୍ୱାଭିମାନ ଟ୍ରଷ୍ଟ ଜିଲା ସଭାପତି ଦେବାଶିଷ ପୁରୋହିତ, ଜିଲା ଉନ୍ନୟନ ପରିଷଦ ସଭାପତି ଚିତ୍ତ ରଞ୍ଜନ ଦାଶ ସମ୍ମାନିତ ଭାବେ ଯୋଗଦେଇ ସମାଜସେବା କରିବା ପାଇଁ ଯୁବକମାନେ ଆଗେଇ ଆସିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ୟୁଥ ରେଡକ୍ରସ ଅଧିକାରୀ ଅଧ୍ୟାପକ ପ୍ରବୀର କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଇଂରାଜୀ ବିଭାଗ ମୁଖ୍ୟ ପ୍ରଭାସ ଚନ୍ଦ୍ର ମିଶ୍ର, ଓଡିଆ ବିଭାଗ ଅଧାପାକ ଡ. ଶରତ ଚନ୍ଦ୍ର ପତି, ଅଧାପକ ଦିଲୀପ ଖୁଣ୍ଟିଆ, ଛାତ୍ର ଶାରଦା ପ୍ରସନ୍ନ ବୋଷ, ଛାତ୍ରୀ ଲିପାରାଣି ପ୍ରଧାନ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଶେଷରେ ବକ୍ତୃତା ଓ ରଚନା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ମହାବିଦ୍ୟାଳୟର ଅଧାପକ ଅଧାପିକା, ୟୁଥ୍ ରେଡକ୍ରସ, ଏନସିସି ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ ।

# ବୋରାସମ୍ବର କ୍ରିକେଟ: ସେମିରେ ରାଞ୍ଚି, ରାଉରକେଲା

**ପଦ୍ମପୁର, ୧୨।୧ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଆର୍‌ବି ହାଇସ୍କୁଲ ପଡିଆରେ ଚାଲିଥିବା ୨୫ତମ ସର୍ବଭାରତୀୟ ବୋରାସମ୍ବର କପ୍‌ର ଶନିବାର ମ୍ୟାଚ୍‌ରେ ସେଲ୍ ରାଞ୍ଚି ଏବଂ ରାଉରକେଲା ୟୁଥ କ୍ରିକେଟ କ୍ଲବ ମ୍ୟାଚ୍ ଜିଣି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଜୋବ୍ରା ସୋଲା କଟକ ପ୍ରଥମେ ବ୍ୟାଟିଂ କରି ଚିନ୍ମୟ ସାହୁଙ୍କ ଧୂଆଁଧାର ୧୦୧ (୫୧) ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରିଥିଲା । ଜବାବରେ ସେଲ୍ ରାଞ୍ଚି ଦଳ ବିନୟ ସିଂଙ୍କ ୬୩ (୩୭) ରନ୍ ସହାୟତାରେ ୧୯.୩ ଓଭରରେ ୯ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରି ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି । ଦ୍ୱିତୀୟ ମ୍ୟାଚ୍‌ରେ ୟୁଥ କ୍ରିକେଟ କ୍ଲବ ରାଉରକେଲା ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ୧୩୩ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା । ୧୩୪ ରନ୍‌ର ଲକ୍ଷ୍ୟ ନେଇ ଜୁଭେନାଇଲ ଦଳ ୧୬.୩ ଓଭରରେ ୭୧ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇ ୬୨ ରନ୍‌ରେ ପରାସ୍ତ ହୋଇଥିଲା । ରାଉରକେଲା ଦଳ ପକ୍ଷରୁ ଶମ୍ଭୁ ରାୟ ଏବଂ ରାଜୀବ ନାୟକ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ମ୍ୟାଚ୍ ଜିଣି ରାଉରକେଲା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ଅଞ୍ଚଳ ମହାବିଦ୍ୟାଳୟ ପ୍ରଫେସର କୃଷ୍ଣମୋହନ ପଣ୍ଡା ଯୋଗଦେଇ ପ୍ରଥମ ମ୍ୟାଚ୍‌ର ଜୋବ୍ରା ସୋଲାର ଦଳର ଚିନ୍ମୟ ସାହୁ ଏବଂ ଦ୍ୱିତୀୟ ମ୍ୟାଚ୍‌ର ରାଉରକେଲା ଦଳର ପପୁ ରାୟଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଅମ୍ପାୟାର ଶ୍ୟାମସୁନ୍ଦର ପଣ୍ଡା, ଅନୀଲ ଦାସ, ଶୁଶାନ୍ତ ପାଣିଗ୍ରାହୀ ଏବଂ ଚୂଡାମଣୀ ପାଢ଼ୀ ମ୍ୟାଚ୍ ପରିଚାଳନା କରିଥିଲେ । ରବିବାର ସେମିଫାଇନାଲ ମ୍ୟାଚ୍ ସେଲ ରାଞ୍ଚି ଏବଂ ୟୁଥ କ୍ରିକେଟ କ୍ଲବ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ ।

# ଫୁଟବଲ : ଫାଇନାଲରେ ସାଇ ହଷ୍ଟେଲ, ଆଦିବାସୀ କ୍ଲବ

**ପୁରୁଣାକଟକ,୧୨।୧(ଡି.ଏ.ନ.ଏ)**

ବୌଦ୍ଧ ଜିଲା ପୁରୁଣାକଟକ ମିନି ଷ୍ଟାଡିୟମରେ ଚାଲିଥିବା ମା' ଭୈରବୀ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଆଦିବାସୀ କ୍ଲବ (ବନ୍ଧମୁଣ୍ଡା) ରାଉରକେଲା ଓ ସଂଘର୍ଷ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଭୁବନେଶ୍ୱର ଦଳକୁ ୧-୦ ଗୋଲରେ ପରାଜିତ କରି ରାଉରକେଲା ଆଦିବାସୀ କ୍ଲବ ଫାଇନାଲରେ ପ୍ରବେଶ କରିଛି । ପ୍ରଥମାର୍ଦ୍ଧ ଖେଳର ୯ ମିନିଟରେ ରାଉରକେଲା ଦଳର ୧୦ ନମ୍ବର ଖେଳାଳି ଧର୍ମେ ଗୋଲ ଦେଇଥିଲେ। ଗୋଲ ପରିଶୋଧ କରିବାକୁ ଭୁବନେଶ୍ୱର ଦଳର ଖେଳାଳିମାନେ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ନିର୍ଦ୍ଧାରିତ ସମୟସୀମା ଭିତରେ ଗୋଲ ସ୍କୋର କରିପାରି ନ ଥିଲେ । ଦିଲୀପ କୁମାର ରାଉତ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶଲୀନ ବେହେରା, ଶେଷଦେବ ବେହେରା ଲାଇନରେ ସହାୟତା କରିଥିଲେ । ସୁବ୍ରତ କୁମାର ପୁରୋହିତ ଚତୁର୍ଥ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଆଜିର ମ୍ୟାଚ୍‌ରେ ହରଭଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶୁଶାନ୍ତ ପ୍ରଧାନ ମୁଖ୍ୟଅତିଥି, ଅଧ୍ୟାପକ ଲଳିତ ମୋହନ ମେହେର, ପୁରୁଣାକଟକ ଥାନା ଅଧିକାରୀ ଅକ୍ଷୟ କୁମାର ଘଡେଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଚନ୍ଦ୍ରକାନ୍ତ ନାୟକ ଓ ବିଭୂତି ଭୂଷଣ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ । ରବିବାର ଫାଇନାଲ ମ୍ୟାଚ ଆଦିବାସୀ କ୍ଲବ ରାଉରକେଲା ଓ ସାଇ ହଷ୍ଟେଲ କଟକ ମଧ୍ୟରେ ଅନୁଷ୍ଠିତ ହେବ ।



ପୁରୁଣାକଟକ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଦୃଶ୍ୟ ।

### ଶିଶୁ ମନ୍ଦିରରେ ବିବେକାନନ୍ଦ ଜୟନ୍ତୀ

**ମନମୁଣ୍ଡା, ୧୨।୧ (ଡି.ଏନ.ଏ)**

ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ବଡମାଳିଙ୍କ ଅଧ୍ୟକ୍ଷତାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଯୁବ ଦିବସ ପାଳିତ ହୋଇଯାଇଛି। ଗୀତାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ରଜମୋହନ କର୍ମୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ବଡମାଳି ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ, ସେବିକା ସେବକ ସହଯୋଗ କରିଥିଲେ। ପ୍ରମୋଦ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## କ୍ଷମତାପନ୍ନ ପ୍ରାଧିକାରୀ, ଭୂ-ଅର୍ଜନ ଉପ-ବିଭାଗ
### ଜାତୀୟ ରାଜପଥ ସଂଖ୍ୟା- ୫୭ ପ୍ରକଳ୍ପ, ଜିଲ୍ଲା- ନୟାଗଡ଼

## ସର୍ବସାଧାରଣ ନୋଟିସ୍

ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956)ର ଧାରା ୩ (କ) ଉପଧାରା ୩ ମୁତାବକ ଯେହେତୁ, ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O. ୫୦୪୮ (E) ତା ୨୮।୦୯।୨୦୧୮ରିଖ ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା ୩୦୬୫ ତା୧୫।୦୯।୨୦୧୭ରିଖ ପ୍ରୋକ୍ତ ଆଇନର ଧାରା ୩(ଇ)ରେ ଉଲ୍ଲେଖିତ ସର୍ବସାଧାରଣ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର ନୟାଗଡ଼ ଜିଲ୍ଲା ନୟାଗଡ଼ ତହସିଲ ଅନ୍ତର୍ଗତ ଜାତୀୟ ରାଜପଥ ସଂଖ୍ୟା-୫୭ର (ବଲାଙ୍ଗୀର-ଖୋର୍ଦ୍ଧା ଉପଖଣ୍ଡ) ସମ୍ପ୍ରସାରଣ ପାଇଁ ଧାରା ୩(ଘ) ଉପଧାରା ୧ ମୁତାବକ ନିମ୍ନ ତଫସିଲଭୁକ୍ତ ପ୍ଲଟ ଅନୁସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରାଯାଇ ଅଧିସୂଚନା ଜାରି ହୋଇଅଛି। ଯେହେତୁ ପ୍ରୋକ୍ତ ଆଇନ ଧାରା ୩(କ)ର ଉପଧାରା ୧, ୨, ୩ ଓ ୪ ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ନିମ୍ନରେ ଉଦ୍ଦିଷ୍ଟ ସ୍ଥାନ ଏବଂ ତାରିଖରେ ସକାଳ ୧୧ଘଟିକା ସମୟରେ ଆବଶ୍ୟକୀୟ ସମସ୍ତ କାଗଜପତ୍ର ଯଥା ପଟ୍ଟା, ବିକ୍ରୟ କବଲା, ଭାଗ ବଣ୍ଟରା, ଦାଖଲ ଖାରଜ, ଖଜଣା ପାଉତି ସହ ନିଜେ କିମ୍ବା ବିଧି ପୂର୍ବକ କ୍ଷମତା ପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ, ନଚେତ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମ୍ଭର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ।

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼
ଜାତୀୟ ରାଜପଥ ସଂଖ୍ୟା - ୫୭ ପ୍ରକଳ୍ପ, ନୟାଗଡ଼

| କ୍ର.ନଂ. | ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମର ନାମ | ନିର୍ଦ୍ଧାରିତ ତାରିଖ ଓ ସମୟ | ଦାବି ଦାଖଲ କରିବା ସ୍ଥାନ |
|---|---|---|---|---|---|
| ୧ | ନୟାଗଡ଼ | ନୟାଗଡ଼ | ବଡ଼ପଣ୍ଡୁସର<br>ହରେକୃଷ୍ଣପୁର | ତା୧୯।୦୧।୨୦୧୯ରିଖ ଠାରୁ ତା୨୫।୦୧।୨୦୧୯ ପର୍ଯ୍ୟନ୍ତ (ସମୟ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ | ଭୂ-ଅର୍ଜନ ଉପବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼ |

## NOTIFICATION

**New Delhi the 28th September 2018**

S.O. 5048(E). Whereas by the notification of the Government of India in the Ministry of Road Transport and Highways No. S.O. 3065 (E) dated 15.09.2017, published in the Gazette of India, Extraordinary, Part II, Section-3, Sub-section (ii) issued under sub-section (1) of Section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the schedule annexed to the said notification for building (widening/fourlaning etc.) Maintenance, management and operation of National Highways No. 57 on the stretch of land from Km 239/900 to Km 294/300 (Nayagarh Khordha Section) in the district of Nayagarh in the State of Odisha.

And whereas the substance of the said notification has been published in "The Prameya" and "The Dharitri" both dated 20th November 2017; under sub-section (3) of Section 3A of the said Act;

And whereas objections have been received and the same have been considered and disallowed by the competent Authority;

And whereas, in pursuance of sub-section (1) 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section(1) of section 3D of the said Act, the Central Government hereby declares that the land specified in the said schedule should be for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said schedule shall vest absolutely in the Central Government, free from all encumbrances.

**SCHEDULE**

Brief description of the land to be acquired with or without, falling within the stretch of land from Km 239/900 to 294/300 Km of NH 57 in the district of Nayagarh in the State of Odisha (From Km 239/900 to 252/900).

| କ୍ରମିକ ନଂ. | ପ୍ଲଟ ନଂ. | ଜମିର ପ୍ରକାର | କିସମ | ଅଧିଗ୍ରହଣ ରକବା (ଏକର) | ଅଧିଗ୍ରହଣ ରକବା (ହେକ୍ଟର) | ଜମି ମାଲିକ/ଆଗ୍ରହୀ ବ୍ୟକ୍ତି |
|---|---|---|---|---|---|---|
| ତହସିଲ: ନୟାଗଡ଼, ମୌଜା: ବଡ଼ପଣ୍ଡୁସର | | | | | | |
| ୧ | ୧୨୧୧ | ବେସରକାରୀ | ଶାରଦ - ୩ | ୦.୦୩୫ | ୦.୦୧୪ | ଉଦୟ ନାଥ ସାହୁ, ପିତା: ଯଦୁ ସାହୁ |
| ୨ | ୧୨୧୩ | ବେସରକାରୀ | ଶାରଦ - ୩ | ୦.୦୨୫ | ୦.୦୧୦ | |
| ୩ | ୧୨୧୨ | ବେସରକାରୀ | ଶାରଦ - ୩ | ୦.୦୨୫ | ୦.୦୧୦ | ବିଦ୍ୟାଧର ସାହୁ, ପିତା: ଅଗାଧୁ ସାହୁ |
| ୪ | ୧୨୧୪ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | |
| ୫ | ୧୧୫୮ | ବେସରକାରୀ | ପଡିତ | ୦.୦୬୦ | ୦.୦୨୪ | |
| ୬ | ୧୨୧୫ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | କଣ୍ଡ ସାହୁ, ପିତା: ଦିନବନ୍ଧୁ ସାହୁ |
| ୭ | ୧୨୧୬ | ବେସରକାରୀ | ଶାରଦ - ୩ | ୦.୧୦୦ | ୦.୪୦୦ | ଚତୁର୍ଭୁଜ ମହାରଣା, ପିତା: ହାଲ ମହାରଣା, ପ୍ରତାପ ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା, ପିତା: ଚତୁର୍ଭୁଜ ମହାରଣା, ଆଂଶିକ ପ୍ଲଟ୍ ନଂ. ୧୨୧୬/୪୧୮୨ |
| ୮ | ୧୨୧୭ | ବେସରକାରୀ | ଶାରଦ - ୩ | ୦.୧୪୦ | ୦.୦୫୭ | ଆନନ୍ଦ ଚନ୍ଦ୍ର ନାୟକ ଓରଫ ପ୍ରଧାନ, ପିତା: ଲିଙ୍ଗରାଜ ନାୟକ |
| ୯ | ୧୨୨୦ | ବେସରକାରୀ | ଶାରଦ - ୩ | ୦.୧୯୦ | ୦.୦୭୭ | |
| ୧୦ | ୧୨୧୮ | ବେସରକାରୀ | ଶାରଦ - ୩ | ୦.୦୬୦ | ୦.୦୨୪ | ଶ୍ରୀ ମଦନମୋହନ ଠାକୁର ବିଜେ ନିଜଗାଁ ମାର୍ଫତ୍ ଦେବୋତ୍ତର ବିଭାଗ, ତରଫ ଏକ୍‌ଜିକ୍ୟୁଟିଭ ଅଫିସର ଏସ୍‌ଡିଓ, ନୟାଗଡ଼ |
| ୧୧ | ୧୨୧୯ | ବେସରକାରୀ | ଶାରଦ - ୩ | ୦.୧୫୦ | ୦.୦୬୧ | |
| ୧୨ | ୧୨୨୦/ ୩୪୯୫ | ବେସରକାରୀ | ଶାରଦ - ୩ | ୦.୦୪୦ | ୦.୦୧୬ | |
| ୧୩ | ୧୧୫୪ | ବେସରକାରୀ | ଶାରଦ - ୧ | ୦.୦୧୫ | ୦.୦୦୬ | ଉଦ୍ୟନାଥ ମହାନ୍ତି, ଦେବରାଜ ମହାନ୍ତି, ସୁକଦେବ ମହାନ୍ତି, ପିତା: ବାଞ୍ଛାନିଧି ମହାନ୍ତି, ହରି ମହାନ୍ତି, ପିତା: କସ୍ତୁରି ମହାନ୍ତି |
| ୧୪ | ୧୨୨୧ | ବେସରକାରୀ | ଶାରଦ - ୩ | ୦.୧୨୦ | ୦.୦୪୯ | ଉଦୟନାଥ ମହାନ୍ତି, ପିତା ଯଦୁ ସାହୁ |
| ୧୫ | ୧୨୨୨ | ବେସରକାରୀ | ଶାରଦ - ୩ | ୦.୦୫୫ | ୦.୨୨୦ | ସହଦେବ ପ୍ରଧାନ, ପିତା: ବାସୁ ଫତେସିଙ୍ଘ |
| ୧୬ | ୧୨୨୩ | ବେସରକାରୀ | ଶାରଦ - ୩ | ୦.୧୦୦ | ୦.୪୦୦ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୧୭ | ୧୨୨୪ | ବେସରକାରୀ | ଘରବାରି | ୦.୦୬୦ | ୦.୦୨୪ | ଅଲେଖ ବେହେରା, ପିତା: ନଟବର ବେହେରା |
| ୧୮ | ୨୫୮୬ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | |
| ୧୯ | ୧୨୨୫ | ବେସରକାରୀ | ଶାରଦ - ୩ | ୦.୦୪୫ | ୦.୦୧୮ | ସରୋଜିନୀ ଖଟୁଆ, ସ୍ୱାମୀ ଗୁଣାନିଧି ଖଟୁଆ |
| ୨୦ | ୧୧୫୫ | ବେସରକାରୀ | ଶାରଦ - ୨ | ୦.୧୭୦ | ୦.୦୬୯ | ବିଶ୍ୱନାଥ ଡାକୁଆ, ପିତା: ଦୟାନିଧି ଡାକୁଆ, କାହ୍ନୁ ଚରଣ ଡାକୁଆ, ଜଗନ୍ନାଥ ଡାକୁଆ, ପିତା: ହରି ଡାକୁଆ |
| ୨୧ | ୧୧୫୬ | ବେସରକାରୀ | ଶାରଦ - ୧ | ୦.୦୦୫ | ୦.୦୦୨ | ବଂଶୀଧର ସାହୁ, ପିତା: କଣ୍ଡ ସାହୁ |
| ୨୨ | ୧୧୫୭ | ବେସରକାରୀ | ପଡିତ | ୦.୦୪୦ | ୦.୦୧୬ | ରବୀନ୍ଦ୍ର କୁମାର ମହାନ୍ତି, ପିତା: ଉଦ୍ୟନାଥ ମହାନ୍ତି |
| ୨୩ | ୧୧୫୯ | ବେସରକାରୀ | ପଡିତ | ୦.୦୫୦ | ୦.୦୨୦ | ଅମ୍ବିକା ସାହୁ, ସ୍ୱାମୀ: ଭଗବାନ ସାହୁ |
| ୨୪ | ୧୧୬୪ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୦୫ | ୦.୦୦୨ | ଆନନ୍ଦ ଚନ୍ଦ୍ର ନାୟକ, ପିତା: ଲିଙ୍ଗରାଜ ନାୟକ |
| ୨୫ | ୧୧୬୬ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୧୪୦ | ୦.୦୫୭ | ପ୍ରସନ୍ନ କୁମାର ସାହୁ, ଶରତ କୁମାର ସାହୁ, ସୁଦର୍ଶନ ସାହୁ, ପିତା: ଭାଗବତ ସାହୁ |
| ୨୬ | ୧୧୬୭ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୨୮୦ | ୦.୧୧୩ | ଉଦ୍ୟନାଥ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ବିଦ୍ୟାଧର ପ୍ରଧାନ, ପଞ୍ଚୁ ପ୍ରଧାନ, ପିତା: ଆନନ୍ଦ ପ୍ରଧାନ, ସୁଦର୍ଶନ ପ୍ରଧାନ, ପିତା: ନଟବର ରାଉତରା |
| ୨୭ | ୧୧୬୮ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୨୦ | ୦.୦୦୮ | କଣ୍ଡ ସାହୁ, ପିତା: ଦିନବନ୍ଧୁ ସାହୁ |
| ୨୮ | ୧୧୬୯ | ବେସରକାରୀ | ଶାରଦ ଦୋ ଫସଲି - ୨ | ୦.୦୧୦ | ୦.୦୦୪ | ବଂଶୀଧାର ସାହୁ, ମୁରଲୀଧର ସାହୁ, ଶ୍ରୀଧର ସାହୁ, ପିତା: କଣ୍ଡ ସାହୁ |
| ୨୯ | ୧୧୭୦ | ବେସରକାରୀ | ଏଜନ | ୦.୦୩୦ | ୦.୦୧୨ | |
| ୩୦ | ୧୧୭୧ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୦୫ | ୦.୦୦୨ | ହରି ଡାକୁଆ, ପିତା: ମଣି ସୁବୁଦ୍ଧି |
| ୩୧ | ୨୫୮୭ | ବେସରକାରୀ | ଶାରଦ - ୩ | ୦.୦୪୦ | ୦.୦୧୬ | ମାଧବ ଚନ୍ଦ୍ର ବିଶୋଇ, ପିତା: ପଞ୍ଚାନନ ବିଶୋଇ |
| ୩୨ | ୨୫୮୮ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୩୩ | ୨୫୮୯ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | ମାନଗୋବିନ୍ଦ ପ୍ରଧାନ, ପିତା: ଚୈତନ୍ୟ ପ୍ରଧାନ |
| ମୌଜା: ହରେକୃଷ୍ଣପୁର | | | | | | |
| ୩୪ | ୨୨୮ | ବେସରକାରୀ | ବଗାୟତ - ୨ | ୦.୦୧୦ | ୦.୦୦୪ | ଶ୍ରୀ ରାଧାମାଧବ ଜୀଉ ବିଜେ, ଇଟାମାଟି, ମାର୍ଫତ: ଜଗନ୍ନାଥ ସାହୁ, ପିତା: ବାଞ୍ଛାନିଧି ସାହୁ |
| ୩୫ | ୨୧୪ | ବେସରକାରୀ | ବଗାୟତ - ୨ | ୦.୦୨୫ | ୦.୦୧୦ | ରାଜନ ମହାନ୍ତି, ପୂର୍ଣ୍ଣ ମହାନ୍ତି, ପିତା: ସୁଦାମ ଉତ୍ତରା, ସନାତନ ମହାନ୍ତି, ସଉରୀ ମହାନ୍ତି, ଜହ୍ନ ଦେଇ, ତରା ଦେଇ, କାଳିକା ଦେଇ, ପିତା: ସଦାଶିବ ମହାନ୍ତି, ହରି ମହାନ୍ତି, ପିତା: ବିଶୁନ ମହାନ୍ତି |
| ୩୬ | ୨୧୦ | ବେସରକାରୀ | ଘରବାରି | ୦.୦୪୦ | ୦.୦୧୬ | ବୁଲା ଖଣ୍ଡା, ପିତା: କୃପା ଖଣ୍ଡା, ନୂରୀ ଦେଇ, ସ୍ୱାମୀ: କୃପା ଖଣ୍ଡା |
| ୩୭ | ୨୦୯ | ବେସରକାରୀ | ଘରବାରି | ୦.୦୫୦ | ୦.୦୨୧ | |
| ୩୮ | ୨୧୩/ ୬୨୯ | ବେସରକାରୀ | ଜଳାଶୟ - ୨ | ୦.୦୮୦ | ୦.୦୩୨ | |
| ୩୯ | ୨୦୦ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବିଶ୍ୱନାଥ ବାଘ, ପୂର୍ଣ୍ଣ ଚନ୍ଦ୍ର ବାଘ, ପିତା: ଗୁଣ୍ଡିଚା ବାଘ, ଲିଙ୍ଗରାଜ ବାଘ, ପିତା: କହ୍ନେଇ ବାଘ |
| ୪୦ | ୧୯୯ ୭୪୬ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ରାଣିଆ ବାଘ, ସ୍ୱାମୀ: ଲକ୍ଷ୍ମୀଧର ବାଘ |
| ୪୧ | ୩୩୭ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | କ୍ଷେତ୍ର ମହାନ୍ତି, ନେତ୍ର ମହାନ୍ତି, ପିତା: ରଘୁନାଥ ମହାନ୍ତି, ଚାନ୍ଦ ଦେଇ, ସ୍ୱାମୀ: ରଘୁନାଥ ମହାନ୍ତି |
| ୪୨ | ୩୩୮ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦଣ୍ଡୁ ମହାନ୍ତି, ପିତା: ଲୋକନାଥ ମହାନ୍ତି |
| ୪୩ | ୩୪୦/ ୭୫୦ | ବେସରକାରୀ | ଘରବାରି | ୦.୦୧୦ | ୦.୦୦୪ | ଗୋବର୍ଦ୍ଧନ ପ୍ରଧାନ, ପିତା: ଗୁରୁବାରି ପ୍ରଧାନ |
| ୪୪ | ୩୪୧ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବାଞ୍ଛାନିଧି ମହାନ୍ତି, ପିତା: ଫକୀର ମହାନ୍ତି |
| ୪୫ | ୩୪୨ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦାମ ଭୂୟାଁ, ପିତା: ଗୋପାଳ ଭୂୟାଁ |
| ୪୬ | ୩୪୩ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଲିଙ୍ଗରାଜ ନାୟକ, ପିତା: ରଘୁନାଥ ନାୟକ |
| | | | ମୋଟ | | ୦.୯୪୧ | |

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୩ ଜାନୁୟାରୀ, ୨୦୧୯



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ୨୬ ୟୁନିଟ ରକ୍ତ ସଂଗ୍ରହ

**ବିଜେପୁର, ୧୨।୧ (ଡି.ଏନ.ଏ):** ବିଜେପୁର ଡିଗ୍ରୀ କଲେଜରେ ଯୁବ ଦିବସ ସମାରୋହରେ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଅଧ୍ୟାପକ ସୁରେଶ ରାମ ମେହେର ଆଲୋଚକ ଭାବେ ଯୋଗଦେଇ ଯୁବ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଏନଏସଏସ ୟୁନିଟ- ୩ର ପ୍ରୋଗ୍ରାମ ଅଫିସର ଡ. ସୁବ୍ରତାରାଣୀ ରାଉତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପରେ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ । ଏଥିରେ ୨୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । କଲେଜର ଏନଏସଏସ ୟୁନିଟ-୩ ବାଳିକା ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରକୁ ଅଧାପିକା ଅଧାପକ ପରିଚାଳନା କରିଥିଲେ ।

### ଆଶା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ପାଇକମାଲ, ୧୨।୧(ଡି.ଏନ.ଏ):** ବରଗଡ଼ ଜିଲା ପାଇକମାଲରେ ଚାଲିଥିବା ଆଶା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି । ଏହି ଶିବିରରେ ସୋହେଲା ଅମ୍ବାଭନା, ଭେଡେନ, ବରପାଲି, ବରଗଡ ବ୍ଲକରୁ ମୋଟ ୮୫ ଜଣ ଆଶା ଓ ୧୪ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ ଅଂଶଗ୍ରହଣ କରିଥିଲେ । ଏହି ତାଲିମ ୩ଟି ବ୍ୟାଚରେ କରାଯାଇଥିଲା । ମମତା ମେହେର, ସନ୍ତୋଷିନୀ ମହାପାତ୍ର ତାଲିମ ପ୍ରଦାନ କରିଥିଲେ । ଅଣ ସଂକ୍ରାମକ ରୋଗ ଓ ତାର ପ୍ରତିରୋଧ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗର ଅଶୋକ ସାହୁ ଏବଂ ବାବୁଲୁ ସାହୁ ଶିବିର ପରିଦର୍ଶନ କରିଥିଲେ। ନିତ୍ୟାନନ୍ଦ ଜେନା ଶିବିର ପରିଚାଳନା ଏବଂ ବିକାସ ପଟେଲ ଓ କମଳା ସାହୁ ସହଯୋଗ କରିଥିଲେ । ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଓ ଆଜ୍‌କା ସଂସ୍ଥାର ମିଳିତ ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା ।

### ବିନ୍ଧ୍ୟବାସିନୀ କଲେଜରେ ଯୁବ ଦିବସ

**ପାଇକମାଲ, ୧୨।୧(ଡି.ଏନ.ଏ):** ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟ ସଭା ଗୃହରେ ସ୍ୱାମୀ ବିବେକାନନ୍ଦଙ୍କ ୧୫୬ ତମ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି । ମହାବିଦ୍ୟାଳୟର ଅଧକ୍ଷ ଲୋହିତ କୁମାର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ପ୍ରଭାତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଦେଓ୍ୱନ ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

**ପଦ୍ମପୁର, ୧୨।୧ (ଡି.ଏନ.ଏ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବ୍ରହ୍ମକୁମାରୀ ମାନସୀ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ, ଛାତ୍ରଜୀବନୀ, ଏକାଗ୍ରତା ଧ୍ୟାନ ଆଦି ବିଷୟରେ ଆଲୋଚନା କରିଥିଲେ । ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଉତ୍ସବକୁ ସୁଷମା ମେହେର ସଂଯୋଜନା କରିଥିବା ବେଳେ ସୁରଥ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଧାନ୍ଦୁପାଲିରେ ବିଜେଡି ବୈଠକ

**ପାଇକମାଲ, ୧୨।୧(ଡି.ଏନ.ଏ):** ପାଇକମାଲ ବ୍ଲକ ଟେମିରି ପଞ୍ଚାୟତର ଧାନ୍ଦୁପାଲି ଗ୍ରାମରେ ବିଜେଡିର ଏକ ବୈଠକ ସତ୍ୟନାରାୟଣ ପାଣିଗ୍ରାହୀଙ୍କ ଅଧତାରେ ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି, ଜିଲା ଉପସଭାପତି ରାଧେଶ୍ୟାମ ବରିହା, କୃଷ୍ଣଚନ୍ଦ୍ର ବେହେରା, ତୁଳାରାମ ଠାକୁର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୧୭ ଜଣ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ଯୋଗଦାନ କରିଥିଲେ ।

# ସବୁଠି ପାଠାଗାର ଆବଶ୍ୟକତା ରହିଛି

**ଭଟଲି, ୧୨।୧(ଡି.ଏନ.ଏ.)**



ପାଠାଗାର ଓ ସୂଚନା କେନ୍ଦ୍ର ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ରାମଚନ୍ଦ୍ର ଆଚାର୍ଯ୍ୟ ପାଠାଗାର, ସୂଚନା କେନ୍ଦ୍ର ଲୋକାର୍ପିତ**

ଆଧୁନିକ ବିଜ୍ଞାନ ଯୁଗରେ କେବଳ ବିଦ୍ୟାଳୟ ନୁହେଁ ବିଦ୍ୟାଳୟ ବାହାରେ ମଧ ଶିକ୍ଷା ଗ୍ରହଣର ଆବଶ୍ୟକତା ରହିଛି । ଛାତ୍ରୀଛାତ୍ରମାନଙ୍କୁ ଅଧିକ ଜ୍ଞାନ ଆହରଣ ପାଇଁ ପାଠ୍ୟ ବହି ବ୍ୟତୀତ ଅନ୍ୟାନ୍ୟ ମାଗାଜିନ ସହିତ ବିଭିନ୍ନ ପ୍ରକାର ଗ୍ରନ୍ଥ ପାଠ କରିବା ଦରକାର ହେଉଛି । ଗରିବ ଛାତ୍ରୀଛାତ୍ର ଆବଶ୍ୟକ ପୋଥିପତ୍ର ଯୋଗାଡ଼ କରି ନ ପାରି ବିଭିନ୍ନ ପ୍ରକାର ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇପାରୁ ନାହାନ୍ତି । ତେଣୁ ପ୍ରତ୍ୟେକ ଗ୍ରାମରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ପାଠାଗାରର ଆବଶ୍ୟକତା ରହିଛି ବୋଲି ବରଗଡ଼ ଜିଲା ଭଟଲିର ସ୍ୱର୍ଗତ ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ ସ୍ମୃତି ପାଠାଗାର ଏବଂ ସୂଚନା କେନ୍ଦ୍ରର ଶନିବାର ଲୋକାର୍ପଣ ଉତ୍ସବରେ ମତପ୍ରକାଶ ପାଇଛି । ବିଶିଷ୍ଟ ଜନନେତା ତଥା ପ୍ରକୃତି ପ୍ରେମୀ ସ୍ୱର୍ଗତ ଆଚାର୍ଯ୍ୟଙ୍କ ନବମ ଶ୍ରାଦ୍ଧ ଦିବସରେ ନାଟ୍ୟ ନିର୍ଦ୍ଦେଶକ କେଶ ରଞ୍ଜନ ପଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସ୍ୱର୍ଗତ ଆଚାର୍ଯ୍ୟଙ୍କ ଏକ ପୂର୍ଣ୍ଣାବୟବ ମୂର୍ତ୍ତି ଅବସରପ୍ରାପ୍ତ ପ୍ରାଧ୍ୟାପକ କ୍ଷମାନିଧି ପଣ୍ଡାଙ୍କ କର କମଳରେ ଅନାବରଣ କରାଯାଇଥିଲା। ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରତିଷ୍ଠାନର ସ୍ଥାୟୀ ଅଧ୍ୟକ୍ଷା ତଥା ସଞ୍ଚାଳିକା ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ କ୍ଷମାନିଧି ପଣ୍ଡା, କେଶରଞ୍ଜନ ପଧାନ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୀନକେତନ ସାହୁ ମୁଖ୍ୟବକ୍ତା ଏବଂ କୃଷକ ନେତା ଲିଙ୍ଗରାଜ ଓ ଦଧିବାମନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଆୟୁଷ୍ମାନ୍ତ ଷଡଙ୍ଗୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ । ଅଧ୍ୟାପକ ଚୂଡାମଣି ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ଅତିଥିମାନଙ୍କ ଦ୍ୱାରା ପଦ୍ମନାଭ ପଧାନଙ୍କୁ ସ୍ୱର୍ଗତ ରାମଚନ୍ଦ୍ର ଆଚାର୍ଯ୍ୟ ସମ୍ମାନ, ସଞ୍ଜୀବ କୁମାର ନନ୍ଦ ଏବଂ ବିଶ୍ୱଜିତ ପଧାନଙ୍କୁ ରାମଚନ୍ଦ୍ର ଆଚାର୍ଯ୍ୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନ୍ୟ ୧୨ଜଣଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରେ ବ୍ୟଙ୍ଗକବି ଦେବେନ୍ଦ୍ର ଭୋଇଙ୍କ ସଂଯୋଜନାରେ ପଦ୍ମଶ୍ରୀ ହଳଧର ନାଗ, ନୀତିଶ ଆଚାର୍ଯ୍ୟ, ହରିଲାଲ ସାହୁ, କିଶୋର ସାହୁ, ଅଧିକାରୀ ସା, ଉପେନ୍ଦ୍ର ଭୋଇ ଏବଂ ବାଙ୍କ ବିହାରୀ ସାହୁ ନିଜ କବିତା ପାଠ କରିଥିଲେ । ଡା. ସୁନୀଲ କୁମାର ଆଚାର୍ଯ୍ୟ, ଭଗବାନ ବେହେରା, ପ୍ରଦୀପ ଆଚାର୍ଯ୍ୟ, ସତ୍ୟାନନ୍ଦ ପଧାନ ଏବଂ ଆନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ୧୦ରୁ ଲେଲେହର– –ଚଣ୍ଡିପାଲି ଧନୁଯାତ୍ରା

**ଅମ୍ବାଭୋନା, ୧୨।୧ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକ ଲେଲେହର– ଚଣ୍ଡୀପାଲି ୧୧ତମ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ବିଶ୍ୱଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆଗାମୀ ଫେବୃୟାରୀ ୧୦ ତାରିଖରୁ ଏହି ଧନୁଯାତ୍ରା ଆରମ୍ଭ ହୋଇ ୧୬ ତାରିଖରେ ସମାପନ ହେବ । ଧନୁଯାତ୍ରାକୁ ଶୃଙ୍ଖଳିତ ଭାବେ କରାଯିବାକୁ ଏକ କମିଟି ଗଠନ କରାଯାଇଛି । ଏଥିରେ ହୀରାଧର ସାହୁ ସଭାପତି, ପ୍ରସନ୍ନ ଭୁଏ ଉପସଭାପତି, ଟିକାରାମ ସା ସମ୍ପାଦକ, ଚନ୍ଦ୍ରଭାନୁ ଭୁଏ ସମ୍ପାଦକ, ରମେଶ ଚନ୍ଦ୍ର ସାହୁ କୋଷାଧ୍ୟକ୍ଷ, ଅଶୋକ ସା ସହ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ କମିଟିରେ ୨୫ଜଣ ସଦସ୍ୟ ରହିଛନ୍ତି । ଉପଦେଷ୍ଟା କମିଟିରେ ଶ୍ରମ, ଶକ୍ତି ଓ ଇଏସଆଇ ମନ୍ତ୍ରୀ ସୁଶାନ୍ତ ସିଂ, ଭୀଷ୍ମଦେବ ସାହୁ, ପରଦେଶୀ ସା, ନିରଞ୍ଜନ ଦାଶ, ଜୈମିନୀ ସାହୁ, କ୍ଷୀରୋଦ୍ର ମହାପାତ୍ର, ବଳରାମ ଡନସନା ରହିଛନ୍ତି । ଚଳିତ ବର୍ଷ ମଧ କଂସ ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରିବା କାର୍ଯ୍ୟକ୍ରମ ରହିଛି।

## ଝାରବନ୍ଧ ଡିଗ୍ରୀ କଲେଜ ବାର୍ଷିକ କ୍ରୀଡ଼ା





କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି ।

**ଝାରବନ୍ଧ, ୧୨।୧ (ଡି.ଏନ.ଏ)**

ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । ଛାତ୍ରମାନେ ସ୍ଥାନୀୟ ବନଦୁର୍ଗା ମନ୍ଦିରରୁ କ୍ରୀଡା ମଶାଲକୁ ଏକ ଶୋଭାଯାତ୍ରାରେ ନେଇ ପଡିଆରେ ସ୍ଥାପନ କରିଥିଲେ । ପରେ କଲେଜ ଅଧକ୍ଷ ଶ୍ୟାମସୁନ୍ଦର ବେହେରା କ୍ରୀଡା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡାକୁ ଉଦ୍‌ଘାଟନ କରିଥିଲେ । କଲେଜର ଛାତ୍ରୀଛାତ୍ରମାନେ ଶପଥପାଠ କରିବା ପରେ ବିଭିନ୍ନ ପ୍ରକାର ଖେଳ ଆରମ୍ଭ ହୋଇଥିଲା । କଲେଜ ପିଇଟି ଛତ୍ରପାଳ ଗିରି, ଲକ୍ଷ୍ମଣ ବରିହା, ସୁମନ୍ତ ସାହୁ ସମସ୍ତ ଖେଳ ପରିଚାଳନା କରିଥିଲେ। ଅଧକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବରେ ଯୁକ୍ତ ୨ କଲେଜ ଅଧକ୍ଷ ସାନନ୍ଦ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ । ରଶ୍ମୀ ରଞ୍ଜନ ମହାନ୍ତି, ନବୀନ ମେହେର, ଗଗନ ବିହାରୀ ଡନସନା, ରଶ୍ମି ମହାଲିଙ୍ଗ, ରୀତାଞ୍ଜଳି ଗୁରୁ, ମମତା ଗିରି ପ୍ରମୁଖ ସହଯୋଗ କରିଥିଲେ । ଅଧାପିକା ଯାଜ୍ଞସେନୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡଧରା ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ କ୍ରୀଡ଼ା

**ଅମ୍ବାଭୋନା, ୧୨।୧ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବଡଧରା ୟୁଜିୟୁପି ସ୍କୁଲରେ ଗୁରୁବାର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାକୁ ବିଦ୍ୟାଳୟ ସଭାପତି ଜନକରାମ ସାହୁ ଓ ପ୍ରଧାନଶିକ୍ଷକ ରାଜକୁମାର ବଘେଲ ମିଳିତ ଭାବେ ଶୁଭାରମ୍ଭ କରିଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରି ଖେଳ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ପୁରନ୍ଦର ଦାଶ, ବୁଲୁ ବିଶ୍ୱାଳ, ବେଣୁଧର ପଧାନ, ଭଗବତୀ ସା ଓ ନମିତା ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଛାତ୍ରୀ ଗଙ୍ଗା ଭୁଏ ଓ ଛାତ୍ର ଶୁଭମ ସାହୁ, ନିତୀଶ କୁମାର ଦାଶ, ଶିବମ୍ ପଧାନ ଏବଂ ପ୍ରଭାଶିଷ ପଧାନ ଚାମ୍ପିୟନ ହୋଇଥିଲେ । ଆସନ୍ତା ୧୫ ତାରିଖ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ଦିନ ପୁରସ୍କାର ବିତରଣ କରାଯିବ ବୋଲି ବିଦ୍ୟାଳୟ ସଭାପତି ସାହୁ ଜଣାଇଛନ୍ତି ।

## ଶାନ୍ତି ମୈତ୍ରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଗାଇସିଲେଟ, ୧୨।୧(ଡି.ଏନ.ଏ)**

ଗାଇସିଲେଟ ବ୍ଲକ ସନ୍ଧିବାହାଲ ପଞ୍ଚାୟତ ବେହେରାମୁଣ୍ଡା ଛକରେ ଥିବା ଶାନ୍ତି ମୈତ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରମାନଙ୍କ ଦ୍ୱାରା ଗ୍ରାମଦେବୀ ମନ୍ଦିରରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇଥିଲା। ସରପଞ୍ଚ ଯଶୋବନ୍ତୀ ସାହୁ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ପରିଚାଳନା କମିଟି ସଭାପତି ରତ ସେଠଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହେବା ପରେ କ୍ରୀଡ଼ା ଆରମ୍ଭ ହୋଇଥିଲା । ସଭାରେ ବ୍ଲକ ଶିକ୍ଷା ଅଧିକାରୀ ରାମ ଲାଲ ବରିହା ମୁଖ୍ୟଅତିଥି, ଦେବେନ୍ଦ୍ର ଯୋଷୀ, ସରପଞ୍ଚ ପ୍ରଦୀପ ସାହୁ, ମଧ ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲମ୍ବୋଦର ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ନବିନ ସାହୁ ମଞ୍ଚ ପରିଚାଳନା ଓ ପ୍ରଧାନ ଶିକ୍ଷକ ରୁକ୍ମଣ ଦିଶ୍ରୀ ବିବରଣୀ ପାଠ କରିଥିଲେ । ଶିକ୍ଷକ ଡୋଲାମଣି ତରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ । କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସିନିୟର ବର୍ଗରେ ଭବାନୀ ବିଶି ଓ ବୁଲୁ ଧରୁଆ ଜୁନିୟର ବର୍ଗରେ ଚୁମକି ଛତ୍ରିଆ ଓ ଗୁରୁଦେବ ସାହୁ ଚାମ୍ପିୟନ ହୋଇଥିଲେ । ଖେଳ ଶିକ୍ଷକ ବାମନ ସାହୁ ଖେଳ ପରିଚାଳନା କରିଥିଲେ । ପରେ ଶିକ୍ଷକ ଗଙ୍ଗାଧର ସାହୁ ଓ ରାକେଶ ପୁରୋହିତଙ୍କ ନିର୍ଦ୍ଦେଶନାରେ ନାଟକ ପରିବେଷିତ ହୋଇଥିଲା । ଲମ୍ବୋଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବସେକେଲାଗଡ଼ରେ ବୁଢ଼ାଦେଓ ଯାତ୍ରା ସମ୍ପନ୍ନ

**ଭେଡ଼େନ, ୧୨।୧ (ଡ଼ି.ଏନ.ଏ)**



ବୁଢ଼ାଦେଓ ଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଐତିହାସିକ ବସେକେଲା ଗଡ଼ରେ ତିନିଦିନ ଧରି ଚାଲିଥିବା ଗଣ୍ଡ ସମାଜର ପାରମ୍ପରିକ ବୁଢ଼ାଦେଓ ଯାତ୍ରା ଶନିବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି । ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ବସେଇକେଲା ସର୍କଲ ତରଫରୁ ଆୟୋଜିତ ହୋଇଥିବା ଏହି ଯାତ୍ରାର ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ସଭ୍ୟା ଜ୍ୟୋସ୍ନାମୟୀ ସିଂ ସଭାପତିତ୍ୱ କରିଥିଲେ । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ବରଗଡ଼ ଜିଲା ଆୟୋଜକ ସମିତି ସଭାପତି ଜୀତେନ୍ଦ୍ରିୟ ଧରୁଆ ମୁଖ୍ୟବକ୍ତା, ସାଧାରଣ ସମ୍ପାଦକ ସୌଦାଗର କୁଅଁର, କୋଷାଧ୍ୟକ୍ଷ ଭାଗୀରଥି ସିଂ, ଝାରମୁଣ୍ଡା ଗୌନ୍ତିଆ ସଦାନନ୍ଦ ଧରୁଆ, ବସେଇକେଲା ସର୍କଲ ସଭାପତି ପାଣ୍ଡବ ଭୁଏ, ଟ୍ରଷ୍ଟ ବୋର୍ଡ଼ ସଭ୍ୟ ରାଜେନ୍ଦ୍ର ରାୟ, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଏମ୍‌ପି ପ୍ରତିନିଧି ତୁଷବନ୍ତ ବେହେରା, ଅରେଇଗୁଡ଼ି ସରପଞ୍ଚ ସୁନୀଲ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ସିଂହେନପାଲିର ଝୁମକୁ ଝୁମା ଦଳର ଦୁଲଦୁଲି ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା । ପରେ କୁଣ୍ଡଲାପାଟ ଦେବୀ ପୀଠରେ ଛତର ଯାତ୍ରା ହୋଇ ଅନ୍ତିମ ପୂଜା ହୋଇଥିଲା ।

## ପଥରାସେନୀ ଲୋକ ମହୋତ୍ସବ ଉଦ୍‌ଘାଟିତ

**ଅମ୍ବାଭୋନା, ୧୨।୧ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକର ମାଁ ପଥରାସେନୀ ଶକ୍ତିପୀଠରେ ଆଞ୍ଚଳିକ ଲୋକ ମହୋତ୍ସବକୁ ଶନିବାର ସମିତି ସଭ୍ୟା ଇନ୍ଦୁ ବଘେଲ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଦ୍ୱିଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି । ଏଥିରେ ବାଞ୍ଜିପାଲି ସରପଞ୍ଚ ଗୋବିନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ଏହି ଟୁର୍ନାମେଣ୍ଟରେ ୨୮ଟି ଆଞ୍ଚଳିକ ଦଳ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ସମିତି ସଭ୍ୟା ଇନ୍ଦୁ ବଘେଲ, ଗୌନ୍ତିଆ ବାଞ୍ଛା ଭୁଏ, ସନ୍ତୋଷ ସାହୁ, ପ୍ରମୋଦ ସାହୁ, ରାଜ କୁମାର ବଘେଲ, ରୋହିତ ଭୁଏ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦଘାଟନୀ ମ୍ୟାଚରେ ବେହେରା ଓ ଅର୍ଜୁଣ୍ଡା ଦଳ ମଧରେ ଖେଳ ହୋଇଥିଲା । ଦୁର୍ଯ୍ୟୋଧନ ନାଏକ ଓ ସମ୍ମିତ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ । ଜଗବନ୍ଧୁ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଧରିତ୍ରୀ ପ୍ରତିନିଧିଙ୍କ କାର୍ ପୋଡ଼ିଲେ ଦୁର୍ବୃତ୍ତ



ପୋଡ଼ି ଯାଇଥିବା କାର୍ ।

**ମଥୁରାନଗରୀ, ୧୨।୧**

ବରଗଡ଼ ଜିଲା ଅତାବିରା ଥାନା ସରଣ୍ଡାର ଧରିତ୍ରୀ ପ୍ରତିନିଧି ଯୁଧିଷ୍ଠିର ମହାପାତ୍ରଙ୍କ ଅଲ୍‌ଟୋ କାର୍ (ନଂ.ଓଡ଼ି୧୭ସି/୦୫୦୦)କୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି । ଅନ୍ୟପଟେ ଗତ ସେପ୍ଟେମ୍ବର ମାସରେ ମଧ୍ୟ ଦୁର୍ବୃତ୍ତମାନେ ତାଙ୍କ ବାଇକ୍, କମ୍ପ୍ୟୁଟର ଆଦି ପୋଡ଼ି ଦେଇଥିଲେ । ତେବେ ବାଇକ୍, କମ୍ପ୍ୟୁଟର ପୋଡ଼ାଜଳା ଘଟଣାର ଟେର୍ ଏପର୍ଯ୍ୟନ୍ତ ମିଳିପାରି ନ ଥିବାବେଳେ ୪ମାସ ପରେ ଦୁର୍ବୃତ୍ତମାନେ ପୁଣି ତାଙ୍କ କାର୍ ପୋଡ଼ାଜଳା କରିବାରେ ସକ୍ଷମ ହେବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି । ମହାପାତ୍ରଙ୍କ ଏତଲାକ୍ରମେ ପୋଲିସ ଏ ନେଇ ଏକ ମାମଲା(ନଂ.୫/୧୯) ରୁଜୁ କରିଛି ।

ଶନିବାର ମହାପାତ୍ର ନିଜ ଅଫିସରେ ନ୍ୟୁଜ କାମ ସାରି ତାଙ୍କ କାର୍ ଯୋଗେ ପ୍ରାୟ ଶହେ ମିଟର ଦୂର ଘରକୁ ଫେରିଥିଲେ । ଘର ନିକଟରେ କାର୍ ରଖି ଖିଆପିଆ କରି ସେ ଶୋଇଥିଲେ । ବିଳମ୍ବିତ ରାତ୍ରି ପ୍ରାୟ ଦେଢ଼ଟା ସମୟରେ ତାଙ୍କ ଜଣେ ପଡ଼ୋଶୀ ଗୁଣନିଧି ପ୍ରଧାନ ଫୋନ ଯୋଗେ କାର୍‌ଟି ଜଳୁଥିବା ମହାପାତ୍ରଙ୍କୁ ସୂଚନା ଦେଇଥିଲେ। ଏହାପରେ ସେ ଘଟଣାସ୍ଥଳକୁ ପହଞ୍ଚିବା ସହିତ ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ଫୋନରେ ସୂଚନା ଦେଇଥିଲେ । ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ନିଆଁ ଲିଭାଇଥିଲେ । ମାତ୍ର ସେତେବେଳକୁ କାର୍‌ଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା ।

# ଧନୁଯାତ୍ରା ମହୋତ୍ସବରେ ଅଭିନୟ ନିଆରା

ବରଗଡ଼ ଧନୁଯାତ୍ରା ମହୋତ୍ସବ ୧୧ଦିନ ବ୍ୟାପୀ ଚାଲିବ । କିନ୍ତୁ ଆରମ୍ଭରୁ ଦର୍ଶକଙ୍କ ସମାଗମ ପରିଲକ୍ଷିତ ହୋଇ ପଡ଼ିଲାଣି । ଗୋଟିଏ ପଟେ ଅନୁକୂଳ ପାଗ, ଅନ୍ୟପଟେ କଳାକାରଙ୍କ ଚିତ୍ତାକର୍ଷକ ଅଭିନୟ, ଉନ୍ନତମାନର ଆଲୋକମାଳାର ତୋରଣ, ସାଜସଜ୍ଜା ଏବଂ ସର୍ବୋପରି ଦିଗଦର୍ଶକଙ୍କ ଦିଗଦର୍ଶନ ଅନ୍ୟବର୍ଷ ତୁଳନାରେ ଏଥର ମହୋତ୍ସବକୁ ଆହୁରି ଆକର୍ଷିତ କରିପାରିଛି । ଏହି ପରିପ୍ରେକ୍ଷୀରେ ଆମେ ମହୋତ୍ସବର କିଛି କଳାକାର ଏବଂ ସେମାନଙ୍କୁ ମାର୍ଗଦର୍ଶନ ଦେଇଥିବା ଦିଗ୍‌ଦର୍ଶକଙ୍କୁ ଭେଟିଥିଲୁ । ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା...



୨୮ବର୍ଷ ହେଲା ମୁଁ ବରଗଡ଼ ଧନୁଯାତ୍ରାରେ ଅଭିନୟ କରି ଆସୁଛି । ପୂର୍ବରୁ ମହାମନ୍ତ୍ରୀ ଶକ୍ରାଜିତ ଭୂମିକାରେ ଅଭିନୟ କରୁଥିଲି । ଗତ ୩ ବର୍ଷ ହେଲା ମହାମନ୍ତ୍ରୀ ଅନାଦୃଷ୍ଟ ଭୂମିକାରେ ଅଭିନୟ କରୁଛି । ଆଗକୁ ମଧ୍ୟ ଅଭିନୟର ଅଭିଳାଷ ରହିଛି ।
**–ନନ୍ଦିଘୋଷ ମହାପାତ୍ର**



ବରଗଡ଼ ଜିଲା ବରପାଲି ବ୍ଲକ ଧିରପୁର ଗ୍ରାମରେ ଘର । ଏଥର ପ୍ରଥମଥର ଏହି ମହୋତ୍ସବକୁ ମହାରାଜ କଂସଙ୍କ ସେନାପତି କଳାକେତୁ ଭାବେ ଅଭିନୟ କରିଛି । ଆଗରୁ ସ୍କୁଲ, କଲେଜ ଡ୍ରାମାରେ ଅଭିନୟ କରିଛି । ମାତ୍ର ଧନୁଯାତ୍ରାରେ ଅଭିନୟ ସମ୍ପୂର୍ଣ୍ଣ ନିଆରା।
**–ଅନୂପ ଗଡ଼ତିଆ**



ଛୋଟମଞ୍ଚ ଗ୍ରାମ୍ୟ ରାମଲୀଳାରେ ଅଭିନୟ କରିଥିଲି । କିନ୍ତୁ ଏଥର ବିଶ୍ୱପ୍ରସିଦ୍ଧ ରଙ୍ଗମଞ୍ଚରେ କଂସଙ୍କ ସେନାପତି ଚନ୍ଦ୍ରକେତୁ ଚରିତ୍ରରେ ଅଭିନୟ ସୁଯୋଗ ମିଳିଛି । ଗ୍ରାମର ଛୋଟମଞ୍ଚରୁ ଏଭଳି ଏକ ବିଶ୍ୱ ମଞ୍ଚକୁ ଆସିବା ଗର୍ବର ବିଷୟ ।
**–ସଂଗ୍ରାମ ଦେହୁରୀ**



୨୦୧୩ ମସିହାରୁ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସେନାପତି ପ୍ରଦ୍ୟୁତ ଭୂମିକାରେ ଅଭିନୟ କରି ଆସୁଛି । ଏହାବାଦ୍ ବିଭିନ୍ନ ସ୍ଥାନରେ ରାବଣ, କଂସ, ଜଳନ୍ଧର, ତାରକାସୁର ଆଦି ଭୂମିକାରେ ଅଭିନୟ କରିଛି । ଅଭିନୟ ହିଁ ମୋ ରଚି, ଆଗକୁ ମଧ୍ୟ ଏହା ଜାରି ରଖିବି ।
**–ଗୁଲାବ ଚନ୍ଦ୍ର ଦାଶ**



ବରଗଡ଼ ବ୍ଲକ ଜମୁର୍ଡ଼ା ଗ୍ରାମରେ ଘର। ଅନେକ ସ୍ଥାନରେ ଅଭିନୟ କରିଛି। ମାତ୍ର ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଅଭିନୟ ଭିନ୍ନ । ଏଠାରେ ଲକ୍ଷାଧିକ ଦର୍ଶକଙ୍କ ସମାଗମ କଳାକାରକୁ ଉତଫୁଲ୍ଲିତ କରିଥାଏ।
**–ବୃନ୍ଦାବନ ପ୍ରଧାନ**



ଏସ୍‌ବିସିସି ବ୍ୟାଙ୍କର ଜଣେ ଅବସରପ୍ରାପ୍ତ ମ୍ୟାନେଜର । ମୁଁ ୨୬ବର୍ଷ ହେଲା ବରଗଡ଼ ଧନୁଯାତ୍ରାରେ ଅକ୍ରୁର ଭୂମିକାରେ ଅଭିନୟ କରି ଆସୁଛି । ଗତ ୨୦୧୧ ମସିହାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲି। ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ନ ଥିଲେ ମଧ୍ୟ ସେହି ବର୍ଷ ଧନୁଯାତ୍ରାରେ ଅଭିନୟ କରିଥିଲି।
**–ଲଳିତ ମୋହନ ପଣ୍ଡା**

## ସଂକ୍ଷେପରେ

### ଅଭିଭାବକଙ୍କ ସହ ଆଲୋଚନା କଲେ ଶିକ୍ଷା ଅଧିକାରୀ

**ଅମରପାଲି, ୧୨।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଶନିବାର ଲୁତୁରପଙ୍କ କ୍ଲଷ୍ଟରର ବଡମାଲ ସ୍କୁଲର ଅଭିଭାବକ ଓ ଅଭିଭାବିକାଙ୍କ ସହିତ ଆଲୋଚନା କରିଛନ୍ତି। ଆଲୋଚନାରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମସ୍ୟା ଆଦି ବିଷୟରେ ଆଲୋଚନା ହୋଇଥିଲା । ଅନ୍ୟାନ୍ୟ ଘରୋଇ କାର୍ଯ୍ୟରେ ନିୟୋଜିତ ରହି ବାରମ୍ବାର ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ଛାତ୍ରୀଛାତ୍ରଙ୍କୁ ନିୟମିତ ସ୍କୁଲ ପଠାଇବା ପାଇଁ ତାଙ୍କ ପିତାମାତାଙ୍କୁ କୁହାଯାଇଥିଲା। ଆଲୋଚନାରେ ଅଭିଭାବକଙ୍କ ସହିତ ଏବିଓ ଗରୁଡଧ୍ୱଜ ମୁଦୁଲି, ସିଆରସିସି ପ୍ରବୀର ଦାସ ଓ ପ୍ରଧାନଶିକ୍ଷକ ଶଙ୍କର୍ଷଣ ଭୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ଗଣେଶ୍ୱର ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ଉଲୁଣ୍ଡା,୧୨।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲାସ୍ଥିତ ଗଣେଶ୍ୱର ଉଚ୍ଚ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଧର ବାଗଙ୍କ ତତ୍ତ୍ୱାବଧାନକ୍ରମେ ଆୟୋଜିତ ଏହି କ୍ରୀଡା କାର୍ଯ୍ୟକ୍ରମରେ ୮ଟି ବିଭାଗରେ ୫୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ଗୋକୁଳ ବିଶ୍ୱାଳ ଓ ବାଳିକା ବିଭାଗରେ ଅନ୍ନପୂର୍ଣ୍ଣା ପାଣ୍ଡେ ଚାମ୍ପିୟନ ହୋଇଥିଲେ। କେଉଟପାଲି ସରକାରୀ ଅପଗ୍ରେଡେଡ ହାଇସ୍କୁଲର ଖେଳ ଶିକ୍ଷୟିତ୍ରୀ ବନିତା ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ଦିଲିପ କୁମାର ସାହୁ(କ), ଦିଲୀପ କୁମାର ସାହୁ(ଖ), ରୋହିତ ଦଣ୍ଡସେନା, ସୌମିତ୍ରୀ ପାଢୀ, ସତ୍ୟନାରାୟଣ ମେହେର, ଶିକ୍ଷୟିତ୍ରୀ ବି ସ୍ୱାତୀ ମୁଚ୍ୟମ ପାତ୍ର ସହଯୋଗ କରିଥିଲେ।

### ଝାରସୁଗୁଡ଼ା ନୁହେଁ, ରାୟପୁର ଦେଇ ଆସିବେ ମୋଦି

**ଝାରସୁଗୁଡ଼ା ଅଫିସ:**
ଭୁବନେଶ୍ୱର,୧୨।୧(ବ୍ୟୁରୋ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୫ରେ ବଲାଙ୍ଗୀର ଗସ୍ତରେ ଆସୁଛନ୍ତି। ନୂଆଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ମୋଦି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରେ ଅବତରଣ କରିବାର କାର୍ଯ୍ୟକ୍ରମ ଥିଲା। ହେଲେ ଶେଷ ମୁହୂର୍ତ୍ତରେ ଏଥିରେ ପରିବର୍ତ୍ତନ କରାଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମୋଦି ଝାରସୁଗୁଡ଼ା ବିମାନବନ୍ଦର ଦେଇ ବଲାଙ୍ଗୀର ଯିବେ ନାହିଁ। ସେ ଛତିଶଗଡ଼ ରାୟପୁରରେ ବିମାନରୁ ଅବତରଣ କରି ହେଲିକପ୍ଟର ଯୋଗେ ବଲାଙ୍ଗୀର ଆସିବେ। ଏଥି ସହିତ କିଛି ସରକାରୀ କାର୍ଯ୍ୟକ୍ରମର ଶିଳାନ୍ୟାସ କରିବା ସହ ଦଳୀୟ ସ୍ୱାଭିମାନ ସମାବେଶରେ ଯୋଗ ଦେବେ। ମୋଦିଙ୍କ ଗସ୍ତର ୩ ଦିନ ପୂର୍ବରୁ ପରିବର୍ତ୍ତିତ କାର୍ଯ୍ୟସୂଚୀ ସମ୍ପର୍କରେ କେନ୍ଦ୍ର ପକ୍ଷରୁ ରାଜ୍ୟକୁ ଅବଗତ କରାଯାଇଛି। ଶନିବାର ଏ ସଂକ୍ରାନ୍ତ ଏକ ଚିଠି ରାଜ୍ୟ ମୁଖ୍ୟ ଶାସନ ସଚିବ, ଡିଜିପି, ଗୃହ ସଚିବ, ଜିଏ ସଚିବ, ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ଏବଂ ଅନ୍ୟ ସୁରକ୍ଷା ଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି।

# ଗୋଚାଲାଣ ବେଳେ ଟ୍ରକ ସହ ୪ ଅଟକ

- ମୁର୍ଷୁଣ୍ଡୀରେ ଚାପା ଉତ୍ତେଜନା
- ଭୟ ପକ୍ଷରୁ ମାମଲା ରୁଜୁ

**ଅମରପାଲି, ୧୨।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀଠାରେ ବେଆଇନ ଭାବେ ଗୋଚାଲାଣ ବେଳେ ବଜରଙ୍ଗ ଦଳ କର୍ମୀମାନଙ୍କ ସହିତ ସ୍ଥାନୀୟ ଯୁବକମାନେ ଗୋରୁମାନଙ୍କୁ ଉଦ୍ଧାର କରିଛନ୍ତି । ଗୋଚାଲାଣରେ ବ୍ୟବହୃତ ଓଆର ୦୧ ଆର- ୮୨୫୨ ନମ୍ବର ବିଶିଷ୍ଟ ଏକ ଟ୍ରକ ଓ ଗୋଚାଲାଣ ଗାଡିକୁ ପାଇଲଟିଙ୍ଗ କରୁଥିବା ଓଡି ୧୧ ଜି-୦୦୯୩ ନମ୍ବର ବିଶିଷ୍ଟ ଏକ ସ୍କର୍ପିଓକୁ ଅଟକ ରଖିଛନ୍ତି । ସୂଚନା ମତେ ଗତ ସନ୍ଧ୍ୟାରେ ସ୍ଥାନୀୟ କର୍ଡାପାଲ ବଜାରରୁ ଶତାଧିକ ଗୋରୁ ନେଇ ଉକ୍ତ ଟ୍ରକରେ ଗୋଚାଲାଣ ହେଉଥିଲା । ବଜରଙ୍ଗ କର୍ମୀ ଓ ସ୍ଥାନୀୟ ଯୁବକମାନେ ଏହାକୁ ଅଟକାଇଥିଲେ । ଉକ୍ତ ଗାଡିରେ ଅତି ନିର୍ଦ୍ଦୟ ଭାବରେ ପ୍ରାୟ ୧୦୦ରୁ ଅଧିକ ଗୋରୁ ବୋଝେଇ ହୋଇଥିବା ଅଭିଯୋଗ ହୋଇଛି ।



ମୁର୍ଷୁଣ୍ଡୀରେ ଗୋଚାଲାଣ ଗାଡିକୁ ଲୋକେ ଅଟକ ରଖିଛନ୍ତି ।

ହୋହାଲ୍ଲା ହେବା ପରେ ଘଟଣାସ୍ଥଳରେ ପ୍ରବଳ ଜନଗହଳି ହୋଇଥିଲା । ଘଟଣାସ୍ଥଳରୁ ଗୋଚାଲାଣକାରୀମାନେ ଫେରାର ହୋଇଯାଇଥିଲେ । ଉତ୍ତ୍ୟକ୍ତ ଲୋକେ ଗୋରୁ ବୋଝେଇ ଟ୍ରକକୁ ଖୋଲି ଦେବାରୁ ଗୋରୁମାନେ ଅନ୍ଧାରରେ ପଳାଇ ଯାଇଥିଲେ। ଘଟଣା ପରେ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଖବର ପାଇ ବୀରମହାରାଜପୁର ଥାନା ଅଧିକାରୀ କୁଶ ପାଣିଗ୍ରାହୀ ଏକ ପ୍ଲାଟୁନ୍ ପୋଲିସ ନେଇ ଘଟଣାସ୍ଥଳକୁ ଆସିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣାସ୍ଥଳରୁ ଟ୍ରକ ଓ ସ୍କର୍ପିଓକୁ ଜବତ କରିବା ସହିତ ୪ ଗୋଚାଲାଣକାରୀଙ୍କୁ ମଧ ଥାନାରେ ଅଟକ ରଖିଥିବା ଆଇଆଇସି ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଏ ନେଇ ବୀରମହାରାଜପୁର ଥାନାରେ ଗୋଚାଲାଣକାରୀଙ୍କ ନାମରେ ଏକ ମାମଲା( ନଂ. ୮/୧୯)ହୋଇଥିବା ବେଳେ ଯୋରକରି ଗାଡି ଅଟକାଇ ଗାଡି ଭାଙ୍ଗି ଦେଇ ଗୋରୁ ଖୋଲିଦେବା ଅଭିଯୋଗରେ (ନଂ.୯/୧୯୦ରେ ଏକ ଅନ୍ୟ ଏକ ମାମଲା ରୁଜୁ ହୋଇଛି । ଖବରଲେଖା ଯିବା ପର୍ଯ୍ୟନ୍ତ ପୋଲିସ ମୁର୍ଷୁଣ୍ଡୀ ଆସି ଚାଲାଣ ବେଳେ ଲୋକେ ଖୋଲି ଦେଇଥିବା ଗୋରୁଙ୍କୁ ଖୋଜୁଛି । ପ୍ରାୟ ୧୧ଟି ଗୋରୁ ପୋଲିସ ପାଇଥିବା କହିଛି ।





ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ନିଷ୍ଠା, ଏକାଗ୍ରତା ସଫଳତା ଆଣିଦିଏ

**ସୋନପୁର,୧୨।୧(ନି.ପ୍ର.)**

କିଡ୍‌ସ ଇଂଲିସ୍ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଷ୍ଠା ଓ ଏକାଗ୍ରତା ରହିଲେ ସଫଳତା ମିଳିଥାଏ ବୋଲି କହିଥିଲେ। ଛାତ୍ରୀଛାତ୍ର ପାଠ ପଢା ସହିତ ସୃଜନଶୀଳତାର ପରିଚୟ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢିବାକୁ କହିଥିଲେ। ସୁଶିକ୍ଷା ଚରିତ୍ର ଗଠନ ସହିତ ଭବିଷ୍ୟତରେ ସୁନାଗରିକ ହେବା ପାଇଁ ବାଟ ଦେଖାଇ ଥାଏ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ ବ୍ରଜ କିଶୋର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତିଯୋଗିତା ମୂଳକ ଦୁନିଆରେ ଛାତ୍ରୀଛାତ୍ର ନିଜକୁ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ। କଲେଜର ଅଧକ୍ଷ ଟି କେ ଯୋଶେଫ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରୀ ତନିସ୍କା ତନୟା ଦାଶ ଓ ଛାତ୍ର ସାଇ ପୁରୋହିତ କାଯରଯକ୍ରମକୁ ସଂଯୋଜନା କରିଥିଲେ। ଛାତ୍ର ସ୍ୱୟମ୍ ଅଗ୍ରୱାଲା ଧନ୍ୟବାଦ ପ୍ରଦାନ କରିଥିଲେ।

# ମାହେଶ୍ୱରୀ କ୍ରିକେଟ୍ ଟୁର୍ନାମେଣ୍ଟ: ଅନ୍ତର୍ଡା ଚାମ୍ପିୟନ

**ସିଂଘିଯୁବା,୧୨।୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅରିଗାଁ ଖେଳ ପଡିଆରେ ଗତ ୪ତାରିଖଠାରୁ ଚାଲିଥିବା ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ ଅନ୍ତର୍ଡା ଏବଂ ତୁଲୁଣ୍ଡପାଲି ମଧରେ ହୋଇଥିଲା। ୨୦ଓଭର ବିଶିଷ୍ଟ ମ୍ୟାଚ୍‌ରେ ତୁଲୁଣ୍ଡିପାଲି ଟସ୍‌ଜିତି ପ୍ରଥମ ବ୍ୟାଟିଂ କରି ୬୭ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇ ଥିଲା। ପରେ ଅନ୍ତର୍ଡା ଦଳ ୭.୧ଓଭରରେ ମାତ୍ର ଏକ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରି ଚମ୍ପିୟନ ଘୋଷିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ ବିଶ୍ୱମ୍ବର ମିଶ୍ର। ମୁଖ୍ୟ ଅତିଥି ଭାବେ ଋଷି କୁମାର ପୁଟେଲ ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ବିନିକା ବ୍ଲକ୍ ବିଏସ୍‌ଏସ୍‌ଓ ଅଶ୍ୱିନୀ ପାଣ୍ଡେ, ବାଙ୍କିଘିଡି ସରପଞ୍ଚ ମାନସ ବେହେରା, ପ୍ରତାପ ଭାରତୀ ଏବଂ ଉରୁକ୍ରମ ପାଣ୍ଡିଆ ପ୍ରମୁଖ ଯୋଗଦାନ କରିଥିଲେ । ଚାମ୍ପିୟନ ଦଳକୁ ୧୫ହଜାର ଓ ରନର୍ସ ଅପ୍ ଦଳକୁ ୧୦ହଜାର ଟଙ୍କା ଓ ଟ୍ରଫି ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ । ଆନନ୍ଦ ବଢେଇ ମ୍ୟାନ ଅଫ୍ ଦ ମ୍ୟାଚ, ଜିତେନ୍ଦ୍ର ମହାକୁର ମ୍ୟାନ୍ ଅଫ୍ ଦ ସିରିଜ୍ ବିବେଚିତ ହୋଇଥିଲେ।

ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

# ଶୃଙ୍ଖଳିତ ଜୀବନର ବାଟ ବତାଇଥାଏ କ୍ରୀଡ଼ା

**ବୀରମହାରାଜପୁର, ୧୨।୧(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଦୁଇଦିନ ଧରି ଚାଲିଥିବା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୧ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏଥରେ ବିଦ୍ୟାଳୟର ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ବାଳିକା ଓ ବାଳକ ବର୍ଗରେ ସମୁଦାୟ ୪୬ଟି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାଗୁଡିକ ମଧ୍ୟରେ ଦୌଡକୁଦ, ତ୍ରିକୁଦ ଡିଆଁ, ଉଚ୍ଚଡିଆଁ, ଲମ୍ଫ ଡିଆଁ, କଦଳି ଦୌଡ, ବେଙ୍ଗ ଦୌଡ ସହିତ ଥାଳିଆ ଫିଙ୍ଗା, ଗୋଳା ଫିଙ୍ଗା ଓ ବର୍ଚ୍ଛା ଫିଙ୍ଗା ଅନ୍ତର୍ଭୁକ୍ତ। କୃତି ପ୍ରତିଯୋଗୀମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ଖେଳାଳିଭାବେ ସନ୍ତୋଷିନୀ ମେହେର, ପ୍ରାଚୀ ପ୍ରିୟଦର୍ଶିନୀ ପାତ୍ର,



ବାଳିକା ବର୍ଗର ୩ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

ପ୍ରଜ୍ଞାମୟ ପଣ୍ଡା, ସ୍ୱେଦେଶ ଗୌରବ ମିଶ୍ର, ମିଳନ ନାଏକ, ରାଧେଶ୍ୟାମ ମହାଲିକ ଏବଂ ଆଶିଶ ମେହେରଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିଷ୍ଣୁ ଚରଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବରିଷ୍ଠ ଦେୱାନୀ ତଥା ସହକାରୀ ଦୌରାଜଜ୍ ମାନସ ରଞ୍ଜନ ରଥ ମୁଖ୍ୟ ଅତିଥି ଏବଂ ଓକିଲ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ମୁଖ୍ୟବକ୍ତା ଭାବେ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଞ୍ଜିତ କୁମାର ରଥ ଓ ପରିଚାଳନା ସମିତି ପୂର୍ବତନ ସଭାପତି ଭଗବାନ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଡାଙ୍ଗ ଓ କୋଶାଧ୍ୟକ୍ଷ ଶ୍ରୀଧର ମିଶ୍ର ମଞ୍ଚାସୀନ ଥିଲେ। ଉଦ୍‌ବୋଧନ ପ୍ରସଙ୍ଗରେ ଅତିଥିମାନେ ମତ ପ୍ରକାଶ କରିଥିଲେ ଯେ ଶୃଙ୍ଖଳାବୋଧ ସବୁ କ୍ଷେତ୍ରରେ ଅଭିବୃଦ୍ଧି ଆଣିଥାଏ ଏବଂ ଛାତ୍ରଜୀବନରେ କ୍ରୀଡା ଶାରୀରିକ ଓ ମାନସିକ ବିକାଶ ଘଟାଇବାରେ ସହାୟକ ହେବା ସହିତ ଶୃଙ୍ଖଳିତ ଜୀବନର ବାଟ ବତାଇଥାଏ। ସମାରୋହ ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଜଗଧାତ୍ରୀ ପାଣିଗ୍ରାହୀ। ସେହିଭଳି ବିଦ୍ୟାଳୟର ଶାରୀରିକ ପ୍ରମୁଖ ଗୋବିନ୍ଦ ସେଠୀ ବାର୍ଷିକ କ୍ରୀଡା ବିବରଣୀ ପଠନ କରିଥିଲେ। ଶେଷରେ ସହ ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଧର୍ମଶାଳା-ଗରିଆମୁଣ୍ଡା ରାସ୍ତାର ହେବ ପ୍ରଶସ୍ତୀକରଣ

# ୧୩.୯୦ କୋଟି ଟଙ୍କାରେ ୩ ପ୍ରକଳ୍ପର ଶିଳାନ୍ୟାସ

**ବୀରମହାରାଜପୁର, ୧୨।୧ (ଡି.ଏନ.ଏ.)**

ସୋନପୁର- ରେଢ଼ାଖୋଲ ରାସ୍ତାର ଧର୍ମଶାଳାଠାରୁ ଗରିଆମୁଣ୍ଡା ପର୍ଯ୍ୟନ୍ତ ପ୍ରାୟ ୪୦କିମି ରାସ୍ତା ଖୁବଶୀଘ୍ର ପ୍ରଶସ୍ତିକରଣ ହେବାକୁ ଯାଉଛି। ବୀରମହାରାଜପୁର ଉପଖଣ୍ଡ ଅଧିନରେ ଥିବା ଉକ୍ତ ପ୍ରମୁଖ ରାସ୍ତାର ନବୀକରଣ ସକାଶେ ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ ୭କୋଟି ୭୦ ଲକ୍ଷ ବ୍ୟୟ ଅଟକଳ ରହିଥିବା ବେଳେ ପ୍ରକଳ୍ପର ଶୁଭାରମ୍ଭ ପାଇଁ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ଶୁକ୍ରବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏତତ୍‌ବ୍ୟତୀତ ପୂର୍ତ୍ତବିଭାଗ ତରଫରୁ ହାତକୁ ନିଆଯାଇଥିବା ବୀରମହାରାଜପୁର ବ୍ଲକ କେନଝରିଆପାଲି ପଞ୍ଚାୟତର ବଲିପାଲି ନାଗରେ ଏକ ନୂତନ ସେତୁ ନିର୍ମାଣ ସକାଶେ ମଧ ବିଧାୟକ ବେହେରା ଶିଳାନ୍ୟାସ କରିଛନ୍ତି । ଏଥିପାଇଁ ୨କୋଟି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ମୁର୍ଷୁଣ୍ଡୀ ଖଣ୍ଡହଟା ରାସ୍ତାର ଚଉକା ନାଳ ଉପରେ ନୂତନ ବ୍ରିଜ ନିର୍ମାଣ ସକାଶେ ମଧ ଶିଳାନ୍ୟାସ କରାଯାଇଛି । ଉକ୍ତ ପ୍ରକଳ୍ପ ନିମନ୍ତେ ୩କୋଟି ୫୦ ଲକ୍ଷ ଟଙ୍କାର ପ୍ରଶାସନିକ ମଞ୍ଜୁରୀ ମିଳିଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି । ଏସବୁ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହମାନଙ୍କରେ ରାସ୍ତା ଓ କୋଠାବାଡି ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ହିମାଂଶୁ ଶେଖର ଲେଙ୍କା ଓ କନିଷ୍ଠ ଯନ୍ତ୍ରୀ ଇଂ. ମହେଶ୍ୱର ପାଶା ଉପସ୍ଥିତ ଥିଲେ । ସେହିଭଳି କେନଝରିଆପାଲି ସରପଞ୍ଚ ସନ୍ତୋଷ କୁମାର ପଧାନ ଓ ସମିତି ସଭ୍ୟା ସବିତା ମିଶ୍ରଙ୍କ ସହ ବ୍ରଜବିହାରୀ ପ୍ରଧାନ, ଆଡଭୋକେଟ ପ୍ରଦୀପ କୁମାର ମିଶ୍ର, ସତ୍ୟଞ୍ଜିବ ମିଶ୍ର ଏବଂ ନାରାୟଣ ଲୁହା ପ୍ରମୁଖ ଉପସ୍ଥିତ ଥିଲେ ।



କେନଝରିଆପାଲି ପଞ୍ଚାୟତର ବଲିପାଲି ନାଳ ଉପରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଉଛି ।

# ରାଷ୍ଟ୍ର ଗଠନରେ ଛାତ୍ରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ





ବୀରମହାରାଜପୁର ମହିଳା କଲେଜରେ ଅନୁଷ୍ଠିତ ଜାତୀୟ ଯୁବ ଦିବସରେ ମଞ୍ଚାସୀନ ଅତିଥି ।

**ଅମରପାଲି/ବୀରମହାରାଜପୁର, ୧୨।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ମହିଳା ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଅନୀଲ କୁମାର ଦାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ରାଜୀବ କୁମାର ନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ଛାତ୍ରୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥିଭାବେ ସୁବଳୟା ଯୁକ୍ତ ଦୁଇ କଲେଜର ଅର୍ଥନୀତି ବିଭାଗର ଅଧ୍ୟାପକ ଦେବାଶିଷ ପଧାନ ଯୋଗଦେଇଥିଲେ । ମହାବିଦ୍ୟାଳୟ ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଅଧିକାରୀ ଆଶୁତୋଷ ହୋତା ସଭାରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଇତିହାସ ବିଭାଗର ଅଧାପକ ନିଳାମ୍ବର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶେଷରେ ସଂସ୍କୃତ ବିଭାଗର ଅଧାପିକା ସନ୍ତୋଷିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କଲେଜର ସମସ୍ତ ଛାତ୍ରୀ ଓ ଅଧାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

# ଦିଗସିରା ଧନୁଯାତ୍ରା ଉଦ୍‌ଯାପିତ

**ଡୁଙ୍ଗୁରିପାଲି, ୧୨।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗସିରା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଅନ୍ତିମ ରଜନୀରେ କଂସ ବଧ ଓ ଉଗ୍ରସେନଙ୍କ ରାଜ୍ୟାଭିଷେକ ଦୃଶ୍ୟ ଅଭିନୀତ ହୋଇଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଶୁଖା ଆଞ୍ଚଳିକ ଧନୁଯାତ୍ରା କମିଟି ସଭାପତି ରଞ୍ଜନ ଠେଲା ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଶୁଖା ଧନୁଯାତ୍ରା କମିଟି ସମ୍ପାଦକ ରୋଶନ ବିଶ୍ୱାଳ, କୃଷକ ସେଲ ସଭାପତି ମନୋରଞ୍ଜନ ପଧାନ, ଦିଗଶିରା ସମିତି ସଭ୍ୟ ବିଶ୍ୱନାଥ ମେହେର, ଯାତ୍ରା କମିଟି ସମ୍ପାଦକ ସହଦେବ ପଧାନ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କମିଟି ସଭାପତି ଦିଗଶିରା ସରପଞ୍ଚ ଲବ ମେହେର ଅଧକ୍ଷତା କରିଥିବା ବେଳେ ବ୍ରଜ ସାଗର,ଆନନ୍ଦ ସାହୁ, ଗଣେଶ ମେହେର, ମହେଶ୍ୱର ଭୁଲ୍ଲା, ନିରଞ୍ଜନବାରିକ,ସୁଦାମ ସୁନା,ରାଧେ ରଣା,ଜୟନ୍ତ ସେଠି, କୁଶ ପୁଟେଲ, ଇନ୍ଦ୍ର ମେହେର, ଚୂଡାମଣୀ ପୁଟେଲ, ଚୂଆଁକୁଡୁ ପୁଟେଲ ସଭାରେ ଉପସ୍ଥତ ଥିଲେ । ଦୀନବନ୍ଧୁ ସୁନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜୁଡାଝୁଲକା କଳା ପରିଷଦ ଲୋକନୃତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ ଧନୁଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । କଂସ ଦରବାରରେ ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାରମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ମହାରାଜ କଂସ ଭୂମିକାରେ ଜଗଦାନନ୍ଦ ମିଶ୍ର, ମହାମନ୍ତ୍ରୀ ରାଜୁ ରଣା ,ଉଗ୍ରସେନ ଲବ ମେହେର, ଦେବକୀ ସସ୍ମିତା ପଧାନ,ବସୁଦେବ ସରୋଜ ମେହେର, ସେନାପତି ହଂସଧ୍ୱଜ ଗଣନାଥ ଦର୍ଜି, ସେନାପତି ସିଂହଧ୍ୱଜ ସାରାୟଣ ରଣା, କୃଷ୍ଣ ଭୂମିକାରେ ସୁଭିତ ମେହେର ଓ ବଳରାମ ଭୂମିକାରେ ଚନ୍ଦନ ମେହେରଙ୍କ ଅଭିନୟ ଚିତାକର୍ଷକ ହୋଇଥିଲା।



କଂସବଧ ସମୟର ଦୃଶ୍ୟ।

ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

# ଛାତ୍ରୀଛାତ୍ର ଦେଶର ମେରୁଦଣ୍ଡ

**ସୋନପୁର,୧୨।୧(ନି.ପ୍ର.)**

ଆଜିର ଛାତ୍ରୀଛାତ୍ର କାଲିର ଭବିଷ୍ୟତ। ସେମାନେ ହସିଲେ ଦୁନିଆ ହସିବ। ତେଣୁ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଓ ନୀତି ଶିକ୍ଷା ପ୍ରଦାନ କରାଯିବା ଉଚିତ ବୋଲି ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ବିଂଶତମ ବାର୍ଷିକ ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥି ବୃନ୍ଦ ମତପ୍ରକାଶ କରିଛନ୍ତି। ଶନିବାର ସନ୍ଧ୍ୟାରେ ବିଦ୍ୟାଳୟର ରାଜଶ୍ରୀ ମଣ୍ଡପରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ର ଭଲ ପାଠ ପଢିବା ସହିତ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ସୋନପୁର କଲେଜର ପ୍ରାକ୍ତନ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ମୁଖ୍ୟବକ୍ତାଭାବେ ଯୋଗଦେଇ ଦେଶ ଉପଯୋଗୀ ଶିକ୍ଷାର ପରିକଳ୍ପନା ଉପରେ ଗୁରୁତ୍ୱ ଦେଇଥିଲେ। ବର୍ତ୍ତମାନର ଶିକ୍ଷା ବାସ୍ତବଧର୍ମୀ ଓ ନିଯୁକ୍ତିଭିତ୍ତିକ ହେବା ଆବଶ୍ୟକ ବୋଲି ଡ. ବହିଦାର ମତପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ସୌଦାମିନୀ ରଥ ସଭାରେ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଅଧାପକ ନିରଞ୍ଜନ ପାଣ୍ଡିଆ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରଧାନ ଆଚାର୍ଯ୍ୟ ହରିହର କରଣ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା ସମିତି ସଭ୍ୟ ପ୍ରତିମା ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ଗୁରୁମା ଅନୁପମା ଗୁରୁ, ସୁରମା ସାହୁ, ସୁପ୍ରଜ୍ଞା ମିଶ୍ର, ଗୁରୁଜୀ ବ୍ରଜବିହାରୀ ପଣ୍ଡା, ଅକ୍ଷୟ ପୂଜାରୀ, ନନ୍ଦକିଶୋର ମିଶ୍ର, ଆନନ୍ଦ ମିଶ୍ର, ଛାୟାକାନ୍ତ ବିଶି ଓ ନିରଞ୍ଜନ ପୂଜାରୀ ପ୍ରମୁଖ କାଯରଯକ୍ରମ ଆୟୋଜନରେ ସହଯୋଗ କରିଥିଲେ ।





ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
-ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ଧର୍ମଶାଳା-ଗରିଆମୁଣ୍ଡା ରାସ୍ତାର ହେବ ପ୍ରଶସ୍ତୀକରଣ
### ୧୩.୯୦ କୋଟିରେ ୩ ପ୍ରକଳ୍ପର ଶିଳାନ୍ୟାସ

**ବୀରମହାରାଜପୁର, ୧୨।୧ (ଡି.ଏନ.ଏ.):** ସୋନପୁର- ରେଢ଼ାଖୋଲ ରାସ୍ତାର ଧର୍ମଶାଳାଠାରୁ ଗରିଆମୁଣ୍ଡା ପର୍ଯ୍ୟନ୍ତ ପ୍ରାୟ ୪୦କିମି ରାସ୍ତା ଖୁବଶୀଘ୍ର ପ୍ରଶସ୍ତିକରଣ ହେବାକୁ ଯାଉଛି। ବୀରମହାରାଜପୁର ଉପଖଣ୍ଡ ଅଧିନରେ ଥିବା ଉକ୍ତ ପ୍ରମୁଖ ରାସ୍ତାର ନବୀକରଣ ସକାଶେ ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ ୭କୋଟି ୭୦ ଲକ୍ଷ ବ୍ୟୟ ଅଟକଳ ରହିଥିବା ବେଳେ ପ୍ରକଳ୍ପର ଶୁଭାରମ୍ଭ ପାଇଁ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ଶୁକ୍ରବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏତତ୍‌ବ୍ୟତୀତ ପୂର୍ତ୍ତବିଭାଗ ତରଫରୁ ହାତକୁ ନିଆଯାଇଥିବା ବୀରମହାରାଜପୁର ବ୍ଲକ କେନଝରିଆପାଲି ପଞ୍ଚାୟତର ବଲିପାଲି ନାଗରେ ଏକ ନୂତନ ସେତୁ ନିର୍ମାଣ ସକାଶେ ମଧ ବିଧାୟକ ବେହେରା ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ୨କୋଟି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ମୁର୍ଷୁଣ୍ଡୀ ଖଣ୍ଡହତା ରାସ୍ତାର ଚଉକା ନାଳ ଉପରେ ନୂତନ ବ୍ରିଜ ନିର୍ମାଣ ସକାଶେ ମଧ ଶିଳାନ୍ୟାସ କରାଯାଇଛି । ଉକ୍ତ ପ୍ରକଳ୍ପ ନିମନ୍ତେ ୩କୋଟି ୫୦ ଲକ୍ଷ ଟଙ୍କାର ପ୍ରଶାସନିକ ମଞ୍ଜୁରୀ ମିଳିଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି । ଏସବୁ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହମାନଙ୍କରେ ରାସ୍ତା ଓ କୋଠାବାଡି ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ହିମାଂଶୁ ଶେଖର ଲେଙ୍କା ଓ କନିଷ୍ଠ ଯନ୍ତ୍ରୀ ଇଂ. ମହେଶ୍ୱର ପାଶା ଉପସ୍ଥିତ ଥିଲେ । ସେହିଭଳି କେନଝରିଆପାଲି ସରପଞ୍ଚ ସନ୍ତୋଷ କୁମାର ପଧାନ ଓ ସମିତି ସଭ୍ୟା ସବିତା ମିଶ୍ରଙ୍କ ସହ ବ୍ରଜବିହାରୀ ପ୍ରଧାନ, ଆଡଭୋକେଟ ପ୍ରଦୀପ କୁମାର ମିଶ୍ର, ସତ୍ୟଞ୍ଜିବ ମିଶ୍ର ଏବଂ ନାରାୟଣ ଲୁହା ଉପସ୍ଥିତ ଥିଲେ ।

### ରାଷ୍ଟ୍ର ଗଠନରେ ଛାତ୍ରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଅମରପାଲି/ବୀରମହାରାଜପୁର, ୧୨।୧ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ମହିଳା ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଅନୀଲ କୁମାର ଦାନୀଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା।




ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଫସଲବୀମା ଠକେଇ ବିରୋଧରେ ଶାନ୍ତନୁ କୁମାର ନାୟକଙ୍କ ନେତୃତ୍ୱରେ ୧୨ ଦଫା ଦାବିନେଇ ଚାଷୀ ଆନ୍ଦୋଳନରେ ବସିଛନ୍ତି । (ଫଟୋ- ସୁନୀଲ)

# ବିବାହର ମାସକ ପରେ ଦ୍ୱିତୀୟ ବିବାହ

**ଲୋଇସିଂହା, ୧୨।୧ (ଡି.ଏନ.ଏ.)**

- ସ୍ୱାମୀଙ୍କ ବିରୋଧରେ ସ୍ତ୍ରୀଙ୍କ ପ୍ରତାରଣା ଅଭିଯୋଗ
- ଅଭିଯୋଗ ରଖିଲାନି ପୋଲିସ

ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ଥାନା ଅନ୍ତର୍ଗତ ଡବଲଙ୍ଗ ଗ୍ରାମର ଜଣେ ଯୁବତୀ ପ୍ରେମ ବିବାହ କରିବାର ମାସକ ପରେ ପ୍ରତାରଣାର ଶିକାର ହୋଇଛନ୍ତି। ତାଙ୍କ ସ୍ୱାମୀ ଦ୍ୱିତୀୟ ବିବାହ କରି ତାଙ୍କୁ ପ୍ରତାରିତ କରିଥିବା ସୁବର୍ଣ୍ଣପୁର ଜିଲା ଡବଲଙ୍ଗ ଗ୍ରାମର ଜଣେ ଯୁବତୀ ଅଭିଯୋଗ କରିଛନ୍ତି। ନ୍ୟାୟ ପାଇଁ ସେ ଲୋଇସିଂହା ଥାନା ଓ ଏସ୍‌ପି ଅଫିସକୁ ଯାଇଥିଲେ । ହେଲେ ଏସପିଙ୍କ ସାକ୍ଷାତ୍ ସେ ପାଇ ନ ଥିବା ବେଳେ ଲୋଇସିଂହା ଥାନା ପୋଲିସ ତାଙ୍କ ଥାନା ଅଧୀନ ମାମଲା ହୋଇ ନ ଥିବାରୁ ଅଭିଯୋଗ ଗ୍ରହଣ କରିବାକୁ ମନା କରି ଦେଇଥିବା ଯୁବତୀଙ୍କ ଅଭିଯୋଗ କରିଛନ୍ତି। ଫଳରେ ନିରାଶ ହୋଇ ପରିବାର ସହ ସେ ଗାଁକୁ ଫେରିଥିବା କହିଛନ୍ତି।

ଅଭିଯୋଗ ମତେ, ସୁବର୍ଣ୍ଣପୁର ଜିଲା ଡବଲଙ୍ଗ ଗ୍ରାମର ୨୬ବର୍ଷୀୟା ଜଣେ ଯୁବତୀ ଲୋଇସିଂହା ଥାନା ଅନ୍ତର୍ଗତ କୁଟାସିଂହା ନିକଟସ୍ଥ ତେତେଲ ଗାଁର ଜଣେ ଯୁବକଙ୍କୁ ଭଲ ପାଉଥିଲେ । ଯୁବକଙ୍କ ଜଣେ ସମ୍ପର୍କୀୟ ଭାଇକୁ ସମ୍ପୃକ୍ତ ଯୁବତୀଙ୍କ ବଡଭଉଣୀ ବିବାହ କରିଥିବାରୁ ସେ ବହୁ ସମୟରେ ତେତେଲ ଗାଁକୁ ଆସୁଥିଲେ। ଏହି ଯିବା ଆସିବା ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଗତ ଡିସେମ୍ବର ୬ତାରିଖ ସନ୍ଧ୍ୟାରେ ସମ୍ପୃକ୍ତ ଯୁବତୀଙ୍କୁ ଡବଲଙ୍ଗ ଗ୍ରାମରୁ ଯୁବକ ଜଣକ ନେଇ ଯାଇଥିଲେ । ସେହି ମାସ ୧୦ ତାରିଖ ଦନ ସୁବର୍ଣ୍ଣପୁର ଜିଲା ରାମପୁରସ୍ଥିତ ନୋଟାରିଙ୍କ ପାଖରେ ଉଭୟେ ସ୍ୱାମୀସ୍ତ୍ରୀ ଭାବେ ରହିବା ପାଇଁ ସତ୍ୟପାଠ କରିଥିଲେ । ପରେ ସେମାନେ ତେତେଲ ଗାଁକୁ ଆସିଥିଲେ । ହେଲେ ଯୁବକଙ୍କ ପରିବାର ଲୋକେ ବିବାହକୁ ବିରୋଧ କରିବାରୁ ସେମାନେ ଅନ୍ୟତ୍ର ରହିଥିଲେ । ପରେ ସେମାନେ ଯୁବତୀ ଜଣଙ୍କୁ ଡବଲଙ୍ଗରେ ଛାଡି ଦେଇ ଚାଲି ଆସିଥିଲେ। ଏହା ପରଠାରୁ ସମ୍ପୃକ୍ତ ଯୁବକ କୁଆଡେ ଫେରାର ହୋଇଯାଇଥିଲେ । ଏହି ସମୟରେ ସେ ସୁବର୍ଣ୍ଣପୁର ଜିଲା ମହୁଲପାଲି ଗାଁର ଅନ୍ୟ ଜଣଙ୍କୁ ବିବାହ କରିଥିବା ଜାଣି ସମ୍ପୃକ୍ତ ଯୁବତୀ ଜଣକ ଶୁକ୍ରବାର ପ୍ରଥମେ ଲୋଇସିଂହା ଥାନାକୁ ଯାଇଥିଲେ । କିନ୍ତୁ ଅନ୍ୟ ଜିଲା ଘଟଣା କହି ଥାନା କର୍ତ୍ତୃପକ୍ଷ ଅଭିଯୋଗ ରଖି ନ ଥିଲେ । ଏହା ପରେ ଯୁବତୀ ଓ ତାଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ । ହେଲେ ସେମାନେ ତାଙ୍କୁ ଭେଟି ପାରି ନ ଥିଲେ । ଶନିବାର ସେମାନେ ପୁଣି ଥରେ ଲୋଇସିଂହା ଥାନାକୁ ଯାଇଥିଲେ। ହେଲେ ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ଥାନାକୁ ଯିବାକୁ ଯୁବତୀ ଓ ତାଙ୍କ ପରିବାର ଲୋକଙ୍କୁ ଥାନା କର୍ତ୍ତୃପକ୍ଷ ପରାମର୍ଶ ଦେଇଥିବା ପ୍ରତାରିତା ଯୁବତୀ ଜଣକ କହିଛନ୍ତି।

### ୨୦ରୁ ମଠଖାଇ ମହୋତ୍ସବ
# ମଞ୍ଚସ୍ଥ ହେବ ଜାତୀୟସ୍ତରର ଚର୍ଚ୍ଚିତ ୫ ନାଟକ

**ବଲାଙ୍ଗୀର ଅଫିସ, ୧୨।୧**

ଆସନ୍ତା ୨୦ରୁ ୨୪ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ୧୨ତମ ସର୍ବଭାରତୀୟ ବହୁଭାଷୀ ମଞ୍ଚ ନାଟକ ଉତ୍ସବ ମଠଖାଇ ମହୋତ୍ସବ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ଅନୁଷ୍ଠିତ ହେବ । ଏହି ମହୋତ୍ସବରେ ସର୍ବଭାରତୀୟସ୍ତରର ୫ଟି ଚର୍ଚ୍ଚିତ ଓ ଲୋକପ୍ରିୟ ନାଟକ ମଞ୍ଚସ୍ଥ ହେବ । ଏନେଇ ଶନିବାର ଆଇନ୍ ମହାବିଦ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଭୂମିକା ଅନୁଷ୍ଠାନର ସଭାପତି ରୁଦ୍ରଦେବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଠଖାଇ ମହୋତ୍ସବ କମିଟି ଅଧକ୍ଷ ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର, ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ପାଦକ ସତ୍ୟ ସୁନ୍ଦର ଭଞ୍ଜ, ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, ସତ୍ୟ ନାରାୟଣ ବେହେରା, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଘାସିରାମ ମିଶ୍ର, ଅବଦୁଲ ଜମାଲ ଖାନ୍, ସଂଯୋଜକ ଚିତ୍ତରଞ୍ଜନ ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ୨୦ତାରିଖ ସନ୍ଧ୍ୟାରେ ଗଞ୍ଜାମ କଳା ପରିଷଦର ଓଡିଆ ନାଟକ ଆଖଣ୍ଡବ କାଳ, ୨୧ରେ ପଦ୍ମପୁର ଲୁ ଅନୁଷ୍ଠାନର କୋଶଳୀ ନାଟକ ଇସ୍ତାଫା, ୨୨ରେ ମହାରାଷ୍ଟ୍ର ସଲାମ୍ ବନ୍ଦେ ଫାଉଣ୍ଡେସନ୍‌ର ମରାଠୀ ଓ ହିନ୍ଦୀ ନାଟକ ଏକ ଧୋତ୍ରାଚି ଗୋଷ୍ଟ, ୨୩ରେ ଝାରଖଣ୍ଡ ରାଞ୍ଚିର ଏକ୍ସପୋଜରର ହିନ୍ଦୀ ନାଟକ ଚରନ୍ ଦାସ୍ ଚୋର୍ ଓ ୨୪ରେ ମଣିପୁର କାକ୍ଚିଙ୍ଗ ଲିବର୍ଟି ଥିଏଟରର ମଣିପୁରୀ ନାଟକ ଲାମ୍‌ପି ମଞ୍ଚସ୍ଥ ହେବ । ଏହା ସହିତ ପ୍ରତିଦିନ ନାଟକ ମଞ୍ଚସ୍ଥ ହେବା ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରଭା ନୃତ୍ୟ, ଡାଲଖାଇ, ବଜାଶାଲ, କୋଶଳୀ ନୃତ୍ୟ ଓ ବଗନିଆ ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି ।




ମଠଖାଇ ମହୋତ୍ସବ ସକାଶେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା ।

# ଅବେବସ୍‌ତା ଘେରରେ ୭୦ ବଛରର୍ ପୁରନା ବନାଞ୍ଚଲ

**ଲାଠୋର, ୧୨।୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନାଞ୍ଚଲକେ ୭୦ ବଛର ବିତିଯାଇଥିଲେ ବି ଅବହେଳିତ ଅବସ୍‌ତାରେ ପଡ଼ିଛେ। ଯେନ୍‌ଟାକି ଜଂଗଲି ଜୀବ୍‌ଜଁନ୍ତୁ ଆର ଜଂଗଲ ଉପରେ ବିପଦ ସୁରୁଷ୍‌ଟି କରୁଛେ। ସୂଚନା ଅନ୍‌ସାରେ ଯେତେବେଲେ ଖପ୍ରାଖୋଲ ରେଞ୍ଜରେ ଲାଠୋର ସାମିଲ ଥିଲା ସେ ସମିଆରେ ୨୬.୭.୧୯୪୮ରେ ଲାଠୋରରେ ସରକାରୀ ହିସାବେ ଗୁଟେ ବନକାର୍ଯ୍ୟାଲୟ ଥାପନ କରାଗଲା । ଇ କାର୍ଯ୍ୟାଲୟ ଝନେ ଫରେଷ୍ଟର ଆର ୨ ଝନ୍ ଗାର୍ଡଙ୍କୁଁ ନେଇ ପହେଲା ତାର କାମ୍ ଆରମ୍ କରିଥିଲା। ପଛେ ୨୩.୧୨.୧୯୫୨ରେ ପହେଲା କରି ରେଞ୍ଜର ହିସାବେ ଏମ.ପଣ୍ଡା ଯୋଗଦେଇଥିଲେ। ଏହେଦ୍‌କା ୪୦ ହଜାର ହେକ୍ଟର ଜଂଗଲକେ ଲାଠୋର, ଗମ୍ଭାରି, ବେନ୍ଦେର, ଘାଗୁର୍ଲି କରି ୪ଟା ସେକ୍ସନରେ ଭାଗ କରାଯାଇଛେ । ଇ ୪ଟା ସେକ୍ସନ ଅଧିନରେ ଲାଠୋର, ଗଇନ୍ଦିମାଲ, ପିପଲବାହାଲ, ମହନିଲହ, ଝଲିଆଲିଟି, ଖର୍ଲି, ସନ୍ଧିମୁଣ୍ଡା, ଜାମଜୁରି, କର୍ଲାକୁଟନା, ବେନ୍ଦେର, ବାଗଦୋର, ଧଉଁରାଖମନ, ଘାଗୁର୍ଲି, ତାଲଭଟା, ରେଙ୍ଗାଲି ଲେଖେଁ ୧୫ଟା ବିଟ ଅଛେ। ୪ଟା ସେକ୍ସନକେ ଗୁଟେ ରେଞ୍ଜର ଆର ୪ଟା ଫରେଷ୍ଟର ଥିଲା ବେଲେ ୧୧ଟା ଫରେଷ୍ଟ ଗାର୍ଡ ରହିଛନ୍। ଯେନ୍‌ଟା କି ଦରକାରଠାନୁ ବି ବହୁତ କମ୍ କରମଚାରୀ ଅଛନ୍। ଦୁଖର କଥା ଗଲା ଡିସେମ୍ବର ୨୦୧୮ରେ ଜିଲାର ଭିନେ ଭିନେ ରେଞ୍ଜରେ ଗାର୍ଡମାନକୁ ନିଯୁକ୍ତି ଦିଆଯାଇଥିଲା ବେଲେ ଲାଠୋର ଲେଖେଁ ଗୁଟେ ସମ୍‌ବେଦନଶୀଲ ରେଞ୍ଜକେ ଗୁଟେ ବି ଗାର୍ଡ ନାଇଁ ଦିଆଯାଇ। ଏହେଦ୍‌କା ଲାଠୋର ସେକ୍ସନର ଝଲିଆଲିଟି ଆର ଖର୍ଲି, ବେନ୍ଦେର ସେକ୍ସନର ବାଘଦୋର, ଗମ୍ଭାରି ସେକ୍ସନର କର୍ଲାକୁଟନା, ଘାଗୁର୍ଲି ସେକ୍ସନର ଘାଗୁର୍ଲି ବିଟରେ ଗୁଟେ ବି ଗାର୍ଡ ନାଁଇଁନ। ଯେନ୍‌ଥିରଲାଗି ଜଂଗଲରେ ଥିବାର ଦାମ୍‌କିଆ ଶାଲ, ପିଆଶାଲ, ଖଇର, ଗମ୍ଭାରୀ, ସାଗୁଆନ ଗଛ କାଟବାର ସଂଗେ ଜଂଗଲି ଜୀବ୍‌ଜଁନ୍ତୁକର ଜୀବନ୍ ଉପରେ ବିପଦ ଦେଖା ଦେଇଛେ। ରେଞ୍ଜ ଅଧିନରେ କାମ୍ କରୁଥିବାର କରମଚାରୀମାନକର ରହେବାର ଲାଗି ବି ସରକାରୀ ଘର୍‌ର ଅଭାବ ରହିଛେ। ଯେନ୍‌ଥିରଲାଗି ଗୁଟେ ଘରେ ଦୁଇଝନ୍ ତିନ୍‌ଝନ୍ ଲେଖେଁ କରମଚାରୀ ରହୁଛନ୍। ଇ ବାବ୍‌ଦେ ବଲାଙ୍ଗୀର ଡିଏଫଓ ସମୀର ସତପଥୀଙ୍କୁଁ ପଚରାଲାରୁ ଲାଠୋର ବନାଞ୍ଚଲରେ ଲାଗି ରହିଥିବାର ସମସିଆ ବାବ୍‌ଦେ ମୁଇଁ ଜାନିଛେଁ। ଗାର୍ଡମାନେ ତାଲିମ ନେଉଛନ୍ ସେଥିରଲାଗି ନିଯୁକ୍ତି ଦିଆଯାଇ ନାଇଁପାରବାର। ହେଲେ ତିନ୍‌ରୁ ଚାଏର ଦିନ୍ ଭିତରେ ନିହାତି ଭାବେ ଲାଠୋର ରେଞ୍ଜ ଲାଗି ଗୁଟେ ଗାର୍ଡ ଯୁଗେଇ ଦିଆଯିବା। ସେନ୍‌ତା ବାକି ସମସିଆମାନ ଦିନୁ ଦିନ୍‌କେ ସମାଧାନ କରାଯିବା ବଲି ସେ କହିଥିଲେ।




ଲାଠୋର ରେଞ୍ଜ କାର୍ଯ୍ୟାଳୟ।

### ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

**ଟିକ୍ରାପଡା, ୧୨।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇନ୍ତଲା ବ୍ଲକ ଟିକ୍ରାପଡାସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ସଭାରେ ଅଧକ୍ଷତା କରିଥିଲେ। ଛାତ୍ରୀ ଦେବୀସ୍ମିତା ରାଜପଲିଆ, ରିଙ୍କି ମେହେର ସଭା ସଂଯୋଜନା କରିଥିଲେ । ବଦ୍ରିନାରାୟଣ ମହାନ୍ତି, ସ୍ପନ୍ଦିତା ହୋତା, ଓମ ପ୍ରିତମ ରାଜପଲିଆ, ରୋହନ ରାଜପଲିଆ, ବନ୍ଧୁ ବରର୍ଗା ପ୍ରମୁଖ ସ୍ୱାମୀ ବିବେକାନନ୍ଦଙ୍କ ଜୀବନି ଓ ଆଦର୍ଶ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଅଶୋକ ରାଜପଲିଆ, ବିନୟ ଛତର ସ୍ୱାଗତ ସଂଗୀତ ଗାନ କରିଥିଲେ।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## କ୍ଷମତାପନ୍ନ ପ୍ରାଧିକାରୀ, ଭୂ-ଅର୍ଜନ ଉପ-ବିଭାଗ
### ଜାତୀୟ ରାଜପଥ ସଂଖ୍ୟା- ୫୭ ପ୍ରକଳ୍ପ, ଜିଲ୍ଲା- ନୟାଗଡ଼
## ସର୍ବସାଧାରଣ ନୋଟିସ୍

ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956)ର ଧାରା ୩ (କ) ଉପଧାରା ୩ ମୁତାବକ ଯେହେତୁ, ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O. ୫୦୪୮ (E) ତା ୨୮।୦୯।୨୦୧୮ରିଖ ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା ୩୦୬୫ ତା୧୫।୦୯।୨୦୧୭ରିଖ ପ୍ରୋକ୍ତ ଆଇନର ଧାରା ୩(ଇ)ରେ ଉଲ୍ଲେଖିତ ସର୍ବସାଧାରଣ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର ନୟାଗଡ଼ ଜିଲ୍ଲା ନୟାଗଡ଼ ତହସିଲ ଅନ୍ତର୍ଗତ ଜାତୀୟ ରାଜପଥ ସଂଖ୍ୟା-୫୭ର (ବଲାଙ୍ଗୀର-ଖୋର୍ଦ୍ଧା ଉପଖଣ୍ଡ) ସମ୍ପ୍ରସାରଣ ପାଇଁ ଧାରା ୩(ଘ) ଉପଧାରା ୧ ମୁତାବକ ନିମ୍ନ ତଫସିଲଭୁକ୍ତ ପ୍ଲଟ ଅନୁସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରାଯାଇ ଅଧିସୂଚନା ଜାରି ହୋଇଅଛି। ଯେହେତୁ ପ୍ରୋକ୍ତ ଆଇନ ଧାରା ୩(କ)ର ଉପଧାରା ୧, ୨, ୩ ଓ ୪ ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ନିମ୍ନରେ ଉଦ୍ଦିଷ୍ଟ ସ୍ଥାନ ଏବଂ ତାରିଖରେ ସକାଳ ୧୧ଘଟିକା ସମୟରେ ଆବଶ୍ୟକୀୟ ସମସ୍ତ କାଗଜପତ୍ର ଯଥା ପଟ୍ଟା, ବିକ୍ରୟ କବଲା, ଭାଗ ବଣ୍ଟରା, ଦାଖଲ ଖାରଜ, ଖଜଣା ପାଉତି ସହ ନିଜେ କିମ୍ବା ବିଧି ପୂର୍ବକ କ୍ଷମତା ପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ, ନଚେତ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମ୍ଭର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ।

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼
ଜାତୀୟ ରାଜପଥ ସଂଖ୍ୟା - ୫୭ ପ୍ରକଳ୍ପ, ନୟାଗଡ଼

| କ୍ର.ନଂ. | ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମର ନାମ | ନିର୍ଦ୍ଧାରିତ ତାରିଖ ଓ ସମୟ | ଦାବି ଦାଖଲ କରିବା ସ୍ଥାନ |
|---|---|---|---|---|---|
| ୧ | ନୟାଗଡ଼ | ନୟାଗଡ଼ | ବଡ଼ପଣ୍ଡୁସର<br>ହରେକୃଷ୍ଣପୁର | ତା୧୯।୦୧।୨୦୧୯ରିଖ ଠାରୁ ତା୨୫।୦୧।୨୦୧୯ ପର୍ଯ୍ୟନ୍ତ (ସମୟ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ | ଭୂ-ଅର୍ଜନ ଉପବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼ |

## NOTIFICATION
**New Delhi the 28th September 2018**

S.O. 5048(E). Whereas by the notification of the Government of India in the Ministry of Road Transport and Highways No. S.O. 3065 (E) dated 15.09.2017, published in the Gazette of India, Extraordinary, Part II, Section-3, Sub-section (ii) issued under sub-section (1) of Section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the schedule annexed to the said notification for building (widening/fourlaning etc.) Maintenance, management and operation of National Highways No. 57 on the stretch of land from Km 239/900 to Km 294/300 (Nayagarh Khordha Section) in the district of Nayagarh in the State of Odisha.

And whereas the substance of the said notification has been published in "The Prameya" and "The Dharitri" both dated 20th November 2017; under sub-section (3) of Section 3A of the said Act;

And whereas objections have been received and the same have been considered and disallowed by the competent Authority;

And whereas, in pursuance of sub-section (1) 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section(1) of section 3D of the said Act, the Central Government hereby declares that the land specified in the said schedule should be for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said schedule shall vest absolutely in the Central Government, free from all encumbrances.

**SCHEDULE**

Brief description of the land to be acquired with or without, falling within the stretch of land from Km 239/900 to 294/300 Km of NH 57 in the district of Nayagarh in the State of Odisha (From Km 239/900 to 252/900).

ତହସିଲ: ନୟାଗଡ଼, ମୌଜା: ବଡ଼ପଣ୍ଡୁସର

| କ୍ରମିକ ନଂ. | ପ୍ଲଟ ନଂ. | ଜମିର ପ୍ରକାର | କିସମ | ଅଧିଗ୍ରହଣ ରକବା (ଏକର) | ଅଧିଗ୍ରହଣ ରକବା (ହେକ୍ଟର) | ଜମି ମାଲିକ/ଆଗ୍ରହୀ ବ୍ୟକ୍ତି |
|---|---|---|---|---|---|---|
| ୧ | ୧୨୧୧ | ବେସରକାରୀ | ଶାରଦ - ୩ | ୦.୦୩୫ | ୦.୦୧୪ | ଉଦୟ ନାଥ ସାହୁ, ପିତା: ଯଦୁ ସାହୁ |
| ୨ | ୧୨୧୩ | ବେସରକାରୀ | ଶାରଦ - ୩ | ୦.୦୨୫ | ୦.୦୧୦ | |
| ୩ | ୧୨୧୨ | ବେସରକାରୀ | ଶାରଦ - ୩ | ୦.୦୨୫ | ୦.୦୧୦ | ବିମ୍ବାଧର ସାହୁ, ପିତା: ଅଗାଧୁ ସାହୁ |
| ୪ | ୧୨୧୪ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | |
| ୫ | ୧୧୫୮ | ବେସରକାରୀ | ପତିତ | ୦.୦୬୦ | ୦.୦୨୪ | |
| ୬ | ୧୨୧୫ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | କଣ୍ଠ ସାହୁ, ପିତା: ଦିନବନ୍ଧୁ ସାହୁ |
| ୭ | ୧୨୧୬ | ବେସରକାରୀ | ଶାରଦ - ୩ | ୦.୧୦୦ | ୦.୪୦୦ | ଚତୁର୍ଭୁଜ ମହାରଣା, ପିତା: ହାଲ ମହାରଣା, ପ୍ରତାପ ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା, ପିତା: ଚତୁର୍ଭୁଜ ମହାରଣା, ଆଂଶିକ ପ୍ଲଟ୍ ନଂ. ୧୨୧୬/୪୧୮୨ |
| ୮ | ୧୨୧୭ | ବେସରକାରୀ | ଶାରଦ - ୩ | ୦.୧୪୦ | ୦.୦୫୭ | ଆନନ୍ଦ ଚନ୍ଦ୍ର ନାୟକ ଓରଫ ପ୍ରଧାନ, ପିତା: ଲିଙ୍ଗରାଜ ନାୟକ |
| ୯ | ୧୨୨୦ | ବେସରକାରୀ | ଶାରଦ - ୩ | ୦.୧୯୦ | ୦.୦୭୭ | |
| ୧୦ | ୧୨୧୮ | ବେସରକାରୀ | ଶାରଦ - ୩ | ୦.୦୬୦ | ୦.୦୨୪ | ଶ୍ରୀ ମଦନମୋହନ ଠାକୁର ବିଜେ ନିଜଗାଁ ମାର୍ଫତ୍ ଦେବୋତ୍ତର ବିଭାଗ, ତରଫ ଏକ୍‌ଜିକ୍ୟୁଟିଭ ଅଫିସର ଏସ୍‌ଡିଓ, ନୟାଗଡ଼ |
| ୧୧ | ୧୨୧୯ | ବେସରକାରୀ | ଶାରଦ - ୩ | ୦.୧୫୦ | ୦.୦୬୧ | |
| ୧୨ | ୧୨୨୦/୩୪୯୫ | ବେସରକାରୀ | ଶାରଦ - ୩ | ୦.୦୪୦ | ୦.୦୧୬ | |
| ୧୩ | ୧୧୫୪ | ବେସରକାରୀ | ଶାରଦ - ୧ | ୦.୦୧୫ | ୦.୦୦୬ | ଉଦ୍ୟନାଥ ମହାନ୍ତି, ଦେବରାଜ ମହାନ୍ତି, ସୁକଦେବ ମହାନ୍ତି, ପିତା: ବାଞ୍ଛାନିଧି ମହାନ୍ତି, ହରି ମହାନ୍ତି, ପିତା: କସ୍ତୁରି ମହାନ୍ତି |
| ୧୪ | ୧୨୨୧ | ବେସରକାରୀ | ଶାରଦ - ୩ | ୦.୧୨୦ | ୦.୦୪୯ | ଉଦୟନାଥ ମହାନ୍ତି, ପିତା ଯଦୁ ସାହୁ |
| ୧୫ | ୧୨୨୨ | ବେସରକାରୀ | ଶାରଦ - ୩ | ୦.୦୫୫ | ୦.୨୨୦ | ସହଦେବ ପ୍ରଧାନ, ପିତା: ବାସୁ ଫତେସିଙ୍ଘ |
| ୧୬ | ୧୨୨୩ | ବେସରକାରୀ | ଶାରଦ - ୩ | ୦.୧୦୦ | ୦.୪୦୦ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୧୭ | ୧୨୨୪ | ବେସରକାରୀ | ଘରବାରି | ୦.୦୬୦ | ୦.୦୨୪ | ଅଲେଖ ବେହେରା, ପିତା: ନଟବର ବେହେରା |
| ୧୮ | ୨୫୮୬ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | |
| ୧୯ | ୧୨୨୫ | ବେସରକାରୀ | ଶାରଦ - ୩ | ୦.୦୪୫ | ୦.୦୧୮ | ସରୋଜିନୀ ଖଟୁଆ, ସ୍ୱାମୀ ଗୁଣାନିଧି ଖଟୁଆ |
| ୨୦ | ୧୧୫୫ | ବେସରକାରୀ | ଶାରଦ - ୨ | ୦.୧୭୦ | ୦.୦୬୯ | ବିଶ୍ୱନାଥ ଡାକୁଆ, ପିତା: ଦୟାନିଧି ଡାକୁଆ, କାହ୍ନୁ ଚରଣ ଡାକୁଆ, ଜଗନ୍ନାଥ ଡାକୁଆ, ପିତା: ହରି ଡାକୁଆ |
| ୨୧ | ୧୧୫୬ | ବେସରକାରୀ | ଶାରଦ - ୧ | ୦.୦୦୫ | ୦.୦୦୨ | ବଂଶୀଧର ସାହୁ, ପିତା: କଣ୍ଠ ସାହୁ |
| ୨୨ | ୧୧୫୭ | ବେସରକାରୀ | ପତିତ | ୦.୦୪୦ | ୦.୦୧୬ | ରବୀନ୍ଦ୍ର କୁମାର ମହାନ୍ତି, ପିତା: ଉଦ୍ୟନାଥ ମହାନ୍ତି |
| ୨୩ | ୧୧୫୯ | ବେସରକାରୀ | ପତିତ | ୦.୦୫୦ | ୦.୦୨୦ | ଅମ୍ବିକା ସାହୁ, ସ୍ୱାମୀ: ଭଗବାନ ସାହୁ |
| ୨୪ | ୧୧୬୪ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୦୫ | ୦.୦୦୨ | ଆନନ୍ଦ ଚନ୍ଦ୍ର ନାୟକ, ପିତା: ଲିଙ୍ଗରାଜ ନାୟକ |
| ୨୫ | ୧୧୬୬ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୧୪୦ | ୦.୦୫୭ | ପ୍ରସନ୍ନ କୁମାର ସାହୁ, ଶରତ କୁମାର ସାହୁ, ସୁଦର୍ଶନ ସାହୁ, ପିତା: ଭାଗବତ ସାହୁ |
| ୨୬ | ୧୧୬୭ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୨୮୦ | ୦.୧୧୩ | ଉଦ୍ୟନାଥ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ବିମ୍ବାଧର ପ୍ରଧାନ, ପଞ୍ଚୁ ପ୍ରଧାନ, ପିତା: ଆନନ୍ଦ ପ୍ରଧାନ, ସୁଦର୍ଶନ ପ୍ରଧାନ, ପିତା: ନଟବର ରାଉତରା |
| ୨୭ | ୧୧୬୮ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୨୦ | ୦.୦୦୮ | କଣ୍ଠ ସାହୁ, ପିତା: ଦିନବନ୍ଧୁ ସାହୁ |
| ୨୮ | ୧୧୬୯ | ବେସରକାରୀ | ଶାରଦ ଦୋ ଫସଲି - ୨ | ୦.୦୧୦ | ୦.୦୦୪ | ବଂଶୀଧାର ସାହୁ, ମୁରଲୀଧର ସାହୁ, ଶ୍ରୀଧର ସାହୁ, ପିତା: କଣ୍ଠ ସାହୁ |
| ୨୯ | ୧୧୭୦ | ବେସରକାରୀ | ଏଜନ | ୦.୦୩୦ | ୦.୦୧୨ | |
| ୩୦ | ୧୧୭୧ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୦୫ | ୦.୦୦୨ | ହରି ଡାକୁଆ, ପିତା: ମଣି ସୁବୁଦ୍ଧି |
| ୩୧ | ୨୫୮୭ | ବେସରକାରୀ | ଶାରଦ - ୩ | ୦.୦୪୦ | ୦.୦୧୬ | ମାଧବ ଚନ୍ଦ୍ର ବିଶୋଇ, ପିତା: ପଞ୍ଚାନନ ବିଶୋଇ |
| ୩୨ | ୨୫୮୮ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୩୩ | ୨୫୮୯ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | ମାନଗୋବିନ୍ଦ ପ୍ରଧାନ, ପିତା: ଚୈତନ୍ୟ ପ୍ରଧାନ |
| ମୌଜା: ହରେକୃଷ୍ଣପୁର | | | | | | |
| ୩୪ | ୨୨୮ | ବେସରକାରୀ | ବଗାୟତ - ୨ | ୦.୦୧୦ | ୦.୦୦୪ | ଶ୍ରୀ ରାଧାମାଧବ ଜୀଉ ବିଜେ, ଇଟାମାଟି, ମାର୍ଫତ: ଜଗନ୍ନାଥ ସାହୁ, ପିତା: ବାଞ୍ଛାନିଧି ସାହୁ |
| ୩୫ | ୨୧୪ | ବେସରକାରୀ | ବଗାୟତ - ୨ | ୦.୦୨୫ | ୦.୦୧୦ | ରାଜନ ମହାନ୍ତି, ପୂର୍ଣ୍ଣ ମହାନ୍ତି, ପିତା: ସୁଦାମ ଉତ୍ତରା, ସନାତନ ମହାନ୍ତି, ସଉରୀ ମହାନ୍ତି, ଜହ୍ନ ଦେଇ, ତରା ଦେଇ, କାଳିକା ଦେଇ, ପିତା: ସଦାଶିବ ମହାନ୍ତି, ହରି ମହାନ୍ତି, ପିତା: ବିଶ୍ୱନ ମହାନ୍ତି |
| ୩୬ | ୨୧୦ | ବେସରକାରୀ | ଘରବାରି | ୦.୦୪୦ | ୦.୦୧୬ | ବୁଲା ଖଣ୍ଡା, ପିତା: କୃପା ଖଣ୍ଡା, ନୂରୀ ଦେଇ, ସ୍ୱାମୀ: କୃପା ଖଣ୍ଡା |
| ୩୭ | ୨୦୯ | ବେସରକାରୀ | ଘରବାରି | ୦.୦୫୦ | ୦.୦୨୧ | |
| ୩୮ | ୨୧୩/୬୨୯ | ବେସରକାରୀ | ଜଳାଶୟ - ୨ | ୦.୦୮୦ | ୦.୦୩୨ | |
| ୩୯ | ୨୦୦ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବିଶ୍ୱନାଥ ବାଘ, ପୂର୍ଣ୍ଣ ଚନ୍ଦ୍ର ବାଘ, ପିତା: ଗୁଣ୍ଡିଚା ବାଘ, ଲିଙ୍ଗରାଜ ବାଘ, ପିତା: କହ୍ନେଇ ବାଘ |
| ୪୦ | ୧୯୯ ୭୪୬ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ରାଣିଆ ବାଘ, ସ୍ୱାମୀ: ଲକ୍ଷ୍ମୀଧର ବାଘ |
| ୪୧ | ୩୩୭ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | କ୍ଷେତ୍ର ମହାନ୍ତି, ନେତ୍ର ମହାନ୍ତି, ପିତା: ରଘୁନାଥ ମହାନ୍ତି, ଚାନ୍ଦ ଦେଇ, ସ୍ୱାମୀ: ରଘୁନାଥ ମହାନ୍ତି |
| ୪୨ | ୩୩୮ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦଣ୍ଡୁ ମହାନ୍ତି, ପିତା: ଲୋକନାଥ ମହାନ୍ତି |
| ୪୩ | ୩୪୦/୭୫୦ | ବେସରକାରୀ | ଘରବାରି | ୦.୦୧୦ | ୦.୦୦୪ | ଗୋବର୍ଦ୍ଧନ ପ୍ରଧାନ, ପିତା: ଗୁରୁବାରି ପ୍ରଧାନ |
| ୪୪ | ୩୪୧ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବାଞ୍ଛାନିଧି ମହାନ୍ତି, ପିତା: ଫକୀର ମହାନ୍ତି |
| ୪୫ | ୩୪୨ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦାମ ଭୂୟାଁ, ପିତା: ଗୋପାଳ ଭୂୟାଁ |
| ୪୬ | ୩୪୩ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଲିଙ୍ଗରାଜ ନାୟକ, ପିତା: ରଘୁନାଥ ନାୟକ |
| | | | ମୋଟ | | ୦.୯୪୧ | |

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼



ନିଜର ସ୍ୱାର୍ଥକୁ ପୋଡ଼ି ନ ପକାଇଲେ ଜଗତରେ ଶାନ୍ତି ଦର୍ଶନ ହୋଇପାରିବ ନାହିଁ।
- ସନ୍ଥକବି ଭୀମ ଭୋଇ

## ସଂକ୍ଷେପରେ

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ତୁଣ୍ଡଲା, ୧୨।୧ (ଡି.ଏନ.ଏ)
କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ଅତିଥି ଭାବେ ପ୍ରମୋଦ କୁମାର ଦାଶ ଯୋଗ ଦେଇଥିଲେ। ଅଧାପକ ଦୁର୍ଯ୍ୟୋଧନ ବିଶୋଇ ଏହି ୧୨ ଦିନିଆ ତାଲିମ ଶିବିରକୁ ପରିଚାଳନା କରିଥିଲେ। ବସନ୍ତ କୁମାର ସାହୁ ଓ ଅଧାପକ ନିରଞ୍ଜନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଭକ୍ତବନ୍ଧୁ ପଧାନ, ଚଉବନ ପଧାନ, ବୁଦ୍ଧଦେବ ପଧାନ ପ୍ରମୁଖ ସହଯୋଗ କରିଥିଲେ।

### ଭାଲୁପିଆକୁ ହରାଇ କେନ୍ଦୁଝର ବିଜୟୀ

ମୋହନଗିରି,୧୨।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ମ. ରାମପୁର ବ୍ଲକର ମୋହନଗିରିରେ ଚାଲିଥିବା ଧବଳେଶ୍ୱର କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନର ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଥିଲା ତୃତୀୟ ଦିବସ। ଶନିବାର କଳାହାଣ୍ଡି ଜିଲାର ଭାଲୁପିଆ ଓ କେନ୍ଦୁଝର ଜିଲାର ଯୋଡା ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଟସ୍ ଜିଣି ପ୍ରଥମେ କେନ୍ଦୁଝର ଦଳ ଫିଲଡିଂ ନିଷ୍ପତ୍ତି ନେଇଥିଲା। ଭାଲୁପିଆ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୯.୩ ଓଭରରେ ୧୪୯ ରନ ସଂଗ୍ରହ କରି ସମସ୍ତ ଓଇକେଟ ହରାଇଥିଲା। ଯବାବରେ କେନ୍ଦୁଝର ଦଳ ୧୫.୫ ଓଭର ଖେଳି ୩ ଉଇକେଟ ବିନିମୟରେ ନିର୍ଦ୍ଧାରିତ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବରେ ବ୍ୟକ୍ତିଗତ ଭାବେ ୫୭ ରନ କରିଥିବା କେନ୍ଦୁଝର ଦଳର ସୁର ମହାନ୍ତିଙ୍କୁ ଘୋଷଣା କରାଯାଇଥିଲା । ଅମ୍ପାୟର ଭାବରେ ସତ୍ୟ ମହାପାତ୍ର ଓ ଜିତୁରାମ ପଧାନ ଖେଳ ପରିଚାଳନା କରିଥିଲେ। ଧାରା ବିବରଣୀରେ ଅମର ସିଂ ମାଝି ଓ ସ୍କୋରବୋର୍ଡରେ ସୁନିଲ କୁମାର ଭୋଇ ଦାୟିତ୍ୱ ସଂପାଦନା କରିଥିଲେ।

### ଆନ୍ତଃରାଜ୍ୟ ରେଡକ୍ରସ ଶିବିରରେ ନୂଆପଡ଼ା ଛାତ୍ରୀଛାତ୍ରଙ୍କ କୃତିତ୍ୱ

# ପ୍ରତିଭାକୁ ବାହାର କରିବାକୁ ହେବ

ନୂଆପଡା ଅଫିସ, ୧୨।୧

ପିଲାଙ୍କ ଭିତରେ ବହୁ ପ୍ରତିଭା ଲୁକ୍କାୟିତ ହୋଇ ରହିଥାଏ। ତାହା ଏକ ଉଚିତ ବାତାବରଣ ସୃଷ୍ଟି ହେଲେ ଯାଇ ବାହାରକୁ ଆସିଥାଏ। ତେଣୁ କରି ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ପଦାକୁ ଆଣିବାକୁ ହେଲେ ଆମ ସମସ୍ତଙ୍କୁ କଠିନ ପରିଶ୍ରମ କରିବାକୁ ପଡିବ ବୋଲି ମତପ୍ରକାଶ ପାଇଛି। ଶନିବାର ଆନ୍ତଃରାଜ୍ୟ ରେଡକ୍ରସ ଶିବିରରେ କୃତୀତ୍ୱ ଅର୍ଜନ କରି ଫେରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ଅବସରରେ ଅତିଥିମାନେ ଏହା କହିଛନ୍ତି।

ପ୍ରକାଶ ଯେ, ପୁରୀଠାରେ ଚାଲିଥିବା ଆନ୍ତଃରାଜ୍ୟ ଜୁନିୟର ରେଡକ୍ରସ ଶିବିରରେ ପଡୋଶୀ ମଧ୍ୟପ୍ରଦେଶ, ମଣିପୁର, ତାମିଲନାଡୁ, ହରିୟାଣାର ୩୦୮ଜଣ ଜୁନିୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଜ୍ଞାନ ପରୀକ୍ଷାରେ ନୂଆପଡା ଜିଲା କୁରେଶ୍ୱର ହାଇସ୍କୁଲରୁ ଯାଇଥିବା ରାଜେଶ କୁମାର ଦାସଙ୍କୁ ଶ୍ରେଷ୍ଠ ମାନ୍ୟତା ଦିଆଯାଇଥିଲା। ସେ ଶନିବାର ସକାଳେ ଟ୍ରେନ ଯୋଗେ ନୂଆପଡାରେ ଆସି ପହଞ୍ଚିବା ପରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱାଗତ କରାଯାଇଥିଲା। ଏଥିରେ ନୂଆପଡା ବ୍ଲକ ଶିକ୍ଷା ଅଧିକାରୀ ରେଶମଲାଲ ନାଏକ ସଭାପତିତ୍ୱ କରିଥିଲେ। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ, କୁରେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଠାକୁର, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, କୃଷ୍ଣଚନ୍ଦ୍ର ପତି, କାଉନସେଲର ପ୍ରଶାନ୍ତ କୁମାର ପ୍ରଧାନୀ, ତୋର୍ଗା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର କୁମାର ପରିଡା, ବିରେଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିଯୋଗୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ର ଦାସ ତାଙ୍କର ଅନୁଭୂତି ସମ୍ପର୍କରେ ଉପସ୍ଥାପନା କରିଥିଲେ। ପ୍ରକାଶ ଯେ, ନୂଆପଡା ଜିଲାରୁ ଜୁନିୟରସମାନଙ୍କୁ କାଉନସେଲର ରାଜାଏଟି ହାଇସ୍କୁଲର ରତନ ସିଂ ବାରିକ, ବାଳିକା ଉଚ୍ଚ ବିଦ୍ୟାଳୟ କୋମନାର ନିରୁପମା ପାଣିଗ୍ରାହୀଙ୍କ ନେତୃତ୍ୱରେ ଜୁନିୟର୍ସମାନଙ୍କ ମଧ୍ୟରେ ଅଭିଜିତ ଠାକୁର, ଦୀପାଳୀ ମେହେର, ରିମଝିମ ସିଂ, ରାଜେଶ କୁମାର ଦାସ, ବିଜୟ ବିଭାଗ, ପଙ୍କଜ ଦାସ ପ୍ରମୁଖ ପ୍ରତିଯୋଗିତାରେ ଭାଗ ନେଇ ଉଲ୍ଲେଖନୀୟ କୃତୀତ୍ୱ ହାସଲ କରିଥିବା ଶିକ୍ଷକମାନେ ପ୍ରକାଶ କରିଥିଲେ। ତେବେ ଆଗକୁ ମଧ୍ୟ ଏଭଳି କୃତୀତ୍ୱ ଆଣି ଜିଲାପାଇଁ ଗୌରବ ଆଣିବାକୁ ଜିଲା ଶିକ୍ଷାଧିକାରୀ ଭୋଇ ପରାମର୍ଶ କରିଥିଲେ। ଶେଷରେ ମହେଶ ଦଣ୍ଡସେନା ଧନ୍ୟବାଦ ଜ୍ଞାପନ କରିଥିଲେ।



କୃତୀ ଛାତ୍ରୀଛାତ୍ରମାନଙ୍କୁ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ପୁରସ୍କାର ପ୍ରଦାନ କରାଯାଉଛି।

## ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

ମୋହନଗିରି,୧୨।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକର ମୋହନଗିରି ହାଇସ୍କୁଲରେ ଶୁକ୍ରବାର ବାର୍ଷିକ ଉତ୍ସବ ପାଳନ ହେଉଥିଲା। ଏଥିରେ ଯୋଗଦେବାକୁ ଆସିଥିବା ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ମୃତକ ହେଲେ ମୋହନଗିରି ହାଇସ୍କୁଲର ୯ମ ଶ୍ରେଣୀର ଛାତ୍ର ତଥା ଲାତେର ଗ୍ରାମର ନିରଞ୍ଜନ ଦେହୁରିଆଙ୍କ ପୁଅ ମହେନ୍ଦ୍ର ଦେହୁରିଆ (୧୭)। ସେ ତାଙ୍କ ମାଉସୀ ପୁଅ ଭାଇ ଜିତେନ୍ଦ୍ର ମାଝିଙ୍କ ସହ ବାଇକ୍ ଯୋଗେ ହାଇସ୍କୁଲରେ ଚାଲିଥିବା ବାର୍ଷିକ ଉତ୍ସବରେ ଯୋଗଦେବାକୁ ଆସି ଥିଲେ । ତେବେ ରାତି ୯ଟାରେ ସେ ହାଇସ୍କୁଲରୁ ୪ କି.ମି. ଦୂର ତଳନୂଆଁଗାଁକୁ କୌଣସି କାମରେ ଯାଇଥିଲେ। ଫେରିବା ସମୟରେ ତଳନୂଆଗାଁ ଓ ସିର୍କିହେଜୁ ମଝିରେ ଥିବା ଏକ ବୁଲାଣିରେ ଭାରସାମ୍ୟ ହରାଇ ଏକ ତେନ୍ତୁଳି ଗଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭିର ଅଘାତ ଲାଗିଥିଲା। ତାଙ୍କୁ ଗାଁ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ମ. ରାମପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ମୋହନଗିରି ଫାଣ୍ଡି ଅଧିକାରୀ ଦୁର୍ଗାପ୍ରସାଦ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ମୃତଦେହ ଜବତ କରିବା ସହିତ ମ.ରାମପୁର ଥାନାରେ କେଶ ନଂ ୬/୧୨-୧ରେ ଧାରା ୨୭୯/୩୦୪ (କ)ଆଇପିସିରେ ମାମଲା ରୁଜୁ କରିଛନ୍ତି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ବିବେକାନନ୍ଦ ଜୟନ୍ତୀ ଅବସରରେ ଶିଶୁ ଶିବିର

ଜୁନାଗଡ,୧୨।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁ, ବାଳ ଓ କନ୍ୟା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅତିଥି ଭାବେ ସଂଯୁକ୍ତା ରାଉତ ଯୋଗ ଦେଇଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଶିବରାଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁମା ଓ ଗୁରୁଜୀ ସହଯୋଗ କରିଥିଲେ।

## ବିଜେଡି, ଭାଜପା ବିରୋଧରେ ବିଷୋଦ୍‌ଗାର

ଲାଞ୍ଜିଗଡ଼,୧୨।୧(ଡି.ଏନ୍.ଏ.)

ଲାଞ୍ଜିଗଡସ୍ଥିତ ହାଇସ୍କୁଲ ପଡିଆରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ଜନ ସମାବେଶ ଆୟୋଜିତ ହୋଇ ଯାଇଛି। ଏଥିରେ ଭକ୍ତଦାସ, ଶିବାଜୀ ମାଝି, ରଘୁନାଥ ପୂଝାରୀ, ଉଦୟ କୁମାର, ପରମାନନ୍ଦ ମାଝି, କୁମୁଟି ମାଝି, ଦେବୀଦେବ ଶର୍ମା, ମନୋଜ ରାଉତ, ଜିଲା ପରିଷଦ ସଭ୍ୟ ମୂରଲୀଧର ନାଏକ, ଲାଞ୍ଜିଗଡ ସମିତିସଭ୍ୟ ପ୍ରଦୀପ ମାଝୀ, ସଦାନନ୍ଦ ନାଏକ ପ୍ରମୁଖ ଯୋଗ ଦେଇ ଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଦଳର ନେତାମାନଙ୍କୁ ବିଷୋଦଗାର କରି ବିଭିନ୍ନ ଅଭିଯୋଗ କରିଥିଲେ। ଏହାସହ ସମାଲୋଚନା ମଧ କରିଥିଲେ। ସଭାରେ ଜିଲା କଂଗ୍ରେସ ସଭାପତି ଭାରତଭୂଷଣ ବେମାଲ ସଭାପତିତ୍ୱ କରିଥିବାବେଳେ ମଣ୍ଡଳ ସଭାପତି ଶିଶିର ପୂଝାରୀ, ଯୁବନେତା ହରିହର କୁମାର ମଞ୍ଚ ପରିଚାଳନା କରିଥିଲେ।

## ବାଇକ୍ ଚୋରି ଅଭିଯୋଗରେ ୪ ଗିରଫ

ଲାଞ୍ଜିଗଡ଼,୧୨।୦୧(ଡି.ଏନ୍.ଏ.)

ଲାଞ୍ଜିଗଡ଼ ପୋଲିସ ବାଇକ୍ ଚୋରି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ରାୟଗଡା ଜିଲା ଅମ୍ବାଦଳାର ସାଗର ନାଏକ, ନୂଆପଡା ଜିଲା ଖଡିଆଳ ଅଞ୍ଚଳପୁରର ତୀର୍ଥ ଠେଲା, ଗଜପତି ଜିଲା ବି. କଳାକଟାର ନିକଲେଶ ଶବର ଓ ଭଖରାର କୁଏଲ ନାଏକ। ସେମାନଙ୍କଠାରୁ ୮ଟି ବାଇକ୍ ଜବତ ହୋଇଛି । ପୋଲିସ୍ ଏହି ଅଭିଯୁକ୍ତମାନଙ୍କୁ ଧରିବା ପରେ ଏହା ପଛରେ ଏକ ର୍ୟାକେଟ୍ କାମ କରୁଥିବା ସୁରାକ ପାଇଛି। ତେବେ ଏମାନଙ୍କୁ ଗିରଫ କରିବା ପରେ ଅଞ୍ଚଳରେ ବାଇକ୍ ଚୋରଙ୍କ ମଧରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ପୋରାଗାଁ କ୍ରିକେଟ ଟୁର୍ନାମେଣ୍ଟରେ ବୋରଗୁଡା ଚାମ୍ପିୟନ



ପୋରାଗାଁ କ୍ରିକେଟ ଟୁର୍ନାମେଣ୍ଟରେ ମଞ୍ଚାସୀନ ଅତିଥି ।

ଜୁନାଗଡ,୧୨।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଟିଙ୍ଗୁଡିସର ପଞ୍ଚାୟତ ପୋରା ଗାଁରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍ ବୋରଗୁଡା ଓ କେନ୍ଦୁପାଟି ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋରଗୁଡା ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିଥିଲା। ୧୨ଓଭରରେ ୮ଉଇକେଟ ହରାଇ ୯୪ରନ ସଂଗ୍ରହ କରିଥିଲା। ଜବାବରେ କେନ୍ଦୁପାଟି ଦଳ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୧ ରନ କରି ପରାଜିତ ହୋଇଥିଲା। ଫାଇନାଲ ଖେଳକୁ ଅକ୍ଷୟ ମିଶ୍ର, ଶତ୍ରୁଘନ ସାହୁ ପରିଚାଳନା କରିଥିବାବେଳେ ସ୍କୋର ବୋର୍ଡରେ ଦାୟିତ୍ୱ ବାଲା ରାଉତ ଓ ଠାକୁର ସାହୁ ତୁଲାଇଥିଲେ। ପୋରାଗାଁ ମା' ଠାକୁରାଣୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଜୁନାଗଡ ପୂର୍ବତନ ବ୍ଲକ ଅଧକ୍ଷ ମନୋଜ କୁମାର ମେହେର ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ଜିଲା ପରିଷଦ ସଭ୍ୟା କାଞ୍ଚନ ବାଗ, ସ୍ଥାନୀୟ ଅନୁଷ୍ଠାନର ସଭାପତି ଅଙ୍ଗିରା ସାହୁ, କାଳିନ୍ଦ୍ରୀ ପାଣିଗ୍ରାହୀ, ନେତାନନ୍ଦ ମହାନ୍ତି, ଦିବ୍ୟ ଦୀପ, ବିଷ୍ଣୁ ନାଗ, ଘନଶ୍ୟାମ ମେହେର, ବବିତା ଦାଶ, କୁନ୍ତି ପାଲ, ପୁଷ୍ପା ତାଣ୍ଡି, ସୁକେଶିନୀ ନିଆଲ, କୈଳାସ ପଟେଲ, ହୃଷିକେଶ ରାଉତ, ଗଗନ ରଣା, ଭଗବାନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀ ନାରାୟଣ ବାଣୁଆ ମଞ୍ଚ ପରିଚାଳନା କରିଥିଲେ।

## ୨୩ତମ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ

କେସିଙ୍ଗା, ୧୨।୧ (ଡି.ଏନ.ଏ)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ୨୩ତମ ବ୍ଲକସ୍ତରୀୟ କଳାହାଣ୍ଡି ଘୁମୁରା ଉତ୍ସବ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୀମସେନ ଶବରଙ୍କ ନେତୃତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ବେଲଖଣ୍ଡି ଶିବ ମନ୍ଦିରଠାରୁ କେସିଙ୍ଗା-ବଲାଙ୍ଗୀର ଛକ ୨୫ କିମି ଦୂର ଯାଏ ମଶାଲ ଶୋଭାଯାତ୍ରା କରାଯାଇଥିଲା । ବଲାଙ୍ଗୀର ଛକଠାରୁ ମଶାଲକୁ ସ୍ୱାଗତ କରାଯାଇ ଘୁମୁରା ବଜା ଦ୍ୱାରା ଜଗନ୍ନାଥ ମନ୍ଦିର ପଡିଆକୁ ନିଆଯାଇଥିଲା । ବ୍ଲକ ଅଧକ୍ଷା ସୁକାନ୍ତି ବେହେରାଙ୍କ ଦ୍ୱାରା ମଞ୍ଚରେ ମଶାଲ ସ୍ଥାପନ କରାଯାଇଥିଲା । କେସିଙ୍ଗା ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଯୁବତୀ ଯୁବକ ମଞ୍ଚରେ ଘୁମୁରା ନୃତ୍ୟ, ବଜାଶାଲ, ଛିଲୋଲାଇ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ସମ୍ବଲପୁରୀ, ଲୋକଗୀତ, ଡ୍ୟାନ୍ସ, ଦଳଗତ ନୃତ୍ୟ, ଘୁମୁରା ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ସାରସ୍ୱତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ବିଧାୟକ ଅନାମ ନାୟକ, ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭଳି କଲେଜ ଅଧକ୍ଷ ଶିବପ୍ରସାଦ ବେହେରା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରେମନିଧି ସେଠ୍, ପିଡି ଡିଆରଡିଏ ପ୍ରସନ୍ନ କୁମାର ଷଡଙ୍ଗୀ, ଅତିରିକ୍ତ ଜିଲାପାଳ ଶ୍ରୀଚନ୍ଦନ ଠାକୁର ଯୋଗ ଦେଇଥିଲେ।



ବେଲଖଣ୍ଡି ଶିବ ମନ୍ଦିରଠାରୁ ବ୍ଲକ ପ୍ରଶାସନ ପକ୍ଷରୁ ମଶାଲ ଶୋଭାଯାତ୍ରା ବାହାରିଛି ।

## ବୁଢାରଜା ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ

କୋକସରା,୧୨।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣିଠାରେ ଥିବା ବୁଢାରଜା ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଯାଇଛି। ପ୍ରଧାନ ଶିକ୍ଷକ ମୌସୁଧି ବାଗଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝୀ, ଜିତେନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ବିଶ୍ୱମ୍ଭର ଧଙ୍ଗଡାମାଝୀ ଓ ଲୋକନାଥ ରାଉତ ଖେଳ ପରିଚାଳନା କରିଥିଲେ। ଉଦଯାପାନୀ ଉତ୍ସବରେ ଜଗବନ୍ଧୁ ମିଶ୍ର ପ୍ରସାଦୁ ଆଚାରୀ ଉପସ୍ଥିତ ଥିଲେ। ନରୋତ୍ତମ ସୁନାନୀ, ସସ୍ମିତା ଜୁଏଡ, ମନୋରଞ୍ଜନ ନାଏକ, ମିରା ମାଝୀ ପ୍ରମୁଖ ପ୍ରତିଯୋଗୀ ବିଜୟୀ ହୋଇଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଠାକୁର, ବିରଞ୍ଚି ବିଶ୍ୱାଲ, ଅଶ୍ୱିନ କୁମାର ଦାସ, ଜିତେନ୍ଦ୍ର ଭକ୍ତ, ଅକୁର ଯୋଷୀ, ଯୁଗଳ କିଶୋର ମାଝୀ, ଈଶ୍ୱର ପ୍ରସାଦ ଅଗସ୍ତି, ଭାଗ୍ୟବାନ ବାଗ ପ୍ରମୁଖ ସହଯୋଗ କରିଥିଲେ।

## ଥାନାରେ ପହଞ୍ଚିବା ପରେ ଶ୍ରମିକ ଟଙ୍କା ପାଇଲେ

କେସିଙ୍ଗା,୧୨।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତେଲନଦୀର ପମ୍ପ ହାଉସଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି। ହେଲେ ଏଥିରେ ନିୟୋଜିତ ଶ୍ରମିକଙ୍କ ପାଉଣା ମିଳିବାରେ ବିଳମ୍ବ ହେଉଛି। ଏଣୁ ଶନିବାର ଶ୍ରମିକମାନେ କେସିଙ୍ଗା ଥାନାରେ ହାଜର ହୋଇ ଅଭିଯୋଗ କରିଛନ୍ତି। ହେଲେ ଥାନାରେ ପହଞ୍ଚିବା ପରେ ଏମାନଙ୍କୁ ଠିକା ସଂସ୍ଥା ତରବରିଆ ବାକିଆ ପାଉଣା ଆସି ଗଣି ଦେଇଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୁବନେଶ୍ୱରର ଓମ୍ ମାର୍ବଲ ଠିକା କମ୍ପାନୀକୁ ଏହି କାମର ଟେଣ୍ଡର ଦିଆଯାଇଥିଲା। ତେଲ ନଦୀ ପମ୍ପ ହାଉସଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପର୍ଯ୍ୟନ୍ତ ୮୦୦ ମିଟର କଂକ୍ରିଟ ଓ ପୋଲ ନିର୍ମାଣ କରିବା ଉକ୍ତ କମ୍ପାନୀର ଦାୟିତ୍ୱ ରହିଛି। ଥୁଆମୂଳରାମ ବ୍ଲକର ସାପୁମୁଣ୍ଡି, କିଆପଦର, ସିମେଲିପଦର ଆଦି ଗ୍ରାମରୁ ୨୧ଜଣ ଯୁବତୀ ଯୁବକ ଶ୍ରମିକ ଭାବେ ଉକ୍ତ ରାସ୍ତା କାମ କରିବାକୁ ଆସିଥିଲେ । ସେହି ଶ୍ରମିକମାନଙ୍କୁ ପ୍ରତ୍ୟେକ ଦିନ ଖାଇବା ପିଇବା ସହିତ ପ୍ରତ୍ୟେକ ଶ୍ରମିକଙ୍କୁ ୧ହଜାର ଟଙ୍କା ଲେଖାଏଁ ଅଗ୍ରିମ ଦିଆଯାଇଥିଲା । ଓମ ମାର୍ବଲ ଠିକା କମ୍ପାନୀର ମୁନସି ଭୁପେନ ଜୁଆଡ ଘରୋଇ କାମରେ ଜରୁରୀ ଥିବାରୁ କ୍ୟାମ୍ପରେ ୪ ଦିନ ଅନୁପସ୍ଥିତ ଥିଲେ। ଏଣୁ ୨୧ଜଣ ଶ୍ରମିକଙ୍କ ୫୮ ହଜାର ୯୦୦ ଟଙ୍କା ପାରିଶ୍ରମିକ ପାଇବାରେ ବିଳମ୍ବ ହୋଇଥିଲା। ଶ୍ରମିକମାନେ ଶନିବାର କେସିଙ୍ଗା ଥାନାକୁ ଯାଇ ଅଭିଯୋଗ କରିଥିଲେ । ଆଇଆଇସି ବାସୁଦେବ ଛତ୍ରିଆ ଉକ୍ତ କମ୍ପାନୀର ଠିକାର ବିବି ପଣ୍ଡାଙ୍କୁ ଥାନାକୁ ଡାକିଥିଲେ । ଠିକାଦାର ଥାନାକୁ ଆସି ୨୧ ଜଣ ଶ୍ରମିକଙ୍କ ୫୮ ହଜାର ୯୦୦ ଟଙ୍କା ଥାନା ଭିତରେ ପାରିଶ୍ରମିକ ପ୍ରଦାନ କରିଥିଲେ । ଖବର ପାଇ ସହକାରୀ ଜିଲାଶ୍ରମ ଅଧିକାରୀ ସଂଗ୍ରାମ ଦଳେଇ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ତେବେ ଏ ବାବଦରେ ଠିକାଦାର ବିବି ପଣ୍ଡା କହିଛନ୍ତି ଯେ, ମୁନସି ଘରୋଇ କାମରେ ଯାଇଥିବାରୁ ବିଳମ୍ବ ହେଲା । ସେ ମଧ ଭୁବନେଶ୍ୱର ଯାଇଥିବାରୁ ପାରିଶ୍ରମିକ ପ୍ରଦାନରେ ବିଳମ୍ବ ହୋଇଥିଲା।

## ଯୁବ ଶକ୍ତିର ପ୍ରେରଣା ସ୍ୱାମୀ ବିବେକାନନ୍ଦ

ଧର୍ମଗଡ/ ରିଷିଡ଼ା,୧୨।୧(ଡି.ଏନ.ଏ.)

ଜୀବନରେ ସଂଘର୍ଷ କରିବା ଶିଖିବା ଉଚିତ । ଯଦି ଜିତ୍ ତାହା ହେଲେ ନେତୃତ୍ୱ ନେଇପାରିବ ଏବଂ ଯଦି ହାରିଯାଅ ତାହା ହେଲେ ଅନ୍ୟକୁ ପଥ ପ୍ରଦର୍ଶନ କରିପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଏହି ମହତ ବାଣୀକୁ ଆଜିର ଯୁବ ପିଢୀ ଅନୁସରଣ କରିବା ଉଚିତ । ସ୍ୱାମୀ ବିବେକାନନ୍ଦ ଯୁବ ଶକ୍ତିଙ୍କ ପାଇଁ ପ୍ରେରଣାର ଉତ୍ସ । ବିଶ୍ୱକୁ ଭାରତୀୟ ସଂସ୍କୃତି ସହ ପରିଚିତ କରାଇଥିବା ଏହି ମହାନ ବ୍ୟକ୍ତିତ୍ୱ ସ୍ୱାମୀ ବିବେକାନନ୍ଦ। ସମାଜ ବର୍ତ୍ତମାନ ଏକ ଦୁସ୍ଥିତି ଦେଇ ଗତିକରୁଛି। ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବ ସମାଜକୁ ସଂଗ୍ରାମ କରିବାକୁ ପଡିବ। କଳାହାଣ୍ଡି ଜିଲା ଧର୍ମଗଡ ମହିଳା ମହାବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ଜାତୀୟ ଯୁବ ଦିବସ ପାଳନ ଅବସରରେ ଏହା ଥିଲା ଅତିଥିମାନଙ୍କ ବକ୍ତବ୍ୟ।
ଧର୍ମଗଡ ମହିଳା ମହାବିଦ୍ୟାଳୟ ଯୁବ ରେଡକ୍ରସ ତରଫରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ମୂର୍ଚ୍ଛମଞ୍ଜରୀ ପଣ୍ଡା ଅଧକ୍ଷତା କରିଥିଲେ । ଅତିଥି ଭାବରେ ପଞ୍ଚାୟତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସତ୍ୟ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ହୃଷୀକେଶ ମିଶ୍ର, ଅଧାପକ ଲିଙ୍ଗରାଜ ପାତ୍ର, ଜିଲା ଯୁବ ରେଡକ୍ରସ ସଂଯୋଜକ ଶାନ୍ତନୁ ପରିଡା ପ୍ରମୁଖ ଯୋଗ ଦେଇ ବିବେକାନନ୍ଦଙ୍କ ଆଦର୍ଶ ଏବଂ ତାଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ଅଧାପକ ବଙ୍କିମ ମୁଣ୍ଡଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ରେଡକ୍ରସ ପରାମର୍ଶଦାତା ସଞ୍ଜୀବ ମୁଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସରୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଗୋବିନ୍ଦ ସାହୁ, ରାଜେଶ ମୁଣ୍ଡ, ନୃସିଂହାନନ୍ଦ ସାସମଲ, ମୋହନ ଚରଣ ବିଶି, ବିଜୟ କୁମାର କର, ଦିନବନ୍ଧୁ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ୟପକ୍ଷରେ କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ରିଷିଡ଼ା ଜେକେ କଲେଜରେ ମଧ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି।




ଧର୍ମଗଡ ମହିଳା ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସରେ ଅତିଥି ବୃନ୍ଦ।

## ବିଜେଡି ତରଫରୁ ୱାର୍ଡ କମିଟି ସମ୍ମିଳନୀ

ସିନାପାଲି, ୧୨।୧(ଡି.ଏନ.ଏ.)

ସିନାପାଲି ବ୍ଲକ ବିଜେଡ଼ି ତରଫରୁ ଜିଲା ପରିଷଦ ଜୋନ୍ ନଂ. ୧୪ ର ୱାର୍ଡ କମିଟି ସମ୍ମିଳନୀ ଭରୁଆମୁଣ୍ଡା ସ୍ଥିତ ତାଲପଦର ଫୁଟବଲ ପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭା କାର୍ଯ୍ୟରେ ସିନାପାଲି ବ୍ଲକ୍ ବିଜେଡି ସଭାପତି ତଥା ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ପଶ୍ଚିମ ଓଡିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଲମ୍ବୋଦର ନିଆଲ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ସିନାପାଲି ବ୍ଲକ ଉପାଧକ୍ଷ ସୁବାସ ଅଗ୍ରୱାଲ, ଜିଲା ପରିଷଦ ସଦସ୍ୟା ଦୋଳକାନ୍ତୀ ମାଝି, ସିନାପାଲି ବ୍ଲକ୍ ବିଜେଡି ମହିଳା ସଭାନେତ୍ରୀ ମନ୍ଦାକିନୀ ବଘେଲ, ରମେଶ ତିୱାରୀ, ସିନାପାଲି ବ୍ଲକ ପର୍ଯ୍ୟବେକ୍ଷକ ସରୋଜ ପ୍ରଧାନ, ଭରୁଆମୁଣ୍ଡା ସରପଞ୍ଚ କବିତା ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାରେ ୧୪ ନଂ. ଜୋନ୍‌ର ବହୁ ସଂଖ୍ୟକ ମହିଳା ସହ ବିଜେଡି କର୍ମୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ଉକ୍ତ ସଭାରେ ବିଜେଡି ସରକାରଙ୍କ ଜନାଭିମୁଖୀ ଯୋଜନା ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ସୁବିଧା, କାଳିଆ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ପିଠା କାର୍ଯ୍ୟକ୍ରମ, ବିଜୁ ଯୁବ ବାହିନୀ ଭଳି ଅନେକ ଯୋଜନାର ବିଷୟବସ୍ତୁ ଉପରେ ଉପସ୍ଥିତ ଅତିଥିବୃନ୍ଦ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରିଖିରାମ ବାଗ, ଦୀନବନ୍ଧୁ, ଘେନୁରାମ ସଗରିଆ, ନମିତା ଥପ୍ପା, ବିରଞ୍ଚି ଜଗତ, ସୁରେଶ ବାଗ, ହେମନ୍ତ ମାଝି, ସଞ୍ଜୟ ସିଂ ଦଣ୍ଡସେନା, ଦୈତାରୀ ମେହେର, ରୋହିତ ମେହେର, ହଳଧର ନିଆଲ, ଗଜାନନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସିନାପାଲି ବ୍ଲକ ବିଜେଡି ଯୁବ ସଭାପତି ସୁରେଶ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



ବିଜେଡ଼ି ୱାର୍ଡ କମିଟି ସମ୍ମିଳନୀରେ ଉପସ୍ଥିତ କର୍ମୀ।



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ୍ୟ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍

## ସଂକ୍ଷେପରେ

### ବିବେକାନନ୍ଦ ଜୟନ୍ତୀ ପାଳିତ

**ଲୋଇସିଂହା,୧୨।୧(ଡି.ଏନ.ଏ):** ଲୋଇସିଂହା ସରସ୍ୱତୀ ଶିଶୁମନ୍ଦିରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି । ପ୍ରଧାନଅଚାର୍ଯ୍ୟ ସନାତନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସଭାରେ ଜ୍ୟୋତି ପ୍ରକାଶ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ବିବେକାନନ୍ଦଙ୍କ ବାଲ୍ୟ ଜୀବନୀ ଓ ଭାରତ ମାତା ପ୍ରତି ସମର୍ପିତ ଜୀବନ ଉପରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ସଭାକାର୍ଯ୍ୟ ପୂର୍ବରୁ ଛାତ୍ରୀଛାତ୍ରମାନେ ବିବେକାନନ୍ଦଙ୍କ ସୁସଜ୍ଜିତ ଫଟୋଚିତ୍ରକୁ ଧରି ଲୋଇସିଂହା ବସ୍ତିରେ ଶୋଭାଯାତ୍ରା କରିଥିଲେ । କାର୍ଯ୍ୟକ୍ରମକୁ ସମସ୍ତ ଗୁରମାଗୁରୁଜୀ ପରିଚାଳନା କରିଥିଲେ। ସେହିପରି ବିଲେଇସର୍ଡା ରାଧେଶ୍ୟାମ ଆଞ୍ଚଳିକ କଲେଜର ଏନଏସଏସ ୟୁନିଟ ତରଫରୁ ପ୍ରୋଗ୍ରାମ ଅଫିସର ନୀଳାଞ୍ଚଳ ତ୍ରିପାଠୀଙ୍କ ନେତୃତ୍ୱରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅଧ୍ୟାପକ ରୁଦ୍ରଧର ତ୍ରିପାଠୀ, ବୈଶଶୁତ ବିଶ୍ୱାଳ, ଚୈତନ୍ୟ ଦଣ୍ଡସେନା, ଅଧ୍ୟାପିକା ନିରୂପମା ସାହୁ ବିବେକାନନ୍ଦଙ୍କ ନୀତି, ଆଦର୍ଶ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ସଭାକାର୍ଯ୍ୟ ପରେ ପ୍ରୋଗ୍ରାମ ଅଫିସରଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ସଫେଇ କାର୍ଯ୍ୟ କରିଥିଲେ ।

### ଖର୍ସେଲବାଞ୍ଜି କପ ଫୁଟବଲ: ଗୁଲମି, ହାତୀସରା ସେମିରେ

**ଟିକ୍ରାପଡା,୧୨।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧିନ ଖର୍ସେଲବାଞ୍ଜିଠାରେ ଆଦର୍ଶ ଯୁବକ ସଂଘ ଓ ଭାଗବତ କଳା ବିକାଶ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱାଦଶ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ଦିବସ । ଗୁଲମି ଦଳ ଓ ବଡମାଲ ଦଳ ମଧ୍ୟରେ ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ବଡମାଲ ଦଳକୁ ହରାଇ ଗୁଲମି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ହାତୀସରା ଓ ଲୋଇସିଂହା ମଧ୍ୟରେ ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟରଫାଇନାଲ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଲୋଇସିଂହାକୁ ୧୦-୯ ଗୋଲରେ ହରାଇ ହାତୀସରା ସେମିରେ ପ୍ରବେଶ କରିଥିଲା। ଶମ୍ଭୁଦତ୍ତ ମିଶ୍ର, ମଗଶିର ମଲ୍ଲିକ, ଅଚ୍ୟୁତାନନ୍ଦ ପୁରୋହିତ, ରାଜିନ୍ଦ୍ର ମାଝି ଖେଳ ପରିଚାଳନା କରିଥିଲେ । ପୁର ଦାଶ, ଚୁଡାମଣି ବଗର୍ତ୍ତୀ ଧାରା ବିବରଣୀ ପ୍ରଦାନ କରିଥିଲେ । ଭାଜପା ନେତା ଅଜୟ ଦାଶ, ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ କୃଷ୍ଣଚନ୍ଦ୍ର ସାହୁ, ଆଇନଜୀବୀ ମନୋଜ ହାତୀ, ସାମାଜିକ କର୍ମୀ ପବିତ୍ର ଅମାତ, ସମିତି ସଭ୍ୟ ଗଙ୍ଗାଧର ବାରିକ, ବରିଷ୍ଠ ଖେଳାଳି ଅରବିନ୍ଦ ସୁପକାର, ହୃଷିକେଶ ରାଜପଲିଆ ଅତିଥିଭାବେ ଯୋଗଦେଇଥିଲେ ।

### ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସଇଁତଲା, ୧୨।୧ (ଡି.ଏନ.ଏ.):** ସଇଁତଲା ପଞ୍ଚାୟତ ସମିତି ମହାବିଦ୍ୟାଳୟର ୩୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗୀତାରେ ମହାବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ମହାବିଦ୍ୟାଳୟ କ୍ରୀଡ଼ା ବିଭାଗର ଉପସଭାପତି ତଥା ଅଧ୍ୟାପକ ଶିବ ପ୍ରସାଦ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସଭାରେ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଦସ୍ୟ ଗୌତମ କ୍ଷେତୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗୀତାର ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀବୃନ୍ଦ ସହଯୋଗ କରିଥିଲେ । କ୍ରୀଡ଼ା ପ୍ରତିଯୋଗୀତାର ଯୁକ୍ତ ତିନିବର୍ଷ ଛାତ୍ରୀ ବିଭାଗରେ ମମତା ବୁଡ଼େକ ଓ ଛାତ୍ର ବିଭାଗରେ ଅନନ୍ତଉଦୟ ବଗର୍ତ୍ତୀ ଚାମ୍ପିୟନ ହୋଇଥିଲେ। ଯୁକ୍ତଦୁଇ ଛାତ୍ରୀ ବିଭାଗରେ କଲ୍ୟାଣୀ ଦାନୀ ଓ ଛାତ୍ର ବିଭାଗରେ ଯୋଗଶକ୍ତି ଭୋଇ ଚାମ୍ପିୟନ ହୋଇଥିଲେ।

ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା

# ଏସ୍‌ପିଜି ଆଇଜିଙ୍କ ବଲାଙ୍ଗୀର ରେଳଷ୍ଟେଶନ ପରିଦର୍ଶନ

**ବଲାଙ୍ଗୀର ଅଫିସ, ୧୨।୧**

ଆସନ୍ତା ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ବଲାଙ୍ଗୀର ରେଳଷ୍ଟେଶନ୍‌ରେ ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପର ବଲାଙ୍ଗୀରରୁ ବିଚ୍ଛୁପାଲି ପର୍ଯ୍ୟନ୍ତ ତିଆରି ହୋଇଥିବା ନୂଆ ରେଳଧାରଣାକୁ ଉଦ୍‌ଘାଟନ ସହ ଏଥିରେ ରେଳ ଚଳାଚଳକୁ ଶୁଭାରମ୍ଭ କରିବେ । ସେଥି ସକାଶେ ବଲାଙ୍ଗୀର ରେଳଷ୍ଟେଶନ୍‌ରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ଆୟୋଜନ ସକାଶେ ରେଳବିଭାଗ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଲାଗିପଡିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାକୁ ଶନିବାର ଏସ୍‌ପିଜି(ସ୍ପେଶାଲ ପ୍ରୋଟେକସନ ଗ୍ରୁପ) ଆଇଜି ଟି.ନାମ୍‌ଗେୟାଲ ବଲାଙ୍ଗୀର ଆସି ରେଳଷ୍ଟଶନ୍ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଏସପିଜି ଆଇଜିଙ୍କ ପରିଦର୍ଶନ ସମୟରେ ଜିଲାପାଳ ଅରିନ୍ଦମ ଡାକୁଆ, ଡିଆରଏମ୍ ଜୟଦୀପ ଗୁପ୍ତା, ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ଏସପି କେ. ଶିବା.ସୁବ୍ରମଣିଙ୍କ ସହ ଅନ୍ୟାନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏସପିଜି ଆଇଜି ନାମଗେୟାଲ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିବା ସହ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ୬୦ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଡିଆଇଜି ଭୋଇ ସୂଚନା ଦେଇଥିଲେ । ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ କେଉଁ ଦିଗ ପ୍ରତି ଧ୍ୟାନ ଦିଆଯିବ ସେନେଇ ଆଲୋଚନା ହୋଇଥିଲା । ଏହାପରେ ଏସପିଜି ଆଇଜି ସେଠାରୁ ଫେରିଥିବା ଜଣାପଡିଛି ।



ଏସପିଜି ଆଇଜିଙ୍କ ସହ ଅନ୍ୟ ଅଧିକାରୀମାନେ ବଲାଙ୍ଗୀର ରେଳଷ୍ଟେଶନ୍ ସଭାସ୍ଥଳ ପରିଦର୍ଶନ କରୁଛନ୍ତି ।

**ମୁତୟନ ହେବେ ୬୦ ପ୍ଲାଟୁନ୍ ପୋଲିସ**

### ଆଞ୍ଚଳିକ ଶୁଣ୍ଡିକ ସମାଜ ବୈଠକ

**ଖପ୍ରାଖୋଲ, ୧୨।୧(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଆଞ୍ଚଳିକ ଶୁଣ୍ଡିକ ସମାଜର ବୈଠକ ଶନିବାର ଆଞ୍ଚଳିକ ସଭାପତି ଲିଙ୍ଗରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥିଭାବେ ଦମେଇପାଲି ସର୍କଲ ସଭାପତି ବିଜୟ କୁମାର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଗଣ୍ଡାରାମ ବେହେରା, ଶ୍ରୀକର ବେହେରା, ବୁଲୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମାଜର ସମସ୍ତେ ସଂଗଠିତ ହେବାକୁ ଆହ୍ୱାନ ଦେବା ସହ ଇଷ୍ଟଦେବ ସୁବର୍ଣ୍ଣଗ୍ରାହୀ ଜୟନ୍ତୀ ପ୍ରତିବର୍ଷ ପାଳନ ନେଇ ଆଲୋଚନା ହୋଇଥିଲା। ବୈଠକରେ ନକୁଳ ବେହେରା, ବଂଶୀ ବେହେରା, ହରେକୃଷ୍ଣ ବେହେରା, ଦିବାକର ବେହେରା, ନିତ୍ୟା ବେହେରା, ତାପସରଞ୍ଜନ ବେହେରା, ଲୁଚନ ବେହେରା, ଡିଲେଶ୍ୱର ବେହେରା, ସଂକୀର୍ତ୍ତନ ବେହେରା ପ୍ରମୁଖ ସମାଜର ସଦସ୍ୟ ଯୋଗଦେଇଥିଲେ।

ସର୍ବଭାରତୀୟ ପାଟଣା କପ୍

## ପାଟଣାଗଡ଼ ଫାଇନାଲରେ

**ପାଟଣାଗଡ, ୧୨।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ରମାଇ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ଚାଲିଥିବା ୧୮ତମ ସର୍ବଭାରତୀୟ ପାଟଣା କପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର ବିଶାଖାପାଟନାମ ଏବଂ ପାଟଣାଗଡ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ବିଶାଖାପାଟନାମ ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏ.ସି. ମୁନିର ସର୍ବାଧିକ ୪୬ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ପାଟଣାଗଡ ଦଳ ୨୬.୨ ଓଭରରେ ୫ ଉଇକେଟ ହରାଇ ୧୫୪ରନ ସଂଗ୍ରହ କରି ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି । ଦଳ ପକ୍ଷରୁ ସଂଗ୍ରାମ ବାହୁକ ସର୍ବାଧିକ ୫୮ ରନ କରି ନଟଆଉଟ ରହିଥିଲେ ଏବଂ ଆଜିର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ପ୍ରଦାନ କରିଥିଲେ ସିଦ୍ଧାର୍ଥ ପଟେଲ ଏବଂ ପାଟଣାଗଡ ଏକ୍ସିସ ବ୍ୟାଙ୍କ ମ୍ୟାନେଜର ପ୍ରଶାନ୍ତ କୁମାର ଆଚାର୍ଯ୍ୟ। ଆଜିର ମ୍ୟାଚକୁ ଓସିଏ ଅମ୍ପାୟାର ସତ୍ୟ ରଥ ଏବଂ ପୃଥ୍ୱିରାଜ ମିଶ୍ର ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱରେ ମନୋଜ ଚିନ୍ଦା ଏବଂ ରବି ମେହେର। ଧାରା ବିବରଣୀ ପ୍ରଦାନ କରିଥିଲେ ସନ୍ତୋଷ ନାୟାର ଏବଂ ଜ୍ୟୋତିଷ ପୁରୋହିତ। ରବିବାର ଫାଇନାଲ ମ୍ୟାଚ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ପାଟଣାଗଡ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।





ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ସଂଗ୍ରାମ ବାହୁକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଠିକା ଶ୍ରମିକ ଗୁରୁତର

**ଲୋଇସିଂହା,୧୨।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରବାହାଲ ଗ୍ରାମରେ ଜଣେ ବ୍ୟକ୍ତି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶନିବାର ମଧ୍ୟାହ୍ନରେ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ହେଲେ ଝାରମୁଣ୍ଡା ଗ୍ରାମର ଉଷୋ ଚନ୍ଦନ(୫୦)। ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଯାଇଛି। ପ୍ରକାଶ ଯେ, ଝାରମୁଣ୍ଡା ଗ୍ରାମର ଉଷୋ ଗ୍ରାମଞ୍ଚଳରେ ବିପିଏଲ ବିଦ୍ୟୁତ୍ କାମ ଜଣେ ଠିକାଦାରଙ୍କ ଅଧୀନରେ କରୁଥିଲେ। ଲୋଇସିଂହା ବ୍ଲକ ତଥା ଛତାମଖନା ବିଦ୍ୟୁତ ସେକ୍ସନ ଅଧୀନ ଉପରବାହାଲ ଗ୍ରାମକୁ ବିପିଏଲ ବିଦ୍ୟୁତ ସଂଯୋଗ କରିବାକୁ ଶନିବାର ସେ ଯାଇଥିଲେ । ଗ୍ରାମର ହେମସାଗର ସାହୁଙ୍କ ଘରକୁ ବିଦ୍ୟୁତ ସଂଯୋଗୀକରଣ ପାଇଁ ଏକ ଖୁଣ୍ଟକୁ ଚଢିଥିଲେ । ସେତେବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି କେତେ ମିନିଟି ଖୁଣ୍ଟରେ ଝୁଲି ରହିଥିଲେ । ତତ୍‌କ୍ଷଣାତ୍ ସଂଯୋଗ ବିଚ୍ଛିନ୍ନ କରି ତାଙ୍କୁ ଉଦ୍ଧାର କରାଯାଇଥିଲା । ଠିକାଦାରଙ୍କ ଅଧୀନରେ ବିଦ୍ୟୁତ କାମ କରୁଥିବା ଶ୍ରମିକମାନେ ଅସୁରକ୍ଷିତ ଭାବେ କାମ କରୁଥିବା ଅନେକ ସମୟରେ ଅଭିଯୋଗ ହେଉଛି। ଠିକା ସଂସ୍ଥା ଓ ବିଦ୍ୟୁତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି।

କାମ ସରିନାହିଁ

## ଉଦ୍‌ଘାଟନ ହେଲା କଲେଜ ଛକ କଲ୍ୟାଣ ମଣ୍ଡପ

**ବଲାଙ୍ଗୀର ଅଫିସ, ୧୨।୧**

ବଲାଙ୍ଗୀର ସହରର କଲେଜ ଛକରେ ମ୍ୟୁନିସିପାଲିଟି ପକ୍ଷରୁ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ କାମ ସମ୍ପୂର୍ଣ୍ଣ ହୋଇନଥିଲେ ମଧ୍ୟ ଶନିବାର ତରବରିଆ ଭାବେ ଏହାକୁ ଉଦ୍‌ଘାଟନ କରାଯାଇଛି । ବଲାଙ୍ଗୀର ଏମପି କଲିକେଶ ନାରାୟଣ ସିଂଦେଓ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କଲ୍ୟାଣ ମଣ୍ଡପ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇନାହିଁ। ତଳ ମହଲା କାମ ୯୦ ପ୍ରତିଶତ ସରିଥିବାବେଳେ ଉପର ମହଲା କାମ ଢ଼େର ବାକି ରହିଛି । ଏଭଳି ସମୟରେ କଲ୍ୟାଣ ମଣ୍ଡପ ନିର୍ମାଣ ସମ୍ପୂର୍ଣ୍ଣ ନ କରି ତରବରିଆ ଭାବେ ଉଦ୍‌ଘାଟନକୁ ନେଇ ଜୋରସୋର ଚର୍ଚ୍ଚା ଆରମ୍ଭ ହୋଇଛି । ଆଗକୁ ନିର୍ବାଚନ ଥିବାରୁ ଏଭଳି ତରବରିଆ ଭାବେ ଏହାକୁ ଉଦ୍‌ଘାଟନ କରାଯାଇଥିବା କୁହାଯାଉଛି । ଏ ନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ ତଳ ମହଲା କାମ ୯୫ ପ୍ରତିଶତ ସରିଛି। ଉପର ମହଲା କାମ ନିର୍ମାଣ ଚାଲିଛି। ଖୁବ୍‌ଶୀଘ୍ର ଏହା ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି। ଏହି ଅବସରରେ ମ୍ୟୁନିସିପାଲିଟି ଅଧ୍ୟକ୍ଷା ସନ୍ତୋଷିନୀ ବେହେରା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଯୋଗଦେଇଥିଲେ । ୨ କୋଟି ୧୨ଲକ୍ଷ ଟଙ୍କାରେ ନିର୍ମିତ ଏହି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପୂର୍ବତନ ରାଜ୍ୟ ସଭା ସାଂସଦ ସିଂଦେଓ ଓ ବଲାଙ୍ଗୀର ଏମପି କଲିକେଶ ନାରାୟଣ ସିଂଦେଓ ନିଜସ୍ୱ ପାଣ୍ଠିରୁ ୪୫ ଲକ୍ଷ ଟଙ୍କା ଅନୁଦାନ ଦେଇଥିବାବେଳେ ପଶ୍ଚିମ ଓଡିଶା ବିକାଶ ପରିଷଦରୁ ୧୦ ଲକ୍ଷ ଓ ବାକି ୧ କୋଟି ୫୭ ଲକ୍ଷ ଟଙ୍କା ମ୍ୟୁନିସିପାଲିଟି ତରଫରୁ ଖର୍ଚ୍ଚ କରାଯାଇଥିବା ସୂଚନା ଦିଆଯାଇଛି। ଏହି କଲ୍ୟାଣ ମଣ୍ଡପରେ ୫ଟି ଷ୍ଟଲ ନିର୍ମାଣ ହୋଇଛି। ତେବେ ପାର୍କିଂ ଏରିଆ ପାଇଁ ସୁବ୍ୟବସ୍ଥା ହୋଇନାହିଁ । ଏବେବି ଜବରଦଖଲ ହଟାଯାଇନାହିଁ । ନିର୍ବାଚନକୁ ଆଖି ଆଗୋର ରଖି ମ୍ୟୁନିସିପାଲିଟି ଏଭଳି ତରବରିଆ ଉଦ୍‌ଘାଟନ କରିଥିଲେ ମଧ୍ୟ ଜବରଦଖଲକାରୀଙ୍କ ପ୍ରତି ନରମ ମନୋଭାବ ପୋଷଣ କରୁଥିବା ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡ଼ଙ୍ଗୀ, ଉପାଧ୍ୟକ୍ଷା ଲିପିଶ୍ରୀ ସାଏ, ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, କାଉନସିଲର ଉପେନ ଦୀପ, ସରିତା ଦାଶ, ଶମ୍ଭୁ ନାଗ, ମୁନା ଖାଁ, ନରହରି ରାଉତ, ଅଶ୍ୱିନୀ ପୁଟେଲ, ମମତା ଜେନା, ସତ୍ୟପୀର ପାତ୍ର, ପ୍ରେମଲତା ନାଏକ, ସୁନିତା ମାହାଣା, ସୁଜାତା ଦାସ, ଜୟନ୍ତୀ ବରିହା, ଗୀତା ବରାଳ, ଓଙ୍କାର ନାଏକ, ଜୟରାମ ମିଶ୍ର, ମହେନ୍ଦ୍ର ବାଗ, ନରସିଂହ ବାଗ, ରାଜେନ୍ଦ୍ର ହୋତା, କୈଳାଶ ମହାନ୍ତି ଉପସ୍ଥିତ ଥିଲେ ।



କଲ୍ୟାଣ ମଣ୍ଡପ ଉଦ୍‌ଘାଟନୀ ଅବସରରେ ଏମ୍‌ପି କଲିକେଶ ନାରାୟଣ ସିଂଦେଓ, ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା ଓ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା

**ଦେଓଗାଁ,୧୨।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଦୁଇ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ନେହେରୁ ଖେଳପଡିଆରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ସୁଶୀଲ କୁମାର ଦାଶ ଯୋଗଦେଇ କ୍ରୀଡା ପତାକା କୁ ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଗୁରୁଜୀ କୁନୁ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଦିନ ଶିଶୁ ଭଉଣୀଭାଇଙ୍କ ମଧ୍ୟରେ ପ୍ରାକ୍ ଶିଶୁବର୍ଗରେ ୫୦ ମିଟର ଦୌଡ, ବେଙ୍ଗଡିଆଁ, ବ୍ରୋଡଡିଆଁ, ଶିଶୁବର୍ଗରେ୧୦୦, ୨୦୦ ଓ ୪୦୦ ମିଟର ଦୌଡ, ବାଳବର୍ଗରେ ୧୦୦, ୨୦୦, ୪୦୦, ଓ ୬୦୦ ମିଟର ଦୌଡ, ଉଚ୍ଚଡିଆଁ ଓ ଲମ୍ବଡିଆଁ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଖେଳକୁ ପ୍ରଭାସିନୀ ପ୍ରଧାନ, ଦେବଦତ୍ତ ସାହୁ, ଭୁବନେଶ୍ୱର ପାଣିଗ୍ରାହୀ, ପ୍ରଭୁଦତ୍ତ ବିଶି, ଭବାନୀ ଶଙ୍କର ପୁରୋହିତ, ଧବଳେଶ୍ୱର ସା, ସୁକାନ୍ତି ଭୋଇ, କୁନ୍ତି ମହାଲିଙ୍ଗ, ଜୟଶ୍ରୀ ପଧାନ, ନେହେରୁ ସାହୁ, ଉଷାରାଣୀ ଦାଶ, ସମ୍ପିତ ସା, ଲମ୍ବୋଦର ମନହୀରା ପ୍ରମୁଖ ପରିଚାଳନା କରିଥିଲେ।



ଦେଓଗାଁ ନେହେରୁ ଖେଳପଡିଆରେ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରମାନଙ୍କ ମଧ୍ୟରେ ଉଚ୍ଚଡିଆଁ ପ୍ରତିଯୋଗିତା ଚାଲିଛି ।

### କିଡ୍‌ସ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

**ସୋନପୁର,୧୨।୧(ନି.ପ୍ର.)**

କିଡ୍‌ସ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଷ୍ଠା ଓ ଏକାଗ୍ରତା ରହିଲେ ସଫଳତା ମିଳିଥାଏ ବୋଲି କହିଥିଲେ ।

ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

## ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ-ବରପାଲି ଫାଇନାଲ ମୁକାବିଲା

**ବେଲପଡା, ୧୨।୧(ଡି.ଏନ.ଏ.)**

ବେଲପଡା ଟାଉନ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ବର୍ଷ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ପୁଲ 'ବି' ର ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ସ୍ଥାନୀୟ ହାଇସ୍କୁଲ ଖେଳପଡିଆରେ ଚାଲିଥିବା ଦିନର ମ୍ୟାଚ ସ୍ପୋର୍ଟସ ହଷ୍ଟେଲ ବଲାଙ୍ଗୀର ବନାମ ସମ୍ବଲପୁର ମଧ୍ୟରେ ହୋଇଥିଲା। ଏଥିରେ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ୨-୦ଗୋଲରେ ସମ୍ବଲପୁର ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଶନିବାର ମୁଖ୍ୟ ଅତିଥିଭାବେ ବେଲପଡା ବ୍ଲକ ଅଧ୍ୟକ୍ଷା ବୈଜୟନ୍ତୀ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ବିଧାୟକ ପ୍ରତିନିଧି ନୀଳ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ନାଜିର ବର୍ଗେ ଓ ମହେନ୍ଦ୍ର ସେଠ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଆଶିଷ ବାଗ, ବିଜୟ ଖମାରୀ, କିଶୋର ଧରୁଆ, ଦୋଳଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିବା ବେଳେ ଧାରା ବିବରଣୀ ପ୍ରଦାନ କରିଥିଲେ ହରିହର ସିଂ । ରବିବାର ଫାଇନାଲ ଖେଳ ବରପାଲି ଓ ସ୍ପୋର୍ଟସ ହଷ୍ଟେଲ ବଲାଙ୍ଗୀର ଦଳ ମଧ୍ୟରେ ହେବ।



ଶନିବାର ଖେଳା ଯାଇଥିବା ମ୍ୟାଚରେ ଖେଳାଳିଙ୍କ ସହ ଅତିଥିମାନେ।

ତୁର୍ଲା ଭୈରବୀ କପ କ୍ରିକେଟ ଟୁର୍ନାମେଣ୍ଟ

## କେଛୋବାହାଲ ଚାମ୍ପିୟନ, ନାନ୍ଦୁପଲା ରନର୍ସ ଅପ

**ଖପ୍ରାଖୋଲ, ୧୨।୧(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ତୁର୍ଲା ଗାଁରେ ଚାଲିଥିବା ଭୈରବୀ କପ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ ନାନ୍ଦୁପଲା ଏବଂ କେଛୋବାହାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କେଛୋବାହାଲ ଦଳ ପ୍ରଥମେ ବ୍ୟାଟିଂ କରି ୧୬ଓଭରରେ ୫ଉଇକେଟ ବିନିମୟରେ ୧୪୭ ରନ ସଂଗ୍ରହ କରିଥିଲ। ଯବାବରେ ନାନ୍ଦୁପଲା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ୧୫ରନରେ କେଛୋବାହାଲ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଅମ୍ପାୟାରଭାବେ କେଦାର ବାରିକ ଏବଂ ଅଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ନରେଶ ବାରିକ ସ୍କୋରର ଏବଂ ନିରଞ୍ଜନ ଭୋଇ, ରଜନିକାନ୍ତ ପୁଟେଲ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ଉଦଯାପନୀ ଉତ୍ସବରେ କ୍ରିକେଟ କ୍ଲବ ସଭାପତି ଜ୍ୟୋତିରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବ୍ରହ୍ମାନନ୍ଦ ସାହୁ , ସମ୍ମାନିତ ଅତିଥି ଓ୍ୱାର୍ଡମେମ୍ବର ସୁଦର୍ଶନ ନାଗ, ଧର୍ମେନ୍ଦ୍ର ଭୋଇ, ସୁବଳ ଶବର ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୯ହଜାର ୯ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ କେଛୋବାହାଲ ଦଳକୁ ୫ହଜାର ୫ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଧନଞ୍ଜୟ ବାରିକ, ଗୋପାଳ ବାରିକ, ଶଙ୍କର ବରିହା, କୁଶ ଭୋଇ, ଉତ୍ତମ ମାଝି, ପପୁ ଭୋଇ ପ୍ରମୁଖ କ୍ଲବର କର୍ମକର୍ତ୍ତା ଉପସ୍ଥିତ ଥିଲେ।





ଚାମ୍ପିୟନ ନାନ୍ଦୁପଲା ଦଳକୁ ପୁରସ୍କୃତ କରାଯାଉଛି।



ମନୁଷ୍ୟର ନିନ୍ଦିବା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।
- ଗୁରୁ ନାନକ



# ପତିତ ଜମି ଉପରେ ଓପିଜିସିର ନଜର

■ ବିରୋଧ କରିବାକୁ ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତିର ଚେତାବନୀ

ଲଖନପୁର,୧୨।୧(ଡି.ଏନ୍.ଏ.)

ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲି ସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପ ସମ୍ପ୍ରସାରିତ ହୋଇ ୩ୟ ଓ ୪ର୍ଥ ୟୁନିଟ ନିର୍ମାଣ ଚାଲିଛି। ଏଥିପାଇଁ କମ୍ପାନୀକୁ ଜମିର ଆବଶ୍ୟକତା ରହିଛି। ଫଳରେ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଗ୍ରାମ ବାରଗାଡ଼ ମୌଜାର ସାଢ଼େ ୧୨ ଏକର ପତିତ କିସମ ଜମି ଉପରେ କମ୍ପାନୀ ଆଖି ପକାଇଛି। ଏହି ଜମିକୁ ଲିଜ୍ ସୂତ୍ରରେ ନେବା ପାଇଁ କମ୍ପାନୀ ଲଖନପୁର ତହସିଲରେ ଆବେଦନ କରିଛି। ତହସିଲ ଅଫିସ ପକ୍ଷରୁ ଗତ ଡିସେମ୍ବର ୨୪ ତାରିଖରେ ଲିଜ୍ କେଶ ନଂ-୯/୨୦୧୮ ଓ ପତ୍ରସଂଖ୍ୟା ୨୮ରେ ଏକ ଇସ୍ତାହାର ଜାରି ହୋଇଛି। ଇସ୍ତାହାର ଜାରି ହେବାର ୩୦ଦିନ ମଧ୍ୟରେ ଯଦି କାହର କିଛି ଆପତ୍ତି ଅଭିଯୋଗ ଥାଏ ତେବେ ଦରଖାସ୍ତରେ ଆବଶ୍ୟକ କୋର୍ଟ ଫି' ଲଗାଇ ତହସିଲଦାରଙ୍କ ଅଦାଲତରେ ଆବେଦନ କରିପାରିବେ ବୋଲି ନିର୍ଦ୍ଦେଶ ରହିଛି। ସର୍ବସାଧାରଣରଙ୍କ ଅବଗତି ନିମନ୍ତେ ତହସିଲ ପକ୍ଷରୁ କୁଣ୍ଡାଲୋଇ ପଞ୍ଚାୟତକୁ ଏହି ନୋଟିସ ପ୍ରଦାନ କରାଯାଇଛି। ପଞ୍ଚାୟତ ପକ୍ଷରୁ ଏହାର ନକଲ ବାରଗାଡ଼ ଗ୍ରାମରେ ଲଗାଯାଇଛି। ତେବେ ଡିସେମ୍ବର ୨୪ ତାରିଖରେ ତହସିଲ କାର୍ଯ୍ୟାଳୟରୁ ଇସ୍ତାହାର ଜାରି ହୋଇଥିଲେ ମଧ୍ୟ ଜାନୁୟାରୀ ୪ ତାରିଖରେ ଏହାର ନକଲ ପଞ୍ଚାୟତକୁ ପ୍ରଦାନ କରାଯାଇଛି। ଜାନୁୟାରୀ ୯ରେ ପଞ୍ଚାୟତ ପକ୍ଷରୁ ବାରଗାଡ଼ ଗ୍ରାମରେ ନୋଟିସ ମରାଯାଇଛି। ଅଦାଲତ ଇସ୍ତାହାରରେ ଉଲ୍ଲେଖ ରହିଛି ନୋଟିସ୍ ଜାରି ହେବାର ୩୦ଦିନ ମଧ୍ୟରେ ଆପତ୍ତି ଅଭିଯୋଗ କରାଯାଇ ପାରିବ। ହେଲେ ଇସ୍ତାହାର ପ୍ରକାଶ ପାଇବାର ୧୫ ଦିନ ପରେ କାହିଁକି ନୋଟିସ ମରାଗଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ଇସ୍ତାହାର ପ୍ରକୃତରେ ଲୋକଙ୍କ ଅବଗତି ପାଇଁ ନା ଖାଲି ନୀତିନିୟମ ପାଳନ ପାଇଁ ବୋଲି ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ଏ ଦିଗରେ ଅଦାଲତ ଗ୍ରାମବାସୀଙ୍କ ଅଭିଯୋଗକୁ ବିଚାରକୁ ନେଇ ଇସ୍ତାହାର ସମୟ ଅବଧି ବୃଦ୍ଧି କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହା ଜାଣିବା ପରେ ଗ୍ରାମବାସୀ କହିଛନ୍ତି କମ୍ପାନୀ ଗତ ୩୦ ବର୍ଷ ତଳେ ପ୍ରକଳ୍ପ ନିର୍ମାଣ ପାଇଁ ଜମିଅଧିଗ୍ରହଣ କରିଥିଲା। ଏ ବାବଦରେ ଅଦ୍ୟାବଧି ଗ୍ରାମର କେତେଜଣ କ୍ଷତିଗ୍ରସ୍ତ ଲୋକେ ସେମାନଙ୍କ ହକ୍ ପାଇନାହାନ୍ତି। ଏବେ ପୁଣି କମ୍ପାନୀ ଗ୍ରାମର ସରକାରୀ ଜମି ଉପରେ ନଜର ପକାଇଛି। ଏହି ଜମି ଉପରେ ଗ୍ରାମବାସୀ ପୂର୍ବପୁରୁଷରୁ ନିର୍ଭରଶୀଳ। ଏହାକୁ କମ୍ପାନୀ ଉଦ୍ଦେଶ୍ୟରେ କଦାପି ଛାଡ଼ିପାରିବେ ନାହିଁ ବୋଲି ଗ୍ରାମବାସୀ ସ୍ପଷ୍ଟ କରିଛନ୍ତି। ଇସ୍ତାହାର ଜାରି ହେବା ପରେ ହୀରାକୁଦ ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତି ସାଧାରଣ ସମ୍ପାଦକ ଗୋପୀନାଥ ମାଝି କହିଛନ୍ତି, ସାଢ଼େ ୧୨ ଏକର ପତିତ କିସମ ଜମି ପୂର୍ବରୁ ବାରଗାଡ଼ ମୌଜା ୧ନଂ ଖାତାରେ ରହିଥିଲା। ଏହି ଖାତାରେ ସମୁଦାୟ ୨୨ ଏକର ୭୨ ଡିସିମିଲ ଜମି ହୀରାକୁଦ ଜଳଭଣ୍ଡାର ନାମରେ ରହିଥିଲା। ଏହି ଖାତାରୁ ଜଳଭଣ୍ଡାର ସାଢ଼େ ୧୨ ଏକର ଜମି ୪୮ ଖାତାକୁ ଅଣାଯାଇଛି। ଏହାକୁ ସରକାରୀ ଖାତାକୁ ଅଣାଯାଇ ପତିତ କିସମ କରାଯାଇଛି। ମିସ୍ କେଶ ନଂ-୩/୧୮ (ତା. ୨୯/୦୮/୨୦୧୮) ଓ ଅନ୍‌ଲାଇନ୍ କେଶ ନଂ-୧୮୮୩/୧୮ (ତା. ୨୫/୦୯/୨୦୧୮) ଅନୁଯାଇ ପ୍ଲଟ ନଂ-୨୦୮/୫୨୪ରୁ ସାଢ଼େ ୧୨ ଏକର ଜମି ଖାତା ନଂ-୪୮କୁ ସ୍ଥାନାନ୍ତରିତ ହେଲା ବୋଲି ରାଜସ୍ୱ ବିଭାଗ ରେକର୍ଡରେ ଉଲ୍ଲେଖ ରହିଛି। ଯଦି ହୀରାକୁଦ ଜଳଭଣ୍ଡାର ଜମିକୁ ଏଭଳି ଚଞ୍ଚକତା କରାଯାଇ ଶିଳ୍ପ ଉଦ୍ଦେଶ୍ୟରେ ଲିଜ୍ ସୂତ୍ରରେ ଦିଆଯାଉଛି, ତେବେ ଏହାକୁ ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତି ତୀବ୍ର ବିରୋଧ କରି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଯେଉଁ ଲୋକେ ନଦୀବନ୍ଧ ଯୋଜନାରେ ନିଜ ଭିଟାମାଟି ସହ ସର୍ବସ୍ୱ ହରାଇଛନ୍ତି, ସେମାନେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣଇ କ୍ଷତିପୂରଣ ନ ପାଇ ଜଙ୍ଗଲ ଜମିରେ ବସବାସ କରି ଯାଯାବର ଜୀବନ ବିତାଉଛନ୍ତି। ଏଭଳି ସ୍ଥିତିରେ ଯଦି ଜଳଭଣ୍ଡାର କର୍ତ୍ତୃପକ୍ଷ ଲୋକଙ୍କ ଜମି ବ୍ୟବହାର ନ କରି ପକାଇ ରଖିଛନ୍ତି ତେବେ ସେହି ବିସ୍ଥାପିତ ଲୋକଙ୍କୁ ସେମାନଙ୍କ ଜମି ଫେରାଇ ଦିଆଯାଉ। ଏହା ନ କରି ଲୋକଙ୍କ ଜମି ଚଞ୍ଚକତା କରି ଶିଳ୍ପ ହାତକୁ ଟେକି ଦିଆଯାଉଛି। ଏହା କେତେଦୂର ଯୁକ୍ତିଯୁକ୍ତ ବୋଲି ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତି ସାଧାରଣ ସମ୍ପାଦକ ମାଝି କହିଛନ୍ତି। ସେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।



ବାରଗାଡ଼ ମୌଜା ଖତିଆନର ମ୍ୟାପ୍।



ସୁଆଲରମା ସ୍କୁଲ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସୁଆଲରମା ସ୍କୁଲର ବାର୍ଷିକ ଉତ୍ସବ

କିର୍ମିରା,୧୨।୧ (ଡି.ଏନ୍.ଏ.)

କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ସିଆଲରମା ଗ୍ରାମ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ବିଇଓ ଅଶୋକ କୁମାର ପଟେଲ ଏଥିରେ ମୁଖ୍ୟଅତିଥି, ଏବିଇଓ ଗୁଣମଣି ପଟେଲ, ସିଆର୍‌ସିସି ଶିବଶଙ୍କର ପଟେଲ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ସନ୍ତୋଷିନୀ ଭୋଇ, ପୂର୍ବତନ ଛାତ୍ର ଭରତ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁରେନ୍ଦ୍ର ପଟେଲ, ବୁଦ୍ଧିମତି ନାଏକ, ହରିପ୍ରିୟା ନାଏକ, ବୀଣାପାଣି ସ୍ୱାଇଁ, ଲିଙ୍ଗରାଜ ଭୋଇଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଗିରିଧାରୀ ପଟେଲ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ମୀନକେତନ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ବ୍ରଜରାଜନଗର, ୧୨।୧(ଡି.ଏନ୍.ଏ.)

ସ୍ଥାନୀୟ ଚାନ୍ଦିନୀମାଲ ପଞ୍ଚାୟତ ଚିଚିଣ୍ଡା ଗ୍ରାମସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ମୁଖ୍ୟଅତିଥି, ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା, ଉପନଚରଣ ସାହୁ, ପ୍ରତାପ କେଶରୀ ସିଂ, ବ୍ୟାସଦେବ ପଣ୍ଡା, ତ୍ରିଲୋଚନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ପଟେଲ ସଭାବେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରୀତିମୟୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ବାର୍ଷିକ ମୁଖପତ୍ର ବିବେକ ପ୍ରୀତି ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଧାୟକ ଦାସ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିମନ୍ତେ ଶିଳାନ୍ୟାସ କରିଥିଲେ।

# ଅର୍ଡା ଗାଁରେ ଗଡ଼ଦେବୀ ପୂଜା

କିର୍ମିରା,୧୨।୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଅର୍ଡା ଗାଁ ବାରପାଲିର ପ୍ରସିଦ୍ଧ ଧୁତୁରାଗଡ଼ିଏନ ପୂଜା ଶନିବାର ଅନୁଷ୍ଠିତ ହୋଇଛି। ପୂଜା ପାଇଁ ଅଞ୍ଚଳରେ ଯାତ୍ରାର ମାହୋଲ ପରିଲକ୍ଷିତ ହୋଇଥିଲା। ପ୍ରଥମେ ଅର୍ଡା ଗୌନ୍ତିଆ ଶଙ୍କର ନାଏକଙ୍କ ବୋଦା ବିରାମଡିହିସ୍ଥିତ ମା'ଙ୍କ ପୂଜାସ୍ଥଳରେ ବଳି ଦିଆଯାଇଥିଲା। ପରେ ମାନସିକଧାରୀ ନିଜ ନିଜ ବୋଦା କୁକୁଡ଼ା ବଳି ଦେଇଥିଲେ। ସେହିପରି ଲୋକେ ନଡ଼ିଆ, ଚାଉଳ, ଫୁଲ ଦେଇ ପୂଜାର୍ଚ୍ଚନା କରିଥିଲେ। ବାହାରେ ରହି ପରିବାର ପ୍ରତିପୋଷଣ କରୁଥିବା ଲୋକେ ମଧ୍ୟ ଗୋଟିଏ ଦିନ ପାଇଁ ସମୟ ବାହାର କରି ମା'ଙ୍କ ଦର୍ଶନ କରିଥିଲେ। ଅର୍ଡାର ଧୁତୁରା, ସାରଶମାଲ, ମଝାପଡ଼ା, ଭୁର୍ଲାଡିହି, ଡୁଳେଶରା, ଡୁଡିବାହାଲ, ଚନ୍ଦ୍ରପୁର ଆଦି ଅଞ୍ଚଳରେ ମଧ୍ୟ ଧୁତୁରାଗଡ଼ିଏନଙ୍କ ପ୍ରତୀକ ପୀଠ ତିଆରି କରି ପୂଜାର୍ଚ୍ଚନା କରାଯାଇଥିଲା।

# ବଙ୍ଗଳା ନାଟକ ଝଡ୍ ବାଦୋଲେ ମଞ୍ଚସ୍ଥ

ବେଲପାହାଡ଼,୧୨।୧(ଡି.ଏନ୍.ଏ.)

ସ୍ଥାନୀୟ ଟିଆର୍‌ଏଲ ଷ୍ଟାଡିୟମରେ ମିରର୍ ଥିଏଟର ପକ୍ଷରୁ ଆୟୋଜିତ ରଙ୍ଗ୍ ପରବ୍ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଶୁକ୍ରବାର ପଶ୍ଚିମବଙ୍ଗରୁ ଆସିଥିବା କଥାକ୍ରିତି ନାଟ୍ୟ ଅନୁଷ୍ଠାନର କଳାକାର 'ଝଡ୍ ବାଦୋଲେ' ପରିବେଷଣ କରିଥିଲେ। ୱିଲିୟମ ସେକ୍ସପିୟରଙ୍କ ରଚିତ ତଥା ନାଟ୍ୟକାର କୁନ୍ତଳ ପାଲଙ୍କ ନିର୍ଦ୍ଦେଶିତ ଏହି ଅନୁବାଦିତ ନାଟକରେ ସାଗର ରାୟ, କୁନ୍ତଳ ପାଲ, ଆଶିଷ ଚୌଧୁରୀ, କମଳ ଘୋଷ, ଅଭିଜିତ ରାୟ, ସପ୍ତକ ବାସୁ, ତାପସ ନନ୍ଦି, ସୁବାଶିଷ ମଣ୍ଡଳ, ଶିଖା ରାୟ, ସାବନ ପାଲ, ଶୀନ ପାଲ, ସୁବର୍ଣ୍ଣ ବୋଷ ଓ ଦେବଲୀନା ଦାଶଗୁପ୍ତା ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି।

ନାଟକଟି ଏକ ପ୍ରେମ କାହାଣୀ ଉପରେ ଆଧାରିତ। ନାଟକର କାହାଣୀ ଅନୁଯାୟୀ, ବଙ୍ଗୋପସାଗରରେ ଥିବା ମାଜୋଳି ଦ୍ୱୀପରେ ପିର୍‌ଜାଦା ନାମରେ ଜଣେ ନବାବ ରହିଛନ୍ତି। ସେ ଯାଦୁବିଦ୍ୟାରେ ପାରଙ୍ଗମ। ତାଙ୍କ ଭାଇ ଅନିଶୁର ଜଣେ ଇର୍ଷାପରାୟଣ ବ୍ୟକ୍ତି। ସେ ପିର୍‌ଜାଦା ଏବଂ ଭଉଣୀଙ୍କୁ ପାଣିରେ ବୁଡ଼ାଇ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଛନ୍ତି। ନବାବ ଷଡ଼ଯନ୍ତ୍ରରୁ ବର୍ତ୍ତିଯାଇ ଆତ୍ମଗୋପାନ କରିବାକୁ ଏକ ଜନଶୂନ୍ୟ ଦ୍ୱୀପକୁ ପଳାୟନ କରିଛନ୍ତି। ସେଠାରେ ନବାବ ତାଙ୍କ ଦୁଇଜଣ ଭୃତ୍ୟଙ୍କ ସହଯୋଗରେ କିଛି ଜଳପରୀ ଓ ବାମନ ଭୂତମାନଙ୍କୁ ବଶୀଭୂତ କରିଛନ୍ତି। ପରେ ପିରଜାଦାଙ୍କ ଝିଅ ମେହେରୁନିଶା ଓ ଜଣେ ଯୁବକଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଛି। ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏଭଳି ବିଷୟବସ୍ତୁକୁ ନେଇ ଗତିଶୀଳ ନାଟକର କାହାଣୀ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା। ନାଟ୍ୟ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ବେଲପାହାଡ଼ ପୌର ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ମୁଖ୍ୟଅତିଥି ଏବଂ ଡ. ନକୁଳ ଚରଣ ସାମଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।



ବେଲପାହାଡ଼ ରଙ୍ଗ୍ ପରବ୍ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରଦର୍ଶିତ ବଙ୍ଗଳା ନାଟକ ଝଡ୍ ବାଦୋଲେର ଏକ ଦୃଶ୍ୟ।

## ରଙ୍ଗ୍ ପରବ୍ ତୃତୀୟ ସନ୍ଧ୍ୟା

# ୧୫ ଟନ୍ ଲୁହା ସ୍କ୍ରାପ୍ ଚାଲାଣ: ୩ ଗିରଫ

ଝାରସୁଗୁଡ଼ା ଅଫିସ,୧୨।୧

ଏକ ୪୦୭ ଗାଡ଼ିରେ ଲୁହା ସ୍କ୍ରାପ୍ ଚୋରାଚାଲାଣ ବେଳେ ବଡ଼ମାଲ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଡ଼ି ଚାଳକ ଓମ୍‌ପ୍ରକାଶ ସେନାପତି, ଦଲାଲ ଚେରୁଆପଡ଼ାର ରବି ସାହୁ ଓ ସମ୍ବଲପୁର ଅଇଁଠାପାଲିର ମାଲିକ ରାଜେନ୍ଦ୍ର ଗୁପ୍ତା। ପୋଲିସ ଏମାନଙ୍କଠାରୁ ୧୫ ଟନ୍ ଲୁହା ସ୍କ୍ରାପ୍ ଓ ଗାଡ଼ି ଜବତ କରିଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି। ଶନିବାର ସନ୍ଧ୍ୟାରେ ଝାରସୁଗୁଡ଼ା ଖେରୱାଲରୁ ଏକ ୪୦୭ ଗାଡ଼ିରେ ଲୁହା ସ୍କ୍ରାପ୍ ଚାଲାଣ ହେଉଥିବା ସୂଚନା ପୋଲିସ ଚଢ଼ାଉ କରିଥିଲା। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

# କ୍ଷମତାପନ୍ନ ପ୍ରାଧିକାରୀ, ଭୂ-ଅର୍ଜନ ଉପ-ବିଭାଗ

## ଜାତୀୟ ରାଜପଥ ସଂଖ୍ୟା- ୫୭ ପ୍ରକଳ୍ପ, ଜିଲ୍ଲା- ନୟାଗଡ଼

## ସର୍ବସାଧାରଣ ନୋଟିସ୍

ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956)ର ଧାରା ୩ (କ) ଉପଧାରା ୩ ମୁତାବକ ଯେହେତୁ, ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O. ୫୦୪୮ (E) ତା ୨୮।୦୯।୨୦୧୮ରିଖ ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା ୩୦୬୫ ତା୧୫।୦୯।୨୦୧୭ରିଖ ପ୍ରୋକ୍ତ ଆଇନର ଧାରା ୩(ଇ)ରେ ଉଲ୍ଲେଖିତ ସର୍ବସାଧାରଣ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର ନୟାଗଡ଼ ଜିଲ୍ଲା ନୟାଗଡ଼ ତହସିଲ ଅନ୍ତର୍ଗତ ଜାତୀୟ ରାଜପଥ ସଂଖ୍ୟା-୫୭ର (ବଲାଙ୍ଗୀର-ଖୋର୍ଦ୍ଧା ଉପଖଣ୍ଡ) ସମ୍ପ୍ରସାରଣ ପାଇଁ ଧାରା ୩(ଘ) ଉପଧାରା ୧ ମୁତାବକ ନିମ୍ନ ତଫସିଲଭୁକ୍ତ ପ୍ଲଟ ଅନୁସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରାଯାଇ ଅଧିସୂଚନା ଜାରି ହୋଇଅଛି। ଯେହେତୁ ପ୍ରୋକ୍ତ ଆଇନ ଧାରା ୩(କ)ର ଉପଧାରା ୧, ୨, ୩ ଓ ୪ ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ନିମ୍ନରେ ଉଦ୍ଦିଷ୍ଟ ସ୍ଥାନ ଏବଂ ତାରିଖରେ ସକାଳ ୧୧ଘଟିକା ସମୟରେ ଆବଶ୍ୟକୀୟ ସମସ୍ତ କାଗଜପତ୍ର ଯଥା ପଟ୍ଟା, ବିକ୍ରୟ କବଲା, ଭାଗ ବଣ୍ଟରା, ଦାଖଲ ଖାରଜ, ଖଜଣା ପାଉତି ସହ ନିଜେ କିମ୍ବା ବିଧି ପୂର୍ବକ କ୍ଷମତା ପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ, ନଚେତ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମ୍ଭର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ।

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼
ଜାତୀୟ ରାଜପଥ ସଂଖ୍ୟା – ୫୭ ପ୍ରକଳ୍ପ, ନୟାଗଡ଼

| କ୍ର.ନଂ. | ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମର ନାମ | ନିର୍ଦ୍ଧାରିତ ତାରିଖ ଓ ସମୟ | ଦାବି ଦାଖଲ କରିବା ସ୍ଥାନ |
|---|---|---|---|---|---|
| ୧ | ନୟାଗଡ଼ | ନୟାଗଡ଼ | ବଡ଼ପଣ୍ଡୁସର<br>ହରେକୃଷ୍ଣପୁର | ତା୧୩।୦୧।୨୦୧୯ରିଖ ଠାରୁ ତା୨୫।୦୧।୨୦୧୯ ପର୍ଯ୍ୟନ୍ତ (ସମୟ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ | ଭୂ-ଅର୍ଜନ ଉପବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼ |

## NOTIFICATION

New Delhi the 28th September 2018

S.O. 5048(E). Whereas by the notification of the Government of India in the Ministry of Road Transport and Highways No. S.O. 3065 (E) dated 15.09.2017, published in the Gazette of India, Extraordinary, Part II, Section-3, Sub-section (ii) issued under sub-section (1) of Section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the schedule annexed to the said notification for building (widening/fourlaning etc.) Maintenance, management and operation of National Highways No. 57 on the stretch of land from Km 239/900 to Km 294/300 (Nayagarh Khordha Section) in the district of Nayagarh in the State of Odisha.

And whereas the substance of the said notification has been published in "The Prameya" and "The Dharitri" both dated 20th November 2017; under sub-section (3) of Section 3A of the said Act;

And whereas objections have been received and the same have been considered and disallowed by the competent Authority;

And whereas, in pursuance of sub-section (1) 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section(1) of section 3D of the said Act, the Central Government hereby declares that the land specified in the said schedule should be for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said schedule shall vest absolutely in the Central Government, free from all encumbrances.

### SCHEDULE

Brief description of the land to be acquired with or without, falling within the stretch of land from Km 239/900 to 294/300 Km of NH 57 in the district of Nayagarh in the State of Odisha (From Km 239/900 to 252/900).

ତହସିଲ: ନୟାଗଡ଼, ମୌଜା: ବଡ଼ପଣ୍ଡୁସର

| କ୍ରମିକ ନଂ. | ପ୍ଲଟ ନଂ. | ଜମିର ପ୍ରକାର | କିସମ | ଅଧିଗ୍ରହଣ ରକବା (ଏକର) | ଅଧିଗ୍ରହଣ ରକବା (ହେକ୍ଟର) | ଜମି ମାଲିକ/ଆଗ୍ରହୀ ବ୍ୟକ୍ତି |
|---|---|---|---|---|---|---|
| ୧ | ୧୨୧୧ | ବେସରକାରୀ | ଶାରଦ – ୩ | ୦.୦୩୫ | ୦.୦୧୪ | ଉଦୟ ନାଥ ସାହୁ, ପିତା: ଯଦୁ ସାହୁ |
| ୨ | ୧୨୧୩ | ବେସରକାରୀ | ଶାରଦ – ୩ | ୦.୦୨୫ | ୦.୦୧୦ | |
| ୩ | ୧୨୧୨ | ବେସରକାରୀ | ଶାରଦ – ୩ | ୦.୦୨୫ | ୦.୦୧୦ | ବିମ୍ବାଧର ସାହୁ, ପିତା: ଅଗାଧୁ ସାହୁ |
| ୪ | ୧୨୧୪ | ବେସରକାରୀ | ଶାରଦ – ୩ | ୦.୦୦୫ | ୦.୦୦୨ | |
| ୫ | ୧୧୫୮ | ବେସରକାରୀ | ପତିତ | ୦.୦୬୦ | ୦.୦୨୪ | |
| ୬ | ୧୨୧୫ | ବେସରକାରୀ | ଶାରଦ – ୩ | ୦.୦୦୫ | ୦.୦୦୨ | କଣ୍ଠ ସାହୁ, ପିତା: ଦିନବନ୍ଧୁ ସାହୁ |
| ୭ | ୧୨୧୬ | ବେସରକାରୀ | ଶାରଦ – ୩ | ୦.୧୦୦ | ୦.୪୦୦ | ଚତୁର୍ଭୁଜ ମହାରଣା, ପିତା: ହାଲ ମହାରଣା, ପ୍ରତାପ ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା, ପିତା: ଚତୁର୍ଭୁଜ ମହାରଣା, ଆଂଶିକ ପ୍ଲଟ୍ ନଂ. ୧୨୧୬/୪୧୮୨ |
| ୮ | ୧୨୧୭ | ବେସରକାରୀ | ଶାରଦ – ୩ | ୦.୧୪୦ | ୦.୦୫୭ | ଆନନ୍ଦ ଚନ୍ଦ୍ର ନାୟକ ଓରଫ ପ୍ରଧାନ, ପିତା: ଲିଙ୍ଗରାଜ ନାୟକ |
| ୯ | ୧୨୨୦ | ବେସରକାରୀ | ଶାରଦ – ୩ | ୦.୧୯୦ | ୦.୦୭୭ | |
| ୧୦ | ୧୨୧୮ | ବେସରକାରୀ | ଶାରଦ – ୩ | ୦.୦୬୦ | ୦.୦୨୪ | ଶ୍ରୀ ମଦନମୋହନ ଠାକୁର ବିଜେ ନିଜଗାଁ ମାର୍ଫତ୍ ଦେବୋତ୍ତର ବିଭାଗ, ତରଫ ଏକ୍‌ଜିକ୍ୟୁଟିଭ ଅଫିସର ଏସ୍‌ଡିଓ, ନୟାଗଡ଼ |
| ୧୧ | ୧୨୧୯ | ବେସରକାରୀ | ଶାରଦ – ୩ | ୦.୧୫୦ | ୦.୦୬୧ | |
| ୧୨ | ୧୨୨୦/ ୩୪୯୫ | ବେସରକାରୀ | ଶାରଦ – ୩ | ୦.୦୪୦ | ୦.୦୧୬ | |
| ୧୩ | ୧୧୫୪ | ବେସରକାରୀ | ଶାରଦ – ୧ | ୦.୦୧୫ | ୦.୦୦୬ | ଉଦ୍ୟନାଥ ମହାନ୍ତି, ଦେବରାଜ ମହାନ୍ତି, ସୁକଦେବ ମହାନ୍ତି, ପିତା: ବାଞ୍ଛାନିଧି ମହାନ୍ତି, ହରି ମହାନ୍ତି, ପିତା: କଣ୍ଠୁରି ମହାନ୍ତି |
| ୧୪ | ୧୨୨୧ | ବେସରକାରୀ | ଶାରଦ – ୩ | ୦.୧୨୦ | ୦.୦୪୯ | ଉଦୟନାଥ ମହାନ୍ତି, ପିତା ଯଦୁ ସାହୁ |
| ୧୫ | ୧୨୨୨ | ବେସରକାରୀ | ଶାରଦ – ୩ | ୦.୦୫୫ | ୦.୨୨୦ | ସହଦେବ ପ୍ରଧାନ, ପିତା: ବାସୁ ଫତେସିଙ୍ଘ |
| ୧୬ | ୧୨୨୩ | ବେସରକାରୀ | ଶାରଦ – ୩ | ୦.୧୦୦ | ୦.୪୦୦ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୧୭ | ୧୨୨୪ | ବେସରକାରୀ | ଘରବାରି | ୦.୦୬୦ | ୦.୦୨୪ | ଅଲେଖ ବେହେରା, ପିତା: ନଟବର ବେହେରା |
| ୧୮ | ୨୫୮୬ | ବେସରକାରୀ | ଶାରଦ – ୩ | ୦.୦୦୫ | ୦.୦୦୨ | |
| ୧୯ | ୧୨୨୫ | ବେସରକାରୀ | ଶାରଦ – ୩ | ୦.୦୪୫ | ୦.୦୧୮ | ସରୋଜିନୀ ଖଟୁଆ, ସ୍ୱାମୀ ଗୁଣାନିଧି ଖଟୁଆ |
| ୨୦ | ୧୧୫୫ | ବେସରକାରୀ | ଶାରଦ – ୨ | ୦.୧୭୦ | ୦.୦୬୯ | ବିଶ୍ୱନାଥ ଡାକୁଆ, ପିତା: ଦୟାନିଧି ଡାକୁଆ, କାହ୍ନୁ ଚରଣ ଡାକୁଆ, ଜଗନ୍ନାଥ ଡାକୁଆ, ପିତା: ହରି ଡାକୁଆ |
| ୨୧ | ୧୧୫୬ | ବେସରକାରୀ | ଶାରଦ – ୧ | ୦.୦୦୫ | ୦.୦୦୨ | ବଂଶୀଧର ସାହୁ, ପିତା: କଣ୍ଠ ସାହୁ |
| ୨୨ | ୧୧୫୭ | ବେସରକାରୀ | ପତିତ | ୦.୦୪୦ | ୦.୦୧୬ | ରବୀନ୍ଦ୍ର କୁମାର ମହାନ୍ତି, ପିତା: ଉଦ୍ୟନାଥ ମହାନ୍ତି |
| ୨୩ | ୧୧୫୯ | ବେସରକାରୀ | ପତିତ | ୦.୦୫୦ | ୦.୦୨୦ | ଅମ୍ବିକା ସାହୁ, ସ୍ୱାମୀ: ଭଗବାନ ସାହୁ |
| ୨୪ | ୧୧୬୪ | ବେସରକାରୀ | ଶାରଦ ଦୋ ଫସଲି – ୩ | ୦.୦୦୫ | ୦.୦୦୨ | ଆନନ୍ଦ ଚନ୍ଦ୍ର ନାୟକ, ପିତା: ଲିଙ୍ଗରାଜ ନାୟକ |
| ୨୫ | ୧୧୬୬ | ବେସରକାରୀ | ଶାରଦ ଦୋ ଫସଲି – ୩ | ୦.୧୪୦ | ୦.୦୫୭ | ପ୍ରସନ୍ନ କୁମାର ସାହୁ, ଶରତ କୁମାର ସାହୁ, ସୁଦର୍ଶନ ସାହୁ, ପିତା: ଭାଗବତ ସାହୁ |
| ୨୬ | ୧୧୬୭ | ବେସରକାରୀ | ଶାରଦ ଦୋ ଫସଲି – ୩ | ୦.୨୮୦ | ୦.୧୧୩ | ଉଦ୍ୟନାଥ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ବିମ୍ବାଧର ପ୍ରଧାନ, ପଞ୍ଚୁ ପ୍ରଧାନ, ପିତା: ଆନନ୍ଦ ପ୍ରଧାନ, ସୁଦର୍ଶନ ପ୍ରଧାନ, ପିତା: ନଟବର ରାଉତରା |
| ୨୭ | ୧୧୬୮ | ବେସରକାରୀ | ଶାରଦ ଦୋ ଫସଲି – ୩ | ୦.୦୨୦ | ୦.୦୦୮ | କଣ୍ଠ ସାହୁ, ପିତା: ଦିନବନ୍ଧୁ ସାହୁ |
| ୨୮ | ୧୧୬୯ | ବେସରକାରୀ | ଶାରଦ ଦୋ ଫସଲି – ୨ | ୦.୦୧୦ | ୦.୦୦୪ | ବଂଶୀଧାର ସାହୁ, ମୁରଲୀଧର ସାହୁ, ଶ୍ରୀଧର ସାହୁ, ପିତା: କଣ୍ଠ ସାହୁ |
| ୨୯ | ୧୧୭୦ | ବେସରକାରୀ | ଏଜନ | ୦.୦୩୦ | ୦.୦୧୨ | |
| ୩୦ | ୧୧୭୧ | ବେସରକାରୀ | ଶାରଦ ଦୋ ଫସଲି – ୩ | ୦.୦୦୫ | ୦.୦୦୨ | ହରି ଡାକୁଆ, ପିତା: ମଣି ସୁବୁଦ୍ଧି |
| ୩୧ | ୨୫୮୭ | ବେସରକାରୀ | ଶାରଦ – ୩ | ୦.୦୪୦ | ୦.୦୧୬ | ମାଧବ ଚନ୍ଦ୍ର ବିଶୋଇ, ପିତା: ପଞ୍ଚାନନ ବିଶୋଇ |
| ୩୨ | ୨୫୮୮ | ବେସରକାରୀ | ଶାରଦ – ୩ | ୦.୦୦୫ | ୦.୦୦୨ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୩୩ | ୨୫୮୯ | ବେସରକାରୀ | ଶାରଦ – ୩ | ୦.୦୦୫ | ୦.୦୦୨ | ମାନଗୋବିନ୍ଦ ପ୍ରଧାନ, ପିତା: ଚୈତନ୍ୟ ପ୍ରଧାନ |
| ମୌଜା: ହରେକୃଷ୍ଣପୁର | | | | | | |
| ୩୪ | ୨୨୮ | ବେସରକାରୀ | ବଗାୟତ – ୨ | ୦.୦୧୦ | ୦.୦୦୪ | ଶ୍ରୀ ରାଧାମାଧବ ଜୀଉ ବିଜେ, ଇଟାମାଟି, ମାର୍ଫତ: ଜଗନ୍ନାଥ ସାହୁ, ପିତା: ବାଞ୍ଛାନିଧି ସାହୁ |
| ୩୫ | ୨୧୪ | ବେସରକାରୀ | ବଗାୟତ – ୨ | ୦.୦୨୫ | ୦.୦୧୦ | ରାଜନ ମହାନ୍ତି, ପୂର୍ଣ୍ଣ ମହାନ୍ତି, ପିତା: ସୁଦାମ ଉତ୍ତରା, ସନାତନ ମହାନ୍ତି, ସଉରୀ ମହାନ୍ତି, ଜହ୍ନ ଦେଇ, ତରା ଦେଇ, କାଳିକା ଦେଇ, ପିତା: ସଦାଶିବ ମହାନ୍ତି, ହରି ମହାନ୍ତି, ପିତା: ବିଶ୍ୱନ ମହାନ୍ତି |
| ୩୬ | ୨୧୦ | ବେସରକାରୀ | ଘରବାରି | ୦.୦୪୦ | ୦.୦୧୬ | ବୁଲା ଖଣ୍ଡା, ପିତା: କୃପା ଖଣ୍ଡା, ନୂରୀ ଦେଇ, ସ୍ୱାମୀ: କୃପା ଖଣ୍ଡା |
| ୩୭ | ୨୦୯ | ବେସରକାରୀ | ଘରବାରି | ୦.୦୫୦ | ୦.୦୨୧ | |
| ୩୮ | ୨୧୩/ ୬୨୯ | ବେସରକାରୀ | ଜଳାଶୟ – ୨ | ୦.୦୮୦ | ୦.୦୩୨ | |
| ୩୯ | ୨୦୦ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବିଶ୍ୱନାଥ ବାଘ, ପୂର୍ଣ୍ଣ ଚନ୍ଦ୍ର ବାଘ, ପିତା: ଗୁଣ୍ଡିଚା ବାଘ, ଲିଙ୍ଗରାଜ ବାଘ, ପିତା: କହ୍ନେଇ ବାଘ |
| ୪୦ | ୧୯୯ ୭୪୬ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ରାଣିଆ ବାଘ, ସ୍ୱାମୀ: ଲକ୍ଷ୍ମୀଧର ବାଘ |
| ୪୧ | ୩୩୭ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | କ୍ଷେତ୍ର ମହାନ୍ତି, ନେତ୍ର ମହାନ୍ତି, ପିତା: ରଘୁନାଥ ମହାନ୍ତି, ଚାନ୍ଦ ଦେଇ, ସ୍ୱାମୀ: ରଘୁନାଥ ମହାନ୍ତି |
| ୪୨ | ୩୩୮ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦଣ୍ଡ ମହାନ୍ତି, ପିତା: ଲୋକନାଥ ମହାନ୍ତି |
| ୪୩ | ୩୪୦/ ୭୫୦ | ବେସରକାରୀ | ଘରବାରି | ୦.୦୧୦ | ୦.୦୦୪ | ଗୋବର୍ଦ୍ଧନ ପ୍ରଧାନ, ପିତା: ଗୁରୁବାରି ପ୍ରଧାନ |
| ୪୪ | ୩୪୧ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବାଞ୍ଛାନିଧି ମହାନ୍ତି, ପିତା: ଫକୀର ମହାନ୍ତି |
| ୪୫ | ୩୪୨ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦାମ ଭୂୟାଁ, ପିତା: ଗୋପାଳ ଭୂୟାଁ |
| ୪୬ | ୩୪୩ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଲିଙ୍ଗରାଜ ନାୟକ, ପିତା: ରଘୁନାଥ ନାୟକ |
| | | | ମୋଟ | | ୦.୯୪୧ | |

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼



ଯେଉଁମାନେ କମ୍ କାମ କରନ୍ତି, ସେମାନେ ବେଶି କଥା କୁହନ୍ତି।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ଶିଶୁ ମନ୍ଦିରରେ ବିବେକାନନ୍ଦ ଜୟନ୍ତୀ, ବନବିହାର

**ଲହୁଣୀପଡା, ୧୨।୧ (ଡି.ଏନ.ଏ)-** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବରସୁଆଁଠାରେ ଶନିବାର ସ୍ୱାମୀ ବିବେକାନନ୍ଦଙ୍କ ୧୫୬ ତମ ଜନ୍ମ ଦିବସ ଏବଂ ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶଶିଭୂଷଣ ମାହାନ୍ତ ଦୀପ ପ୍ରଜ୍ଜ୍ୱଳନ ପୂର୍ବକ ସଭା କାର୍ଯ୍ୟକୁ ଆରମ୍ଭ କରି ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିଶୁମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ସଂଘର୍ଷରୁ ବିଜୟ ଯାତ୍ରାକୁ ବିସ୍ତାର ଭାବେ ବୁଝାଇବା ସହିତ ତାଙ୍କର ଅମୂଲ୍ୟ ବାଣୀକୁ ମଧ ନିଜ ଜୀବନରେ ପ୍ରୟୋଗ କରିବା ପାଇଁ ଶିଶୁମାନଙ୍କୁ ଉପଦେଶ ଦେଇଥିଲେ। ଏହା ପରେ ସମସ୍ତ ଶିଶୁଙ୍କୁ ସକାଳ ଜଳପାନ ଦିଆଯାଇଥିଲା । ସଭାରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୪ଶହ ଶିଶୁଙ୍କ ଏକତ୍ର ସାମୂହିକ ଭାବେ ବିବେକାନନ୍ଦଙ୍କ ଜୀବନ ଚରିତ ଆଧାରିତ ଏକ ଚଳଚ୍ଚିତ୍ରକୁ ପ୍ରୋଜେକ୍ଟର ମାଧମରେ ଦେଖାଯାଇଥିଲା। ପରେ ଶିଶୁମାନଙ୍କ ବନବିହାର କାର୍ଯ୍ୟକ୍ରମର ସଙ୍ଗୀତ, ନୃତ୍ୟ, ବୌଦ୍ଧିକ ଓ ଅଭିନୟ କାଳାଂଶ ଗୁଡିକ ପରିଚାଳିତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ସମସ୍ତ ଶିଶୁଙ୍କୁ ଭୋଜନ ପରିବେଷଣ କରାଯାଇ କାର୍ଯ୍ୟକ୍ରମକୁ ଶେଷ କରାଯାଇଥିଲା। କାର୍ଯ୍ୟକ୍ରମଗୁଡିକୁ ସମସ୍ତ ଗୁରୁଜୀ ଗୁରୁମା ଏବଂ ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ଆୟୋଜିତ କରାଯାଇଥିଲା।

### ଜାତୀୟ ଯୁବ ଦିବସ ପାଳିତ

**ଅମରପାଲି/ବୀରମହାରାଜପୁର, ୧୨।୧ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ମହିଳା ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଅନୀଲ କୁମାର ଦାନୀଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା।







ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଛାତ୍ରୀ ଛାତ୍ରମାନଙ୍କ ଦ୍ୱାରା ଶନିବାର ଆୟୋଜିତ ପଥ ମହୋତ୍ସବ ଖୁଏଲ ଯତ୍ରା -୨୦୧୯ ଅବସରରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ପାରମ୍ପରିକ ନୃତ୍ୟ, ଅନ୍ୟାନ୍ୟ କାର୍ଯ୍ୟକ୍ରମ।







ଛାତ୍ରୀ ଛାତ୍ରମାନଙ୍କ ଦ୍ୱାରା ପଥ ମହୋତ୍ସବ ଖୁଏଲ ଯତ୍ରା -୨୦୧୯ ଅବସରରେ ପ୍ରଦର୍ଶିତ ପାରମ୍ପରିକ ନୃତ୍ୟ, ଝୋଟି କାର୍ଯ୍ୟକ୍ରମ।

# ପଥ ମହୋତ୍ସବ ଖୁଏଲ ଯତ୍ରା

■ ପାରମ୍ପରିକ ଲୋକନୃତ୍ୟ, ଲୋକକଳା, ଚିତ୍ରକଳା
■ ହଜିଯାଉଥିବା ସଂସ୍କୃତିର ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

**ସୁନ୍ଦରଗଡ଼, ୧୨।୧ (ଡି.ଏନ୍.ଏ)**

ଜିଲା ପ୍ରଶାସନ ଓ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ତରଫରୁ ଆୟୋଜିତ ପଥ ମହୋତ୍ସବ ଖୁଏଲ୍ ଯତରା ଶନିବାର ଯୁବ ଦିବସ ଅବସରରେ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଆୟୋଜିତ ହୋଇଯାଇଛି। ଜିଲାପାଳ ସୁରେନ୍ଦ୍ର କୁମାର ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପଥ ମହୋତ୍ସବ ଖୁଏଲ ଯତ୍ରାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବରେ ଛାତ୍ରୀଛାତ୍ରଙ୍କର ଏହି ମନୋରମ ଚିତ୍ତାକର୍ଷକ ପ୍ରଦର୍ଶନକୁ ଭୂୟସୀ ପ୍ରଶଂସା କରିବା ସହ ନିଜ ଛାତ୍ରାବସ୍ଥାର ସ୍ମୃତିଚାରଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କର ଲୁକ୍କାୟିତ ସୃଜନଶୀଳ ପ୍ରତିଭାକୁ ବିକଶିତ କରିବା ଏହି ମହୋତ୍ସବର ଆଭିମୁଖ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହା ବିବିଧତା ମଧ୍ୟରେ ଏକତାର ଭାବ ସୃଷ୍ଟି କରିଥାଏ ବୋଲି କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ପାରମ୍ପରିକ ଲୋକନୃତ୍ୟ, ଆଦିବାସୀ କରମା ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଚିତ୍ରକଳା, ବର୍ଣ୍ଣାଢ୍ୟ ହସ୍ତକଳା ରଙ୍ଗୋଲି, ହଜିଯାଉଥିବା ଓଡିଆ ସଂସ୍କୃତି ଭାଗବତ ଟୁଙ୍ଗୀରେ ପୁରାଣପାଠ, ତୁଳସୀ ଚଉରାରେ ଦୀପଦାନ, ଗ୍ରାମ୍ୟ ଗୃହିଣୀର ନିଜସ୍ୱ ହସ୍ତକଳା ପତ୍ରରେ ଦନା (ଚଉତି), ଶିଳରେ ବିରି ବାଟିବା, ମସଲା ବାଟିବା, ବଡି ତିଆରି, ଶାଶୁଘରକୁ ଝିଅବିଦା ବେଳର କାନ୍ଦଣା, ପାରମ୍ପରିକ ଗ୍ରାମ୍ୟ କୃଷି ଉପକରଣ ହଳ ଲଙ୍ଗଳ, ଆଦିମାନବର ପାରମ୍ପରିକ ଅସ୍ତ୍ର ଧନୁତୀର, ପାରମ୍ପରିକ ଗ୍ରାମ୍ୟ କ୍ରୀଡା ଗୁଲି ଦଣ୍ଡା, ବାଟି ଖେଳ ଆଦିକୁ ସୁଚାରୁ ରୂପେ ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ପାରମ୍ପରିକ ଲୋକ ବାଦ୍ୟ ମାଦଳ, ଢୋଲ ନିଶାଣ ତାସା, ଶିଂଘବାଦ୍ୟର ତାଳରେ, ଲୋକ ସଙ୍ଗୀତର ସୁମଧୁର ଧ୍ୱନୀରେ ଆଦିବାସୀ କରମା ନୃତ୍ୟ, ସମ୍ବଲପୁରୀ ନୃତ୍ୟର ତାଳେ ତାଳେ ଝୁମି ଉଠିଥିଲେ ଦର୍ଶକ। ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ପାରମ୍ପରିକ ସମ୍ବଲପୁରୀ ପୋଷାକ, ଶାଢୀ, ଉତ୍ତରୀୟ ପରିଧାନ କରି ଆମ ସମୃଦ୍ଧ ବୟନ ଶିଳ୍ପକଳାର ବର୍ଣ୍ଣାଢ୍ୟ ପ୍ରଦର୍ଶନ କରିଥିଲେ। ଚିତ୍ରକଳା ପ୍ରଦର୍ଶନରେ ଯୁବ ଦିବସ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ଅବସରରେ ଛାତ୍ରୀଛାତ୍ର ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିକୃତି ଅଙ୍କନ କରି ନିଜର ସୃଜନଶୀଳ ଚିତ୍ରକଳା ପ୍ରତିଭାର ପରିଚୟ ଦେଇଥିଲେ। ମାଟିରେ ସ୍ୱାମୀଜୀଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରି ଚମତ୍କାର ଭାସ୍କର୍ଯ୍ୟ କଳାର ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ପ୍ରାଚୀରରେ ଏକ ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା। ଏହି ମନୋରମ ବର୍ଣ୍ଣାଢ୍ୟ ପଥ ମହୋତ୍ସବରେ ସୁନ୍ଦରଗଡ ସହରର ମହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ରାଜନେତା, ସମାଜସେବୀ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ସାମିଲ ହୋଇ ଏହାକୁ ଉପଭୋଗ କରିଥିଲେ। ମହାବିଦ୍ୟାଳୟ ଷ୍ଟାଡିୟମଠାରେ ଏହି ଅବସରରେ ଏକ ଫୁଟବଲ ମ୍ୟାଚ ମଧ୍ୟ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ, ବରିଷ୍ଠ ପ୍ରାଧ୍ୟାପକ ଡ. ସରୋଜ କୁମାର ପଟେଲ, ଡ. ରାଧେଶ୍ୟାମ ଓତା, ଡ. ସୁଧୀର କୁମାର ଦାଶ, ଡ଼. କୁମୁଦିନୀ ରାଉତରାୟ, ଡ. ଜୟଶ୍ରୀ ଶୁକ୍ଳା, ଡ. ଲଳିତ ରଞ୍ଜନ ସାହୁ, ପ୍ରଦୀପ ବହିଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପିକା, ଅଧ୍ୟାପକ କର୍ମଚାରୀମାନଙ୍କର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଗରିକ କମିଟିର ସଭାପତି ଅଶୋକ କୁମାର ଦାଶ, ପୁରାତନ ଛାତ୍ର ସଂଘର ବିଶ୍ୱରଞ୍ଜନ ହୋତା, ପ୍ରଫୁଲ୍ଲ ସୁନ୍ୟାନୀ, ଜୟନାରାୟଣ ତ୍ରିପାଠୀ, ସୁମନ୍ତ ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉସାହିତ କରିଥିଲେ। ପ୍ରଥମ କରି ସୁନ୍ଦରଗଡରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରି ନିଆରା ସାଂସ୍କୃତିକ ପରମ୍ପରା ସୃଷ୍ଟି କରିଥିବା ନେଇ ପ୍ରଶଂସା କରିଥିଲେ। ଅଧ୍ୟାପକ ଆର୍ଯ୍ୟ ବିଭାସ କୁମାର, ଅଜିତ ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ବଣାଇକୁ ଜିଲା ମାନ୍ୟତା ଦାବି ତେଜୁଛି

**ବଣାଇ, ୧୨।୧ (ସ୍ୱ.ପ୍ର.)**



ଜିଲା କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରିଣୀ ବୈଠକ।

ବଣାଇକୁ ସରକାର ତୁରନ୍ତ ଜିଲାର ମାନ୍ୟତା ଦେବା ପାଇଁ ଶନିବାର ଜିଲା କ୍ରିୟାନୁଷ୍ଠାନ କମିଟିର ଏକ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଆଇଟିଡିଏ ସଭା କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସ୍ଥାୟୀ ସଭାପତି ବଣାଇ ରାଜାସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଓକିଲ ସଂଘ ସଭାପତି ଲିଙ୍ଗରାଜ ମିଶ୍ର ମଞ୍ଚାସୀନ ରହି ବଣାଇ ଜିଲା ମାନ୍ୟତା ନେଇ ନିଜର ସମର୍ଥନ ପ୍ରକାଶ କରିଥିଲେ। କମିଟିର ସଂଯୋଜକ ତପନ କୁମାର ଦଣ୍ଡିଆ ବୈଠକରେ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ଦିଲୀପ କୁମାର ତ୍ରିପାଠୀ ଅଭିନନ୍ଦନ ଜଣାଇଥିଲେ। ଆବାହକ ସଚ୍ଚିଦାନନ୍ଦ ଦାଶ, ସମ୍ପାଦକ ପ୍ରଦୀପ କୁମାର ତ୍ରିପାଠୀ ଜିଲା ଗଠନରେ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରକାଶ କରିଥିଲେ। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏଭଳି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପକୁ ପ୍ରଶଂସା କରିଥିଲେ। ବଣାଇ ଓକିଲ ସଂଘର ସଭାପତି ଲିଙ୍ଗରାଜ ମିଶ୍ର ଜିଲା ଦାବି ଯଥାର୍ଥ ପ୍ରତିପାଦନ କରି ସଂଘର ପୂର୍ଣ୍ଣ ସମର୍ଥନ ଘୋଷଣା କରିଥିଲେ। ଏଥିରେ ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ପୂର୍ବତନ ଜିଲା ପରିଷଦ ସଭାପତି ରଣଜିତ କିଷାନ, ବ୍ଲକ ସଭାପତି ରଘୁନାଥ ସାହୁ, ଭାଜପା ଜିଲା ମୁଖପାତ୍ର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭାଜପା ଜିଲା ଉପସଭାନେତ୍ରୀ ସେବତୀ ନାଏକ, ଜିଲା ଯୁବମୋର୍ଚ୍ଚା ସଭାପତି ଉଗ୍ରସେନ, କଂଗ୍ରେସ ପ୍ରଦେଶ କମିଟି ସଦସ୍ୟ ଯୁଧିଷ୍ଠିର ତ୍ରିପାଠୀ, କଂଗ୍ରେସ ଯୁବସଭାପତି କିଷାନ, ହିବିବ ଖାନ, ସିପିଆଇଏମ ପକ୍ଷରୁ ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ଓକିଲ ସଂଘର ବରିଷ୍ଠ ସଭ୍ୟ ବିନୟ କୁମାର ଦାସ, ବଣାଇ ସରପଞ୍ଚ ସଂଘର ସଭାପତି ଅଜୟ କୁମାର ନାଏକ ପ୍ରମୁଖ ଜିଲା ଦାବିରେ ନିଜକୁ ସାମିଲ କରି ଦାବି ହାସଲ ପର୍ଯ୍ୟନ୍ତ ଲଢେଇ ଜାରି ରଖିବ ବୋଲି ଘୋଷଣା କରିଥିଲେ। ଆଗାମୀ ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା କ୍ରିୟାନୁଷ୍ଠାନ କମିଟିର ତତ୍ତ୍ୱାବଧାନରେ ଉପଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରିବା ନେଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଅପରପକ୍ଷରେ ଏଥିନେଇ ଯଦି କୌଣସି ସବୁଜ ସଙ୍କେତ ନ ମିଳେ, ତେବେ କ୍ରିୟାନୁଷ୍ଠାନ କମିଟିର ସୁପାରିଶ କ୍ରମେ ଗଠିତ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି ପ୍ରସ୍ତାବ ପାରିତ ହୋଇଥିଲା। ନ୍ୟାର୍ଯ୍ୟ ଦାବି ହାସଲରେ ଦଳମତ ନିର୍ବିଶେଷରେ ବଣାଇବାସୀ ଏକ ହେବା ନେଇ ବୈଠକରେ ଶପଥ କରିବା ସହ ଆଗାମୀ ଦିନରେ ଆବଶ୍ୟକସ୍ଥଳେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପଛାଇବ ନାହିଁ ବୋଲି ଘୋଷଣା କରାଯାଇଥିଲା। ସୁନ୍ଦରମଣି ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଆଚରଣ, ସଂସ୍କୃତି ଭଲ ଲାଗିଲା



ସମାବେଶରେ ଯୋଗ ଦେଇଥିବା ସ୍କାଉଟ୍‌ଗାଇଡ୍ ରେଞ୍ଜର ରୋଭର।

**ବଡ଼ଗାଁ, ୧୨।୧ (ଡି.ଏନ.ଏ.)**

ବଡଗାଁ ଆଇଟିସି ପରିସରରେ ଆୟୋଜିତ ଜାତୀୟ ଗ୍ରାମୀଣ ସ୍କାଉଟ୍‌ଗାଇଡ୍ ରେଞ୍ଜର ରୋଭର ସମାବେଶ ଓ ମହୋତ୍ସବରେ ଯୋଗଦେଇଥିବା ରେଞ୍ଜର ରୋଭର ସେମାନଙ୍କ ମତାମତ ଦେଇଛନ୍ତି। ସେମାନଙ୍କ ମୁହଁରୁ କେଇପଦ କଥାକୁ ନେଇ ଉପସ୍ଥାପନା। ଏଠାରେ ଆମକୁ ବହୁତ ଭଲ ଲାଗୁଛି। ପୁରା ଭାରତ ଯେପରି ଏଠାରେ ଅଛି। ଏଠାକାର ଲୋକଙ୍କ ବ୍ୟବହାର, ଆଚରଣ, ସଂସ୍କୃତି ଭଲ ଲାଗିଲା। କେବେ ଭୁଲି ପାରିବୁ ନାହିଁ ବୋଲି କର୍ଣ୍ଣାଟକର କୋମଲ କହନ୍ତି। ସେହିପରି ହିମାଞ୍ଚଳପ୍ରଦେଶର ଅକ୍ଷୟ କୁମାର କହନ୍ତି, ଏଠାକାର ଲୋକଙ୍କ ସ୍ନେହ ପ୍ରେମ ଭାବ ମୁଗ୍ଧ କରିଛି । ସହଯୋଗୀ ମନୋଭାବ ଦେଖିଲୁ । ସଂସ୍କୃତି ସମ୍ପନ୍ନ ଓ ଭାଇଚାର ମନକୁ ଛୁଇଁଛି। ପଞ୍ଜାବର ଲାଜ୍ରୁରୁସ୍ ବର୍ମା କହନ୍ତି, ବହୁତ ବଢ଼ିଆ ଲାଗିଲା, ଯେତେ କ୍ୟାମ୍ପ ଯାଇଛୁ ସବୁଠାରୁ ଏଠି ଭଲ ଲାଗିଲା। ଏଠାକାର ସଂସ୍କୃତି ଲାକଙ୍କ ପ୍ରେମଭାବ ଖାଦ୍ୟପେୟ ବହୁତ ଭଲ। ବିହାରର ପ୍ରୀୟା କୁମାରୀ କହନ୍ତି, କ୍ୟାମ୍ପ ବହୁତ ଭଲ ଲାଗିଲା । ଏଠାକାର ଲୋକଙ୍କୁ ଭୁଲି ହେବନାହିଁ। ଏଠାକାର ଭାଷା ବହୁତ ମଧୁର । ଶିଖିବାକୁ ମୌକା ମିଳିଲା।

### ୧୩.୯୦ କୋଟିରେ ୩ ପ୍ରକଳ୍ପର ଶିଳାନ୍ୟାସ

**ବୀରମହାରାଜପୁର, ୧୨।୧ (ଡି.ଏନ.ଏ.)**

ସୋନପୁର- ରେଢ଼ାଖୋଲ ରାସ୍ତାର ଧର୍ମଶାଳାଠାରୁ ଗରିଆମୁଣ୍ଡା ପର୍ଯ୍ୟନ୍ତ ପ୍ରାୟ ୪୦କିମି ରାସ୍ତା ଖୁବଶୀଘ୍ର ପ୍ରଶସ୍ତିକରଣ ହେବାକୁ ଯାଉଛି। ବୀରମହାରାଜପୁର ଉପଖଣ୍ଡ ଅଧିନରେ ଥିବା ଉକ୍ତ ପ୍ରମୁଖ ରାସ୍ତାର ନବୀକରଣ ସକାଶେ ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ ୭କୋଟି ୭୦ ଲକ୍ଷ ବ୍ୟୟ ଅଟକଳ ରହିଥିବା ବେଳେ ପ୍ରକଳ୍ପର ଶୁଭାରମ୍ଭ ପାଇଁ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ଶୁକ୍ରବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏତତ୍‌ବ୍ୟତୀତ ପୂର୍ତ୍ତବିଭାଗ ତରଫରୁ ହାତକୁ ନିଆଯାଇଥିବା ବୀରମହାରାଜପୁର ବ୍ଲକ କେନଟରିଆପାଲି ପଞ୍ଚାୟତର ବଲିପାଲି ନାଗରେ ଏକ ନୂତନ ସେତୁ ନିର୍ମାଣ ସକାଶେ ମଧ ବିଧାୟକ ବେହେରା ଶିଳାନ୍ୟାସ କରିଛନ୍ତି।

### ବଡଗାଁରେ ଗ୍ରାମୀଣ ସ୍କାଉଟ୍ ଗାଇଡ, ରେଞ୍ଜର ରୋଭର ସମାବେଶ ଓ ମହୋତ୍ସବ

# ଦେଶ ଯୁବକଙ୍କ ସେବାକୁ ଅପେକ୍ଷା କରିଛି : ଝାଡ଼ଖଣ୍ଡ ରାଜ୍ୟପାଳ

**ବଡଗାଁ, ୧୨।୧ (ଡି.ଏନ.ଏ.)**

ମୁଁ ଛୋଟ ପିଲାଙ୍କୁ ଭଲପାଏ, ପସନ୍ଦ କରେ। ଦେଶରେ ଅନେକ ସମ୍ପଦ ରହିଛି। ସବୁଠୁ ବଡ ମାନବ ସମ୍ପଦ। ସ୍କାଉଟ୍ ଗାଇଡ୍‌ରେ ସାହାସିକତା, ନେତୃତ୍ୱ ଶିକ୍ଷା ମିଳେ। ଚରିତ୍ର ନିର୍ମାଣ ହୋଇଥାଏ। ଏହା ପିଲାଙ୍କୁ ଆଗେଇ ନେବାରେ ସହାୟକ ହୋଇଥାଏ। ଶୃଙ୍ଖଳିତ ଛାତ୍ରୀଛାତ୍ର ହୋଇ ଦେଶର ଭବିଷ୍ୟତ ଗଠନ ତମ ହାତରେ। ଏ ଦେଶ ତୁମ ସେବାକୁ ଅପେକ୍ଷା କରିଛି ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଶନିବାର ବଡଗାଁ ଆଇଟିସି ପରିସରରେ ଆୟୋଜିତ ଜାତୀୟ ଗ୍ରାମୀଣ ସ୍କାଉଟ୍‌ଗାଇଡ୍ ରେଞ୍ଜର ରୋଭର ସମାବେଶ ଓ ମହୋତ୍ସବରେ ଝାଡଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ କହିଛନ୍ତି। ପୂର୍ବାହ୍ନରେ ରାଜ୍ୟପାଳ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ ଜଣାଇ ପାଛୋଟି ନିଆଯାଇଥିଲା। ରାଜ୍ୟପାଳ କପ୍ ବୁଲବୁଲ ପିଲାଙ୍କ ସହିତ ମିଶିବା ପରେ ବିଭିନ୍ନ ରାଜ୍ୟର ଷ୍ଟଲ ବୁଲି ଦେଖିଥିଲେ। ଏହା ପରେ ସ୍କାଉଟ୍ ଗାଇଡ ରେଞ୍ଜରିଂର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଫଳକ ଉନ୍ମୋଚନ କରିବା ସହ କେକ୍ କାଟି ଉଦଘାଟନ କରିଥିଲେ। ରାଜ୍ୟପାଳଙ୍କ ସହିତ ଅବସରପ୍ରାପ୍ତ ଓଡିଶାର ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ଆଇଟିସି ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ, ରାଜ୍ୟ ସ୍କାଉଟ୍ ଗାଇଡ କମିଶନର କାଳୀପ୍ରସାଦ ମିଶ୍ର, ଦିଲ୍ଲୀ ସ୍କାଉଟଗାଇଡର ସଂଯୋଜକ ଅମର ବାହାଦୁର କ୍ଷେତ୍ରୀ ମଞ୍ଚାସୀନ ହୋଇଥିଲେ। କମିଶନର ମିଶ୍ର ସ୍ୱାଗତ ଜଣାଇଲା ପରେ ଦିଲ୍ଲୀ ସଂଯୋଜକ କ୍ଷେତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଶନର ମିଶ୍ର ଆଇଟିସି ଦ୍ୱାରା ସୁନ୍ଦର ବ୍ୟବସ୍ଥା ଓ ସହଯୋଗକୁ ପ୍ରଶଂସା କରି ପ୍ରେମ ଓ ଶାନ୍ତିର ବାର୍ତ୍ତାନେଇ ରେଞ୍ଜର ରୋଭରମାନେ ଯିବେ ବୋଲି କହିଥିଲେ। ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ପଟ୍ଟନାୟକ ଶନିବାର ବିବେକାନନ୍ଦଙ୍କ ଜନ୍ମ ଦିବସ ଓ ରେଞ୍ଜରିଂର ଶହେ ବର୍ଷ ପୂର୍ତ୍ତି, ଏହା ଏକ ଅପୂର୍ବ ମିଳନ ଘଟିଛି । ବିବିଧତା ମଧ୍ୟରେ ଭାରତୀୟ ଏକତା ଉପରେ ସମ୍ୟକ କହିଥିଲେ। ଆଇଟିଆଇ ପ୍ରତିଷ୍ଠାତା ସମ୍ପାଦକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ କପ୍ ବୁଲବୁଲ ଛାତ୍ରୀଙ୍କ ସହିତ ମିଶୁଛନ୍ତି ।



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- **ଯିଶୁଖ୍ରୀଷ୍ଟ**



## ସଂକ୍ଷେପରେ

### ସୁବର୍ଣ୍ଣରେଖା ବାର୍ଷିକୋତ୍ସବ ୧୪ରେ

**ରାଉରକେଲା ଅଫିସ,୧୨।୧-** ବାସନ୍ତୀ କଲୋନୀସ୍ଥିତ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ସୁବର୍ଣ୍ଣରେଖା ଆନୁକୂଲ୍ୟରେ ଫକୀରମୋହନ ସାହିତ୍ୟ ଗବେଷଣା ପ୍ରତିଷ୍ଠାନର ବାର୍ଷିକୋତ୍ସବ ଓ ଫକୀର ମୋହନ ଜୟନ୍ତୀ ଆସନ୍ତା ୧୪ ତାରିଖରେ ପାଳନ କରାଯିବ। ଏ ନେଇ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶନିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଂଗଠନର କର୍ମକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଉତ୍ସବରେ କୃତୀ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

### ଓଡ଼ିଶୀ ସଙ୍ଗୀତରେ ସଫଳତା

**ରାଉରକେଲା ଅଫିସ,୧୨।୧-** ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ ଦ୍ୱାରା ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ଛାତ୍ର ପ୍ରବୀଣ କୁମାର ନନ୍ଦ ରାଜ୍ୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏଥିପାଇଁ ତାଙ୍କୁ କୋଲକାତା ଉତ୍ତମ ରଙ୍ଗମଞ୍ଚରେ ଗତ ୬ ତାରିଖରେ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି। ରାୟଗଡ଼ାଠାରେ ଫାର୍ମାସୀ ପଢୁଥିବା ପ୍ରବୀଣଙ୍କ ସଫଳତା ପାଇଁ ବିଭିନ୍ନ ସଙ୍ଗୀତ ଅନୁଷ୍ଠାନ ତଥା ସଙ୍ଗୀତ ଗୁରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

**ମୋହନଗିରି,୧୨।୧(ଡି.ଏନ.ଏ.)-** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକର ମୋହନଗିରି ହାଇସ୍କୁଲରେ ଶୁକ୍ରବାର ବାର୍ଷିକ ଉତ୍ସବ ପାଳନ ହେଉଥିଲା। ଏଥିରେ ଯୋଗଦେବାକୁ ଆସିଥିବା ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ମୃତକ ହେଲେ ମୋହନଗିରି ହାଇସ୍କୁଲର ୯ମ ଶ୍ରେଣୀର ଛାତ୍ର ତଥା ଲାଡେର ଗ୍ରାମର ନିରଞ୍ଜନ ଦେହୁରିଆଙ୍କ ପୁଅ ମହେନ୍ଦ୍ର ଦେହୁରିଆ (୧୭)। ସେ ତାଙ୍କ ମାଉସୀ ପୁଅ ଭାଇ ଜିତେନ୍ଦ୍ର ମାଝିଙ୍କ ସହ ବାଇକ୍ ଯୋଗେ ହାଇସ୍କୁଲରେ ଚାଲିଥିବା ବାର୍ଷିକ ଉତ୍ସବରେ ଯୋଗଦେବାକୁ ଆସି ଥିଲେ । ତେବେ ରାତି ୯ଟାରେ ସେ ହାଇସ୍କୁଲରୁ ୪ କି.ମି. ଦୂର ତଳନୂଆଁଗାଁକୁ କୌଣସି କାମରେ ଯାଇଥିଲେ। ଫେରିବା ସମୟରେ ତଳନୂଆଗାଁ ଓ ସିର୍କିହେଜୁ ମଝିରେ ଥିବା ଏକ ବୁଲାଣିରେ ଭାରସାମ୍ୟ ହରାଇ ଏକ ତେନ୍ତୁଳି ଗଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭିର ଅଘାତ ଲାଗିଥିଲା। ତାଙ୍କୁ ଗାଁ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ମ. ରାମପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ମୋହନଗିରି ଫାଣ୍ଡି ଅଧିକାରୀ ଦୁର୍ଗାପ୍ରସାଦ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ମୃତଦେହ ଜବତ କରିବା ସହିତ ମ.ରାମପୁର ଥାନାରେ କେଶ ନଂ ୬/୧୨-୧ରେ ଧାରା ୨୭୯/୩୦୪ (କ)ଆଇପିସିରେ ମାମଲା ରୁଜୁ କରିଛନ୍ତି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

ବାବା ଭିକରାମଙ୍କ ୮୨ତମ ଜୟନ୍ତୀ ସମାରୋହ

# 'ସାମାଜିକ ଶାଳୀନତାରୁ ଦୂରେଇବା ଶୁଭଙ୍କର ନୁହେଁ'

**ରାଉରକେଲା ଅଫିସ,୧୨।୧**

ଗୋଟିଏ ଜାତିର ଧର୍ମ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଏହାକୁ ବୁଦ୍ଧିମନ୍ତ କରେ। ଅବକ୍ଷୟକୁ କେହି ବରଦାସ୍ତ କରେନା। ପରିବର୍ତ୍ତିତ ପରିସ୍ଥିତିରେ ଆଧୁନିକତାର ଝଲକ ସର୍ବତ୍ର ଦେଖିବାକୁ ମିଳୁଛି। ଆଧୁନିକ ହେବା ମନ୍ଦ ନୁହେଁ। ତେବେ ଏହି ଆଳରେ ଆମେ ନିଜ ମୌଳିକତାକୁ ବଳିଦେବା ଠିକ ହେବ ନାହିଁ ବୋଲି ବାଲିଯୋଡ଼ି ଡାଡା ପାଡ଼ାଠାରେ ଗୁରୁ ବାବା ଭିକରାମ ଭଗତଙ୍କ ୮୨ତମ ଜୟନ୍ତୀ ସମାରୋହରେ ଯୋଗଦେଇ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମତ ପ୍ରକାଶ କରିଛନ୍ତି। ସେ କହିଥିଲେ, ଆଦିବାସୀଙ୍କ ସ୍ୱତନ୍ତ୍ର ଧର୍ମୀୟ ମୌଳିକତା ଏ ଜାତିକୁ ସମୃଦ୍ଧ କରିଛି। ବାବା ଭିକରାମ ଭଗତଙ୍କ ଦିଗ୍‌ଦର୍ଶନ ଓରାମ ସମାଜର ସାମାଜିକ ଚାଲିଚଳଣକୁ ଶୃଙ୍ଖଳିତ, ସୁରକ୍ଷିତ ଓ ସମୁଜ୍ଜ୍ୱଳ କରିଛି ବୋଲି ଓରାମ କହିଥିଲେ। ଡାଡା ପାଡ଼ା ବେଲ ମଙ୍ଗଳା ଖାଲକୋଙ୍କ ଅଧ୍ୟକ୍ଷତାରେ



କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟମାନେ।

ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ମୟୂରଭଞ୍ଜର ସାମାଜିକ କର୍ମୀ ଉମାକାନ୍ତ ରାମ ଯୋଗଦେଇ କହିଥିଲେ, ଆଦିମତା ଭିତରେ ଯେଉଁ ଶୁଦ୍ଧ ସଙ୍କଳ୍ପ ରହିଥିଲା, ପରିବର୍ତ୍ତିତ ପରିସ୍ଥିତିରେ ତାହାର ଅବକ୍ଷୟ ଘଟିଛି। ସାମାଜିକ ଶାଳୀନତାରୁ କ୍ରମଶଃ ଆମେ ଦୂରେଇବାରେ ଲାଗିଛୁ। ଯାହା ଶୁଭ ଲକ୍ଷଣ ନୁହେଁ। ଆଜିର ଯୁବବର୍ଗ ନିଜ ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି ପ୍ରତି ରୁଚିବନ୍ତ ହେବା ଆବଶ୍ୟକ। ଏ ନେଇ ମିଳିତ ପ୍ରଚେଷ୍ଟା ଜାରି ରହିଲେ ବାବା ଭିକରାମଙ୍କ ସ୍ୱପ୍ନ ସାକାର ହେବ ବୋଲି ରାମ ମତ ପ୍ରକାଶ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା, ସମ୍ମାନିତ ଅତିଥି ରୂପେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନଙ୍କ ପ୍ରତିନିଧି ଜିତୁ ଦାସ, ରଘୁନାଥପାଲି ନଗର ବିଜେଡି ସଭାପତି ସୁଧୀର ସୁନ୍ଦରାୟ, ହାତୀବନ୍ଧା ସରପଞ୍ଚ ଚମରସିଂ ମୁଣ୍ଡାରୀ, ସାମାଜିକ କର୍ମୀ ତଥା କୁଡୁଖ ବାନ୍ନା ଲିପି ଉଦ୍ଭାବକ ବାସୁଦେବ ରାମ, ମୋବାଇଲ ଆପ୍ (କୁଡୁଖ) ଡିଜାଇନର ଶ୍ୟାମ ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ଓରାମ ସମାଜର ସମୃଦ୍ଧ ପରମ୍ପରାକୁ ବଜାୟ ରଖିବାକୁ ଜିଲା ପରିଷଦ ଅଧ୍ୟକ୍ଷା ଏକ୍କା ପରାମର୍ଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଓରାମ ଏକ ସମାଜ ମଙ୍ଗଳ କେନ୍ଦ୍ର ଓ ବାନ୍ନା ଲିପିର ମୋବାଇଲ ଆପ୍‌କୁ ଲୋକାର୍ପଣ କରିଥିଲେ। ପୂର୍ବତନ ସରପଞ୍ଚ ଚମ୍ପୁ ଖାଲକୋ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଆକର୍ଷଣୀୟ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ପଦ୍ମା ଭଗତ, ଦୁର୍ଗା ଓରାମ, ଝୁବା ଏକ୍କା, ପେଡେୟା ଟପ୍ପୋ, ରାଧେଶ୍ୟାମ ଓରାମ, ଜଟ ଓରାମ, ବାନ୍ଧନା ଓରାମ, ସମରା ଓରାମ, ମାଙ୍ଗା ଓରାମ, ମାଙ୍ଗଲୁ ଓରାମ ଓ ମାଙ୍ଗରା ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଲୁପିଆକୁ ହରାଇ କେନ୍ଦୁଝର ବିଜୟୀ

**ମୋହନଗିରି,୧୨।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ. ରାମପୁର ବ୍ଲକର ମୋହନଗିରିରେ ଚାଲିଥିବା ଧବଳେଶ୍ୱର କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନର ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଥିଲା ତୃତୀୟ ଦିବସ। ଶନିବାର କଳାହାଣ୍ଡି ଜିଲାର ଭାଲୁପିଆ ଓ କେନ୍ଦୁଝର ଜିଲାର ଯୋଡା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଟସ୍ ଜିଣି ପ୍ରଥମେ କେନ୍ଦୁଝର ଦଳ ଫିଲଡିଂ ନିଷ୍ପତ୍ତି ନେଇଥିଲା। ଭାଲୁପିଆ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୯.୩ ଓଭରରେ ୧୪୯ ରନ ସଂଗ୍ରହ କରି ସମସ୍ତ ଓଇକେଟ ହରାଇଥିଲା। ଯବାବରେ କେନ୍ଦୁଝର ଦଳ ୧୫.୫ ଓଭର ଖେଳି ୩ ଉଇକେଟ ବିନିମୟରେ ନିର୍ଦ୍ଧାରିତ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବରେ ବ୍ୟକ୍ତିଗତ ଭାବେ ୫୭ ରନ କରିଥିବା କେନ୍ଦୁଝର ଦଳର ସୁର ମହାନ୍ତିଙ୍କୁ ଘୋଷଣା କରାଯାଇଥିଲା । ଅମ୍ପାୟର ଭାବରେ ସତ୍ୟ ମହାପାତ୍ର ଓ ଜିତୁରାମ ପଧାନ ଖେଳ ପରିଚାଳନା କରିଥିଲେ।

କେଜେଡି କାର୍ଯ୍ୟକାରିଣୀ ବୈଠକ

# ୧୦ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ନିଯୁକ୍ତ

**ରାଉରକେଲା ଅଫିସ,୧୨।୧**

ଛେଣ୍ଡସ୍ଥିତ କୋଶଳ ଜନତା ଦଳ (କେଜେଡି) ରାଜ୍ୟ କାର୍ଯ୍ୟାଳୟରେ ଶନିବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼, କେନ୍ଦୁଝର, ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲା ଅନ୍ତର୍ଗତ ୧୦ ନିର୍ବାଚନ ମଣ୍ଡଳୀ ନିମନ୍ତେ ପ୍ରଭାରୀ ନିଯୁକ୍ତ କରାଯାଇଛି। ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପାଇଁ ମହେନ୍ଦ୍ର ସାହୁ, ରାଜଗାଙ୍ଗପୁର ନିମନ୍ତେ ପରୁଆ ଏକ୍କା, ରାଉରକେଲା ପାଇଁ ସନତ ପ୍ରଧାନ, ରଘୁନାଥପାଲି ପାଇଁ ମେଜର ଅକ୍ଷୟ ସାମଲଙ୍କୁ ପ୍ରଭାରୀ ନିଯୁକ୍ତ କରାଯାଇଛି। ସେହିଭଳି ସୁନ୍ଦରଗଡ଼ ଜିଲାର ବଣାଇଁ, କେନ୍ଦୁଝର ଜିଲାର ତେଲକୋଇ ଓ ଚମ୍ପୁଆ ସମେତ ଅନୁଗୋଳ ଜିଲାର ପାଲଲହଡ଼ା ପାଇଁ ସୁବାସ ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସମ୍ବଲପୁର ଜିଲାର ରେଢ଼ାଖୋଲ ଓ ଦେବଗଡ଼ ପାଇଁ ଚକ୍ରାନ୍ତ ଜେନାଙ୍କୁ ପ୍ରଭାରୀ ନିଯୁକ୍ତି ଦିଆଯାଇଥିବା ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ସୂଚନା ଦେଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀଗୁଡ଼ିକର ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମକୁ ନେଇ ପ୍ରଥମ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଚଳିତ ମାସ ଶେଷରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଦଳ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଆଗାମୀ ୧୯ରେ କୋଶଳ ମୁକ୍ତି ରଥ ରାଉରକେଲାରୁ ବାହାରି ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଦେଇ ବରଗଡ଼ରେ ପହଞ୍ଚିବ ବୋଲି ସୂଚନା ଦିଆଯାଇଛି। ଏଠାରେ ଅନୁଷ୍ଠିତ ଧନୁଯାତ୍ରା ଅବସରରେ କୋଶଳ ରଥ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରଚାର ପ୍ରସାର କରିବ ବୋଲି ସଭାପତି ମିଶ୍ର କହିଛନ୍ତି। ବୈଠକରେ ସୁରମା ମିଶ୍ର, ଡି. ସାହୁ, ଲଲାଟେନ୍ଦୁ ଚୌଧୁରୀ, ସ୍ୱରୂପ ମିଶ୍ର, ବେବି ଦେହୁରୀ, ଅର୍ଚ୍ଚନା ଦେବତା ଓ ରାଜୁ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।



କେଜେଡି ପକ୍ଷରୁ ଛେଣ୍ଡସ୍ଥିତ ଏହାର କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।



ଜବତ ଗଞ୍ଜେଇ ସହ ଗିରଫ ଦୁଇ ଅଭିଯୁକ୍ତ।

## ଗଞ୍ଜେଇ ଜବତ, ୨ ଗିରଫ

**ରାଉରକେଲା ଅଫିସ,୧୨।୧**

ବନ୍ଧମୁଣ୍ଡା ଥାନା ସେକ୍ଟର-ଏ ଏବଂ ସେକ୍ଟର-ବି ଅଞ୍ଚଳରୁ ରାଉରକେଲା ଅବକାରୀ ବିଭାଗ ଶନିବାର ୭.୩ କିଲୋ ଚୋରା ଗଞ୍ଜେଇ ଜବତ କରିଛି। ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରବି ଗୁପ୍ତା (୩୨) ଓ ଶିବ ସାହୁ (୫୧)। ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୂର୍ବାହ୍ନରେ ରବି ଓ ଶିବ ଗଞ୍ଜେଇ ଚାଲାଣ କରିବାକୁ ଗ୍ରାହକ ଅପେକ୍ଷାରେ ଥିବାବେଳେ ଅବକାରୀ ବିଭାଗ ଅଧିକାରୀ ପି.କେ. ପଟ୍ଟନାୟକ, ମିହିର ସେଠୀ, ଏସ୍.କେ. ଧଳସାମନ୍ତ ଓ ଲକ୍ଷ୍ମୀଧର ପରିଡ଼ା ପ୍ରମୁଖ ଚଢ଼ାଉ କରିଥିଲେ। ଏତେ ପରିମାଣର ଗଞ୍ଜେଇ କେଉଁଠୁ ଆସୁଥିଲା, ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ଅବକାରୀ ବିଭାଗ ତଦନ୍ତ ଆରମ୍ଭ କରିଛି।

# ସାଧାରଣ ବର୍ଗ ଗରିବଙ୍କୁ ସଂରକ୍ଷଣ ସମୟୋଚିତ ପଦକ୍ଷେପ

### ରେଳବାଇ ମଜଦୁର ସଂଘର ସ୍ୱାଗତ

**ରାଉରକେଲା ଅଫିସ,୧୨।୧**

ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଗରିବ ସାଧାରଣ ବର୍ଗଙ୍କୁ କେନ୍ଦ୍ର ସରକାର ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ପ୍ରଦାନ କରିବା ଏକ ସମୟୋଚିତ ପଦକ୍ଷେପ ବୋଲି ଭରତୀୟ ରେଳବାଇ ମଜଦୁର ସଂଘ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସଂଘ ରାଷ୍ଟ୍ରୀୟ ମୁଖପାତ୍ର ସୁବାସ ଲେଙ୍କା ଓ ଅନ୍ୟତମ କର୍ମକର୍ତ୍ତା ଏ.କେ. ଝା କହିଛନ୍ତି, ଏହା ଦ୍ୱାରା ଓଡ଼ିଶା ସମେତ ଅନେକ ରାଜ୍ୟର ଗରିବ ସାଧାରଣ ବର୍ଗର ଲୋକେ ଉପକୃତ ହେବେ। ଏହାକୁ ଯେଉଁମାନେ ରାଜନୈତିକ ଅଭିସନ୍ଧିର ଆଖ୍ୟା ଦେଉଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ। ଦୀର୍ଘବର୍ଷ ଧରି ସାଧାରଣ ବର୍ଗଙ୍କ ଦାବି ପୂରଣ ହେବା ସହ ଏହା ଆଗାମୀ ଦିନରେ ଏକ ମାଇଲ ଖୁଣ୍ଟ ହୋଇ ରହିବ ବୋଲି ଲେଙ୍କା ପ୍ରକାଶ କରିଛନ୍ତି। ଏ ନେଇ ସାମାଜିକ ସଂଗଠନ ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପରିସରରେ ଆୟୋଜିତ ବୈଠକରେ ୟୁନିୟନ କର୍ମକର୍ତ୍ତା ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିରେ ଭୀମସେନ ଷଣ୍ଢ ରାଜା ମୁଖାର୍ଜୀ, ଜୟ କିଷାନ, ସଞ୍ଜୟ ଜେନା ଓ ଉମେଶ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ।

# ୭୦ ମୌଜା ବାସଚ୍ୟୁତ ସଂଘ ପକ୍ଷରୁ ଫେବୃୟାରୀରେ ଆନ୍ଦୋଳନ

**ରାଉରକେଲା ଅଫିସ,୧୨।୧**

ଚାକିରି ଆଶାୟୀ ବିସ୍ଥାପିତଙ୍କୁ ସରକାର ଭଣ୍ଡାଇ ଚାଲିଛନ୍ତି। ଆଲୋଚନା ପାଇଁ ସମୟ ଦିଆଯାଇ ଦୁଆର ମୁହଁରୁ ଫେରାଇ ଦିଆଯାଉଛି। ବିସ୍ଥାପିତଙ୍କ ଅଭିଯୋଗ ଶୁଣିବାକୁ ଅଧିକାରୀଙ୍କୁ ସମୟ ନାହିଁ। ଏପରି ଅବସ୍ଥାରେ ୭୦ ମୌଜା ବିସ୍ଥାପିତ ଚାକିରି ଆଶାୟୀ ଉଦିତନଗର ପଡ଼ିଆରେ ଏକତ୍ରିତ ହୋଇ ବୁଧବାର ନିରାଶା ବ୍ୟକ୍ତ କରିଥିଲେ। ଧୈର୍ଯ୍ୟହରା ବିସ୍ଥାପିତ ପରିବାର ଆସନ୍ତା ଫେବୃୟାରୀରେ ଆନ୍ଦୋଳନ ଡାକରା ଦେଇଛନ୍ତି। ପ୍ରସ୍ତୁତି ଆରମ୍ଭ କରିବାକୁ ଏ ନେଇ ଆଗାମୀ ଦିନରେ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ହେବ ବୋଲି କହିଛନ୍ତି ବିସ୍ଥାପିତ ସଂଘ ସଭାପତି ଖାଡ଼ା କୁଜୁର। ସେ କହିଥିଲେ ଆମେ ପ୍ରଶାସନ ଓ ସରକାରଙ୍କ ପ୍ରତିଶ୍ରୁତିକୁ ବିଶ୍ୱାସ କରି ଶେଷରେ ନିରାଶ ହୋଇଛୁ। ଏଣିକୁ ଆଉ ସହ୍ୟ କରିବୁନି। ଆମକୁ ଶେଷ ନିଷ୍ପତ୍ତି ନେବାକୁ ପଡ଼ିବ। ବିସ୍ଥାପିତ ପରିବାର ସଦସ୍ୟ ତଥା ଚାକିରି ଆଶାୟୀଙ୍କ ବୟସ ଗଡୁଛି। ସରକାର ବିଭିନ୍ନ ସମସୟରେ ଏ ନେଇ ଦେଉଥିବା ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ଭିଟାମାଟି ହରାଇ ହତାଶ ହୋଇପଡ଼ିଥିବା ବିସ୍ଥାପିତ ପରିବାର ଯୁବକ ନିରୁପାୟ ହୋଇ ପଡ଼ିଛନ୍ତି। କର୍ତ୍ତୃପକ୍ଷଙ୍କୁ ଭରସା କରି ଆମେ କିଛି ପାଇଲୁ ନାହିଁ ବୋଲି କହିଥିଲେ କୁଜୁର। ଏଣୁ ଆଗାମୀ ଫେବୃୟାରୀ ଆନ୍ଦୋଳନ ଏକ ନିର୍ଣ୍ଣାୟକ ଲଢ଼େଇ ହେବ ବୋଲି କୁଜୁରଙ୍କ ସମେତ ସୁଖରାମ କୁମ୍ଭାର, ପୁରଣ ଖାଲକୋ, ଆଇନ ଉପଦେଷ୍ଟା ବସନ୍ତ କିଷାନ ଓ ଯୁଗଳ ମିଞ୍ଜ ପ୍ରମୁଖ ପ୍ରକାଶ କରିଛନ୍ତି।



ଉଦିତନଗର ପଡ଼ିଆରେ ଏକତ୍ରିତ ହୋଇଛନ୍ତି ଚାକିରି ଆଶାୟୀ ୭୦ ମୌଜା ବିସ୍ଥାପିତ ପରିବାର ସଦସ୍ୟ।



ଡେଲି ମାର୍କେଟ ଅଞ୍ଚଳରେ ଜଣେ ବ୍ୟବସାୟୀ ମକର ସଂକ୍ରାନ୍ତି ପାଇଁ ମୁଆଁ ବିକ୍ରି କରୁଛନ୍ତି।

# ଶୀତ କବିତା ଆସର, ଆଲୋଚନାଚକ୍ର

**ରାଉରକେଲା ଅଫିସ,୧୨।୧**

ଷ୍ଟିଲ ସିଟିର ଅନ୍ୟତମ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବେଦବ୍ୟାସ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଶନିବାର ଫର୍ଟିଲାଇଜର ଟାଉନଶିପରେ କବି ଗୌରାଙ୍ଗ ଦାସଙ୍କ ଅଧ୍ୟକ୍ଷତାରେ ଶୀତକାଳୀନ କବିତା ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଡାକ୍ତର ରାହାସବିହାରୀ ମହାପାତ୍ର ମୁଖ୍ୟଅତିଥି, କବି ରାଜୀବ ପାଣି ମୁଖ୍ୟବକ୍ତା, କବି ରମାନାଥ ପର୍ବତ ଓ ରେବତୀ ବଲ୍ଲଭ ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟଅତିଥି ମହାପାତ୍ର ନିଜ ବକ୍ତବ୍ୟରେ





ବେଦବ୍ୟାସ ସାହିତ୍ୟ, ସଂସ୍କୃତି ପରିଷଦ ପକ୍ଷରୁ ଫର୍ଟିଲାଇଜର ଟାଉନଶିପ୍‌ଠାରେ ଅନୁଷ୍ଠିତ କବିତା ଆସରରେ ଉପସ୍ଥିତ ଅତିଥି।

କହିଥିଲେ, ସ୍ରଷ୍ଟାର ସର୍ଜନାକୁ ବୁଝିବାକୁ ହେଲେ ବସ୍ତୁ ଜଗତର ଊର୍ଦ୍ଧ୍ୱକୁ ଯିବାକୁ ହେବ। ଏଣୁ ବାସ୍ତବବାଦୀ ରଚନା ଓ ପାଠକୀୟ ଗ୍ରହଣୀୟତା ଉପରେ ଅଧିକ ଦୃଷ୍ଟି ଦିଆଗଲେ ଏହା ଉଚ୍ଚକୋଟୀର ହୋଇପାରିବ ବୋଲି ମହାପାତ୍ର କହିଥିଲେ। ମୁଖ୍ୟବକ୍ତା ପାଣି କହିଥିଲେ, କବିର ଚିନ୍ତା ଓ ଚେତନା ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ। ପ୍ରତ୍ୟେକ ଋତୁର ସୌନ୍ଦର୍ଯ୍ୟ ଓ ତାହାର ପ୍ରଭାବ କବିତା ଲେଖିବା ପାଇଁ ଉତ୍ସାହ ତଥା ପ୍ରେରଣା ପ୍ରଦାନ କରିଥାଏ। ସମ୍ମାନିତ ଅତିଥି ପର୍ବତ କହିଥିଲେ, ସାହିତ୍ୟ ସାଧନା ପାଇଁ ଦାରିଦ୍ର୍ୟତା କେବେ ପ୍ରତିବନ୍ଧକ ସାଜେନା। ଏହା ନିକଟରେ ପ୍ରତିବନ୍ଧକ ସର୍ବଦା ପରାଜୟ ବରଣ କରେ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ବେହେରା ତାଙ୍କ ବକ୍ତବ୍ୟରେ ଭାଷାର ଶୁଦ୍ଧତା ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ଆସରକୁ ଅଧାପିକା ପ୍ରଣତି ବେହେରା ଓ ଅଶୋକ ରାଉତ ସଂଯୋଜନା କରିଥିଲେ। ସୁଶାନ୍ତ ନାୟକ, କୁଞ୍ଜବିହାରୀ ରାଉତ, ମୀନକେତନ ପଶାୟତ, କିଶୋରୀମୋହନ କର, ତ୍ରିନାଥ ସିଂ, ହରିହର ଶତପଥୀ, ଅଶୋକ ରାଉତ, ପ୍ରଣତି ବେହେରା, ବିଷ୍ଣୁ ସାମଲ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅରୁଣ ପରିଡ଼ା, ଅଜୟ ବିଶ୍ୱାଳ, ହରିହର ବେହେରା, ସରୋଜ ବେହେରା, ଦାମୋଦର ଧଳ, ସୁବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

